

ଆମକୁ ଏୟାର ଡିଫେନ୍ସ ସିଷ୍ଟମ ଦିଅ — ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ସମସ୍ତ ପାଠକ ପାଠିକା ଓ ବିତରକ, ବିଜ୍ଞାପନଦାତାଙ୍କୁ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ

Vol. 33 | ISSUE 177 | ଭାଗ ୩୩ | ସଂଖ୍ୟା ୧୭୭ | Wednesday 17 September 2025 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୧୭ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଓଡ଼ିଶାରେ ହିମାଚଳ ସ୍ଥିତି

## କଳିଙ୍ଗା ଘାଟିରେ ଭୂସ୍ଖଳନ, ରାସ୍ତା ଅବରୋଧ

- ଅଟକି ରହିଛି ଶତାଧିକ ଯାନବାହନ
- ୩ ରାଜ୍ୟକୁ ଯାତାୟାତ ପ୍ରଭାବିତ



**କନ୍ଧମାଳ,୧୬।୯(ସଂଚାର ବ୍ୟୁରୋ):** ସମ୍ପ୍ରତି ପୂରା ଦେଶରେ ପ୍ରକୃତି ତାଣ୍ଡବ ରଚିବାରେ ଲାଗିଛି। ବିଶେଷକରି ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ବର୍ଷା ଓ ତଜ୍ଜନିତ ଭୂସ୍ଖଳନ ଯୋଗୁଁ ବ୍ୟାପକ ଧନଜୀବନ ହାନି ଘଟିଚାଲିଛି। ତେବେ ଆଜି ଓଡ଼ିଶାରେ ମଧ୍ୟ ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ସ୍ଥିତି ଦେଖାଯାଇଛି। କନ୍ଧମାଳ ଜିଲ୍ଲାର କଳିଙ୍ଗା ଘାଟିରେ ଆଜି ବଡ଼ ଧରଣର ଭୂସ୍ଖଳନ ହୋଇଥିବା ବେଳେ ଏଥିଯୋଗୁଁ ରାସ୍ତା ଅବରୋଧ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଭୂସ୍ଖଳନ ହେବା ଫଳରେ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି। ମାଟି ଓ ପଥରରେ ରାସ୍ତା ପୂରାପୂରି ଆଚ୍ଛାଦିତ ହୋଇଯାଇଛି। ଫଳସ୍ୱରୂପ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ସଂଖ୍ୟାରେ ଯାନବାହନ ଅଟକି ରହିଛି। ଏଥିସହ ଭୂସ୍ଖଳନ ଯୋଗୁଁ ଓଡ଼ିଶା, ଛତିଶଗଡ଼ ଓ ପୃଷ୍ଠା-୬

### ୭୫ ବର୍ଷରେ ପ୍ରଧାନମନ୍ତ୍ରୀ

## ସ୍ମରଣୀୟ ହେବ ମୋଦିଙ୍କ ଜନ୍ମଦିନ

> ଶୀର୍ଷରେ ତାଙ୍କ ନମ୍ରତା ଓ ସଙ୍କୋଚତାର ପରାକାଷ୍ଠା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଅନେକ ସମୟରେ ଛୋଟ ଛୋଟ ଘଟଣାରେ ପ୍ରତିଫଳିତ ହୁଏ। ରାଜନୈତିକ ମଞ୍ଚ ଓ ନୀତିରୁ ଊର୍ଦ୍ଧ୍ୱରେ ତାଙ୍କ ସରଳତା ଓ ଦୟାଳୁ ଭାବନାର ଝଲକ ଦେଖିବାକୁ ମିଳେ। ଏହି କାରଣରୁ ସେ ଲୋକଙ୍କର ଅତି ନିକଟତର ହୋଇପାରିଛନ୍ତି। ସେ ପିଲାମାନଙ୍କ ସହ ହାତ ମିଳାଇବା ପାଇଁ ସୁରକ୍ଷା ବଳୟକୁ ଭାଙ୍ଗିଦିଅନ୍ତି। ଦେଶର ଏହି ମହାନ ଜନନେତାଙ୍କୁ ତାଙ୍କ ଜନ୍ମଦିନରେ 'ସଂଚାର' ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

- ଦିନକରେ ଲାଗିବ ୭୫ ଲକ୍ଷ ଗଛ
- ଗାଁ ଗାଁରେ ହେବ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ
- ୫୦ ହଜାର ହିତାଧିକାରୀଙ୍କୁ ମିଳିବ ଅନ୍ତ୍ୟୋଦୟ କାର୍ଯ୍ୟାଦେଶ
- ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ହେବ ଶୁଭାରମ୍ଭ
- ଆଜିଠୁ ଅକ୍ଟୋବର ୨ପର୍ଯ୍ୟନ୍ତ ପାଳନ ହେବ ସେବା ପକ୍ଷ



**ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ):** ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ। ପିଏମ ମୋଦୀଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ଆସନ୍ତାକାଲି ଦିନକ ଭିତରେ ଲଗାଯିବ ୭୫ ଲକ୍ଷ ଚାରା। ଓଡ଼ିଶାବାସୀଙ୍କ ପକ୍ଷରୁ ଏହା ହେବ ପ୍ରଧାନମନ୍ତ୍ରୀଙ୍କୁ ଏକ ସଶ୍ରଦ୍ଧ ଉପହାର। ସେହିଭଳି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ୫୦ ହଜାର ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଦିଆଯିବ। ଆସନ୍ତାକାଲି ସୁଭଦ୍ରା ଯୋଜନାକୁ ବର୍ଷେ ପୂରୁଥିବାରୁ ୩୩୮ ସିଡିପିଓଙ୍କ କାର୍ଯ୍ୟାଳୟରେ ଧନ୍ୟବାଦ ମୋଦି କାର୍ଯ୍ୟକ୍ରମ ହେବ। ଏଥିସହ ଆହୁରି ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ରାଜ୍ୟ ସରକାର।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ ସ୍ମରଣୀୟ କରିବାକୁ କାଲି ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଯିବ। ଜନପ୍ରତିନିଧିମାନଙ୍କଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ, ମହିଳା ଓ ଯୁବବର୍ଗ ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ। ୩୦ ଜିଲ୍ଲାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେବେ ମନ୍ତ୍ରୀ, ଜିଲ୍ଲାପାଳ, ବ୍ଲକ୍ ଅଧ୍ୟକ୍ଷ, ସରପଞ୍ଚ ଓ ଅଙ୍ଗନବାଡି କର୍ମୀ। ସୂର୍ଯ୍ୟ ଉଦୟ ଠାରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଗଛ ଲଗାଇବା କାର୍ଯ୍ୟ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ସହ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ଯୋଜନା ସୁଭଦ୍ରାର ମଧ୍ୟ ଜନ୍ମ ତିଥି। ସୁଭଦ୍ରା ଯୋଜନାର ବର୍ଷ ପୂର୍ତ୍ତି ଅବସରରେ ୩୩୮ ସିଡିପିଓଙ୍କ କାର୍ଯ୍ୟାଳୟରେ ଧନ୍ୟବାଦ ମୋଦି କାର୍ଯ୍ୟକ୍ରମ ହେବ। ଏଥି ସହ ସପ୍ତାହେ ପର୍ଯ୍ୟନ୍ତ ୭୪ହଜାର ଅଙ୍ଗନବାଡିରେ ଧନ୍ୟବାଦ ମୋଦି କାର୍ଯ୍ୟକ୍ରମ ହେବ। ସେହିପରି ଆ ସ ନ୍ତ । କ । ଲି ସରକାର ପାଳିବେ ଆବାସ ଦିବସ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ପ୍ରତି ଜିଲ୍ଲା ଓ ପୌର ପୃଷ୍ଠା-୬

## ସର୍ବଦଳୀୟ ବୈଠକରେ ସହଯୋଗ ଲୋଡ଼ିଲେ ବାଚସ୍ପତି



**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ):** ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେଉଥିବା ବେଳେ ଆଜି ଏଥିସକାଶେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶେଷ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ୍ ଉପସ୍ଥିତ ଥିଲେ। ଆଗାମୀ ଅଧିବେଶନ କିପରି ସୁରୁଖୁରୁରେ ଗୃହ କାର୍ଯ୍ୟ ପରିଚାଳିତ ହେବ, ସେଦିଗରେ ସହଯୋଗ କରିବା ସକାଶେ ବାଚସ୍ପତି ସମସ୍ତଙ୍କୁ ନିବେଦନ କରିଛନ୍ତି। ବୈଠକ ପରେ ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ବାଚସ୍ପତି ଶ୍ରୀମତୀ ପାଢ଼ୀ ଗୃହ କାର୍ଯ୍ୟ ପରିଚାଳନା ଦିଗରେ ସବୁ ଦଳର ସହଯୋଗ ଲୋଡ଼ିଛନ୍ତି। ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ବିରୋଧୀ ଦଳ ବିଜେଡି ସହଯୋଗ କରିବ। କିନ୍ତୁ ଆଗାମୀ ଅଧିବେଶନରେ ଉପସ୍ଥାପନ କରିବା ସକାଶେ ସରକାରଙ୍କ ବିରୋଧରେ ମାଳ ମାଳ ପ୍ରସଙ୍ଗ ରହିଛି। ଚାଷୀ ଓ ସାର ସମସ୍ୟା ସହ ପଞ୍ଚାୟତ ପୃଷ୍ଠା-୬

**ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ସଜବାଜ**

### ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି

## ବଢ଼ିଲା ମତଦାନ କେନ୍ଦ୍ର ସଂଖ୍ୟା



**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ):** ଚଳିତ ମାସ ପ୍ରାରମ୍ଭରେ ନୂଆପଡ଼ା ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ରାଜେନ୍ଦ୍ର ଢୋଲକିଆଙ୍କ ମୃତ୍ୟୁ ଘଟିବା ପରେ ଏହି ଆସନଟି ଖାଲି ପଡ଼ିଛି। ତେଣୁ ଏହି ଆସନରେ ଉପନିର୍ବାଚନ ହେବା ସକାଶେ ଆଜି ରାଜ୍ୟ ନିର୍ବାଚନ କମିଶନ୍ (ଏସ୍ଇସି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍.ଏସ୍ ଗୋପାଳନ୍ ସବିଶେଷ ସୂଚନା ଦେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୋଟର୍‌ମାନଙ୍କ ତଥ୍ୟର ସଂଶୋଧନ କରାଯିବା ସକାଶେ ତାରିଖ ଘୋଷଣା କରାଯାଇଛି। ସିଇଓ ଦେଇଥିବା ସୂଚନାନୁସାରେ, ଆସନ୍ତା ମାସ ୯ ତାରିଖରେ ଚୂଡ଼ାନ୍ତ ଭୋଟର୍ ତାଲିକା ପ୍ରକାଶ ପାଇବ। ଏଥିସକାଶେ ଗତକାଲିଠାରୁ ଭୋଟର୍‌ମାନେ ସେମାନଙ୍କ ତଥ୍ୟ ନେଇ କୌଣସି ପ୍ରକାର ସଂଶୋଧନ ସକାଶେ ଆବେଦନ କରିପାରିବେ। ଏହି ପ୍ରକ୍ରିୟା ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ପୃଷ୍ଠା-୬

**ସାମ୍ବାଦିକ ସମ୍ମିଳନୀରେ ସିଇଓଙ୍କ ସୂଚନା**

## ସମଲେଇ ପୀଠରେ ଜୈବିକ ଚାଉଳରୁ ଅନ୍ନଭୋଗ ନିଷ୍ପତ୍ତି

- ଆସନ୍ତା ବର୍ଷ ଜାନୁଆରୀରୁ ଉପଲବ୍ଧ ହେବ
- ସହଯୋଗ କରିଥିବା ଚାଷୀଙ୍କୁ ଟ୍ରଷ୍ଟ ବୋର୍ଡର ପ୍ରଶଂସା



**ସମ୍ବଲପୁର,୧୬।୯(ସଂଚାର ବ୍ୟୁରୋ):** ପଶ୍ଚିମ ଓଡ଼ିଶାର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ବ୍ୟବହୃତ ହେବ ଜୈବିକ ଧାନର ଚାଉଳ। ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସ୍ତୁତ ଅନ୍ନଭୋଗରେ ଏହା ବ୍ୟବହାର କରାଯିବ। ବରଗଡ଼ ପଦମ୍‌ପୁର ଅଞ୍ଚଳର ଚାଷୀ ଚାଉଳ ଯୋଗାଇବେ। ଆସନ୍ତା ବର୍ଷ ପ୍ରାରମ୍ଭରୁ ଅର୍ଥାତ୍ ଜାନୁଆରୀରୁ ଜୈବିକ ଚାଉଳରୁ ପ୍ରସ୍ତୁତ ଅନ୍ନ ପ୍ରସାଦ ଭକ୍ତଙ୍କ ସକାଶେ ଉପଲବ୍ଧ ହେବ ବୋଲି ନିଷ୍ପତ୍ତି ହୋଇଥିବା ଆଜି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ମା' ସମଲେଶ୍ୱରୀଙ୍କ ଭୋଗ ମଣ୍ଡପକୁ ଜୈବିକ ପଦ୍ଧତିରେ ଉତ୍ପାଦିତ ଧାନରୁ ପ୍ରସ୍ତୁତ ଚାଉଳ ଯୋଗାଇ ଦେବାକୁ ବରଗଡ଼ ଜିଲ୍ଲାର ପଦମ୍‌ପୁର ଅଞ୍ଚଳର କୃଷକମାନେ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ମହୁଲପାଲିର ବିମଳ ଫାର୍ମର୍ସ ପୃଷ୍ଠା-୬

### କେନ୍ଦ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏମସିଏଲ ପ୍ରକଳ୍ପର ଆରପିଡିଏସି-ଡିଏମଏଫ୍ ବୈଠକ

## ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ହେବ




- ଜନସମସ୍ୟା ଓ ଗରିବ ଲୋକଙ୍କୁ ପ୍ରାଥମିକତା ଉପରେ ଗୁରୁତ୍ୱ
- ତାଳଚେର, ଛେଣ୍ଡିପଦା ବ୍ଲକରୁ ୧୨୫ ଏମ୍‌ଏମ୍‌ଟି କୋଇଲା ଉତ୍ପାଦନ ଲକ୍ଷ୍ୟ

**ଅନୁଗୋଳ,୧୬।୯(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଗୁଳ ଜିଲ୍ଲାର ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍(ଏମସିଏଲ) ପ୍ରକଳ୍ପର ପଞ୍ଚଦଶ ରିହାବିଲିଟେସନ ଆଣ୍ଡ୍ ପେରିଫେରି ଡେଭଲପମେଣ୍ଟ ଆଡଭାଇଜରି କମିଟି (ଆରପିଡିଏସି) ଓ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡର ପୃଥକ ବୈଠକ ଅନୁଷ୍ଠିତ ହୋଇଛି। ପ୍ରଥମ ବୈଠକରେ ଜନସମସ୍ୟାକୁ ପ୍ରାଥମିକତା ଦେବା ଓ ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଦିଗରେ ଏମସିଏଲ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଛି। ସେହିପରି ଅନୁଗୋଳ ଜିଲ୍ଲା ଡିଏମଏଫ ଟ୍ରଷ୍ଟ ବୋର୍ଡ ବୈଠକରେ ଲୋକଙ୍କ ସ୍ୱାର୍ଥ ପାଇଁ ଉନ୍ନୟନ କାର୍ଯ୍ୟ ଏବଂ କଲ୍ୟାଣକାରୀ ପ୍ରକଳ୍ପ ବିଷୟରେ ଚର୍ଚ୍ଚା ହୋଇଛି। ଡିଏମଏଫ ପାଣ୍ଠିରୁ ହୋଇଥିବା ଅର୍ଥ ବିନିଯୋଗ ତଥା ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ଆନୁଷଙ୍ଗିକ ଭିତ୍ତିଭୂମି, ପରିବେଶ ସୁରକ୍ଷା, ଗମନାଗମନ ଆଦି କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ ନେଇ ବିଚାରବିମର୍ଶ ହୋଇଥିଲା।

ବୈଠକ ପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଅନୁଗୁଳର ତାଳଚେର ଓ ଛେଣ୍ଡିପଦା ବ୍ଲକରୁ ପ୍ରାୟ ୧୦୦ ମିଲିୟନ ମେଟ୍ରିକ୍ ଟନ୍ (ଏମ୍‌ଏମ୍‌ଟି) କୋଇଲା ଉତ୍ପାଦନ ହେଉଛି। ଚଳିତ ବର୍ଷ ଏହା ୧୨୫ ଏମ୍‌ଏମ୍‌ଟିରେ ପହଞ୍ଚିବାର ଲକ୍ଷ୍ୟ ରହିଛି। କୋଇଲାର ପ୍ରମୁଖ କଞ୍ଚାମାଲ ଜମି ଓ ସ୍ଥାନୀୟ ଅଞ୍ଚଳର ଜମି ଅଧିଗ୍ରହଣ ସଂକ୍ରାନ୍ତ ସ୍ପଷ୍ଟ ନୀତି ନିର୍ଦ୍ଧାରଣ ମଞ୍ଚ ହେଉଛି ଆରପିଡିଏସି। ଲୋକଙ୍କ ସୁବିଧା ପାଇଁ ଏହି ବୈଠକ ଗତ ଫେବୃୟାରୀ ବସିଥିବା ବେଳେ ଆଜି ଓ ଚଳିତ ବର୍ଷ ଶେଷରେ ବସିବା ନେଇ ନିଷ୍ପତ୍ତି ହୋଇଛି। ପୃଷ୍ଠା-୬

## ଅଙ୍ଗନବାଡ଼ି କେନ୍ଦ୍ର ହେବ ସକ୍ଷମ ଅଙ୍ଗନବାଡ଼ି: ଉପମୁଖ୍ୟମନ୍ତ୍ରୀ



**ଏକକାଳୀନ ୯୧୩ ଅଙ୍ଗନବାଡି କେନ୍ଦ୍ର ଉଦ୍‌ଘାଟିତ**

**ଜନଆନ୍ଦୋଳନ ହୋଇଛି 'ଆସ ବୁଲିଯିବା ଅଙ୍ଗନବାଡି'**

**ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ୭୪ ହଜାର ୨୨୪ ଅଙ୍ଗନବାଡି ଅଭିଯାନ ମୋଡ୍‌ରେ ସକ୍ଷମ ଅଙ୍ଗନବାଡ଼ିରେ ରୂପାନ୍ତରିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଭାସୀ ମାଧ୍ୟମରେ ୯୧୩ ଅଙ୍ଗନବାଡି କେନ୍ଦ୍ର ଉଦଘାଟନ କରିବା ଅବସରରେ ମତ ବ୍ୟକ୍ତ କରିଛନ୍ତି। ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ସହଭାଗିତାରେ ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଏକକାଳୀନ ରାଜ୍ୟର ୯୧୩ଟି ନବନିର୍ମିତ ଅଙ୍ଗନବାଡ଼ିର ଲୋକାର୍ପଣ କରିଛନ୍ତି। ତୃଣମୂଳ ସ୍ତରରେ ଅଙ୍ଗନବାଡି କେନ୍ଦ୍ର ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗର କେନ୍ଦ୍ରବିନ୍ଦୁ। ବହୁ ପ୍ରତୀକ୍ଷା ପରେ ଆଜି ରାଜ୍ୟରେ ୯୧୩ ଅଙ୍ଗନବାଡି କେନ୍ଦ୍ରକୁ ନିଜର ଗୃହ ମିଳିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ତାଙ୍କ ଅଭିଭାଷଣରେ ମତ ଦେଇଛନ୍ତି। ସେହିପରି ବିପଦସଙ୍କୁଳ ଅବସ୍ଥାରେ ଥିବା ଅଙ୍ଗନବାଡି କେନ୍ଦ୍ର ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। 'ଆସ ବୁଲିଯିବା ପୃଷ୍ଠା-୬

### ଦଣ୍ଡମୁକ୍ତ ଅଞ୍ଚଳ ହେଉଛି ଦଣ୍ଡପ୍ରବଣ

## ପିଲା କଳିକୁ ନେଇ ଛାତ୍ରୀଙ୍କୁ ପିଟିଲେ ଶିକ୍ଷକ

- ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି
- ଥାନାରେ ଅଭିଯୋଗ, ତଦନ୍ତ ଆରମ୍ଭ

**ଦଶପଲ୍ଲା,୧୬।୯(ସଂଚାର ବ୍ୟୁରୋ):** ଦଣ୍ଡମୁକ୍ତ ଅଞ୍ଚଳ ଧୀରେ ଧୀରେ ଦଣ୍ଡପ୍ରବଣ ଅଞ୍ଚଳରେ ପରିଣତ ହେଉଛି। ପ୍ରଶାସନର କୋହଳ ମନୋଭାବ କାରଣରୁ ଏଭଳି ଘଟଣା ଗୋଟିଏ ପରେ ଗୋଟିଏ ଘଟିଚାଲିଛି। ନିକଟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି କ୍ରମରେ ଆଜି ଶିମିଳିସାହି ପଞ୍ଚାୟତର ଗୋଡ଼ିବିଡ଼ା ପ୍ରାଥମିକ ବିଦ୍ୟାଳୟରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀ ଶିକ୍ଷକ ଅତି ଅମାନୁଷିକ ଭାବେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନାନୁସାରେ, ପିଲାଙ୍କ କଳିକୁ ନେଇ ହିତାହିତ ଜ୍ଞାନ ଭୁଲି ଉକ୍ତ ଶିକ୍ଷକ ଜଣଙ୍କ ଛାତ୍ରୀଙ୍କ ଗୋଡ଼, ପିଚା ଓ ହାତକୁ ପିଟିଥିବା ବେଳେ ତାଙ୍କ ଶରୀରରେ ଦାଗ ସ୍ପଷ୍ଟ ବାରି ହୋଇପଡ଼ିଛି। ପୃଷ୍ଠା-୬



**କାନ ଡେରିଥା**

ଜନ ଶୁଣାଣିଟା ସବୁଠି ହେଉଛି
ସବୁ ଅଧିକାରୀ ଥାଇ
ସବୁ ଅଫିସରେ ଗୁହାରୀ
ଶୁଣିଲେ
ଏକଥା ରହିବ ନାହିଁ
ଆୟୋଜନ କାହିଁ ପାଇଁ...
ସବୁ ଅଧିକାରୀ ତତ୍ପର
ହୋଇଲେ
ଜନେ ଖୁସି ହେବେ ଯାଇ ।

■ ଦେବାଶିଷ

### କାଲି ବିଧାନସଭା କକ୍ଷିବ ଗୃହ

## ଏକ ନମ୍ବର ହେବାକୁ ଦୁଇ ବିରୋଧୀଙ୍କ ଲଢ଼େଇ

**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ):** ଆସନ୍ତା ଗୁରୁବାରଠାରୁ ବିଧାନସଭାର ବର୍ଷାକାଳୀନ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଏକ ନମ୍ବର ବିରୋଧୀ ଦଳର ମାନ୍ୟତା ପାଇଁ ଏବେ ବିଜେଡି ଓ କଂଗ୍ରେସ ମଧ୍ୟରେ ପ୍ରବଳ ପ୍ରତିଯୋଗିତା। ଯଦିଓ ସଂଖ୍ୟା ଦୃଷ୍ଟିରୁ ବିଜେଡି ଗୃହରେ ଏକ ନମ୍ବର ବିରୋଧୀଦଳ, କିନ୍ତୁ ବିଭିନ୍ନ ପ୍ରସଙ୍ଗ ଉଠାଇ କଂଗ୍ରେସ ବିଜେଡିକୁ ପଛକୁ ଠେଲି ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛି। ଦୁଇ ବିରୋଧୀଙ୍କ ଏଭଳି ଲଢ଼େଇ ଭିତରେ କିନ୍ତୁ ଶାନ୍ତିରେ ନିଃଶ୍ୱାସ ମାରିବାରେ ଲାଗିଛି ଶାସକ ବିଜେପି।

ଦୀର୍ଘ ପାଞ୍ଚମାସ ପରେ ବିଧାନସଭା ଅଧିବେଶନ ବସୁଥିବାରୁ ବିରୋଧୀମାନେ ନିଜ ନିଜର ଶକ୍ତି ପ୍ରଦର୍ଶନ ପାଇଁ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ଉଭୟ ବିଜେଡି ଓ କଂଗ୍ରେସ ସାର ଅଭାବ, ନାରୀ ନିର୍ଯ୍ୟାତନା ଭଳି ସମାନ ପ୍ରସଙ୍ଗକୁ ଧରିଥିବାବେଳେ କିଏ କେତେ ଜୋରଦାର ଭାବେ କେଉଁ ଢଙ୍ଗରେ ଏହାକୁ ଉପସ୍ଥାପନ କରିବେ ତାହା ଉପରେ ଏବେ ସମସ୍ତଙ୍କ ନଜର। ତେବେ କଂଗ୍ରେସ ପକ୍ଷରୁ ଜାତୀୟ ସ୍ତରରେ ଉଠିଥିବା ଭୋଟ ଚୋରି ପ୍ରସଙ୍ଗକୁ ରାଜ୍ୟ କଂଗ୍ରେସ ଗୃହରେ ଉଠାଇବାର ସୂଚନା ମିଳୁଥିବାବେଳେ ବିଜେଡି ଏହି ପ୍ରସଙ୍ଗରେ କି ପ୍ରକାର ନୀତି ଆପଣେଇବ, ତାହା ଚୂଡ଼ାନ୍ତ କରିପାରୁନାହିଁ। ଏହାବାଦ୍ ବି ଉଭୟ ଦଳ ଆଉ କିଛି ଜନସ୍ୱାର୍ଥ ପ୍ରସଙ୍ଗର ତାଲିକା ପ୍ରସ୍ତୁତ କରିବାରେ ଲାଗିଛନ୍ତି। ତେବେ ସମସ୍ତଙ୍କ ନଜର ରହିଛି ସରକାର ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତକୁ ନେଇ। ବିଜେଡି ଆଗତ କରିବ ନା କଂଗ୍ରେସ ଆଗତ କରିବ, ତାହା ଚୂଡ଼ାନ୍ତ ହୋଇପାରୁନାହିଁ। ପ୍ରଥମେ ଏହି ପ୍ରସଙ୍ଗ କଂଗ୍ରେସ ଉଠାଇବା ସହ ବିଜେଡି କୋର୍ଟକୁ ବଲ୍ ଫିଙ୍ଗିଥିଲା। କହିଥିଲା ଯେ ମୁଖ୍ୟ ବିରୋଧୀ ଦଳ ଭାବେ ସଂଖ୍ୟା ଦୃଷ୍ଟିରୁ ବିଜେଡି ବିଧାନସଭାରେ ଏହି ପ୍ରସ୍ତାବ ଆଣୁ। ଯଦି ବିଜେଡି ନ ଆଣିବ, ତେବେ କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିବ ଓ ବିଜେଡି ତାହାକୁ ସମର୍ଥନ କରୁ। ଏହାକୁ ନେଇ ଏବେ ଦୁଇ ବିରୋଧୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ଏହାକୁ ନେଇ ବିଜେଡି ଏକପ୍ରକାର ଅକଳରେ ପଡ଼ିଥିବା ବେଳେ କଂଗ୍ରେସ ତାହା ଉପରେ ସତର୍କ ଦୃଷ୍ଟି ରଖିଛି। ବିଜେଡି ଯଦି ଅନାସ୍ଥା ନ ଆଣିବ, ତା'ହେଲେ କଂଗ୍ରେସ ପ୍ରସ୍ତାବ ଆଣିବ। କଂଗ୍ରେସ ପ୍ରସ୍ତାବ ଆଣିବା ପରେ ଯଦି ବିଜେଡି ପଛଘୁଞ୍ଚା ଦିଏ, ତେବେ ବିଜେଡି ମୁଣ୍ଡରେ ଦୋଷ ଲଦି କଂଗ୍ରେସ ଡବଲ ଫାଇଦା ହାସଲ କରିବ।

ଏହାବାଦ୍ ମହାନଦୀ ଜଳ ବିବାଦ, ପୋଲାଭରମ ନଦୀବନ୍ଧ, ୫-ଟି ବିଦ୍ୟାଳୟରେ ହୋଇଥିବା ଦୁର୍ନୀତି, ମେଗା ପାନୀୟ ଜଳ ପ୍ରକଳ୍ପରେ ବିଳମ୍ବ, ଆୟୁଷ୍ମାନ ଭାରତ ଯୋଜନା, ଔଷଧ ଯୋଗାଣରେ ସମସ୍ୟା, ଡାକ୍ତର ଅଭାବ, ସୁଭଦ୍ରା ଯୋଜନାରେ ହିତାଧିକାରୀଙ୍କୁ ମୃତ ଦର୍ଶାଯିବା, ରାଜ୍ୟରେ ଭତ୍ତାଧାରୀମାନଙ୍କ ବୟସ ଯାଞ୍ଚ, କଣ୍ଟ୍ରୋଲ ଗହମ ଯୋଗାଣରେ ବିଳମ୍ବ ଆଦି ପ୍ରସଙ୍ଗକୁ ନେଇ ସରକାରଙ୍କୁ ଘେରିବା ପାଇଁ ବିରୋଧୀମାନେ ଯୋଜନା କରିଛନ୍ତି।

ହେଲେ ଦୁଇ ବିରୋଧୀ ଦଳ ପରସ୍ପରକୁ ପଛରେ ପକାଇ ଏକ ନମ୍ବର ହେବା ପାଇଁ ଯେଉଁ ପ୍ରତିଯୋଗିତା ଚଳାଇଛନ୍ତି, ତାହାକୁ ଶାସକ ଦଳ ଅତ୍ୟନ୍ତ ସତର୍କତାର ସହ ଲକ୍ଷ୍ୟ କରୁଛି। କାରଣ ବିଜେଡି ଯାହାସବୁ ପ୍ରସଙ୍ଗ ପୃଷ୍ଠା-୬



**ଲକ୍ଷ୍ୟ ରଖିଛି ଶାସକଦଳ**

# କାଗଜପତ୍ରରେ ତିଆରି ହୋଇଗଲା ମିଶନ୍ ଶକ୍ତି ଗୃହ

**■ ଗୃହର ଚିହ୍ନବର୍ଣ୍ଣ ନାହିଁ ■ ୫ଲକ୍ଷ ଟଙ୍କା ହଡପ ■ ଭିଜିଲାନ୍ସ ତଦନ୍ତ ଦାବି କଲେ ପଞ୍ଚାୟତବାସୀ**

**ରାଜକନିକା,୧୬।୯ (ସଂଚାର ବ୍ୟୁରୋ):** ମିଶନ ଶକ୍ତି ଗୃହର ଚିହ୍ନବର୍ଣ୍ଣ ନାହିଁ । କାଗଜପତ୍ରରେ କିନ୍ତୁ ଗୃହ କାମ ସାରିଯାଇଛି । ଖାଲି ସେତିକି ନୁହେଁ, କାମ ସାରିଯାଇଥିବା ଦର୍ଶାଇ ୫ ଲକ୍ଷ ଟଙ୍କା ଉଠାଣ ନିଆଯାଇଥିବା ଜଣାପଡ଼ିଛି । ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତରେ ଏଭଳି ଘଟଣା ଘଟିଛି ।

ରାଜ୍ୟ ସରକାର ମିଶନ ଶକ୍ତି ବିଭାଗ ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ସ୍ୱାବାଲମ୍ବୀ କରିବା ଲାଗି ବ୍ୟାଙ୍କ ମାଧ୍ୟମରେ ଗ୍ରାମାଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ପ୍ରତିଦିନ ବ୍ଲକ ଅଫିସକୁ ନ ଆସି କିଭଳି ପଞ୍ଚାୟତ ସ୍ତରରେ ସୁବିଧାରେ ବୈଠକ କରି ପାରିବେ ଓ ବିଭିନ୍ନ ତାଲିମ ନେଇ ପାରିବେ ସେ ନେଇ ସରକାର ମିଶନ ଶକ୍ତି ଗୃହ ଯୋଗାଇ ଦେଇଛନ୍ତି । ହେଲେ ପେଗରପଡା ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାନଯାଇ ଟଙ୍କା ଉଠାଣ ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି ।

ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ କରାଯାଇ ନାହିଁ । ଗୃହ ହେଲେ କାଗଜପତ୍ରରେ କାମ ସରିଛି । ଗୃହ ନିର୍ମାଣ କରାନଯାଇ ରେକର୍ଡ ନଂ ୫୧୭ ଓ ୨୦୨୧-୨୦୨୨ ମସିହାରେ କାମ ଆରମ୍ଭ ହୋଇଥିବା ବେଳେ ତା୧୧/୯/୨୩ ରିଖରେ ନିର୍ମାଣ କାମ ସାରିଯାଇଥିବା ଦର୍ଶାଯାଇଛି । ଚେକ ନଂ -୫୭୧୫୭୬ ରେ ୪ ଲକ୍ଷ ଟଙ୍କା ୮୩ ହଜାର ୧୦୯ ଟଙ୍କା ଉଠାଯାଇଛି ଓ ୧୬ ହଜାର ୮୯୧ ଟଙ୍କା ଟ୍ୟାକ୍ସ ବାବଦରେ କଟାଯାଇଥିବା ଜଣାପଡିଛି । ଉଲ୍ଲେଖ ଥାଉ କି ମିଶନ ଶକ୍ତି ଗୃହ ନିର୍ମାଣ ଲାଗି ଆବଶ୍ୟକ ପାଞ୍ଚ ଲକ୍ଷ ଟଙ୍କାରେ ଏକ ୧୫ ଫୁଟ ଲମ୍ବା ଓ ୧୦ ଫୁଟ ଚଉଡାର ବୈଠକ କକ୍ଷ, ଗୋଟିଏ ଅଫିସ ଘର, ସାମଗ୍ରୀ ବିକ୍ରିବଟା ଲାଗି ଗୋଟେ ଘର, ଏକ ବାରଣ୍ଡା ଓ ଏକ ଶୌଚାଳୟ ନିର୍ମାଣ ଲାଗି ନିୟମ ରହିଛି । ଏଭଳି ଘର ପଞ୍ଚାୟତରେ ନଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ପଞ୍ଚାୟତବାସୀ ।

## ଅବକାରୀ ବିଭାଗର ଚଢ଼ାଉ; ମଦ ଜବତ, ୫ଗିରଫ



**କେନ୍ଦ୍ରାପଡ଼ା,୧୬।୯(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, ରାଜକନିକା ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦଧିବାବନପୁର ଗ୍ରାମର ଉପେନ୍ଦ୍ର ମଲ୍ଲିକ(୩୨)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, ଗଜରାଜପୁର ଗ୍ରାମର ଗୁରୁଚରଣ ପରିଡ଼ା(୪୧)ଙ୍କ ଠାରୁ ୧୮ ଲିଟର ବିଦେଶୀ ମଦ, ତିଖିରି ଗ୍ରାମର ଆଶିଷ ବେହେରା(୨୫)ଙ୍କ ଠାରୁ ୫୬୦ ଲିଟର ଦେଶୀ ରନ୍ଧା ମଦ, ମାଲଡ଼ିଆ ଗ୍ରାମର ଆଲୋକ ସ୍ୱାଇଁ(୪୮)ଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ, କୁଜିଆନପୁର ଗ୍ରାମର ଯଦୁମଣି ମୁର୍ମୁ(୪୩)ଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ସେମାନଙ୍କ ନିକଟରୁ ସମୁଦାୟ ୬୬୧ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ମଦ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ଗାଡି ଯାଞ୍ଚ

**ପଟ୍ଟାମୁଣ୍ଡାଇ,୧୬।୯(ସଂଚାର ବ୍ୟୁରୋ):** ଆଗାମୀ ଶାରଦୀୟ ଦୂର୍ଗା ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସ ଅଭିଯାନ ଆରମ୍ଭ କରିଛି । ପୂଜା ଉତ୍ସବ ସମୟରେ ନିଶା ଦ୍ରବ୍ୟ କାରବାର ରୋକିବା ପାଇଁ କଡା ପଦକ୍ଷେପ ନେଇଛି । ଅସାମାଜିକ ତତ୍ତ୍ୱ ଉପରେ କଡା ନଜର ରଖିବା ସହିତ ବିଭିନ୍ନ ସ୍ଥାନରେ ଚଢାଇ କରି ୱାରେଣ୍ଟ ଆସାମୀଙ୍କୁ ଧରିବା ପାଇଁ ଅଭିଯାନ ଜାରି ରଖିଛି । ଆଜି ଗ୍ରାମାଞ୍ଚଳ ଥାନା ଆଇ ଆଇ ସି ଶ୍ରୀକାନ୍ତ ବାରିକଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ବିଭିନ୍ନ ଗାଡିର କାଗଜପତ୍ର ଓ ହେଲମେଟ ଯାଞ୍ଚ କରି ପ୍ରାୟ ୫ହଜାର ଟଙ୍କା ଜୋରିମାନା ଆଦାୟ କରିଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପାଇଁ ପଞ୍ଜିକୃତ ହେଲା ୭୮୦ ଆବେଦନ

● ମୁଖ୍ୟ ଅତିଥି ଭାବରେ ଯୋଗଦେଲେ ବିଧାୟକ



**ମହାକାଳପଡ଼ା,୧୬।୯(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ସାମାଜିକ ସୁରକ୍ଷା ବିଭାଗ ତରଫରୁ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବ୍ଲକ ଅଧିନ ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷ ଏହି ଶିବିରରେ ସାମିଲ ହୋଇ ନିଜ ନିଜର ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ପଞ୍ଜିକରଣ କରିଥିଲେ। ଏହି ଶିବିରରେ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ମାନଙ୍କ ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଶିବିରରେ ୭୧ ଦୃଷ୍ଟି ବାଧିତ, ୬୭ ଶ୍ରବଣ ବାଧିତ, ୧୫୦ ମାନସିକ ଅନଗ୍ରସର, ୪୦୭ ଶାରିରୀକ ଭିନ୍ନକ୍ଷମ ଓ ୮୫ ଟି ମେଡ଼ିସିନ ବିଭାଗୀୟ ଆବେଦନ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୬୮ଟି ଦୃଷ୍ଟି ବାଧିତ, ୭୨ ଶ୍ରବଣ ବାଧିତ, ୧୦୩ ମାନସିକ ଅନଗ୍ରସର, ୨୩୫ ଶାରୀରିକ ଭିନ୍ନକ୍ଷମ, ୧୧୯ ମେଡ଼ିସିନ, ୪୨ ଜଣ ଅସ୍ଥିଶଲ୍ୟ ଆବେଦନକାରୀଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ମେଡ଼ିକାଲର ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ମାନସିକ ଅନଗ୍ରସର, ଅସ୍ଥିଶଲ୍ୟ, ଶିଶୁ ଓ ମେଡ଼ିସିନ ବିଭାଗର ଡାକ୍ତରମାନେ ଉପସ୍ଥିତ ରହି ଡାକ୍ତରୀ ପରୀକ୍ଷା କରିଥିଲେ।

## ବିଶ୍ୱ ଓଜୋନ ଦିବସ ଓ ସଚେତନତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡା,୧୬।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ାର ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଓଜୋନ ଦିବସ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ଼ ମଥୁରି ଚରଣ ନାୟକ ପୌରହିତ୍ୟ କରିଥିଲେ ଏବଂ ଛାତ୍ରୀମାନଙ୍କୁ ଓଜନ ସ୍ତରର ଅବକ୍ଷୟର କାରଣ ଓ ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଗଣିତ ବିଭାଗର ଅଧାପିକା ନିବେଦିତା ନାୟକ ସ୍ୱାଗତ ଭାଷଣ ଦେବା ସହିତ ରସାୟନ ବିଭାଗର ଅଧାପିକା ଡ଼ ଏରିକା ମହାନ୍ତି, ପଦାର୍ଥ ବିଜ୍ଞାନ ବିଭାଗର ଅଧାପକ ବ୍ରହ୍ମାନନ୍ଦ ସେଠୀ ଉକ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଅଧାପକ ଡ଼ ସୂର୍ଯ୍ୟକାନ୍ତ ରାଉତ ବିଷୟ ବିଶାରଦ ଭାବେ ଯୋଗ ଦେଇ କିଭଳି ଭାବେ ଓଜନ ସ୍ତରକୁ ନଷ୍ଟ ନକରି ସମ୍ପୂର୍ଣ୍ଣ ଭାବେ ସୁରକ୍ଷା ଦେଇ ହେବ ସେ ବିଷୟରେ ଛାତ୍ରୀମାନଙ୍କୁ ଅବଗତ ଦେଇଥିଲେ। ସର୍ବଶେଷରେ ଉଦ୍ଭିଦ ବିଜ୍ଞାନ ବିଭାଗର ଅଧାପିକା ବନସ୍ମିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନେକ ଛାତ୍ରୀ, ଅଧାପକ ଏବଂ ଅଧାପିକା ଯୋଗ ଦେଇଥିଲେ ।

## ନିଶାଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ସିଙ୍ଗମାପୁର ଓ ଜମାଲପୁର

**ସାଲେପୁର,୧୬।୯(ସଂଚାର ବ୍ୟୁରୋ):** ସାଲେପୁର ବହୁଗ୍ରାମ ମଣ୍ଡଳର ସିଙ୍ଗମପୁର ଓ ଜମାଲପୁର ଗ୍ରାମ ଏବେ ନିଶାଡୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ସୂଚନା ଥାଉ କି ଏହି ଅଞ୍ଚଳ ରେ ୧୬ବର୍ଷ ରୁ ୨୫ ବର୍ଷ ବୟସ ମଧ୍ୟରେ ଥିବା ପାଖା ପାଖି ୫୦ରୁ ଉର୍ଦ୍ଧ ମଧ ବୟସ୍କ ବ୍ୟକ୍ତି ଏବେ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗଞ୍ଜେଇ ସହିତ ଡ୍ରଗ୍ସ ସେବନ କରି ଅନେକ ଅନୈତିକ କାରବାର କରୁଥିବାର ସୂଚନା ମିଳିଛି । ସନ୍ଧ୍ୟା ହେଲେ ଏହି ଅଞ୍ଚଳରେ ଥିବା ସରକାରୀ ବିଦ୍ୟାଳୟ ଏବଂ ସାତବଟିଆ ରାସ୍ତାରେ ପାଖରେ ଥିବା ବାନା ଗୋସ୍ୱାଇଁ ମଠ ସେମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ନିଶା ସେବନ ସହିତ ଏମାନେ ବାହାରୁ ନେବା ଆଣିବା କରିବା ରେ ଲିପ୍ତ ଥିବାର ଜଣାଯାଉଛି ।କୋରନା ସମୟରେ ତତ୍କାଳୀନ ପାଗା ଫାଣ୍ଡି ଅଧିକାରୀ ବଳ ବାବୁ ଏହି ଅଞ୍ଚଳରୁ ପାଖା ପାଖି ୧୦ ଜଣରୁ ଅଧିକ ବ୍ୟକ୍ତି ଙ୍କୁ ଧରି ତାଙ୍କ ନାମରେ କେସ ରୁଜୁ କରିଥିଲେ ମଧ ପରବର୍ତ୍ତୀ ଅବସ୍ଥାରେ ଛାଡି ଦେଇଥିଲେ । ଏହା ପରବର୍ତ୍ତୀ ସମୟରେ ଉକ୍ତ ଅଞ୍ଚଳରେ ନିଶାଡୀଙ୍କ ସଂଖ୍ୟା ବଢ଼ିଚାଲିଛି । ଯାହା ଫଳରେ ଏହି ଅଞ୍ଚଳ ଲୋକ ଏବଂ ଝିଅ, ବୋହୂ ମାନେ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ନିକଟରେ ପାଗା ଫାଣ୍ଡି ଥାଇଁ ମଧ କିଭଳି ପୋଲିସ ଏ ଖବର ର ସୁରାଗ ପାଇପାରୁନାହିଁ? ତାହା ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ର ବିଷୟ ପାଲଟିଛି ।

## କେନାଲ ବନ୍ଧ ସାଜିଛି ମରଣଯନ୍ତା

**ଡେରାବିଶ,୧୬।୯(ସଂଚାର ବ୍ୟୁରୋ):** ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇଠାରୁ ବିଶୋକ ପର୍ଯ୍ୟନ୍ତ ଯାଇଥିବା ୧୧ନଂ କେନାଲ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୪ କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତା ୨୦୨୦ ପ୍ରଧାନମନ୍ତ୍ରୀ ଗ୍ରାମ

**ଲୋକେ ହେଉଛନ୍ତି ହିନସ୍ତା**

ସଡ଼କ ଯୋଜନାରେ ରାସ୍ତାର ଉନ୍ନତିକରଣ କାମ କରାଯାଇଥିଲା। ଏହି ରାସ୍ତାକୁ ୪କିଲୋମିଟର ପିଚୁ ଓ ୨୦୦ ମିଟର ପକ୍କା କରାଯାଇଛି। ଏଥିସହିତ ଏହି ରାସ୍ତାରେ ୭ଟି ପୋଲ ରହିଛି। ଠିକାଦାରଙ୍କୁ ୨୧,୩,୨୦୨୦ରୁ ୩୦,୪/୨୫ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ଠିକାଦରଙ୍କୁ ଅର୍ଥ ମଧ ପ୍ରଦାନ କରାଯାଇଛି।



ଠିକାଦାର ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ସଠିକ ଭାବେ କରି ନ ଥିବାରୁ ଏବେ ରାସ୍ତାସାରା ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଯଦି କୌଣସି ବାଇକ୍ ଆରୋହୀ କିମ୍ବା ପଥଚାରୀ ଅସାବଧାନ ହେବେ, ଦୁର୍ଘଟଣା ଘଟିବା ଥୟ। ଏହି ରାସ୍ତା ଉପରେ ପଲେଇ, ଖମୋଳ ଓ କାଉପଡ଼ା ପଞ୍ଚାୟତର ଲୋକେ ନିର୍ଭର କରନ୍ତି । ଏହି ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ହରିଶ୍ଚନ୍ଦ୍ର ସହାୟତା କେଳେଙ୍କାରୀ

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଫେରିଲା ଟଙ୍କା

**ମହାକାଳପଡ଼ା,୧୬।୯(ସଂଚାର ବ୍ୟୁରୋ):** ଜଣେ ଲେଖାଏଁ ମୃତକଙ୍କ ନାମରେ ଦୁଇ ଥର ଲେଖାଏଁ ହରିଶ୍ଚନ୍ଦ୍ର ସହାୟତା ପାଇଁ ଆବେଦନ କରାଯାଇଥିଲା। ଥରେ ମାତ୍ର ତିନି ହଜାର ଟଙ୍କା ଲେଖାଏଁ ପରିବାର ସଦସ୍ୟଙ୍କୁ ଦିଆଯାଇଥିବା ବେଳେ ସମାନ ବ୍ୟକ୍ତିଙ୍କ ନାମରେ ଅନୁମୋଦନ ହୋଇଥିବା ଅନ୍ୟ ତିନି ହଜାର ଟଙ୍କା ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିଲା। ଆଜି ଅନୁମୋଦିତ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆକାଉଣ୍ଟରେ ଜମା କରାଯାଇଛି।

ମହାକାଳପଡ଼ା ବ୍ଲକ ଅଧୀନ ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଳାଇଲୋ ଗ୍ରାମର ବୈଦେହୀ ସେଠୀଙ୍କ ଦେହାନ୍ତ ପରେ ପୁଅ ମନୋରଞ୍ଜନ ସେଠୀ ଓ ସ୍ୱାମୀ ଧଡି ସେଠୀ ହରିଶ୍ଚନ୍ଦ୍ର ସହାୟତା ପାଇଁ ପୃଥକ ପୃଥକ ଆବେଦନ କରାଯାଇଥିବା ସରକାରୀ ସୂଚନାରେ ଦେଖିବାକୁ ମିଳିଥିଲା। ସେହିପରି ପ୍ରେମଲତା ସେଠୀଙ୍କ ନାମରେ ହରିଶ୍ଚନ୍ଦ୍ର ସହାୟତା ପାଇଁ ସ୍ୱାମୀ ଭଗବାନ ସେଠୀ ଓ ବୋହୂ କୁନି ସେଠୀ ମଧ ଆବେଦନକାରୀ ବୋଲି ଜଣାପଡିଥିଲା। ଏନେଇ ସୋମବାର 'ସଂଚାର'ରେ ଖବର ପ୍ରକାଶ ପାଇଥିଲା।

ଖବର ପ୍ରକାଶ ପରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଏହାର ସ୍ପଷ୍ଟୀକରଣ ରଖିଥିଲେ। ବିଡ଼ିଓଙ୍କ କହିବା ମୁତାବକ ମୃତକଙ୍କ ନାମରେ କେବଳ ଥରେ ଲେଖାଏଁ ସହାୟତା ମିଳିଛି। ସହାୟତା ପ୍ରଦାନରେ କୌଣସି ଅନିୟମିତତା ହୋଇନାହିଁ। ଭୁଲ୍ ବଶତଃ ଏହା ଏଣ୍ଟ୍ରି ହୋଇ ଯାଇଛି। ଯାହାର ସୂଚନା ପୋର୍ଟାଲରେ ଉପଲବ୍ଧ ହୋଇଛି। ଅତିରିକ୍ତ ଗୃହୀତ ଅର୍ଥରାଶିକୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଆକାଉଣ୍ଟକୁ ଫେରସ୍ତ କରିବା ସହିତ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ପୋର୍ଟାଲ୍‌ରୁ ହଟାଇବା ପାଇଁ ପତ୍ରାଚାର କରିବାକୁ ସେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଦାସ ଚିଠି ନମ୍ବର ୩୮ ରେ ମହାକାଳପଡ଼ା ବିଡ଼ିଓଙ୍କୁ ହରିଶ୍ଚନ୍ଦ୍ର ସହାୟତା ପାଇଁ ୨ ଥର ଅନଲାଇନ୍‌ରେ ପୂର୍ବତନ ଜିଆରଏସ ଓ ବର୍ତ୍ତମାନର ଏଡିଇଓ (ଗରଦପୁର ବ୍ଲକରେ କାର୍ଯ୍ୟରତ) ଗଣେଶ୍ୱର ପାଗଳ ଆବେଦନ କରିଥିଲେ । ଅବଶିଷ୍ଟ ଛଅ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରେ ଦାଖଲ ପାଇଁ ଅନୁମତି ମାଗି ଚିଠିରେ ଜଣାଇଥିଲେ। ଆଜି ଅନୁମୋଦିତ ଛଅ ହଜାର ଟଙ୍କାକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆକାଉଣ୍ଟରେ ଜମା କରାଯାଇଛି।

## ବିବାଦରେ କେନ୍ଦ୍ରାପଡ଼ା ଶିକ୍ଷା କାର୍ଯ୍ୟାଳୟ

**ଶିକ୍ଷକମାନଙ୍କୁ ଜାରି ହୋଇଛି ଆୟକର ନୋଟିସ**

**କେନ୍ଦ୍ରାପଡ଼ା,୧୬।୯(ସଂଚାର ବ୍ୟୁରୋ):** ଜିଲ୍ଲାର ସମସ୍ତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ଆୟକର ନୋଟିସ ଜାରିକରି ବିବାଦ ମଧକୁ ଟାଣିହୋଇଛି ଜିଲ୍ଲା ଶିକ୍ଷା ବିଭାଗ । ଏହି ନୋଟିସକୁ ନେଇ ପ୍ରଧାନଶିକ୍ଷକମାନଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି । ସେମାନେ ଏନେଇ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନେ କହିଛନ୍ତି ଆଜି ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କୌଣସି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏଭଳି ନୋଟିସ ଜାରିକରି ନଥିଲେ । ନିୟମ ଅନୁଯାୟୀ ଯଦି ଗଣଶିକ୍ଷା ବିଭାଗ ସଚିବ ଏସଂକ୍ରାନ୍ତରେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଅନ୍ତି ତେବେ ଆୟକର ଦାଖଲ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେବେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଧାନ ଶିକ୍ଷକମାନଙ୍କୁ ଏଭଳି ନିର୍ଦ୍ଦେଶ ଦେଇପାରିବେ। କିନ୍ତୁ ଜଣେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଧାନଶିକ୍ଷକମାନଙ୍କୁ ଏଭଳି ନିର୍ଦ୍ଦେଶ ଜାରି କରିବା ବେଆଇନ ବୋଲି ସେମାନେ କହିଛନ୍ତି। ଜଣେ ପ୍ରଧାନ ଶିକ୍ଷକଙ୍କ କହିବା ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଚଳିତ ସେପ୍‌ଟେମ୍ବର ମାସର ନିୟମିତ ଦରମା ପ୍ରଦାନ କରିବା ବେଳେ ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ର ସଂଖ୍ୟା - ୮୯୮୦(ଗ) /ତା ୧୩/୯/୨୦୨୫ ରିଖରେ ସେପ୍‌ଟେମ୍ବର ମାସର ନିୟମିତ ଦରମା ବିଲ୍‌ଫର୍ମ ସହିତ ୧୬ନମ୍ବର ଆୟକର ବିଭାଗ ଫର୍ମର ଅବିକଳ ନକଲ ସଂଲଗ୍ନ କରି ପଠାଇବାକୁ ଏକ ପତ୍ର ଲେଖିଛନ୍ତି । କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ବିଗତ ବର୍ଷଗୁଡିକରେ କୋଣସି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏଭଳି କୌଣସି ପତ୍ର କରିନଥିବା ଜଣାପଡିଛି । କାରଣ ଶିକ୍ଷା ବିଭାଗ ସଚିବ ବା ମାଧମିକ ଶିକ୍ଷା ନିର୍ଦ୍ଦେଶକ ଏଭଳି କୌଣସି ନିର୍ଦ୍ଦେଶନାମା ନାହିଁ। ତେଣୁ ପୂର୍ବତନ ଅଧିକାରୀମାନେ ଏଭଳି ବେନିୟମ କାର୍ଯ୍ୟ କରିନଥିବା ବେଳେ ବର୍ତ୍ତମାନର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ କାହା ସାହସରେ ଏଭଳି କଲେ ସେମାନେ ପ୍ରଶ୍ନ ଉଠାଇଛନ୍ତି ।

## ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଦ୍ୱିତୀୟ ଉନ୍ନୟନ କମିଟି ବୈଠକ

**କେନ୍ଦ୍ରାପଡ଼ା,୧୬।୯(ସଂଚାର ବ୍ୟୁରୋ):** ମଙ୍ଗଳବାର ଅପରାହ୍ଣରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଅଧକ୍ଷତାରେ ରାଜନଗର ନିର୍ବାଚନ ମଣ୍ଡଳୀର ଦ୍ୱିତୀୟ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଅନ୍ୟମାନଙ୍କ ମଧରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଡିଏଫଓ ରାଜନଗର ଭରଦରାଜ ଗାଉଁକର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ, ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଡିଓ, ତହସିଲଦାର, ବ୍ଲକ ଏବଂ ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଚେୟାରମ୍ୟାନ ଉପସ୍ଥିତ ଥିଲେ।

ଏଥିରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ, ବିଦ୍ୟୁତ, ସାମାଜିକ ସୁରକ୍ଷା, ଜଳ ସେଚନ, ରାସ୍ତା ଓ କୋଠାବାଡି ବିଭାଗ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପଟ୍ଟାମୁଣ୍ଡାଇ ପୌରାପରିଷଦର ବିଭିନ୍ନ ସମସ୍ୟା, ଯୋଗାଣ ବିଭାଗ, ସମେତ ଅନ୍ୟ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ଶ୍ରୀ ସାହୁ। ବିଭାଗୀୟ ଅଧିକାରମାନେ ବିଭାଗର ବିଭିନ୍ନ କାର୍ଯ୍ୟ ସଂକ୍ରାନ୍ତରେ ବିଧାୟକ ଶ୍ରୀ ସାହୁଙ୍କୁ ଅବଗତ କରାଇଥିଲେ। ବିଭାଗ ବିଭାଗ ମଧରେ ଉତ୍ତମ ସମନ୍ୱୟ ରଖି ସମସ୍ୟାର ସମାଧାନ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ପାଇଁ ପ୍ରସ୍ତୁତି

**ରାଜନଗର,୧୬।୯(ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଆସନ୍ତାକାଲି ୧୭ତାରିଖ ଠାରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମକୁ ସମଗ୍ର ରାଜନଗର ବ୍ଲକରେ ସଫଳ କିପରି କରାଯିବ ସେ ନେଇ ଏକ ପ୍ରସ୍ତୁତି ବୈଠକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ରଶ୍ମି ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଡ଼ଃ ଆଦିତ୍ୟ ପ୍ରଧାନ, ଡ଼ଃ ରୁଦ୍ର ପ୍ରସାଦ ରାୟ, ଡ଼ଃ ଲଳିତ ମୋହନ ରଥ, ଡ଼ଃ ଜ୍ଞାନରଞ୍ଜନ ସାହୁ, ଡ଼ଃ ସତ୍ୟଜିତ ନାୟକ, ଡ଼ଃ ଉପାସନା ବିଶ୍ୱାଳ, ଡ଼ଃ ବିଶ୍ୱଜିତ ବେହେରା, ଡ଼ଃ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନରେ ଶିଶୁକନ୍ୟା ଠାରୁ ଆରମ୍ଭ କରି ପ୍ରସୂତି ମହିଳା ପର୍ଯ୍ୟନ୍ତ ଚିକିତ୍ସା କରାଯିବ। ଅଣସଂକ୍ରାମକ ଯକ୍ଷ୍ମା, ରକ୍ତହୀନତା, ସିକିଲସେଲ ଓ ଥାଲସେମିଆ ଆଦି ରୋଗର ଚିହ୍ନଟ ଓ ପରୀକ୍ଷା ସହିତ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ରେ ସ୍ୱତନ୍ତ୍ର ଚିକିତ୍ସା ସେବା, ରକ୍ତଦାନ ଶିବିର, ପୋଷଣ କାର୍ଯ୍ୟକ୍ରମ ସିଏଚସି ଅଧୀନରେ ଥିବା ସମସ୍ତ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ କରାଯିବା ନେଇ ଆଲୋଚନା କରାଯାଇଥିଲା। ବିଜିଏମ ଶ୍ରୀକାନ୍ତ ଦାସ ଓ ଅନ୍ୟ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

● ଛାତ୍ରଛାତ୍ରୀଙ୍କୁ ଖରାରେ ବସାଇବା ଘଟଣାକୁ ବିତିଲା ୫ମାସ

## ସିଆର୍‌ସିସିଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ?

**ନିଶ୍ଚିନ୍ତକୋଇଲି, ୧୬।୯ (ସଂଚାର ବ୍ୟୁରୋ):** ଗତ ମେଁ ମାସରେ ରାଜ୍ୟରେ ଭୟାବହ ଗ୍ରୀଷ୍ମ ପ୍ରବାହ କାରଣରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସକାଳୁଆ ସ୍କୁଲ ଚାଲିଥିବା ବେଳେ ପ୍ରଚଣ୍ଡ ରୁଦ୍ରତାପକୁ ଆଖି ଆଗରେ ରଖି ସମସ୍ତ ସ୍କୁଲ ଓ କଲେଜକୁ ଛୁଟି ଘୋଷଣା କରାଯାଇଥିଲା। କିନ୍ତୁ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗ ଅଧିନ ଅଞ୍ଚଳରେ ଶିକ୍ଷକମାନେ ବେଧଡକ ଓ ବେପରୱା କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ଗତ ଅପ୍ରିଲ ମାସରେ ଅବସର ନେଇଥିବା ଜଣେ ପ୍ରଧାନଶିକ୍ଷକଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ଆଳରେ ଗତ ମେ ମାସ ଗୁରୁବାର ମଧାହ୍ନରେ ସମ୍ବର୍ଦ୍ଧନା ସଭା କରିବା ଓ ସେଥିରେ କୋମଳମତି ଛାତ୍ରଛାତ୍ରୀ ଯୋଗଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଥିଲା।



ଉକ୍ତ ବିଦ୍ୟାଳୟ ଅଧିନସ୍ଥ ଧଳପଡା କ୍ଲଷ୍ଟରର ସିଆରସିସି ନରେନ୍ଦ୍ର ନାଥ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ମଧାହ୍ନରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ନିଶ୍ଚିନ୍ତକୋଇଲି ମଣ୍ଡଳର ଅତିରିକ୍ତ ଶିକ୍ଷାଧିକାରୀ ସୁଶିଲ କୁମାର ଚକ୍ରବର୍ତ୍ତୀ, ପ୍ରଭାତ କୁମାର ବେହେରା, ଜାକିର ହୁସେନଙ୍କ ସହ ବହୁ ସିଆରସିସି, ପ୍ରଧାନଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିବା ବେଳେ କୋମଳମତି ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବିଦ୍ୟାଳୟରେ ସଭା ସମିତି କରିବାକୁ ସରକାରଙ୍କ ସମ୍ପୂର୍ଣ୍ଣ ବାରଣ ଥିବାବେଳେ ସମ୍ବର୍ଦ୍ଧନା ସଭା କରିବା ପାଇଁ ସିଆରସିସି ମହୋଦୟ କାହାଠାରୁ ଅନୁମତି ଆଣିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ରାଜ୍ୟ ଶିକ୍ଷା ବିଭାଗ ମନ୍ତ୍ରୀ, ସଚିବ ଏହାକୁ ଗୁରୁତର ସହିତ ନେଇ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଥିବା ବେଳେ କୁନି କୁନି ଛାତ୍ରଛାତ୍ରିଙ୍କୁ ଧୁଧୁଁ ଖରାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଦିନ ୩ଟା ପର୍ଯ୍ୟନ୍ତ ସିଝାଇବା ଘଟଣାକୁ ନେଇ ପୂର୍ବରୁ ବାରମ୍ବାର ଖବର କାଗଜରେ ପ୍ରକାଶ ପାଇବା ଓ ଉକ୍ତ ସମ୍ବେଦନଶୀଳ ଘଟଣାକୁ ୫ମାସ ବିତିବାକୁ ବସିଥିବା ବେଳେ କଟକ ଜିଲ୍ଲା ଶିକ୍ଷା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟନିଷ୍ଠାନ ବଦଳରେ ଉଦାସନତା ମନୋଭାବକୁ ନେଇ ସାଧାରଣରେ ନାନା ପ୍ରଶ୍ନବାଚି ସୃଷ୍ଟି ହୋଇଛି। ଅପର ପକ୍ଷରେ ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଦାୟିତ୍ୱରେ ଥିବା ସି.ଆର୍.ସି.ସି ନରେନ୍ଦ୍ର ସାହୁଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସାଧାରଣରେ ଦାବୀ ଜୋର୍ ଧରିଛି।

## ଗ୍ୟାସ ଟାଙ୍କି ଫାଟି ଜଳିଗଲା ଘର

**ନିଶ୍ଚିନ୍ତକୋଇଲି, ୧୬।୯ (ସଂଚାର ବ୍ୟୁରୋ):** ରୋଷେଇ କରୁଥିଲା ବେଳେ ଅସାବଧାନତା କାରଣରୁ ଗ୍ୟାସ ଟାଙ୍କି ଫାଟି ଏକ ଘର ଜଳି ଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ କେନ୍ଦୁପାଟଣା ଗ୍ରାମପଞ୍ଚାୟତ ରିଷୋ ଗ୍ରାମରେ। ରିଷୋ ଗ୍ରାମର ଲିଲି ସ୍ୱାଇଁ ଆଜି ମଧାହ୍ନରେ ତାଙ୍କ ଘରେ ରୋଷେଇ କାର୍ଯ୍ୟ କରୁଥିଲେ। ଏହି ସମୟରେ ଜାଳେଣି ଗ୍ୟାସ ଟାଙ୍କିରୁ ଗ୍ୟାସ ଲିକ୍ ହେବା ସହ ଟାଙ୍କିଟି ଫାଟି ଯାଇଥିଲା। ଫଳରେ ଲିଲିଙ୍କର ଚାଳଘରଟି ପୋଡି ଯାଇଥିଲା। ସ୍ଥାନୀୟ ଲୋକେ ଓ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ତାଙ୍କର ବହୁ ଆସବାପତ୍ର ଧାନ ଚାଉଳ ପୋଡି ଯାଇଥିବାର ଜଣାଯାଇଛି। ଅଗ୍ନି ବିପନ୍ନ ପରିବାରକୁ ପ୍ରଶାସନ ତରଫରୁ କୌଣସି ସହାୟତା ପ୍ରଦାନ କରାଯାଇ ନଥିବା ଯୋଗୁଁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି।



## ଉତ୍ତରପୂର୍ବ ସମ୍ଭାଗ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ ଉଦ୍‌ଯାପିତ




**ପଟ୍ଟାମୁଣ୍ଡାଇ, ୧୬।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଉତ୍ତରପୂର୍ବ ସମ୍ଭାଗ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ଗତ ୧୨ ତାରିଖରୁ ୧୪ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇ ଉଦଯାପିତ ହୋଇଯାଇଛି । ସମ୍ଭାଗ ସଭାପତି ଶିବ ନାରାୟଣ ସିଂଙ୍କ ପୌରହିତ୍ୟ ରେ ଆୟୋଜିତ ଉଦଯାପନୀ ସମାରୋହରେ ଜିଲ୍ଲା ପ୍ରମୁଖ କପିଳ ଚରଣ ମିଶ୍ର ବିଦ୍ୟାଳୟରେ ଆଧାତ୍ମିକ ପରିବେଶ ସୃଷ୍ଟି ସାମାଜିକ ଚେତନାକେନ୍ଦ୍ର ପ୍ରତିଷ୍ଠାରେ ପ୍ରଧାନ ଆଚାର୍ଯ୍ୟଙ୍କ ଭୂମିକା ସର୍ବୋପରି ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ଓ କ୍ରିୟାନୟୋନ ଉପରେ ଗୁରୁତ୍ୱାରୋପ କରିଥିଲେ । ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କିଶୋର ନାୟକ ସ୍ୱାଗତଭାଷଣ ଓ ସଂଯୋଜକ ତୁଷାର ରଞ୍ଜନ ଦାଶ ଅତିଥି ପରିଚୟ କରିବା ସହ ସମ୍ମିଳନୀର ବୃତ୍ତ ପଠନ କରିଥିଲେ। କ୍ଷେତ୍ର ଅଭିଲେଖାଗାର ପ୍ରମୁଖ ପ୍ରସନ୍ନ କୁମାର ବିଶ୍ୱାଳ ପ୍ରଧାନ ଆଚାର୍ଯ୍ୟମାନେ କୌଣସି ଦିଗରେ କମ ନୁହନ୍ତି ବୋଲି ପ୍ରକାଶ କରିବା ସହିତ ଉତ୍ତମ ଛାତ୍ର ଗଠନରେ ପ୍ରଧାନଆଚାର୍ଯ୍ୟମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ରୀ ଭାରତୀ କୃଷ୍ଣ ଗଣିତ ପ୍ରତିଭା, ପ୍ରାଦେଶିକ ମେଧା ପରୀକ୍ଷାର କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ସମ୍ପାଦକ ଶ୍ରୀଧର ରାଉତ ବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଅବିଭାବକ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଦେଇଥିଲେ ।

## ମଇଁଷି ଚଢ଼ିଯିବାରୁ ଯୁବକର ମୃତ୍ୟୁ

**ରାଜନଗର,୧୬।୯(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବଳରାମପୁର ଗ୍ରାମର ପ୍ରଫୁଲ୍ଲ ପଲାଇଙ୍କ ବଡପୁଅ ନିରଞ୍ଜନ ପଲାଇ (୩୭) ରବିବାର ସନ୍ଧ୍ୟା ବେଳେ ମଇଁଷି ଦୁହିଁବା ସମୟରେ ମଇଁଷି ଚଢ଼ିଯିବାରୁ ତାର ମୃତ୍ୟୁ ହୋଇଯାଇଥିବା କୁହା ଯାଉଛି। ସୋମବାର ଅପରାହ୍ଣରେ ଶବ ସତ୍କାର ହୋଇଛି। ମୃତ ନିରଞ୍ଜନଙ୍କର ଦୁଇଝିଅ ଓ ଗୋଟିଏ ପୁଅ ଥିବାବେଳେ ରୋଗୀଣା ସ୍ତ୍ରୀ ଥିବା ଜଣାପଡ଼ିଛି। ଆକସ୍ମିକ ଦୁର୍ଘଟଣାରେ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହୋଇଛି।

**AFFIDAVIT**

I, Radharani Pothal age about 36 years, W/o Kunja Kishor Bihari, village-Gulnagar, Post - Gulnagar, P.S - Sadar, Kendrapara, Dist - Kendrapara, Pin-754250 states by affidavit no-5348 dt -15-09-25 before executive magistrate kendrapara that I have changed my addhar card name Radharani Bihari, addhar card no-4763 7018 4504. Radharani Pothal changed to Radharani Bihari is one and same person.

● ରାଜ୍ୟ ବିଜେପି ସଭାପତିଙ୍କ ଚାନ୍ଦବାଲି ଗସ୍ତ

# ଓଡ଼ିଶାର ବିକାଶ ପାଇଁ ସରକାର ସଂକଳ୍ପବଦ୍ଧ

■ ବିଭିନ୍ନ ସ୍ଥାନରେ ସ୍ୱାଗତ ଓ ଶୋଭାଯାତ୍ରା

■ ମା' ଭଦ୍ରକାଳୀଙ୍କ ଦର୍ଶନ କଲେ

ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରଥମ ଥର ପାଇଁ ସରକାର ଗଢ଼ିବାର ସୁଯୋଗ ପାଇଥିବା ବିଜେପି ରାଜ୍ୟର ବିକାଶ ପାଇଁ ସଂକଳ୍ପବଦ୍ଧ। ସବୁ ସମସ୍ୟାର ସମାଧାନ କରି ଓଡ଼ିଶାକୁ ୧ ନମ୍ବର କରିବା ସକାଶେ ବିଜେପି ସରକାର ସବାଖବର୍ଦା ଉଦ୍ୟମ କରୁଛନ୍ତି ବୋଲି ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ସେ କହିଛନ୍ତି ଯେ ଚାନ୍ଦବାଲି ଏକ ସମସ୍ୟାବହୁଳ ବିଧାନସଭା କ୍ଷେତ୍ର। ଏଠାରେ ଏବେ ବି ଜଳସେଚନ ସୁବିଧା ନଥିବାରୁ ଚାଷୀମାନେ ସେମାନଙ୍କ ଉଦ୍ୟମ ଅନୁସାରେ ଫଳ ପାଉନାହାନ୍ତି। ତେଣୁ ଏଠାରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ଏଭଳି ସମସ୍ୟା ଦୂର କରାଯିବ। ବିଜେପି ସରକାର ଅମଳରେ ଚାନ୍ଦବାଲିରେ ଯାହାସବୁ ସମ୍ଭାବନା ରହିଛି, ତାହା ପୂରଣ କରାଯିବ କିନ୍ତୁ ଏଥିପାଇଁ ସମସ୍ତଙ୍କର ମିଳିତ ସହଯୋଗ ଜରୁରୀ। ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ। ଲୋକେ ଯେପରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବେନାହିଁ, ସେଥିପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ଏଥିପାଇଁ ଭିତ୍ତିଭୂମିର ବିକାଶ ହେବା ନିର୍ବାଚନ ସମୟରେ ଯାହାସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହାକୁ କ୍ରମେ ପୂରଣ କରାଯାଉଛି। ବିଜେପି ସରକାର ଆଗାମୀ ଦିନରେ ଚାଷୀର ଉନ୍ନତି ପାଇଁ ବ୍ୟାପକ ପଦକ୍ଷେପ ନିଆଯିବ। ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ କୃଷିଭିତ୍ତିକ ଶିଳ୍ପ ସହ ସବୁ ବ୍ଲକରେ ଶୀତଳଭଣ୍ଡାର ସ୍ଥାପନ ଲକ୍ଷ୍ୟ ରହିଛି। ୧୫ ଲକ୍ଷ ହେକ୍ଟରେ ଜମିରେ ଜଳସେଚନର ବ୍ୟବସ୍ଥା ହେବ ବୋଲି ଶ୍ରୀ ସାମଲ କହିଥିଲେ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଜଳଶକ୍ତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ବିଧାୟକ ସାତାଂଶୁ ମହାପାତ୍ର, ସାଂସଦ ଅଭିମନ୍ୟୁ ସେଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଜିଲ୍ଲା ସଭାପତି ଭଗବାନ ପଣ୍ଡାଙ୍କ ସମେତ ଜିଲ୍ଲାସ୍ତରୀୟ ଓ ମଣ୍ଡଳସ୍ତରୀୟ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଚାନ୍ଦବାଲି ବସ୍‌ଷ୍ଟାଣ୍ଡ, ଉଦ୍ୟାନ କଲୋନୀ ସହ ଅଟଳ ପାର୍କ ଶିଳାନ୍ୟାସ, ମେନ୍ ମାର୍କେଟ କମ୍ପ୍ଲେକ୍ସ କୋଠର ଶିଳାନ୍ୟାସ କରାଯାଇଛି। ସଭାପତି ଭାବେ ପୁନର୍ବାର ଦାୟିତ୍ୱ ନେବା ପରେ ଶ୍ରୀ ସାମଲ ଭଦ୍ରକ ଜିଲ୍ଲା ଗସ୍ତରେ ପହଞ୍ଚିବା ପରେ ଏହି ଅବସରରେ ମା' ଭଦ୍ରକାଳୀଙ୍କ ଦର୍ଶନ କରି ରାଜ୍ୟର କଲ୍ୟାଣ କାମନା କରିଛନ୍ତି। ପରେ ସେ ଚାନ୍ଦବାଲିଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ।







ଅନୁଗୁଳର ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା କ୍ଷେତ୍ର ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦଘାଟନ କରୁଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। (୨) ଅନୁଗୁଳ ବର୍ଟରପାଲସ୍ଥିତ ଆଲୁମିନିୟମ ପାର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ।

# ଏନ୍‌ଏସି ଘୋଷଣା ଦାବିରେ ୧୨ ଘଣ୍ଟିଆ ସଇଁତଳା ବନ୍ଦ

ବଲାଙ୍ଗିର,୧୬।୯(ସଂଚାର ବ୍ୟୁରୋ): ସଇଁତଳାକୁ ଏନଏସି ଘୋଷଣା ଦାବି ନେଇ ମଙ୍ଗଳବାର ୧୨ ଘଣ୍ଟିଆ ସଇଁତଳା ବନ୍ଦ ପାଳନ କରାଯାଇଛି। ବିଜେଡି ସରକାର ଅମଳରେ ସଇଁତଳାକୁ ଏନଏସି କରାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଭାଜପା ସରକାର ଆସିବା ପରେ ରାଜ୍ୟରେ ନୂତନ ଏନଏସି ଘୋଷଣା ହୋଇଥିଲେ ମଧ୍ୟ ବଲାଙ୍ଗୀର ଜିଲାର ସଇଁତଳାକୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ସଇଁତଳାକୁ ଏନଏସି ଘୋଷଣା ଦାବି ନେଇ ମଙ୍ଗଳବାର ଦିନ ବିଜେଡି ଦଳ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି। ଦୋକାନ ବଜାର ବନ୍ଦ ଥିବାବେଳେ ରାସ୍ତାରେ ଯାଉଥିବା ଗାଡି ମଟରକୁ ବନ୍ଦ କରୁଥିବା ଦେଖାଯାଇଛି। ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ଜିଲା ପରିଷଦ ପ୍ରମୋଦ ଭୋଇ, ବିଜେଡ଼ି ବ୍ଲକ ସଭାପତି ଟୁନୁ ରାଜପାଲିଆ, ସରପଞ୍ଚ ପୁରୋଷତମ କଲତା, ସଇଁତଳା ସରପଞ୍ଚ ସୁବ୍ରତ ନାଗ, ଅମିତ୍ ରଥ, ବ୍ଲକ ଉପାଧ୍ୟକ୍ଷ ଗୁଣସାହୁ ମାଝି ଓ ଅନ୍ୟମାନେ ଉପସ୍ଥିତ ରହି ଆନ୍ଦୋଳନରେ ସାମିଲ ହୋଇ ଏନଏବ ରାସ୍ତା ଉପରେ ବସି ପ୍ରତିବାଦ ସଭା କରିଥିବା ଦେଖାଯାଇଥିଲା। ଆଗାମୀ ଦିନରେ ରାଜ୍ୟ ସରକାର ସଇଁତଳାକୁ ଏନଏସି ଘୋଷଣା ନ କଲେ ଆନ୍ଦୋଳନ ଭୟାବହ ହେବ ବୋଲି ବିଜେଡ଼ି ନେତାମାନେ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

# ବିଶ୍ୱ ଓଜୋନ୍ ଦିବସ ପାଳିତ

ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଅନ୍ତର୍ଜାତୀୟ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇଛି। ଏହି ଅବସରରେ ମାଲକୋର ଅବସରପ୍ରାପ୍ତ ସାଧାରଣ ପ୍ରବନ୍ଧକ ତଥା ଗବେଷକ ବିଜ୍ଞାନୀ ଡଃ ଚିତ୍ତରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରା ଓ ଜେନ ସ୍ତର ଉପରେ ପଡୁଥିବା ଏହାର କୁପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ତଥ୍ୟ ମାଧ୍ୟମରେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ। ଏଥିପ୍ରତି ସଚେତନ ନ ରହିଲେ ଭବିଷ୍ୟତରେ ଏହାର କୁପରିଣାମ ବିଶ୍ୱବାସୀଙ୍କ ଉପରେ ପଡ଼ିବା ନେଇ ସୂଚନା ଦେବା ସହ ଏହାକୁ ପ୍ରତିହତ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ସେହିଭଳି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା, ପ୍ରତିଷ୍ଠାନର କୁଳପତି ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ ଯୋଗଦେଇ ପରିବେଶ ସୁରକ୍ଷା ଓ ସବୁଜିମା ପରିସର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଉପଲକ୍ଷେ ପ୍ରତିଷ୍ଠାନ ପରିସରରେ ଔଷଧୀୟ ବୃକ୍ଷ ସହ ବିଭିନ୍ନ ପ୍ରଜାତି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

● ପାଞ୍ଚଦିନିଆ କର୍ମଶାଳା ଉଦ୍‌ଘାଟିତ

# ସାଇବର୍ ଅପରାଧ ସଚେତନତା ପାଇଁ ପ୍ରୟାସ




ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ): ଓକାକ୍ ପରିସରରେ ଆଜିଠାରୁ ଏକ ପାଞ୍ଚଦିନିଆ ସାଇବର ସୁରକ୍ଷା ଏବଂ ସୁରକ୍ଷିତ ପ୍ରଶାସନ ଓ ସାଇବର ସିକ୍ୟୁରିଟି ସଚେତନତା କର୍ମଶାଳା ଆରମ୍ଭ ହୋଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାରେ ସାମ୍ପ୍ରତିକ ସମୟରେ ବଢ଼ିଚାଲିଥିବା ସାଇବର୍ ଅପରାଧରୁ ସରକାରୀ ବୃତ୍ତିଧାରୀ ଓ ବୈଷୟିକ ଅଧିକାରୀମାନେ କିପରି ନିଜକୁ ଓ ନିଜ ସଂସ୍ଥାକୁ ସୁରକ୍ଷା ଦେଇପାରିବେ, ସେଥିସକାଶେ ସଚେତନତା ସୃଷ୍ଟି କରାଯିବ। ଏହି କର୍ମଶାଳାର ଆୟୋଜନ ଅଆଣ୍ଡ୍‌ଆଇଟି ବିଭାଗ, ଓକାକ, ସୂଚନା ସୁରକ୍ଷା ଶିକ୍ଷା ଓ ସଚେତନତା (ଆଇଏସ୍‌ଇଏ) ପ୍ରକଳ୍ପ, ସେଣ୍ଟର ଫର୍ ଡେଭଲପମେଣ୍ଟ ଅଫ୍ ଆଡଭାନ୍ସଡ କମ୍ପ୍ୟୁଟିଂ (ସିଡିଏସି) ଏବଂ ଆଇଆଇଆଇଟି, ଭୁବନେଶ୍ୱର ମିଳିତ ଭାବେ କରିଛନ୍ତି। ଏହି କର୍ମଶାଳାରେ ଭାଗ ନେଇଥିବା ବ୍ୟକ୍ତିବିଶେଷମାନଙ୍କୁ ସାଇବର ବିପଦ ଓ ଦୁର୍ବଳତା ସମ୍ପର୍କରେ ବିସ୍ତୃତ ଧାରଣା ଦେବା, ସୁରକ୍ଷିତ ଇଣ୍ଟରନେଟ ଓ ମୋବାଇଲ ବ୍ୟବହାର ପାଇଁ ସର୍ବୋତ୍ତମ ପନ୍ଥା ଜଣାଇବା, ସିସିଟିଭି ଓ ନେଟୱାର୍କ ସୁରକ୍ଷା ନିରୀକ୍ଷଣ ଓ କ୍ରମାଗତ ତନଖି ପାଇଁ ଢାଞ୍ଚା ସମ୍ପର୍କିତ ଜ୍ଞାନ, ସାଇବର ଆଇନ ଓ ଆଇନଗତ ସୁରକ୍ଷା, ବିପଦ ଚିହ୍ନଟ ଓ ଅଘଟଣ ପରବର୍ତ୍ତୀ ତୁରନ୍ତ ପ୍ରତିକ୍ରିୟା ଉପରେ ବ୍ୟାବହାରିକ ଜ୍ଞାନ, ସାଇବର ଦୃଢ଼ତା ପାଇଁ ସାଙ୍ଗଠନିକ ଓ ବ୍ୟକ୍ତିଗତ କ୍ଷମତା ନିର୍ମାଣ ଇତ୍ୟାଦି ପ୍ରମୁଖ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଭୁବନେଶ୍ୱର ଆଇଆଇଆଇଟି ପ୍ରଫେସର ଦେବାଶିଷ ଜେନା ସ୍ୱାଗତ ଭାଷଣ ଦେଇ କର୍ମଶାଳାର ବ୍ୟାପକ ଲକ୍ଷ୍ୟ ଓ ଅଂଶଗ୍ରହଣକାରୀ ପ୍ରତିଷ୍ଠାନମାନଙ୍କ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କର୍ମଶାଳା ସଚେତନତା ସୃଷ୍ଟି କରିବା, ସୁରକ୍ଷା ବ୍ୟବସ୍ଥା ଏବଂ ନିଜକୁ ଓ ସମାଜକୁ ସୁରକ୍ଷିତ ରଖିବା ପାଇଁ ଜ୍ଞାନ ବୃଦ୍ଧି କରିବା ଦିଗରେ ସହାୟକ ହେବ ବୋଲି କହିଥିଲେ। ସାଇବର ସୁରକ୍ଷା କେବଳ ଏକ ପ୍ରଯୁକ୍ତିଗତ ବିଷୟ ନୁହେଁ; ଏହା ନୈତିକ ଦାୟିତ୍ୱ ମଧ୍ୟ। ନିଜ ସୂଚନାକୁ ସୁରକ୍ଷିତ ରଖିବା, ନିୟମିତ ପାସୱାର୍ଡ ପରିବର୍ତ୍ତନ କରିବା, ସନ୍ଦିଗ୍ଧ ଇମେଲ୍ ଓ ଲିଙ୍କ୍‌ରୁ ସାବଧାନ ରହିବା ଭଳି ଛୋଟ ଛୋଟ ପଦକ୍ଷେପ ମଧ୍ୟ ବଡ଼ ଦୁର୍ଘଟଣାକୁ ରୋକିପାରେ ବୋଲି କହିଥିଲେ। ସାଇବର ଅପରାଧ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ବାସ୍ତବ ଉଦାହରଣ ଦେଇ ଆଇଆଇଆଇଟି, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଆଶିଷ ଘୋଷ ସାଇବର ସୁରକ୍ଷା ଓ ତତ୍ ସମ୍ପର୍କିତ ଶିକ୍ଷାଲାଭର ଗୁରୁତ୍ୱ ବିଶେଷକରି ଏ ସମ୍ପର୍କୀୟ ସଚେତନତାର ଆବଶ୍ୟକତା ଉପରେ ବ୍ୟାଖ୍ୟା କରିଥିଲେ। ଶେଷରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଡକ୍ଟର ପ୍ରଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# କଟକରେ ଏସ୍‌ଡିପି କାର୍ଯ୍ୟକାରୀ ନେଇ ମୁଖ୍ୟ ସଚିବଙ୍କ ବୈଠକ




ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): କଟକରେ ପ୍ରସ୍ତାବିତ ସ୍ୱତନ୍ତ୍ର ଉନ୍ନୟନ ପ୍ରକଳ୍ପ (ଏସ୍‌ଡିପି) ର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଲୋକସେବା ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସମେତ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ କଟକ ଓଏମ୍‌ପି ଛକର ବିକାଶ ପାଇଁ ସେଠାରେ ଭେଣ୍ଡିଂ ଜୋନ, ଆଇଟି ପାର୍କ ଓ କନଭେନ୍‌ସନ ସେଣ୍ଟର ନିର୍ମାଣ ଦିଗରେ ପଦକ୍ଷେପ, ରାଣୀହାଟ ଛକର ବିକାଶ ପାଇଁ ଚିହ୍ନିତ ସ୍ଥାନରେ ଦୋକାନ ଗୃହ, ସରକାରୀ ବାସଗୃହ ଓ ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଡିଜାଇନ୍ ଚୂଡ଼ାନ୍ତ କରାଯିବା, ଖପୁରିଆସ୍ଥିତ ସରକାରୀ ପ୍ରେସ୍ ନିକଟରେ ଉପଲବ୍ଧ ଜମିର ଉନ୍ନତିକରଣ ପାଇଁ ଆବଶ୍ୟକ ରାସ୍ତା ଓ ଡଃ ହରେକୃଷ୍ଣ ମହତାବ ପ୍ରତିମୂର୍ତ୍ତି ନିକଟରେ ବଗିଚା ନିର୍ମାଣ ଓ ଭେଣ୍ଡିଂ ଜୋନ ଏବଂ ସତ୍ୟଭାମାପୁରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ସମନ୍ୱିତ ବିକାଶ ଦିଗରେ ପଦକ୍ଷେପ ନିଆଯିବା ଉପରେ ଆଲୋଚନା ହୋଇଛି। ଏହାଛଡ଼ା ତ୍ରିଶୂଳିଆ ଛକରୁ ବାରଙ୍ଗ ଦେଇ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପୂର୍ବକ ଉନ୍ନତିକରଣ ପାଇଁ ପ୍ରସ୍ତାବ କାର୍ଯ୍ୟକାରୀ ଉପରେ ମଧ୍ୟ ଆଲୋଚନା ହୋଇଛି।

ଆହୁରି ମହାନଦୀରେ ଏକ ବ୍ୟାରେଜ ନିର୍ମାଣ ପ୍ରସ୍ତାବ ଉପରେ ବି ଆଲୋଚନା ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ, ଶିଳ୍ପ ପାଇଁ ଜଳର ଆବଶ୍ୟକତା, ପାନୀୟ ଜଳ ଓ ଜଳସେଚନ ପାଇଁ ଜଳର ଉପଲବ୍ଧତାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତି, ବଡ଼ମ୍ବାରେ ଚିନିକଳ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି, ନୂଆପାଟଣାଠାରେ ହସ୍ତତନ୍ତ ପ୍ରକଳ୍ପର ଅଗ୍ରଗତି, ଭଗତପୁର ସୂତା କଳର ପୁନରୁଦ୍ଧାର, କଟକର ଓ୍ୱେଲସ୍ପନ ଟେକ୍ସଟାଇଲ୍ସ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, କଟକ-ବାଙ୍କୀ, ଆଠଗଡ଼ ଓ କଟକର ବିଭିନ୍ନ ସ୍ଥାନରେ ଶୀତଳଭଣ୍ଡାର ସ୍ଥାପନ, ନରାଜଠାରେ ଭୂମି ବିକାଶ ଯୋଜନା, ଜିଲ୍ଲାର ବିଭିନ୍ନ ସ୍ଥାନରେ ଏମ୍‌ଏସ୍‌ଏମ୍‌ଇ ପାର୍କ ନିର୍ମାଣ ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ପାର୍ବଣ ଋତୁ ପାଇଁ ପୂର୍ବତଟ ରେଳପଥର ଘୋଷଣା

# ଚାଲିବ ୨ଟି ଅତିରିକ୍ତ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): ଆରାମଦାୟକ ଯାତ୍ରା ସୁନିଶ୍ଚିତ କରିବା ଓ ପାର୍ବଣ ଋତୁରେ ଯାତ୍ରୀଙ୍କ ଅତିରିକ୍ତ ଭିଡ଼ ପରିଚାଳନା ପାଇଁ ଭାରତୀୟ ରେଳବାଇ ଦୁଇଟି ଅତିରିକ୍ତ ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି। ଏହି ଦୁଇଟି ଟ୍ରେନ୍ ସମ୍ବଲପୁର-ଇରୋଡ୍-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ (୦୮୩୧୧/୦୮୩୧୨) ଓ ନୂତନ ତିନ୍‌ସୁକିଆ-ଏସ୍‌ଏମ୍‌ଭି ବେଙ୍ଗାଲୁରୁ-ନୂତନ ତିନସୁକିଆ ସ୍ୱତନ୍ତ୍ର ଟ୍ରେନ୍ (୦୫୯୫୨/୦୫୯୫୧)।

ଟ୍ରେନ ନମ୍ବର ୦୮୩୧୧ ସମ୍ବଲପୁର-ଇରୋଡ୍ ସାପ୍ତାହିକ ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ ଆସନ୍ତା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ପ୍ରତି ବୁଧବାର ପୂର୍ବାହ୍ଣ ୧୧.୩୫ରେ ସମ୍ବଲପୁରରୁ ଛାଡ଼ିବ। ସେହିପରି ଟ୍ରେନ ନମ୍ବର ୦୮୩୧୨ ଇରୋଡ୍-ସମ୍ବଲପୁର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ପ୍ରତି ଶୁକ୍ରବାର ଅପରାହ୍ଣ ୨ଟା ୪୫ ମିନିଟ୍‌ରେ ଇରୋଡ୍ ଛାଡ଼ିବ। ସେହିପରି ପୂର୍ବତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକର ରହଣି ବରଗଡ ରୋଡ୍, ବଲାଙ୍ଗିର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, ପାର୍ବତୀପୁରମ୍, ବବିଲି, ବିଜୟନଗରମ୍, କୋଟ୍ଟାଭାଲାସା ଓ ଦୁଭଡ୍ଡାଡା ଧାର୍ଯ୍ୟ ହୋଇଛି। ଏହି ଟ୍ରେନ୍‌ରେ ଗୋଟିଏ ଦ୍ୱିତୀୟ ଏସି, ୩ଟି ତୃତୀୟ ଏସି, ୯ଟି ସ୍ଲିପର କ୍ଲାସ୍, ୪ଟି ଜେନେରାଲ୍ ଦ୍ୱିତୀୟ କ୍ଲାସ୍, ୨ଟି ଦ୍ୱିତୀୟ ଶ୍ରେଣୀ ଲଗେଜ୍-ଦିବ୍ୟାଙ୍ଗଜନ କୋଚ୍ ଓ ଗୋଟିଏ ପ୍ୟାଣ୍ଟ୍ରି କାର୍ ଉପଲବ୍ଧ ରହିଛି।

ଅନ୍ୟପକ୍ଷରେ ଟ୍ରେନ୍ ନମ୍ବର ୦୫୯୫୨ ନୂତନ ତିନସୁକିଆ-ଏସ୍‌ଏମ୍‌ଭିଟି ବେଙ୍ଗାଲୁରୁ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ଅକ୍ଟୋବର ୩୦ ତାରିଖ ପର୍ଯ୍ୟନ୍ତ ପ୍ରତି ଗୁରୁବାର ସନ୍ଧ୍ୟା ୬ଟା ୪୫ ମିନିଟ୍‌ରେ ନୂତନ ତିନସୁକିଆରୁ ଛାଡ଼ିବ। ଟ୍ରେନ୍ ନମ୍ବର ୦୫୯୫୧ ଏସ୍‌ଏମ୍‌ଭି ବେଙ୍ଗାଲୁରୁ-ନୂତନ ତିନସୁକିଆ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ୍ ପ୍ରତି ରବିବାର ରାତି ୧୧ଟା ୫୦ ମିନିଟ୍ ସମୟରେ ଏସ୍‌ଏମ୍‌ଭି ବେଙ୍ଗାଲୁରୁରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଛାଡ଼ିବ। ପୂର୍ବତଟ ରେଳପଥ ପରିସୀମାରେ ସ୍ୱତନ୍ତ୍ର ଟ୍ରେନ୍‌ଗୁଡିକର ରହଣି ଭଦ୍ରକ, ଯାଜପୁର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ, ବ୍ରହ୍ମପୁର, ପଲାସା, ଶ୍ରୀକାକୁଲମ୍ ରୋଡ୍, ଚିପୁରୁପାଲି, ବିଜୟନଗରମ୍, କୋଟ୍ଟାଭାଲାସା ଓ ଦୁଭଡ୍ଡାଡାରେ ସ୍ଥିର ହୋଇଛି। ଉକ୍ତ ଯୋଡ଼ା ଟ୍ରେନ୍‌ରେ ୨ଟି ତୃତୀୟ ଏସି, ୧୬ଟି ସ୍ଲିପର୍ କ୍ଲାସ କୋଚ୍, ବ୍ରେକ୍ ଭ୍ୟାନ୍ ସହ ୨ଟି ଦ୍ୱିତୀୟ ଶ୍ରେଣୀ ଓ ଲଗେଜ୍ କୋଚ୍ ରହିବ। ପର୍ବପର୍ବାଣୀର ଚାହିଦା ଓ ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଟ୍ରେନ୍ ସେବାଗୁଡ଼ିକ ବ୍ୟବସ୍ଥା କରାଯାଇଥିବା ବେଳେ ଏହା ପୂର୍ବତଟ ରେଳବାଇ ଜୋନ୍‌ର ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ରହଣି କରିବ ବୋଲି ସୂଚନା ଦିଆଯାଇଛି।

# ୩୪ ରନ୍ଧନ ଗ୍ୟାସ ଜବତ କଲା ଯୋଗାଣ ବିଭାଗ



ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସ କଳାବଜାରୀ ରୋକିବା ସକାଶେ ଚଢ଼ାଉ କରାଯାଇଛି। ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ନେତୃତ୍ୱରେ ଯୋଗାଣ ଅଧିକାରୀମାନେ ବିଭିନ୍ନ ଅଞ୍ଚଳରେ ଘରୋଇ ରନ୍ଧନ ଗ୍ୟାସର କଳାବଜାରୀଙ୍କ ଉପରେ ଚଢ଼ାଉ କରି ୩୪ଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରିଛନ୍ତି। ବିଭିନ୍ନ ସମୟରେ ଏହା ଉପରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ଯୋଗାଣ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ଅତିରିକ୍ତ ଯୋଗାଣ ଅଧିକାରୀ ରୋହିତ କୁମାର ଦାସ, ଯୋଗାଣ ନିରୀକ୍ଷକ ଦୀପ୍ତି ରଞ୍ଜନ ଇନ୍ଦ୍ରସିଂ, ଯତୀନ କୁମାର ରାଉତ ଓ ଅଲିଭା ଦାଶ ସହଯୋଗ କରିଥିଲେ।

# ଡବଲ ଇଞ୍ଜିନ ସରକାର ଆଦିବାସୀବିରୋଧୀ: କଂଗ୍ରେସ

ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ) ଆଜି କଂଗ୍ରେସ ଭବନଠାରେ କଂଗ୍ରେସ ମିଡିଆ ସେଲ ପକ୍ଷରୁ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଡବଲ୍ ଇଞ୍ଜିନ୍ ସରକାରକୁ ଟାର୍ଗେଟ୍ କରାଯାଇଛି। ଲକ୍ଷ୍ମୀପୁର କଂଗ୍ରେସ ଯୁବ ବିଧାୟକ ପବିତ୍ର ସାଉଁନ୍ତା ଅଭିଯୋଗ କରିଛନ୍ତି ଯେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଦେଶର ରାଷ୍ଟ୍ରପତି ଆଦିବାସୀ ସମ୍ପ୍ରଦାୟ ସହ ଜଡ଼ିତ। ତେଣୁ ରାଜ୍ୟର ଦୁଇ ଦୁଇ ଜଣ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଥିବାରୁ ଏଥର ରାଜ୍ୟ ଆଦିବାସୀ ନ୍ୟାୟ ପାଇବେ ବୋଲି ଏକ ଆଶା ଜାଗ୍ରତ ହୋଇଥିଲା। କିନ୍ତୁ ଦୁଃଖର ବିଷୟ ଯେ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ସରକାର ସେମାନଙ୍କ ମୌଳିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟର



ଡବଲ ଇଞ୍ଜିନ ସରକାର ଆଦିବାସୀବିରୋଧୀ ବୋଲି ଏକ ଧାରଣା କ୍ରମଶଃ ଦୃଢ଼ ହେଉଛି ବୋଲି ଶ୍ରୀ ସାଉନ୍ତା କହିବା ସହ ବିଜେପି ସରକାର କ୍ଷମତାକୁ ଆସିବା ପରେ ଶିକ୍ଷାନୀତିକୁ ବଦଳାଇ ଶିକ୍ଷା କ୍ଷେତ୍ରରେ ପାତରଅନ୍ତର କରୁଥିବା ଅଭିଯୋଗ କରିଛନ୍ତି। ରାଜ୍ୟର ପାଖାପାଖି ୫ ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରାକ୍-ମାଟ୍ରିକ ବୃତ୍ତିରୁ କେଉଁ ଆଧାରରେ ଦୀର୍ଘ ୫ ମାସ ହେଲା ବଞ୍ଚିତ କରାଯାଇଛି, ସରକାର ତା'ର ଜବାବ ଦେବା ଦରକାର ବୋଲି ସେ କହିଛନ୍ତି। ବୃତ୍ତି ବନ୍ଦ ହେବା ଫଳରେ ଗରିବ ଆଦିବାସୀ ପିଲା କଷ୍ଟରେ କାଳାତିପାତ କରୁଛନ୍ତି। ତେଣୁ ସରକାର ତୁରନ୍ତ ବୃତ୍ତି ପ୍ରଦାନ କରିବା ସହ କ୍ଷତିଗ୍ରସ୍ତ ହୋଇଥିବା ସାଢ଼େ ୫ ଲକ୍ଷ ଆଦିବାସୀ ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିଶ୍ଚିତ କରିବା ସକାଶେ ଶ୍ରୀ ସାଉନ୍ତା ଦାବି କରିଛନ୍ତି। ଏହା ନ ହେଲେ ଆଗାମୀ ବିଧାନସଭା ଅଧିବେଶନରେ କଂଗ୍ରେସ ସ୍ୱର ଉତ୍ତୋଳନ କରିବ ବୋଲି ମଧ୍ୟ ସେ କହିଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି ଯେ ସୁନ୍ଦରଗଡ଼ ଜିଲ୍ଲାରେ ଗଣଶିକ୍ଷା ବିଭାଗ ଅଧୀନରେ ୨୮୭ଟି ଛାତ୍ରବାସରେ ୨୮ ହଜାର ଅନୁସୂଚିତ ଜାତି ଓ ଆଦିବାସୀ ବର୍ଗର ଛାତ୍ର ଛାତ୍ରୀମାନେ ରହୁଛନ୍ତି। ଏହାଛଡ଼ା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଓ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୩୮ ଛାତ୍ରାବାସରେ ୨୫ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। କିନ୍ତୁ ସେମାନଙ୍କୁ ଗତ ଏପ୍ରିଲଠାରୁ ଆଜି ପର୍ଯ୍ୟନ୍ତ ଛାତ୍ରବୃତ୍ତି ମିଳିନାହିଁ। ସରକାର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଯଥେଷ୍ଟ କମ୍ ବୃତ୍ତି ପ୍ରଦାନ କରୁଥିବାରୁ ତାହା ସେମାନଙ୍କ ପାଇଁ ଯଥେଷ୍ଟ ହେଉନାହିଁ। ତେଣୁ ସେମାନଙ୍କ ବୃତ୍ତି ପରିମାଣ ବୃଦ୍ଧି ସହ ତୁରନ୍ତ ବକେୟା ବୃତ୍ତି ପ୍ରଦାନ ଦିଗରେ ପଦକ୍ଷେପ ନେବା ସକାଶେ ଶ୍ରୀ ମହାନ୍ତି ଦାବି କରିଛନ୍ତି।

# ଆଜି ଏୟାରପୋର୍ଟରେ ଯାତ୍ରୀ ଦିବସ

ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ) : ଦେଶର ସମସ୍ତ ଏୟାରପୋର୍ଟରେ ପାଳନ ହେବ ଯାତ୍ରୀ ଦିବସ । ଆସନ୍ତାକାଲି ସର୍ବ ଭାରତୀୟ ସ୍ତରରେ ଯାତ୍ରୀ ସେବା ଦିବସ ପାଳନ କରାଯାଉଛି। ଦେଶର ସମସ୍ତ ଏୟାରପୋର୍ଟରେ ଏହା ପାଳନ ହେବ। ଭୁବନେଶ୍ୱର ବିମାନବନ୍ଦରରେ ପାଳନ ହେବାର କାର୍ଯ୍ୟକ୍ରମ ରହିଛି। ବିମାନ ବନ୍ଦରରେ ଯାତ୍ରୀଙ୍କୁ ସଠିକ ସୁବିଧା ସୁଯୋଗ ମିଳୁଛି ନା ନାହିଁ ତାହା ତଦାରଖ କରିବାକୁ ଜଣେ କର୍ତ୍ତୃପକ୍ଷ ଆସିଛନ୍ତି। ଯାତ୍ରୀ ସେବା ଦିବସ ଉପଲକ୍ଷେ ପ୍ରଥମ ଫ୍ଲାଇଟରେ ଦିଲ୍ଲୀରୁ ଆସୁଥିବା ସମସ୍ତ ଯାତ୍ରୀଙ୍କୁ ପାରମ୍ପରିକ ଓଡ଼ିଆ ଢଙ୍ଗରେ ସ୍ୱାଗତ କରାଯିବ । ଓଡିଶୀ ଏବଂ ସମ୍ବଲପୁରୀ ନୃତ୍ୟ ତାଳେ ତାଳେ ତାଙ୍କୁ ସ୍ୱାଗତ କରାଯିବ । ଏହା ସହ ବୃକ୍ଷ ରୋପଣ, ବୟସ୍କ ଯାତ୍ରୀଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ହେଲଥ କ୍ୟାମ୍ପ, ଅଟୋ ଏବଂ ଟ୍ୟାକ୍ସି ଡ୍ରାଇଭରଙ୍କ ପାଇଁ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯିବ। ସକାଳ ୭ଟାରୁ ଆରମ୍ଭ ହୋଇ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଏୟାରପୋର୍ଟ ଡିରେକ୍ଟର ।




# ସାହିତ୍ୟିକ ସୁଖେନ୍ଦୁ ମୋହନ ଦାସଙ୍କ ଦେହାନ୍ତ

## ପୁରୀ ସ୍ୱର୍ଗଦ୍ୱାରରେ ହେଲା ଶେଷକୃତ୍ୟ ସମ୍ପନ୍ନ



ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ): ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ଦେହାନ୍ତ ହୋଇଛି। ୯୬ ବର୍ଷ ବୟସରେ ପୁରୁଣା ଭୁବନେଶ୍ୱର ସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ସୁଖେନ୍ଦୁ ମୋହନ। ବିଶେଷ କରି ଓଡ଼ିଆ ଭାଷାରୁ ବଙ୍ଗଳା ଓ ବଙ୍ଗଳା ଭାଷାରୁ ଓଡ଼ିଆକୁ ଅନୁବାଦ କରିବାରେ ସିଦ୍ଧହସ୍ତ ଥିଲେ ସୁଖେନ୍ଦୁ ମୋହନ। ସେ ପ୍ରଖ୍ୟାତ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ରଙ୍କ ଘରଡିହ ଉପନ୍ୟାସର ବେଙ୍ଗଲୀ ରୂପାନ୍ତର ଭିଟେ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ । ଏହା ବ୍ୟତୀତ ରାମାୟଣ କଥା, ମହାଭାରତର କଥା, ରବୀନ୍ଦ୍ର କବିତା ଚୟନ ଆଦି ୧୦ ଖଣ୍ଡ ପୁସ୍ତକର ରଚନା କରିଛନ୍ତି। ଶ୍ରୀଅରବିନ୍ଦଙ୍କ ଅନୁରାଗୀ ସ୍ୱର୍ଗତ ଦାସଙ୍କୁ ଧର୍ମ ପୁସ୍ତକର ଅନୁବାଦ ପାଇଁ ରାଜଧାନୀ ପୁସ୍ତକମେଳା ପୁରସ୍କାର ମିଳିଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବେଦାନ୍ତ ଦକ୍ଷତା ତାଲିମ କେନ୍ଦ୍ରରେ ଏଫ୍‌ଆଣ୍ଡ୍‌ବି ତାଲିମ୍ ସମାପ୍ତ

■ ୯୩ ପ୍ରତିଶତ ନିଯୁକ୍ତି ସୁଯୋଗ ସୁରକ୍ଷିତ

■ ସ୍ଥାୟୀ ଜୀବିକା ପଥ ପ୍ରଶସ୍ତ କରିଛନ୍ତି ୨୭ ଯୁବକ

ଲାଞ୍ଜିଗଡ଼,୧୬।୯(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଭବାନୀପାଟଣାରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ୨୧ତମ ଖାଦ୍ୟ ଓ ପାନୀୟ (ଏଫ୍‌ଆଣ୍ଡ୍‌ବି) ତାଲିମ ସଫଳତାର ସହ ସମାପ୍ତ କରିବା ସହ ପ୍ରଭାବଶାଳୀ ୯୩ ପ୍ରତିଶତ ନିଯୁକ୍ତିହାର ହାସଲ କରିଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ସହ ମିଳିତ ଭାବେ ପରିଚାଳିତ ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଯୁବକଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ଦେବା ସହ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ଓ ସମଗ୍ର ଅଞ୍ଚଳରେ ସାମଗ୍ରିକ ଓ ତୃଣମୂଳ ସ୍ତରୀୟ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏହି ସଫଳତା ଆନନ୍ଦ ପ୍ରକାଶ କରିବା ସହ ବେଦାନ୍ତ ଆଲୁମିନା (ବ୍ୟବସାୟ)ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ଦକ୍ଷତା ଆତ୍ମନିର୍ଭରଶୀଳତାର ମୂଳଦୁଆ। ଏହିଭଳି ପଦକ୍ଷେପଗୁଡ଼ିକ ଗ୍ରାମୀଣ ସମ୍ଭାବନା ଓ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରିଥାଏ। ଏଥିସହ ଏହା ସ୍ଥାନୀୟ ଯୁବପିଢ଼ି ପାଇଁ ସ୍ଥାୟୀ ଜୀବିକା ନିର୍ବାହର ପଥ ସୃଷ୍ଟି କରିଥାଏ। ଯୁବପିଢ଼ି ସଠିକ୍ ଦକ୍ଷତା ଓ ଅଭିଜ୍ଞତା ପାଇବା ଫଳରେ ପରିବାର, ସମ୍ପ୍ରଦାୟ ଓ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ଏହି ଉଲ୍ଲେଖନୀୟ ନିଯୁକ୍ତିହାର ମାଇଲଖୁଣ୍ଟ କଳାହାଣ୍ଡିରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯାହା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ କମ୍ପାନୀର ଦୃଢ଼ ସହଯୋଗ ଦ୍ୱାରା ଜୀବିକା ବୃଦ୍ଧି କରିବା ଏବଂ ଗ୍ରାମୀଣ ଯୁବପିଢ଼ି ପାଇଁ ନୂତନ ସୁଯୋଗ ଖୋଲିବା ପାଇଁ ସକ୍ଷମ ହୋଇଛି ବୋଲି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଛନ୍ତି।



ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ ପଦକ୍ଷେପ ଓଏସ୍‌ଡିଏ ଓ ନାବାର୍ଡ ସହ ମିଳିତ ଭାବେ ତିନି ବର୍ଷ ମଧ୍ୟରେ ୧୨ ଶହରୁ ଉର୍ଦ୍ଧ୍ୱ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏହା ଏକ ଦ୍ୱିମୁଖୀ ପଦ୍ଧତି ଯାହାର ବ୍ୟବହାର ମାଧ୍ୟମରେ ତାଲିମ ସହ ଉଦ୍ୟୋଗୀ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବ। ଅଦ୍ୟାବଧି ଏହି ପଦକ୍ଷେପ ଅଧୀନରେ ୭୫୦ରୁ ଉର୍ଦ୍ଧ୍ୱ ଯୁବକଙ୍କୁ ତାଲିମ ଦିଆଯାଇଛି। ଏହାଦ୍ୱାରା ପ୍ରାର୍ଥୀମାନେ ଜୀବିକା ସୁରକ୍ଷିତ କରିବା ସହ ସେମାନଙ୍କ ପରିବାର ଆୟକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# ପାକିସ୍ତାନକୁ ପଡ଼ିଆ ପୀଡ଼ା

ସାମ୍ପ୍ରତି ୟୁଏଇଠାରେ ଭାରତ ସମେତ ଏସିଆ ମହାଦେଶର ୮ଟି ଦେଶକୁ ନେଇ ଏସିଆନ୍ କ୍ରିକେଟ୍ କାଉନ୍ସିଲ୍ (ଏସିସି) ପକ୍ଷରୁ ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି। ଏଥିରେ ଭାରତ ଅଦ୍ୟାବଧି ଦୁଇଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇସାରିଛି। ତେବେ ପୂର୍ବ ଏସିଆ କପ୍ ସଂସ୍କରଣ ତୁଳନାରେ ଚଳିତ ଥରର ପ୍ରତିଯୋଗିତା କିଛି ଭିନ୍ନ କାରଣ ପାଇଁ ଚର୍ଚ୍ଚାର ପରିସରରେ ରହିଛି। ଗତ ଏପ୍ରିଲ୍ ୨୨ ତାରିଖରେ ପାକିସ୍ତାନ ସମର୍ଥିତ ଆତଙ୍କୀମାନେ କଶ୍ମୀରର ପହଲଗାମ୍‌ରେ ଯେପରି ବର୍ବର କାଣ୍ଡ ଘଟାଇଲେ, ତାହାକୁ କେନ୍ଦ୍ର କରି ଚଳିତ ପ୍ରତିଯୋଗିତାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌କୁ ସେତେଟା ଜନସମର୍ଥନ ମିଳିନଥିଲା। ଭାରତୀୟ ସମର୍ଥକମାନେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ ଟୁର୍ଣ୍ଣାମେଣ୍ଟରୁ ଓହରିଆସୁ ବୋଲି ଚାହୁଁଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିସିସିଆଇ ଏପରି ନିଷ୍ପତ୍ତିରୁ ଓହରିଯାଇଥିଲା, ଯାହାକୁ ସାଧାରଣରେ କଡ଼ା ସମାଲୋଚନା କରାଯାଇଛି। କିନ୍ତୁ ଗତ ୧୪ ତାରିଖରେ ଭାରତ ପାକିସ୍ତାନ ସହ ମୁକାବିଲା କରିବା ସହ ଯେଉଁ ତରିକାରେ ମ୍ୟାଚ୍ ଜିତିଲା ଓ ମ୍ୟାଚ୍ ପରବର୍ତ୍ତୀ ସମୟରେ ଯେପରି ଆଚରଣ ପ୍ରଦର୍ଶନ କଲା, ତାହାକୁ ସମସ୍ତେ ପ୍ରଶଂସା କରିଛନ୍ତି। ଗୋଟିଏ ପଟେ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଜବରଦସ୍ତ ବିଜୟ ହାସଲ କଲା। ଅଧିକନ୍ତୁ ମ୍ୟାଚ୍ ପୂର୍ବରୁ ଓ ପରେ ଦଳର କୌଣସି ଖେଳାଳି ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ ପାରମ୍ପରିକ କରମର୍ଦ୍ଦନ ଔପଚାରିକତା ମଧ୍ୟ ପୂରଣ କରିନଥିଲେ। ମ୍ୟାଚ୍ ପୂର୍ବରୁ ଟସ୍ ସମୟରେ ଉଭୟ ଦଳର ଅଧିନାୟକ କରମର୍ଦ୍ଦନ କରି ପରସ୍ପରକୁ ଶୁଭେଚ୍ଛା ଜଣାଇବାର ପରମ୍ପରା ରହିଥିଲେ ହେଁ ଆଲୋଚ୍ୟ ମ୍ୟାଚ୍‌ରେ ସୂର୍ଯ୍ୟକୁମାର ପାକିସ୍ତାନ ଦଳର ଅଧିନାକ ସଲମାନ୍ ଆଗାଙ୍କ ସହ ହାତ ମିଳାଇନଥିଲେ କି ତାଙ୍କ ଆଡ଼କୁ ଚାହିଁ ବି ନଥିଲେ। ସେହିପରି ସୂର୍ଯ୍ୟକୁମାର ମ୍ୟାଚ୍ ପରେ




ବି ପାକିସ୍ତାନ ଖେଳାଳିଙ୍କ ଘା’ରେ ଲୁଣ ପକାଇବାକୁ ପଛାଇନଥିଲେ। ସେ ବିଜୟସୂଚକ ଛକା ମାରି ଭାରତର ଦେଢ଼ ଶହ କୋଟି ଜନତାଙ୍କ ହୃଦୟରେ ଖୁସିର ଫଟାକା ଫୁଟାଇବା ସହ ଫିଲ୍‌ଡିଂ କରୁଥିବା ପାକିସ୍ତାନ ଖେଳାଳିଙ୍କ ସହ ବି ହାତ ନ ମିଳାଇ ସାଥୀ ବ୍ୟାଟ୍ସମ୍ୟାନ୍ ଶିବମ୍ ଦୁବେଙ୍କ ସିଧାସଳଖ ଡ୍ରେସିଂ ରୁମ୍‌କୁ ଚାଲିଆସିଥିଲେ। ସେହିପରି ମ୍ୟାଚ୍ ସରିବା ପରେ ବି କୌଣସି ଭାରତୀୟ ଖେଳାଳି କି ସପୋର୍ଟ ଷ୍ଟାଫ୍ ପଡ଼ିଆକୁ ଆସିନଥିଲେ। ଫଳସ୍ୱରୂପ ପୁଣିଥରେ ପାକିସ୍ତାନ ଭାରତୀୟଙ୍କ ପାଖରୁ ଲଜ୍ଜା ହିଁ ପାଇଥିଲା। ପହଲଗାମ୍ ନରସଂହାରରେ ଭାରତୀୟଙ୍କୁ ଲାଗିଥିବା ଆଘାତରେ ଭାରତୀୟ ସେନା ‘ଅପରେସନ୍ ସିନ୍ଦୂର’ ମାଧ୍ୟମରେ ମଲମ ଲଗାଇଥିଲା। ସେନାର ଏହି ବିଧ୍ୱଂସକାରୀ ପ୍ରହାରରେ ପାକିସ୍ତାନ ସରକାର ସହ ସେନାର ମେରୁଦଣ୍ଡ ଭାଙ୍ଗିଥିଲା। ଏବେ ଭାରତୀୟ ଟିମ୍‌ର ଆଚରଣ ପୁଣିଥରେ ଏହି ବିଶ୍ୱାସଘାତକ ପଡ଼ୋଶୀର ଅଣ୍ଟାରେ ଶକ୍ତ ଗୋଇଠା ସଦୃଶ ହୋଇଛି। ଅଧିକନ୍ତୁ ଭାରତୀୟ ଦଳ ପହଲଗାମ୍ ନରସଂହାରର ପ୍ରତିଶୋଧ ପଡ଼ିଆରେ ବି ନେବ ବୋଲି ପାକିସ୍ତାନ ଖେଳାଳି କଦାପି ଚିନ୍ତା ବି କରିନଥିବେ। ତେଣୁ ଏପରି ଅପ୍ରତ୍ୟାଶିତ ପଦକ୍ଷେପ ନିଶ୍ଚିତ ଭାବେ ଦେଶର ରାଜନୈତିକ ନେତୃବୃନ୍ଦଙ୍କ ପାଇଁ ବି ଏକ ଝଟ୍‌କା ସଦୃଶ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ପଡ଼ିଆରେ ପାଇଥିବା ଏହି ଧକ୍କା ପାକିସ୍ତାନକୁ ଏତେ ମାତ୍ରାରେ ବାଧିଛି ଯେ ଦେଶର କ୍ରିକେଟ୍ ବୋର୍ଡ ପିସିବି ଏହା ବିରୋଧରେ ବିଶ୍ୱର ସର୍ବୋଚ୍ଚ ପରିଚାଳନା ସଂସ୍ଥା ଆଇସିସି ନିକଟରେ ଆବେଦନ ବି କରିଛି। କିନ୍ତୁ ଏହି ଆବେଦନ ଯେ ଖାରଜ ହେବ, ଏହା କହିବା ବାହୁଲ୍ୟ ମାତ୍ର। ପିସିବି ପକ୍ଷରୁ ମ୍ୟାଚ୍ ରେଫରିଙ୍କୁ ବଦଳାଇବାକୁ ଦାବି ହୋଇଥିଲେ ହେଁ ଆଣ୍ଡି ପାଇକ୍ରଫ୍ଟ ଏହି ଭୂମିକା କାଏମ ରଖିବା ଏକରକମ ନିଶ୍ଚିତ। ଆବେଦନ ଖାରଜ ହେବା ପରେ ପୁଣିଥରେ ପାକିସ୍ତାନର ସମ୍ମାନ ତଳିତଳାନ୍ତ ହେବ ଓ ଭାରତୀୟ ଟିମ୍‌ର ଏହି ପଡ଼ିଆ ପୀଡ଼ାରେ ଦଳ ପୁଣି ଜର୍ଜରିତ ହେବ, ଏହା ନିଃସନ୍ଦେହ। ତେଣୁ ପାଖାପାଖି ୧୭ ସପ୍ତାହ ତଳେ ଭାରତୀୟ ସେନା ପାକିସ୍ତାନକୁ ଦେଇଥିବା ଆଘାତକୁ ଖେଳାଳିମାନେ ପଡ଼ିଆରେ ଉଖାରିଛନ୍ତି ଓ ଏହି ପୀଡ଼ାରେ ପାକିସ୍ତାନ ଯେ ନିରବ ଚିତ୍କାର କରୁଛି, ଏହା କହିବାର ଆଦୌ ଆବଶ୍ୟକତା ନାହିଁ।

# ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାର ଚେତାବନୀ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଦୁର୍ଭାଗ୍ୟଜନକ ଯେ, ଏହା ହେଉଛି ଯୁଦ୍ଧର ଯୁଗ। ଏବେ ୟୁକ୍ରେନ-ରୁଷ ଯୁଦ୍ଧ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବାବେଳେ ଇସ୍ରାଏଲ-ହମାସ ଯୁଦ୍ଧ ଦୁଇ ବର୍ଷରୁ ଅଧିକ ସମୟ ଲାଗିଲାଣି। ୟୁକ୍ରେନରେ ରୁଷ ଓ ଗାଜାରେ ଇସ୍ରାଏଲ ଗଣସଂହାର ଚଳାଇଛି। ଆକ୍ରମଣରୁ ବିଦ୍ୟାଳୟ, ଡାକ୍ତରଖାନା, ଶରଣାର୍ଥୀ ଶିବିର, ରିଲିଫ ଶିବିର ବାଦ ପଡୁନାହିଁ। କେବଳ ଏହି ଦୁଇ ଦେଶ ନୁହେଁ, ବିଶ୍ୱର ବହୁ ସ୍ଥାନ ଏବେ ଉତେଜନାର କ୍ଷେତ୍ରରେ ପରିଣତ ହୋଇଛି। ଇସ୍ରାଏଲ ଯୋଗୁଁ ସମଗ୍ର ଦକ୍ଷୀଣ-ପୂର୍ବ ଏସିଆ ଅଶାନ୍ତ ହୋଇପଡ଼ିଛି। ରାଷ୍ଟ୍ର-ରାଷ୍ଟ୍ର, ଗୋଷ୍ଠୀ-ଗୋଷ୍ଠୀ ମଧ୍ୟରେ ବିବାଦ ଏବେ ମୃତ୍ୟୁ ଓ ଧ୍ୱାଂସର କାରଣ ପାଲଟିଛି। ଯାହାକି ମାନବ ସମାଜ ପାଇଁ କେବଳ ଦୁଃଖଦ ନୁହେଁ, ବିପର୍ଯ୍ୟାୟର କାରଣ ପାଲଟିଛି। ନିକଟରେ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଯୁଦ୍ଧ କେବଳ ରକ୍ତପାତ, ଧ୍ୱଂସର କାରଣ ଭାବେ ଉଭା ହୋଇନାହିଁ, ଏହା ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ତ୍ୱରାନ୍ୱିତ କରିଛି। ରାଷ୍ଟ୍ରମାନେ ଏବେ ଅସ୍ତ୍ରଶସ୍ତ୍ରରେ ବିପୁଳ ଅର୍ଥ ବ୍ୟୟ କରିବାରେ ଲାଗିଛନ୍ତି। ପ୍ରତିରକ୍ଷା ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟ ଦ୍ରୁତ ବେଗରେ ବଢ଼ିଚାଲିଛି। ଧନୀ ହେଉ ଅବା ଗରିବ ରାଷ୍ଟ୍ର ହେଉ ଉଭୟଙ୍କର ପ୍ରତିରକ୍ଷା ବ୍ୟୟ ଜନ ହିତକର ଯୋଜନା ଏବଂ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳକୁ ଟପିଗଲାଣି। ଏଥିଲାଗି ଗରିବ ରାଷ୍ଟ୍ରଗୁଡିକର ଋଣ ଭାର କେବଳ ବୃଦ୍ଧି ପାଇନାହିଁ, ଆର୍ଥୀକ ପରିସ୍ଥିତି ଉପରେ ଭୟଙ୍କର ଚାପ ମଧ୍ୟ ପକାଉଛି। ରିପୋର୍ଟରେ କୁହାଯାଇଛି ଯେ, ୨୦୨୪ରେ ସମଗ୍ର ବିଶ୍ୱରେ ମୋଟ ସାମରିକ ବ୍ୟୟ ୨.୭ ଟ୍ରିଲିଅନ ଡଲାର ଥିବା ଆକଳନ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ର ଗଲା ବର୍ଷ ସେମାନଙ୍କର ପ୍ରତିରକ୍ଷା ବ୍ୟୟ ଅଟକଳ ବୃଦ୍ଧି କରିଥିଲେ। ଯୁକ୍ତରାଷ୍ଟ୍ର ଆମେରିକାର ୨୦୨୪ରେ ପ୍ରତିରକ୍ଷା ବଜେଟରେ ବ୍ୟୟ ଅଟକଳ ୯୯୭ ବିଲିଅନ ଡଲାର ଥିବାବେଳେ ବିଶ୍ୱରେ ପ୍ରତିରକ୍ଷା ସର୍ବାଧିକ ଅର୍ଥ ବିନିଯୋଗ କରିଥିବା ୫ଟି ରାଷ୍ଟ୍ର ମଧ୍ୟରେ ଭାରତ ଓ ଚୀନ ଥିବା କୁହାଯାଇଛି। ଏପରିକି ଗୁରୁତର ଆର୍ଥୀକ ସଂକଟ ଦେଇ ଗତି କରୁଥିବା ବିଶ୍ୱର ବହୁ ରାଷ୍ଟ୍ର ସେମାନଙ୍କର ସାମରିକ ବ୍ୟୟ ବୃଦ୍ଧି କରିଥିବା ଜଣାଯାଏ। କେତେକ ଆଫ୍ରିକୀୟ ରାଷ୍ଟ୍ର ଗୁରୁତର ଆର୍ଥୀକ ସଂକଟର ସମ୍ମୁଖୀନ ବେଳେ ଏବଂ ସେଠାରେ



ଉନ୍ନୟନମୂଳକ କାର୍ଯ୍ୟକ୍ରମ ଠପ୍ ହୋଇଯାଇଥିବା ସତ୍ୱେ ଗଲା ବର୍ଷ ସେମାନଙ୍କ ପ୍ରତିରକ୍ଷା ବ୍ୟୟ ପୂର୍ବବର୍ଷ ତୁଳନାରେ ୩ପ୍ରତିଶତ ବୃଦ୍ଧି କରିଥିବା ରିପୋର୍ଟରେ ପ୍ରକାଶ ପାଇଛି। ଏହା ନିସନ୍ଦେହ ଯେ, ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଅର୍ଥ ବିନିଯୋଗ ଯୋଗୁଁ ବିଶ୍ୱ କେତେକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ହାସଲଠାରୁ ପଛରେ ପଡ଼ିଯାଇଛି। ଉନ୍ନୟନ ଏବଂ ଜନହିତକର ଯୋଜନାରୁ ଅର୍ଥକୁ ସାମରିକ ବ୍ୟୟ ତଥା ଅସ୍ତ୍ରଶସ୍ତ୍ର କ୍ରୟରେ ବିନିଯୋଗ କରିବା ଏବେ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରଙ୍କର ଲକ୍ଷ୍ୟ, ନୀତିରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଞ୍ଜିତ ହେବ ନାହିଁ। ତେଣୁ ଜନହିତକର ଯୋଜନା ତଥା ଦାରିଦ୍ର୍ୟ ଦୂରିକରଣ, ଅପପୁଷ୍ଟି ନିରାକରଣ, କ୍ଷୁଧା ନିରାକରଣ ଆଦି ଲକ୍ଷ୍ୟ ଠାରୁ ରାଷ୍ଟ୍ରଗୁଡିକ ଦୂରେଇ ଯାଇଛନ୍ତି। ଉଦାହରଣ ସ୍ୱରୁପ ବିଶ୍ୱରେ ସାମରିକ କ୍ଷେତ୍ରରେ ବିଶେଷ କରି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା କିଣାଯାଉଥିବା ମୋଟ ଅର୍ଥର କେବଳ ୧୦ଭାଗ ବିଶ୍ୱରୁ ୫ବର୍ଷ ମଧ୍ୟରେ ଦାରିଦ୍ର୍ୟ ଦୂରିକରଣ କରିପାରିବ। ସେହିପରି ୩ପ୍ରତିଶତ ଅର୍ଥ ୫ବର୍ଷ ମଧ୍ୟରେ କ୍ଷୁଧା ଦୂର କରିବାରେ ସମର୍ଥ ହେବ। ଆହୁରି ମଧ୍ୟ ସାମରିକ ବ୍ୟୟର ୫ପ୍ରତିଶତ ଅର୍ଥରେ ୫ବର୍ଷ ମଧ୍ୟରେ ସମଗ୍ର ବିଶ୍ୱକୁ ଅପପୁଷ୍ଟି ମୁକ୍ତ କରାଯାଇପାରିବ ବୋଲି ଜାତିସଂଘ କହିଛି। ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର, ଗୁଳିଗୋଳା କିଣିବାରେ ଦେଶଗୁଡିକର ଅତ୍ୟଧିକ ଆସକ୍ତି ଯୋଗୁଁ ଭବିଷ୍ୟତରେ ବିଶ୍ୱକୁ ପାନୀୟଜଳ, ପରିମଳ, ଶିକ୍ଷା, ଲିଙ୍ଗଗତ ଅସମାନତା ଏବଂ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଶ୍ୱକୁ ଭୋଗିବାକୁ ପଡ଼ିବ ବୋଲି ରିପୋର୍ଟରେ କଡା ଚେତାବନୀ ଦିଆଯାଇଛି। ବିଶ୍ୱରେ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାରୁ ସାମ୍ପ୍ରତିକ ସମୟରେ ଦେଶ-ଦେଶ ମଧ୍ୟରେ ଶତୃତା, ଆକ୍ରମଣ ଏବଂ ସମ୍ପର୍କରେ ବିଭ୍ରାଟର ସଂକେତ ପ୍ରଦାନ କରେ। ଯୁଦ୍ଧ ବିଭିଷିକା କେବଳ ମୃତ୍ୟୁ ଓ ଧ୍ୱଂସର ତାଣ୍ଡବ ସୃଷ୍ଟି କରିବନାହିଁ, ଗଣତନ୍ତ୍ରକୁ ଦୁର୍ବଳ, ସ୍ୱେଚ୍ଛାଚାରୀ ଶାସକଙ୍କ ଆବିର୍ଭାବ, ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ଆସ୍ଥା-ବିଶ୍ୱାସ ହ୍ରାସ, ଅସମାନତା ବୃଦ୍ଧି ଏବଂ ମୂଲ୍ୟବୋଧର ବିନାଶର କାରଣ ହେବ। ସେହିପରି ବଞ୍ଚିବା ପାଇଁ ମୌଳିକ ଶିକ୍ଷା, ନୀତି ତଥା ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟାଇବ। ଅର୍ଥନୈତିକ-ସାମାଜିକ ଆବଶ୍ୟକତାଠାରୁ ରାଷ୍ଟ୍ର ଦୂରେଇ ଯିବ। ଲୋକଙ୍କ କଲ୍ୟାଣ, ବିକାଶ ପାଇଁ ବିଶ୍ୱ ଅସ୍ତ୍ରଶସ୍ତ୍ର ନୁହେଁ ଜନହିତକର କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅନ୍ୟଥା ମୃତ୍ୟୁ ଓ ଧ୍ୱଂସ ହିଂସାର ସାର ହେବ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ

ପ୍ରଦୀପ ସେନାପତି

ପ୍ରାଚୀନ ଭାରତର ତପୋବନ ମଧ୍ୟରୁ ମୁନୀକଣ୍ଠ ନିଃସୃତ ଅମରବାଣୀ ଯେପରି ଦିନେ ସମଗ୍ର ବିଶ୍ୱର ଚକ୍ଷୁ ଉନମିଳନ କରି ପାରିଥିଲା, ସେହିପରି ଭବିଷ୍ୟତରେ ମଧ୍ୟ ଏହାର ନିରପେକ୍ଷ ବୈଦେଶିକ ନିତୀ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନିତୀ ଓ ସର୍ବୋପରି ନିରସ୍ତ୍ରୀକରଣ ଯେ ସମଗ୍ର ବିଶ୍ୱବାସୀଙ୍କ ହୃଦୟ ଦ୍ୱାରା ଉନ୍ନୁଭ କରିଦେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏଣୁ ପୁରାଣୀୟ ସଂସ୍କୃତିର ବାବଦ୍ୱକ ଋଷିମାନଙ୍କ ମୁଖନିଃସୃତ ବାଣୀକୁ ଆଜି ମଧ୍ୟ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଭାରତ ଉଦାର କଣ୍ଠରେ ଗାନ କରୁଅଛି। “ସର୍ବେ ଭବନ୍ତୁ ସୁଖୀନଃ, ସର୍ବେ ସନ୍ତୁ ନିରାମୟ-ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ, ମାକଶ୍ଚିତ୍ ଦୁଃଖଭାବ ଭବେତ।” “ପରୋପକାରାୟ ସ୍ୱର୍ଗାୟ” ନୀତିଟି ଜୀବ ଧର୍ମ ବୋଲି ଜ୍ଞାନ କରିବା ପ୍ରତ୍ୟେକ ସୁମଣିଷର କର୍ତ୍ତବ୍ୟ। ସେଥିରେ ଈଶ୍ୱରଙ୍କର ଆଶିର୍ବାଦ ରୂପି ଅମୃତ ବର୍ଷଣ ହେବ। ମଣିଷ ଜୀବନ ହେବ ସାର୍ଥକ। ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀ ଅଳ୍ପରେ ଲେଖି ଅଳ୍ପ କଥାର ଇତି କରୁଛି ନଚେତ୍ ଅଳ୍ପ କଥା ମୂଲ୍ୟବୋଧର ଅଭାବ ରହିଯିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦିଙ୍କ ସଂକ୍ଷିପ୍ତ ପରିଚୟ ସମଗ୍ର ଭାରତବର୍ଷ ସମେତ ବିଶ୍ୱବାସୀ ଭଲଭାବେ ଅବଗତ। ତାଙ୍କର ନେତୃତ୍ୱ ଓ କ୍ଷମତାର ମହତ୍ୱ, ସୁଶାସନର ଶୈଳୀ ସମ୍ବନ୍ଧରେ ବିଶ୍ୱବାସୀ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି। ଶକ୍ତି କ୍ଷେତ୍ରରେ କାର୍ଯ୍ୟକ୍ରମ, ସଫଳତାର ମୂଳରେ ପଞ୍ଚାମୃତ ଦର୍ଶନ, ସୁଶାସନର ଚମତ୍କାର ଶୈଳୀ ପ୍ରାସଙ୍ଗିକ ଅଟେ। ଜନକଲ୍ୟାଣ ଯୋଜନା ପାଇଁ ଶିକ୍ଷକମାନଙ୍କ ପ୍ରତି ବାର୍ତ୍ତା, ଜନଭାଗିଦାରୀ ପ୍ରସଙ୍ଗ, ସ୍କୁଲମାନଙ୍କର ଯେପରି କଳେବର ତଥା ନୂଆ ସୁବିଧା, ଶିକ୍ଷକ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପିଲାମାନଙ୍କର ପ୍ରଶ୍ନ ଓ ପ୍ରଧାନମନ୍ତ୍ରୀଙ୍କ ଉତ୍ତର, ଶିଳ୍ପ କୌଶଳର ବ୍ୟବହାର ବ୍ୟାପକ ସ୍ତରରେ କରିଛନ୍ତି। ସ୍ୱଚ୍ଛ ଭାରତର ଅଭିଯାନ ମୋଦିଙ୍କ ଜ୍ଞାନକୁ ଗ୍ରହଣ କରି ମହତ୍ୱ ଦିଅନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତା, କଠିନ ପରିଶ୍ରମ କରିବା ଏକ ଅନିବାର୍ଯ୍ୟ ଯୋଗ୍ୟତା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିଚାଳନାର ମନ୍ତ୍ର ବା ମୁଖ ନିସୃତ ବାଣୀ ଆଜି ବିଶ୍ୱଗୁରୁର ଉପାଧୀ ମଣ୍ଡନ କରିବା ଆମମାନଙ୍କ ପାଇଁ ଏବଂ ସମଗ୍ର ଭାରତବାସୀଙ୍କ ପାଇଁ ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୟନ୍ତୀ ଉପଲକ୍ଷେ

ଏପ୍ରିଲ ୨୨, ମଙ୍ଗଳବାର, ଦିନ ୪ଘଟିକା ସମୟରେ ଜାମ୍ମୁ-କାଶ୍ମୀର, ଅନନ୍ତନାଗ ଜିଲ୍ଲାର ପେହେଲଗାଁଓ ଠାରେ ପାକିସ୍ଥାନ ପ୍ରାୟୋଜିତ କୁଖ୍ୟାତ ଆତଙ୍କବାଦୀମାନଙ୍କ ଦ୍ୱାରା ନରସଂହାରରେ ନେପାଳର ଜଣେ ପର୍ଯ୍ୟଟକ ସମେତ ୨୬ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଧର୍ମ ଆଧାରରେ ଗୁଳିକରି ହତ୍ୟା କରିଥିଲେ। ଏଥିପାଇଁ ଭାରତୀୟମାନଙ୍କ ମନରେ ଚରମ ପ୍ରତିଶୋଧ ପରାୟଣ ହୋଇ ତୁରନ୍ତ ପାକିସ୍ଥାନ ବିରୋଧରେ ଦୃଢ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମୋଦି ସରକାରଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କର “ଆମେ ଯୁଦ୍ଧ ନୁହେଁ, ବୁଦ୍ଧ ଚାହୁଁ” ଏଭଳି ସମ୍ବେଦନଶୀଳ ଆହ୍ୱାନକୁ ବିଶ୍ୱ ସମୁଦାୟ ବୁଝିପାରିଥିବା ବେଳେ ଭୂୟଂଶୀ ପ୍ରଶଂସା କରିଥିଲେ। ମାତ୍ର ପାକିସ୍ଥାନ, ଚାଇନା, ଆମେରିକା, ତୁର୍କୀ ଏହି ବାର୍ତ୍ତାକୁ ଖାତିର କରିନଥିଲେ। ପ୍ରଧାନମନ୍ତ୍ରୀ ମୋଦି ପାକିସ୍ଥାନକୁ ସ୍ପଷ୍ଟ ଭାବରେ ଚରମ ଚେତାବନୀ ଶୁଣାଇ ଦେଇଥିଲେ। ତୁରନ୍ତ ତଥା ଦୃଢ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମସ୍ତ କ୍ଷମତା ଭାରତୀୟ ସେନା ବାହିନୀକୁ ଦିଆଯାଇଥିଲା। କିଭଳି ପାକିସ୍ଥାନରେ ପଶି ଆତାଙ୍କବାଦୀମାନଙ୍କୁ ନିପାଦ କରାଯିବ ଏବଂ ସେମାନଙ୍କ ଆଡ଼ାଗୁଡ଼ିକୁ ମାଟିରେ ମିଶାଇ ଧ୍ୱଂସ କରାଯିବ ତାହା ସେନାବାହିନୀର ନିଜସ୍ୱ ଚିନ୍ତାଧାରାରେ ଯୋଜନା ପ୍ରସ୍ତୁତ କରିବେ ବୋଲି ମୋଦି ନିର୍ଦ୍ଦେଶ ଦେଇଥିଲେ। ପରେ, ମେ - ୮, ୯ ଓ ୧୦ ତାରିଖରେ ଯାହା ଘଟିଗଲା ତାହା ବିଶ୍ୱ ସମୁଦାୟକୁ ଚକିତ କରିଦେଇଥିଲା। ମାତ୍ର ତିନିଦିନ ମଧ୍ୟରେ ପାକିସ୍ଥାନ ସମେତ ସମଗ୍ର ବିଶ୍ୱ ଜାଣିଲା ଭାରତର ପରାକ୍ରମ। ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଥିଲା। ପାକିସ୍ଥାନର ନିଦ ହଜାଇ ଦେଇଥିଲେ ମୋଦି ସରକାର। ଭୟଭୀତ ହୋଇ ଆମେରିକା ସମେତ ବିଶ୍ୱ ସମୁଦାୟ ଆଗରେ ଗୁହାରି କରି ଯୁଦ୍ଧ ବନ୍ଦ କରିବା ପାଇଁ ଭାରତକୁ ବୁଝାଇବାପାଇଁ ଶରଣ ପଶିଥିଲା। ପାକିସ୍ଥାନ ସର୍ବଦା ଟିକେ ଟିକେ କଥାରେ ଭାରତ ଉପରେ ପରମାଣୁ ବୋମା ପକାଇ ଉଡ଼ାଇ ଦେବାକୁ ସସ୍ତା ଧମକପୂର୍ଣ୍ଣ ବାର୍ତ୍ତା ଦେଉଥିବାବେଳେ, ମୋଦି ସରକାର ପାକିସ୍ଥାନରେ ଥିବା ତା’ର ସେହି ପରମାଣୁ ଶକ୍ତି କେନ୍ଦ୍ରକୁ ଧ୍ୱଂସ କରିବା ପାଇଁ “କିରାନାହିଲ୍” ଉପରେ “ବ୍ରହ୍ମୋସ୍ତ୍ର” ମିଶାଇଲ ମାଡ଼କରି ପାକିସ୍ଥାନକୁ ଛାନିଆ କରିପକାଇଥିଲେ। ମୋଦି ରୋକଠୋକ୍ ଚରମ ଚେତାବନୀ ଶୁଣାଇ ଦେଇ ଧମକପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରି କହିଥିଲେ ଯେ, ଭାରତକୁ ପରମାଣୁ ଧମକ ଦେଉଥିବା ପାକିସ୍ତାନର ବ୍ଲାକମେଲକୁ ଆଉ କସ୍ମିନକାଳେ ମୋଦି ସରକାର ବରଦାସ୍ତ କରିପାରିବେ ନାହିଁ। ଯେତେବେଳେ ଚାହିଁବ ଏବଂ ଯେଉଁ ମୁହୂର୍ତ୍ତରେ ଚାହିଁବ ପାକିସ୍ଥାନକୁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଇ ଦେବାପାଇଁ ସମସ୍ତ ପ୍ରସ୍ତୁତି କରି ସାରିଛନ୍ତି ମୋଦି ସରକାର। ଯାହା ପ୍ରମାଣ ସ୍ୱରୂପ ପାକିସ୍ତାନ ପାଇ ସାରିଛି। ଭାରତର ସାମରିକ ଶକ୍ତିର କ୍ଷମତା କେତେ ଭୟଙ୍କର ଏବଂ ଶକ୍ତିଶାଳୀ ଥିଲା ତାହା କେବଳ ପାକିସ୍ଥାନ ନୁହେଁ, ସମଗ୍ର ବିଶ୍ୱ ମଧ୍ୟ ଚକିତ ହୋଇଯାଇଥିଲା। ମୋଦି କହିଲେ, ଏହା ପୁରୁଣା ଭାରତ ନୁହେଁ, ଏହା ମୋଦି ଭାରତ। ପାକିସ୍ତାନର ଆତଙ୍କବାଦୀମାନଙ୍କ ନରସଂହାରରେ ମୋଦି କେବଳ ପାକିସ୍ତାନକୁ ନୁହେଁ ବରଂ ଅନ୍ୟ ତିନୋଟି ଦେଶ ସହିତ ମଧ୍ୟ ଲଢ଼ି ଭାରତର ଦୁଃସାହାସିକ ଚମତ୍କାର ସାମରିକ ପରାକ୍ରମ ଦେଖାଇ ପାରିଛନ୍ତି। ଆମେରିକା, ଚାଇନା, ତୁର୍କୀର ଡ୍ରୋନ୍, ଯୁଦ୍ଧ ବିମାନ, ରାଡ଼ାର ସିଷ୍ଟମ, ଏୟାର ଡ଼ିଫେନେସ୍ ସିଷ୍ଟମଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱସଂ କରି ମୋଦି ଚେତାଇ ଦେଲେ ଯେ, ଭାରତର ସାର୍ବଭୌମତ, ଅଖଣ୍ଡତା, ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଯେ କୌଣସି ପ୍ରକାର ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ କାହାର ସାହାଯ୍ୟ, ସହଯୋଗର ଆବଶ୍ୟକତା ନାହିଁ କିମ୍ବା ବିଶ୍ୱରେ ଆମକୁ କେହି ଅଟକାଇ ପାରିବେ ନାହିଁ କି ନାଲି ଆଖି ଦେଖାଇ ପାରିବେ ନାହିଁ। ନିଜସ୍ୱ ଜ୍ଞାନକୌଶଳ ନିର୍ମିତ ମୋଦିଭାରତର କ୍ଷମତା ବହୁ ଉନ୍ନତ ଏବଂ ଶକ୍ତିଶାଳୀ, ମେକ୍‌ଇନ୍ ଇଣ୍ଡିଆର ସ୍ୱପ୍ନ ସମ୍ପୂର୍ଣ୍ଣ ଭାବେ ସାର୍ଥକ ହୋଇପାରିଛି ବୋଲି ମୋଦିବିଶ୍ୱକୁ ଚେତାଇ ଦେଇଛନ୍ତି। ଆମେରିକା, ଚାଇନା ଓ ତୁର୍କୀ ମଧ୍ୟ ଭାରତର ସାମରିକ ଶକ୍ତିର କ୍ଷମତା, ଦକ୍ଷତାକୁ ନିଶ୍ଚିତ ଭାବରେ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଛନ୍ତି। ପାକିସ୍ତାନକୁ ସିନ୍ଧୁନଦୀ ଜଳଚୁକ୍ତି ବାତିଲ କରି ଦୃଢ ଐତିହାସିକ ଓ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବା ସ୍ୱାଧୀନ ଭାରତ ପାଇଁ ଏହା ଥିଲା ପ୍ରଥମ ଘଟଣା ବୋଲି କୁହାଯିବ। ଆଜି ପର୍ଯ୍ୟନ୍ତ କୌଣସି ପ୍ରଧାନମନ୍ତ୍ରୀ ଏଭଳି ପଦକ୍ଷେପ ଗ୍ରହଣ କରିବା ପାଇଁ ସାହାସ କରିପାରିନଥିଲେ ଏହା “ମୋଦି ଭାରତ”।

ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱକୁ ଆହୁରି ଚେତାଇ ଦେଇଛନ୍ତି ଯେ, ଦେଶ ପାଇଁ ଆବଶ୍ୟକ ପଡ଼ିଲେ ଆମ୍ଭେ “ବୁଦ୍ଧ ନୁହେଁ ଯୁଦ୍ଧ ପାଇଁ ସର୍ବଦା ପ୍ରସ୍ତୁତ ଅଛୁ। ଏହା “ମୋଦି ଭାରତ” ଏହି ପରିପ୍ରେକ୍ଷୀରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦି “ବିଶ୍ୱ ବନ୍ଦିତ” ପ୍ରଧାନମନ୍ତ୍ରୀ ହୋଇଥିବାରୁ ଗର୍ବର ସହିତ ଆଜି ଆମେ କହିପାରୁଛୁ “ମେରା ଭାରତ ମହାନ୍”। ତେଣୁ, ଆଜି ତାଙ୍କର ଏହି ପବିତ୍ର ୭୫ତମ ଜୟନ୍ତୀ ଅବସରରେ ଗର୍ବ ଓ ଗୌରବ, ସହୃଦୟତାର ସହିତ ମୁଁ ଗଭୀର ଶୁଭେଚ୍ଛା ଅଭିନନ୍ଦନ ଓ ଶୁଭକାମନା ଜଣାଇ କାଳଜୟୀ ହୋଇ ରୁହନ୍ତୁ ବୋଲି ଏତିକି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ପ୍ରାର୍ଥନା କରୁଛି। ଜୟହିନ୍ଦ୍, ଜୟ ଭାରତ, ଭାରତ ମାତା କି ଜୟ, ଜୟ ମୋଦି ଭାରତ।

ସାମନ୍ତରାପୁର, ଭୁବନେଶ୍ୱର-୨,
ମୋବାଇଲ୍: ୭୮୪୮୮୯୮୪୫୬

# ଅପୂର୍ବ ରୂପକାର ବିଶ୍ୱକର୍ମା



ରୀତା ସ୍ୱାଇଁ

ଆଧାତ୍ମିକତା ଓ ପାରମ୍ପରିକତାର ବର୍ଣ୍ଣାଢ଼୍ୟ ଭୂମି ଭାରତ। ପୂଜ୍ୟପୂଜାର ପରମ୍ପରା ଓ ବୈଦିକ ଶାସ୍ତ୍ର କ୍ରମରେ ଆମର ଅନେକ ଦେବାଦେବୀ ପୂଜିତ। ଏହି ପ୍ରେକ୍ଷାପଟରେ ଶିଳ୍ପୀଗୁରୁ ବିଶ୍ୱକର୍ମାଙ୍କ ଆରାଧନା ଆମର ସ୍ଥାପତ୍ୟ କଳାର ମହାନତା ପ୍ରଦର୍ଶାଏ। ବିଶ୍ୱକର୍ମା ହେଉଛନ୍ତି ନିଜେ ସ୍ୱୟଂ ବିଶ୍ୱନିୟନ୍ତା ନାରାୟଣ ଏବଂ ବିଶ୍ୱକର୍ମା। ମଧ୍ୟ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ବା ଶିଳ୍ପରାଜ ବିଶ୍ୱକର୍ମା। ସେ ଅନେକଗୁଡ଼ିଏ ରାଜପ୍ରାସାଦ ଓ ଭବନର ମଧ୍ୟ ନିର୍ମାଣ କରିଛନ୍ତି। ଦେଶର ଅଗ୍ରଗତି ସଙ୍ଗେ ସଙ୍ଗେ ଶିଳ୍ପର ବହୁଳ ବିକାଶ ଫଳରେ ଏହି ପୂଜା ଆଧୁନିକ ଯୁଗରେ ବହୁଳ ପ୍ରସାରିତ ହୋଇଛି। ବିଭିନ୍ନ ଅନୁଷ୍ଠାନ, ଦୋକାନ, ମଣ୍ଡପ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହା ବହୁ ଆଡ଼ମ୍ବର ସହକାରେ ହୋଇଥାଏ। ବନ୍ଦର ସହର ପାରାଦୀପରେ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନାର ଆୟୋଜନ କରାଯାଏ।

ଆଶ୍ୱିନ ମାସର କନ୍ୟା ସଂକ୍ରାନ୍ତିରେ ଦେବଶିଳ୍ପୀ ବିଶ୍ୱକର୍ମା ମର୍ତ୍ତ୍ୟଲୋକରେ ଆବିର୍ଭୂତ ହୋଇଥିଲେ। ତେଣୁ ଏହି ତିଥିରେ ଶିଳ୍ପୀ ବଂଶଧରମାନେ ବିଶ୍ୱକର୍ମାଙ୍କର ପୂଜାର୍ଚ୍ଚନା କରନ୍ତି। ପୌରାଣିକ ମାନ୍ୟତା ଅନୁସାରେ ଯେତେବେଳେ ଭଗବାନ ବ୍ରହ୍ମା ସୃଷ୍ଟିର ନିର୍ମାଣ କରିଥିଲେ ସେତେବେଳେ ସମସ୍ତ ଜଗତକୁ ସୁଖ ସୁବିଧାରେ ସମୃଦ୍ଧ କରିବାର ଦାୟିତ୍ୱ ଭଗବାନ ବିଶ୍ୱକର୍ମାଙ୍କୁ ଦିଆଯାଇଥିଲା। କୁହାଯାଏ ଯେ ମାନବଜାତିକୁ ଚଳାଉଥିବା ପ୍ରତ୍ୟେକ ଯନ୍ତ୍ର ଓ ଉପକରଣ ତାଙ୍କ ଦ୍ୱାରା ହିଁ ନିର୍ମାଣ ହୋଇଛି। ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା। ଶାସ୍ତ୍ରମତେ ବିଶ୍ୱକର୍ମାଙ୍କର ୫ଟି ଅବତାର ବର୍ଣ୍ଣନା କରାଯାଇଛି। ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା, ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧ୍ୱନାଁ ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା।

ଶାସ୍ତ୍ର ଅନୁସାରେ ବିଶ୍ୱକର୍ମାଙ୍କ ପୂଜା ପୂର୍ବରୁ ଶନି ଓ ମଙ୍ଗଳ ଗ୍ରହଙ୍କ ପୂଜା କରିବା ନିହାତି ଆବଶ୍ୟକ ହୋଇଥାଏ। ନଚେତ୍ ବିଶ୍ୱକର୍ମା ପୂଜା ଅସଫଳ ରହିଥାଏ। ସ୍କନ୍ଦ ପୁରାଣ ଅନୁସାରେ ମହର୍ଷି ଅଙ୍ଗିରାଙ୍କର ଜ୍ୟେଷ୍ଠ ପୁତ୍ର ବୃହସ୍ପତିଙ୍କର ଭଗିନୀ ଭବନା (ଯୋଗସିଦ୍ଧା) ଓ ଅଷ୍ଟମବସୁ ମହାଋଷି ପ୍ରଭାସଙ୍କ ଔରସରୁ ଜନ୍ମିତ ସନ୍ତାନ ଅଟନ୍ତି। ଅନେକ ପୁରାଣରେ ବିଶ୍ୱକର୍ମାଙ୍କୁ ଭଗବାନଙ୍କ ବ୍ରହ୍ମାଙ୍କର ପୁତ୍ର ବୋଲି ମଧ୍ୟ କହନ୍ତି।

ପୁରାଣ ବର୍ଣ୍ଣନାରୁ ଜଣାଯାଏ ଏକଦା ଘୃତାଚି ସର୍ବଶ୍ରେଷ୍ଠ ପୁରୁଷ ବିଚାରକରି ବେଶଭୂଷା ହୋଇ ପୁଷ୍କର ତୀର୍ଥକୁ କାମଦେବଙ୍କ ନିକଟକୁ ଯାଉଥିଲେ। ସେହି ସମୟରେ ବିଶ୍ୱକର୍ମା ସୂର୍ଯ୍ୟଲୋକରୁ ଫେରୁଥିବାବେଳେ ଘୃତାଚିଙ୍କ ସହ ଭେଟ ହୋଇଗଲା। ଘୃତାଚିଙ୍କର ରୂପ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ବିଶ୍ୱକର୍ମା ଘୃତାଚିଙ୍କ ସହ ତାଙ୍କର ଶୃଙ୍ଗାର କାମନା କଲେ। ସେ ବିଶ୍ୱକର୍ମାଙ୍କୁ କହିଲେ ସ୍ୱର୍ଗପୁରୀର ନିୟମ ଅନୁସାରେ ଆମେ



ଦେବବେଶ୍ୟାମାନେ ଯେଉଁଦିନ ଯାହାଙ୍କ ପାଖକୁ ଯାଉ, ସେଇ ଦିନଟି ପାଇଁ ଆମେ ତାଙ୍କସହ ପତ୍ନୀ ରୂପେ ଶୃଙ୍ଗାର କରୁ। ମୁଁ ଆଜି କାମଦେବଙ୍କ ପାଖକୁ ଯାଉଛି। ତେଣୁ ଆଜି ଦିନକ ପାଇଁ ଆମେ ଦୁହେଁ ପତି-ପତ୍ନୀ। ଆଉ ମଧ୍ୟ କାମଦେବ ହେଉଛନ୍ତି ତୁମର ଶିକ୍ଷାଗୁରୁ। ତେଣୁ ମୁଁ ତୁମର ଗୁରୁ-ପତ୍ନୀ ରୂପେ ପୂଜ୍ୟା। ଗୁରୁପତ୍ନୀ ହରଣ କରିବା ମହାପାପ। ଆଜି ଦିନକ ପାଇଁ ମୋ ପ୍ରତି ତୁମେ ଏପରି ଆଶକ୍ତ ହେବା ଉଚିତ୍ ନୁହେଁ। ତୁମେ ଚାହିଁଲେ ମୁଁ ଆଉ ଦିନେ ତୁମ ପାଖକୁ ଯାଇ ପତ୍ନୀ ରୂପେ ରମଣ କରିବି। ବିଶ୍ୱକର୍ମା କ୍ରୋଧାନ୍ୱିତ ହୋଇ ତାଙ୍କୁ ଅଭିଶାପ ଦେଲେ, କହିଲେ ତୁ ମର୍ତ୍ତ୍ୟଲୋକକୁ ଯାଇ ଶୂଦ୍ରଯୋନିରେ ଜନ୍ମ ହେବୁ। ଘୃତାଚି ମଧ୍ୟ ବିଶ୍ୱକର୍ମାଙ୍କୁ ପ୍ରତି ଅଭିଶାପ ଦେଲେ, ତୁମେ ଦେବଲୋକର ନୀତିନିୟମ ଭାଙ୍ଗି ଗୁରୁ-ପତ୍ନୀ ହରଣ କରିବାର ଅଭିଳାଷ ପୋଷଣ କରୁଥିବାରୁ ତୁମେ ଆଜିଠାରୁ ସ୍ୱର୍ଗଲୋକ ଛାଡ଼ି ମର୍ତ୍ତ୍ୟରେ ମଣିଷ ହୋଇ ଜନ୍ମହୁଅ। ବିଶ୍ୱକର୍ମା ଏହି ଅଭିଶାପ କଥା ବ୍ରହ୍ମାଙ୍କୁ ଜଣାଇଲେ। ବ୍ରହ୍ମା ବିଶ୍ୱକର୍ମାଙ୍କୁ କହିଲେ ଘୃତାଚି ସ୍ୱର୍ଗର ବେଶ୍ୟା ହେଲେ ମଧ୍ୟ ସେ ସତୀ ଓ ପତିବ୍ରତା ନାରୀର ଗୌରବ ଲାଭ କରିଥିବାରୁ ତା’ର ଅଭିଶାପ ନିଷ୍ଫଳ ନୁହେଁ। ତେବେ ତୁମେ ମର୍ତ୍ତ୍ୟଲୋକରେ ବ୍ରାହ୍ମଣ କୁଳରେ ଜନ୍ମହେବ ଏବଂ ଘୃତାଚି ସହ ତୁମର ମିଳନ ହେଲେ ତୁମ ଦୁହିଁଙ୍କର ମନୁଷ୍ୟ ଜନ୍ମରୁ ମୁକ୍ତି ମିଳିବ ଏବଂ ପୁନର୍ବାର ସ୍ୱର୍ଗପୁରକୁ ଲେଉଟି ଆସିବ।

ପରବର୍ତ୍ତୀ କାଳରେ ମର୍ତ୍ତ୍ୟରେ ସେ ବ୍ରାହ୍ମଣ କୁଳରେ ଜନ୍ମ ନେଲେ। ସେ ଜାତିସ୍ମର ଥିବାରୁ ନିଜର ପୂର୍ବଜନ୍ମର ସମସ୍ତ ଘଟଣା ଜାଣିପାରିଲେ। ଦିନେ ଗଙ୍ଗାକୂଳରେ ଜଣେ ସୁନ୍ଦରୀ ସ୍ନାନ କରୁଥିବା ଅବସରରେ ଏହି ବ୍ରାହ୍ମଣ ସନ୍ତାନ ଦେଖି ସହି ପାରିଲେ ନାହିଁ। ସେତେବେଳେ ବିଶ୍ୱକର୍ମା କାମ ଭିକ୍ଷା କଲେ। ପୂର୍ବ ଜନ୍ମର କଥା ଓ ପ୍ରଥା ଅନୁସାରେ ଘୃତାଚିଙ୍କ ସହ ସେହି ବ୍ରାହ୍ମଣଙ୍କର ଅପୂର୍ବ ମିଳନ ହେଲା। ୧୨ବର୍ଷ କାଳ ଉଭୟ ପାରିବାରିକ ଧର୍ମ ପାଳନ କଲେ। ତାପରେ ତାଙ୍କର ୯ଗୋଟି ସନ୍ତାନ ଜନ୍ମ ହେଲେ। ମାଳାକାର, କର୍ମକାର, କଂସାରୀ, ଶଙ୍ଖାରୀ, କୁମ୍ଭକାର, କୁନ୍ଦବିକ, ସୂତ୍ରଧର, ସ୍ୱର୍ଣ୍ଣକାର ଓ ଚିତ୍ରକର। ଏହି ପୁତ୍ରମାନଙ୍କ ଭିତରେ ରାଜମିସ୍ତ୍ରୀ, ମହାରଣା ଓ ସ୍ୱର୍ଣ୍ଣକାର ବଣିଆ ଇତ୍ୟାଦି ରହିଥିଲେ। ଭାଗବତରୁ ଜଣାଯାଏ ଯେ, ଯେତେବେଳେ ଭକ୍ତ ସୁଦାମା ଖୁଦ ଭଜା ହାତରେ ଧରି ଦ୍ୱାରିକାର ରାଜା କୃଷ୍ଣଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ ସେତେବେଳେ କୃଷ୍ଣ ଆନନ୍ଦରେ ତାଙ୍କୁ କୁଣ୍ଢାଇ ପକାଇଲେ। ସୁଦାମା ନିଜର ମନକଥା କୃଷ୍ଣଙ୍କୁ ପ୍ରକାଶ କରି ନଥିଲେ ମଧ୍ୟ ଅନ୍ତର୍ଯ୍ୟାମୀ ଦେବ ଦେବ କୃଷ୍ଣ ବିଶ୍ୱକର୍ମାଙ୍କୁ ଆଜ୍ଞା ଦେଇଥିଲେ ସୁଦାମାର ପ୍ରାସାଦ ନିର୍ମାଣ କରି ଧନଧାନ୍ୟ ଗୋପଲକ୍ଷ୍ମୀରେ ଭରପୁର କରିବା ପାଇଁ। ମହାଭାରତ ଯୁଗରେ ଭଗବାନ ଶ୍ରୀକୃଷ୍ଣ ପ୍ରଥମେ ଦ୍ୱାରିକାକୁ ନିଜର କର୍ମଭୂମି ଭାବେ ବାଛିଥିଲେ ଏବଂ ସେହିଠାରେ ନିଜର ନଗରୀ ଓ ବିଶାଳ ପ୍ରାସାଦ ନିର୍ମାଣ ପାଇଁ ବିଶ୍ୱକର୍ମାଙ୍କୁ କହିଥିଲେ। ତାପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରି ଗୋଟିଏ ରାତିରେ ଦ୍ୱାରିକାର ପ୍ରତିଷ୍ଠା କରିଦେଇଥିଲେ ବିଶ୍ୱକର୍ମା। ବର୍ତ୍ତମାନ ଏହି ନଗରୀ ଗୁଜୁରାଟ ରାଜ୍ୟରେ ରହିଛି। ଦ୍ୱାରିକା ମନ୍ଦିରର ଲମ୍ବା ଏବଂ ଚଉଡ଼ା ୪୮ ବର୍ଗ କିଲୋମିଟର। ତେବେ ବାସ୍ତୁଶାସ୍ତ୍ର ଅନୁସାରେ ଏହି ନଗରରେ ଭବନ, ସଡ଼କ ଏବଂ ଗଳିର ନିର୍ମାଣ ବିଶ୍ୱକର୍ମା ହିଁ କରିଛନ୍ତି।

ଭଗବାନ ଶିବ ପାର୍ବତୀଙ୍କ ସହ ରହିବା ପାଇଁ ନିଜ ଉଦ୍ଦେଶ୍ୟରେ ଏକ ସୁନ୍ଦର ରାଜପ୍ରାସାଦ ନିର୍ମାଣ ପାଇଁ ବିଶ୍ୱକର୍ମାଙ୍କୁ କହିଥିଲେ। ତାପରେ ଆରମ୍ଭ ହୋଇଥିଲା ଲଙ୍କାନଗରୀର ନିର୍ମାଣ। ବିଶ୍ୱକର୍ମା ସୁନାରେ ଲଙ୍କାନଗରୀର ନିର୍ମାଣ କରିଥିଲେ, ଯେଉଁଠି ସ୍ୱର୍ଣ୍ଣ ଢାଳିଦେଇଥିଲେ କୁବେର ରାଜା। ରାବଣର ଜେଜେ ଋଷି ପୁଲସ୍ତ ଗୃହପ୍ରବେଶର ପୂଜା କରିଥିଲେ। ସେ ମଧ୍ୟ କୁବେରର ଜେଜେ। ଦକ୍ଷିଣା ବାବଦରେ ଯେତେବେଳେ ମହାଦେବ ପୁଲସ୍ତ ଋଷିଙ୍କୁ ପଚାରିଥିଲେ ସେତେବେଳେ ସେ ଏହି ସ୍ୱର୍ଣ୍ଣ ନଗରୀକୁ ଦାନରେ ଚାହିଁଥିଲେ। ପରେ ପରେ ସେହି ସ୍ୱର୍ଣ୍ଣନଗରୀ ରାବଣର ଜେଜେଙ୍କ ହାତକୁ ଯାଇଥିଲା ଏବଂ ବଂଶାନୁକ୍ରମିକ ଭାବେ ରାବଣ ସେଠାରେ ନିଜ ସାମ୍ରାଜ୍ୟର ପ୍ରତିଷ୍ଠା କରିଥିଲା।

କିମ୍ବଦନ୍ତୀ କହେ ସ୍ୱୟଂ ଜଗନ୍ନାଥଙ୍କୁ ମଧ୍ୟ ବିଶ୍ୱକର୍ମା ନିଜେ ନିର୍ମାଣ କରିଥିଲେ। ଲକ୍ଷ୍ମୀପୁରାଣରୁ ମଧ୍ୟ ଜଣାଯାଏ ଯେ ବିଶ୍ୱକର୍ମାଙ୍କ ପୁର ହେଉଛି ବୈକୁଣ୍ଠପୁର। ଶ୍ରୀୟା ଚଣ୍ଡାଳୁଣୀ ଘରକୁ ଜଗତ ଜନନୀ ମା’ ଠାକୁରାଣୀ ଯାଇଥିଲେ ବୋଲି ବଳଭଦ୍ରଙ୍କ ପ୍ରରୋଚନାରେ ଯେତେବେଳେ ଜଗନ୍ନାଥ ତାଙ୍କୁ ମନ୍ଦିରରୁ ବାହାର କରିଦେଲେ ସେତେବେଳେ ମାଆ ଲକ୍ଷ୍ମୀ ବାପଘରକୁ ନ ଯାଇ ବିଶ୍ୱକର୍ମାଙ୍କୁ ସ୍ମରଣ କରି ନିବେଦନ କରିଥିଲେ ଗୋଟିଏ ମନ୍ଦିର ନିର୍ମାଣ ପାଇଁ। ଏହି ବିଶ୍ୱକର୍ମା ବୈକୁଣ୍ଠରୁ ଅବତରଣ କରି ମା’ଙ୍କ ପାଇଁ ବଇକୁଣ୍ଠ ସମାନ ନବର ତୋଳାଇଥିଲେ।

ପୌରାଣିକ ଦସ୍ତାବିଜ୍ ଅନୁସାରେ ମାଲ୍ୟବାନ, ମାଳି, ସୁମାଳି ନାମକ ତିନିଜଣ ରାକ୍ଷସ ବିଶ୍ୱକର୍ମାଙ୍କ ନିକଟକୁ ଯାଇ ଏକ ଭବ୍ୟ ମହଲର ନିର୍ମାଣ କରିବାକୁ କହିଲେ। ଇନ୍ଦ୍ରଦେବଙ୍କ ଆଜ୍ଞା ଅନୁସାରେ ମୁଁ ତ୍ରିକୂଟ ପର୍ବତରେ ସୁନାର ଲଙ୍କା ନିର୍ମାଣ କରିଥିଲି। ଯେହେତୁ ସେଠାରେ ଆଉ ରାବଣ ରହୁନାହାନ୍ତି, ତେଣୁ ଆପଣମାନେ ସେଠାରେ ଯାଇ ରହିପାରନ୍ତି ବୋଲି ବିଶ୍ୱକର୍ମା କହିଥିଲେ। କୁହାଯାଏ, ସେବେଠାରୁ ଲଙ୍କାରେ ରାକ୍ଷସମାନଙ୍କର ଆଧିପତ୍ୟ ସ୍ଥାପିତ ହୋଇଥିଲା। କେହି କେହି କୁହନ୍ତି, ବିଶ୍ୱକର୍ମା ରାବଣଙ୍କର ସାବତ ଭାଇ କୁବେରଙ୍କର କହିବା ଅନୁସାରେ ଏହି ସୁନାର ଲଙ୍କାଙ୍କୁ ନିର୍ମାଣ କରିଥିଲେ। ରାବଣ ଯେତେବେଳେ ସୀତାଙ୍କୁ ହରଣ କରି ପୁଷ୍ପକ ବିମାନରେ ଲଙ୍କାକୁ ନେଇଯାଉଥିବାବେଳେ ରାମ ସୀତାଙ୍କୁ ଉଦ୍ଧାର କରିବା ପାଇଁ ଲଙ୍କା ଯିବା ସମୟରେ ବାନରସେନାଙ୍କ ସାହାଯ୍ୟରେ ରାମସେତୁର ନିର୍ମାଣ କରିଥିଲେ। ବାଲ୍ମୀକି ରାମାୟଣ ଅନୁସାରେ କୁହାଯାଏ, ଶିଳ୍ପକଳାରେ ନିପୁଣ ନଳ ନାମକ ଜଣେ ବାନର ଯିଏକି ବିଶ୍ୱକର୍ମାଙ୍କର ହିଁ ପୁତ୍ର ଥିଲେ, ସେ ଏହି ରାମସେତୁର ନିର୍ମାଣ କରିଥିଲେ। ଯେଉଁ ରଥରେ ବସି ମହାଦେବ ବିଦ୍ୟୁରମାଳି, ତାରାକାକ୍ଷ ଏବଂ କମଳାକାକ୍ଷର ବଧ କରିଥିଲେ, ସେହି ରଥର ନିର୍ମାଣ ବିଶ୍ୱକର୍ମା ହିଁ କରିଥିଲେ। ମହାଦେବଙ୍କର ଏହି ରଥ ସୁନାର ଥିଲା। ଏହି ରଥର ଡାହାଣ ପାର୍ଶ୍ୱରେ ସୂର୍ଯ୍ୟ ଏବଂ ବାମ ପାର୍ଶ୍ୱରେ ଚନ୍ଦ୍ର ବିରାଜିତ ଥିଲେ। ଏଥିସହ ଡାହାଣ ପାର୍ଶ୍ୱରେ ୧୨ ଏବଂ ବାମ ପାର୍ଶ୍ୱରେ ୧୬ଟି ଅର ଥିଲା।

ଶିଳ୍ପସଭ୍ୟତାର ଅଗ୍ରଗତି ସହିତ ବିଶ୍ୱକର୍ମାଙ୍କ ପୂଜା ବହୁପ୍ରସାରୀ ଓ ଅଧିକ ଲୋକପ୍ରିୟ ହୋଇପାରିଛି। ବିଶ୍ୱକର୍ମାଙ୍କ ପୂଜା ମାଧ୍ୟମରେ ଆମର ବୈଷୟିକ ଜ୍ଞାନର ଉତ୍ତରୋତ୍ତର ଉନ୍ନତି ସହ ଦେଶ ଓ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ।

ଖଜରା, କସର୍ଦା, କଟକ,
ଫୋନ୍: ୮୯୧୭୬୯୦୮୪୯

୬ ବର୍ଷ ତଳେ ହୋଇଥିଲେ ଅଫିସର

# ଘରୁ ମିଳିଲା ପୁଳାପୁଳା ଟଙ୍କା ଓ ଗହଣା





**ନୂଆଦିଲ୍ଲୀ, ୧୬।୯:** ଭିଜିଲାନ୍ସ ଜାଲରେ ମହିଳା ସରକାରୀ କର୍ମଚାରୀ। ୨୦୧୯ରେ ପ୍ରଶାସନିକ ସେବା ପରୀକ୍ଷାରେ ପାସ୍ କରିବା ପରେ ଯୋଗଦେଇଥିଲେ ସରକାରୀ ଅଫିସର। ହେଲେ ୬ ବର୍ଷର ଚାକିରି ମଧ୍ୟରେ ଆୟ କରିଛି ଅପାର ସମ୍ପତ୍ତି। ଭିଜିଲାନ୍ସ ରେଡ ବେଳେ ଲେଡି ଅଫିସରଙ୍କ ଘରୁ ମିଳିଛି ପୁଳାପୁଳା ନଗଦ ଟଙ୍କା ଓ ମୋଟା ମୋଟା ସୁନା ଅଳଙ୍କାର। ୨ କୋଟି ଟଙ୍କା ଓ ସୁନା ଅଳଙ୍କାର ଘରୁ ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ଆସାମ ସିଭିଲ ସର୍ଭିସ (ଏସିଏସ୍) ଅଫିସର ନୂପୁର ବୋରାଙ୍କୁ ଗିରଫ କରାଯାଇଛି।

ଗୋଲାଘାଟର ମୂଳବାସିନ୍ଦା ନୂପୁର ବୋରା ୨୦୧୯ରେ ଆସାମ ପ୍ରଶାସନିକ ସେବାରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ କାମରୁପ ଜିଲ୍ଲାର ଗୋରୋଇମାରିରେ ସର୍କଲ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ସେ ଆୟଠାରୁ ଅଧିକ ସମ୍ପତ୍ତି ରୁଳ କରିଥିବା ଅଭିଯୋଗ ପରେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ସ୍ପେଶାଲ ଭିଜିଲାନ୍ସ ସେଲ ପକ୍ଷରୁ ହୋଇଥିଲା ରେଡ୍। ରେଡ ବେଳେ ନୂପୁରଙ୍କ ଗୁଆହାଟି ସ୍ଥିତ ଘରୁ ନଗଦ ୯୨ ଲକ୍ଷ ଟଙ୍କା ଓ ପ୍ରାୟ ୧ କୋଟି ଟଙ୍କାର ସୁନା ଅଳଙ୍କାର ମିଳିଛି। ସେହିପରି ବାରପେଟାରେ ଥିବା ତାଙ୍କ ଭଡ଼ା ଘରୁ ଅଧିକାରୀମାନେ ଆଉ ୧୦ ଲକ୍ଷ ଟଙ୍କା ଜବତ କରିଛନ୍ତି।

ବେଆଇନ ଜମି କାରବାରରେ ସାମିଲ ଥିବା ଅଭିଯୋଗ ପରେ ନୂପୁରଙ୍କୁ ୬ ମାସ ହେଲା ଭିଜିଲାନ୍ସ ସେଲ ନିଜ ସ୍କାନରରେ ରଖିଥିଲା। ଶେଷରେ ସୋମବାର ରେଡ କରି ଟଙ୍କା ଓ ଅଳଙ୍କାର ଜବତ କରିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବା କଥା ଯେ, ବାରପେଟ ଜିଲ୍ଲାରେ ସର୍କଲ ଅଫିସର ଭାବେ କାମ କରିବା ବେଳେ ନୂପୁର ବୋରା ବେଆଇନ ଭାବେ ସରକାରୀ ଜମିକୁ ସନ୍ଦିଗ୍ଧ ଅନୁପ୍ରବେଶକାରୀଙ୍କ ନାଁରେ ପଞ୍ଜିକରଣ କରାଇଥିଲେ। ସେମାନଙ୍କ ଠାରୁ ଟଙ୍କା ନେଇ ନୂପୁର ଶର୍ମା ସରକାରୀ ଜମିକୁ ସେମାନଙ୍କ ନାଁ କରି ଦେଉଥିଲେ ବୋଲି କୁହାଯାଉଛି। ତଥାପି ଏହାର ତଦନ୍ତ ଚାଲିଥିବା ଶ୍ରୀ ବିଶ୍ୱଶର୍ମା କହିଛନ୍ତି। ସୋମବାର ସକାଳୁ ସେ ଘରକୁ ଫେରିବା ପରେ ଭିଜିଲାନ୍ସ ସେଲ ରେଡ ଆରମ୍ଭ କରିଥିଲା। ଗୁହାଟୀ ସମେତ ନୂପୁରଙ୍କ ଆଉ ୩ଟି ଠିକଣାରେ ମଧ୍ୟ ରେଡ କରାଯାଇଛି।

# ଡେରାଡୁନରେ ଭୟଙ୍କର ବର୍ଷା

- ଧୋଇଗଲା ରାସ୍ତା, ଦୋକାନ; ଅନେକ ଲୋକ ନିଖୋଜ
- ଜେସିବି ଯୋଗେ ଘଟଣାସ୍ଥଳରେ ପହଞ୍ଚିଲେ ମୁଖ୍ୟମନ୍ତ୍ରୀ





**ଉତ୍ତରାଖଣ୍ଡ, ୧୬।୯:** ଉତ୍ତରାଖଣ୍ଡରେ ମୌସୁମୀ ତାଣ୍ଡବ ରଚିଛି। ଡେରାଡୁନର ସହସ୍ରଧାରାଠାରେ ବାଦଲ ଫଟା ବର୍ଷା ଯୋଗୁଁ ଅରାଜକତା ଦେଖାଦେଇଛି। ୧୩ଜଣ ଲୋକ ଏଥିରେ ମୃତ୍ୟୁବରଣ କରିଥିବା ବେଳେ ୧୬ଜଣ ନିଖୋଜ ଥିବା ସୂଚନା ମଧ୍ୟ ମିଳିଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଡେରାଡୁନର ମାଲଦେବତା-କେସରୱାଲା ଅଞ୍ଚଳରେ ବାଦଲଫଟା ବର୍ଷାରେ ପ୍ରଭାବିତ ହୋଇଥିବା ଅଞ୍ଚଳକୁ ପରିଦର୍ଶନ କରିଛନ୍ତି, ଯାହାର ଭିଡିଓ ସାମ୍ନାକୁ ଆସିଛି। ଭିଡିଓରେ, ଦେଖାଯାଉଛି ଯେ ମୁଖ୍ୟମନ୍ତ୍ରୀ ଧାମି ଜେସିବିରେ ଚଢ଼ି ସେହି ଅଞ୍ଚଳ ପରିଦର୍ଶନ କରିବାକୁ ଯାଉଛନ୍ତି।

ମୁଖ୍ୟମନ୍ତ୍ରୀ ଧାମି ସୂଚନା ଦେଇଛନ୍ତି ଯେ ଗତକାଲି ରାତିରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ରାଜ୍ୟର ସମସ୍ତ ନଦୀ ଭରି ଯାଇଛି। ଆହୁରି ମଧ୍ୟ କହିଛନ୍ତି, ପ୍ରାୟ ୨୫-୩୦ଟି ସ୍ଥାନରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି। ଘରଗୁଡ଼ିକ ବହୁତ କ୍ଷତିଗ୍ରସ୍ତ ମଧ୍ୟ ହୋଇଛି। ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି ଏବଂ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହାକୁ ଖୋଲିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି। ନଦୀଗୁଡ଼ିକର ଜଳସ୍ତର ମଧ୍ୟ ଯଥେଷ୍ଟ ବଢ଼ି ଯାଇଛି।

ଏପଟେ ଜାଣିବାକୁ ଯେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ଘଟଣାଗୁଡ଼ିକ ଜୀବନଯାତ୍ରାକୁ ବ୍ୟାହତ କରିଛି ଏବଂ ସରକାର ଏହାକୁ ସ୍ୱାଭାବିକ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛି। ଡେରାଡୁନର ସହସ୍ରଧାରା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ରାୟପୁରର ମାଲଦେବତାରେ ପ୍ରାୟ ୧୦୦ ମିଟର ଲମ୍ବା ରାସ୍ତା ଧୋଇଯାଇଛି। ଅନେକ ସଂଯୋଗକାରୀ ରାସ୍ତା ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି, ଯାହା ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ପ୍ରଶାସନ ଏବଂ ଏସ୍‌ଡିଆରଏଫ୍ ଦଳ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି, ଏବଂ ସରକାର ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ଯୋଗାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରୁଛନ୍ତି।

ବିପର୍ଯ୍ୟୟ ପରିଚାଳନା ସଚିବ ବିନୋଦ କୁମାର ସୁମନ କହିଛନ୍ତି ଯେ, ଡେରାଡୁନର ସହସ୍ରଧାରା ଏବଂ ମସୁରୀର ମାଲଦେବତାରୁ ମଧ୍ୟ କ୍ଷୟକ୍ଷତିର ରିପୋର୍ଟ ମିଳିଛି। ଡେରାଡୁନରେ ଦୁଇରୁ ତିନି ଜଣ ନିଖୋଜ ଥିବା ମଧ୍ୟ ଜଣାପଡ଼ିଛି। ମସୁରୀରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଖବର ମିଳିଛି ଏବଂ ଏହା ନିଶ୍ଚିତ କରାଯାଉଛି। ସେ କହିଛନ୍ତି ଯେ ପ୍ରଭାବିତ ଅଞ୍ଚଳରେ ଦଳଗୁଡ଼ିକ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବାବେଳେ ୩୦୦ରୁ ୪୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ମଧ୍ୟ ସ୍ଥାନାନ୍ତର କରାଯାଇଛି। ଏଥିସହ ବିପର୍ଯ୍ୟୟ ପରିଚାଳନା ସଚିବ କହିଛନ୍ତି ଯେ ଦେହରିର ଜଳବନ୍ଦୀ ଯୋଗୁଁ ଗୀତା ଭବନରେ ଲୋକମାନେ ଫସି ରହିଥିଲେ, ଯେଉଁମାନଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଉଛି। ଏହା ବ୍ୟତୀତ ପ୍ରବଳ ବର୍ଷା ଯୋଗୁଁ ଭୂସ୍ଖଳନର ଭଗ୍ନାବଶେଷ ଯୋଗୁଁ ନୈନିତାଲର ଏକ ରାସ୍ତା ଯାତାୟାତ ପାଇଁ ବନ୍ଦ ହୋଇଯାଇଛି। ଏହି ସମୟରେ, ମାହରା ଗାଁର ବାସିନ୍ଦାମାନେ ରାସ୍ତାରେ ଏକାଠି ହୋଇ କହିଥିଲେ ଯେ ସେମାନେ ଭୂସ୍ଖଳନରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଏଥିସହ ଦାବି ମଧ୍ୟ କରିଛନ୍ତି ଯେ କିଛି ଲୋକ ନିଖୋଜ ଅଛନ୍ତି।

## ବିଦ୍ୟୁତ ଅଧିକାରୀଙ୍କ ଘରେ ଭିଜିଲାନ୍ସ ରେଡ୍

ନଗଦ ୨ କୋଟି ଟଙ୍କା ଜବତ



**ହାଇଦ୍ରାବାଦ, ୧୬।୯:** ଆଣ୍ଟି-କରପ୍ସନ୍ ବ୍ୟୁରୋ (ଏସିବି) ମଙ୍ଗଳବାର ସକାଳ ୫ଟାରୁ ଆରମ୍ଭ କରାଯାଇଥିବା ଛାପା ଅପରେସନରେ ତେଲଙ୍ଗାନା ବିଦ୍ୟୁତ ବିଭାଗର ସହାୟକ ଡିଭିଜନାଲ ଇଞ୍ଜିନିୟର (ଏଡିଇ) ଅମ୍ବେଡକରଙ୍କ ଘର ଓ ସମ୍ପର୍କିତ ସ୍ଥାନରୁ ପ୍ରାୟ ୨ କୋଟି ଟଙ୍କା ନଗଦ ଜବତ ହୋଇଛି। ମନିକୋଣ୍ଡା ଡିଭିଜନରେ ପୋଷ୍ଟେଡ ଅମ୍ବେଡକରଙ୍କ ବିରୋଧରେ ଆୟରୁ ଅତ୍ୟଧିକ ସମ୍ପତ୍ତି ସଞ୍ଚୟର ଅଭିଯୋଗ ରହିଛି। ୧୫-୧୮ଟି ଦଳ ହାଇଦ୍ରାବାଦର ମଧାପୁର, ଗାଚିବୋଲି ସହ ସମ୍ପର୍କିତଙ୍କ ଘରେ ଛାପା ମାରିଛି। ଅଧିକାଂଶ ଟଙ୍କା ସମ୍ପର୍କୀୟଙ୍କ ଘରରୁ ମିଳିଛି, ଯାହା ବେନାମୀ ସମ୍ପତ୍ତିର ସନ୍ଦେହ ସୃଷ୍ଟି କରିଛି।

## ଇସ୍ତଫା ଦେଲେ ମେଘାଳୟର ୮ ମନ୍ତ୍ରୀ



**ଶିଲଂ, ୧୬।୯:** ବିଜେପି ନେତୃତ୍ୱାଧୀନ ମେଘାଳୟରେ ୧୨ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୮ ଜଣ ହଠାତ୍ ଇସ୍ତଫା ଦେଇଛନ୍ତି। ଅଥାତ୍ ୬୬ ପ୍ରତିଶତ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଇସ୍ତଫା ଦେଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଏନପିପି, ୟୁଡିପି, ଏଚଏସପିଡି ଏବଂ ବିଜେପିର ମନ୍ତ୍ରୀ ଅଛନ୍ତି। ଇସ୍ତଫା ଦେଇଥିବା ମନ୍ତ୍ରୀମାନଙ୍କ ମଧ୍ୟରେ ଏନପିପିର ଆମ୍ପାରେନ୍ ଲିଙ୍ଗଡୋହ, କମିଙ୍ଗ୍ ୟାମ୍ବନ୍, ରକ୍କମ୍ ଏ. ସାଙ୍ଗମା ଏବଂ ଆବୁ ତାହିର ମଣ୍ଡଳ ଅଛନ୍ତି। ସେହିପରି ୟୁଡିପିର ପଲ ଲିଙ୍ଗଡୋହ ଏବଂ କିରମେନ୍ ଶାଇଲା ରହିଛନ୍ତି। ଏଚଏସପିଡିପିର ଶାକଲିୟାର ୱାର୍ଜରୀ ଏବଂ ବିଜେପିର ଏ.ଏଲ ହେକ୍ ଅଛନ୍ତି। ମେଘାଳୟରେ କ୍ୟାବିନେଟ୍ ପୁନର୍ଗଠନ ପୂର୍ବରୁ ଏହା ଘଟିଛି। ବର୍ତ୍ତମାନ ମେଘାଳୟରେ ନ୍ୟାସନାଲ ପିପୁଲ୍ସ ପାର୍ଟି ସରକାର ଅଛନ୍ତି। ସରକାରଙ୍କର ନେତୃତ୍ୱ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା ନେଇଛନ୍ତି। ଏହି ସରକାରରେ ଅନେକ ଦଳ ସାମିଲ ଅଛନ୍ତି। ଏହି ସରକାର ମେଘାଳୟ ଡେମୋକ୍ରାଟିକ୍ ଆଲାଏନ୍ସ ନାମକ ଏକ ମେଣ୍ଟ ଉପରେ ଆଧାରିତ। ୬୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ମୋଟ ୧୨ଜଣ ମନ୍ତ୍ରୀ ଅଛନ୍ତି। ମନ୍ତ୍ରୀ ସଂଖ୍ୟା ଏହାଠାରୁ ଅଧିକ ହୋଇପାରିବେ ନାହିଁ। ସେଥିମଧ୍ୟରୁ ୮ ଜଣ ଇସ୍ତଫା ଦେଇଛନ୍ତି। ଫଳରେ ଏବେ ସରକାରରେ ୪ ଜଣ ମନ୍ତ୍ରୀ ଅଛନ୍ତି। ମେଘାଳୟରେ କ୍ୟାବିନେଟ୍ ଅଦଳବଦଳ ପଛରେ ଅନେକ କାରଣ ଅଛି। ସୂତ୍ର ଅନୁସାରେ, ମେଘାଳୟ ଗଣତାନ୍ତ୍ରିକ ମେଣ୍ଟରେ ସନ୍ତୁଳନ ରଖିବା ଏବଂ ସମସ୍ତ ବର୍ଗ ପ୍ରତିନିଧିତ୍ୱ ପାଇବା ପାଇଁ ସହଯୋଗୀ ଦଳଗୁଡ଼ିକୁ ସନ୍ତୁଷ୍ଟ କରିବା ପାଇଁ ଏହି ଅଦଳବଦଳ କରାଯାଉଛି।

ୟୁରୋପୀୟ ଦେଶଗୁଡ଼ିକୁ ଜେଲେନସ୍କିଙ୍କ ନିବେଦନ

# ଆମକୁ ଏୟାର ଡିଫେନ୍ସ ସିଷ୍ଟମ ଦିଅ



**ନୂଆଦିଲ୍ଲୀ, ୧୬।୯:** ୟୁକ୍ରେନ୍ ଉପରେ ଆକାଶରୁ ବିପଦ ବର୍ଷା କରୁଛି ରୁଷ୍। ଏଥିରେ ଚିନ୍ତିତ ୟୁକ୍ରେନୀ ରାଷ୍ଟ୍ରପତି ଜେଲେନସ୍କି ୟୁରୋପୀୟ ଦେଶକୁ ଅନୁରୋଧ କରିଛନ୍ତି। ସେ ଏୟାର ଡିଫେନ୍ସ ସିଷ୍ଟମ ପାଇଁ ଦାବି କରିଛନ୍ତି। ୟୁକ୍ରେନ ଉପରେ ରୁଷ୍‌ର ହମଲା ଥମିବାର ନାଁ ହିଁ ନେଉ ନାହିଁ। ମଙ୍ଗଳବାର ରୁଷିଆ ସେନା ବାହିନୀ ଦକ୍ଷିଣୀ ୟୁକ୍ରେନୀ ସହର ଜାପୋରିଜ୍ଜିଆ ଉପରେ ପୂରା ରାତି ରକେଟ୍ ଦ୍ୱାରା ଆକ୍ରମଣ କରିଛି। ଅନ୍ୟପଟେ, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନେକ ଚେଷ୍ଟା ସତ୍ତ୍ୱେ ଏବେସୁଦ୍ଧା ଯୁଦ୍ଧ ଥମିବାର ନଜର ଆସୁନାହିଁ। ଦୁଇ ଦେଶ ମଧ୍ୟରେ ଯୁଦ୍ଧକୁ ପାଖାପାଖି ସାଢେ ତିନି ବର୍ଷ ହୋଇ ସାରିଛି।

ୟୁକ୍ରେନର ରାଷ୍ଟ୍ରପତି ଜେଲେନସ୍କି ଟେଲିଗ୍ରାମ୍‌ରେ କହିଛନ୍ତି ଯେ, ଗତ ଦୁଇ ସପ୍ତାହରେ ହିଁ ରୁଷ୍ ୩୫୦୦ରୁ ଅଧିକ ଡ୍ରୋନ୍, ୨୫୦୦ ଶକ୍ତିଶାଳୀ ଗ୍ଲାଇଡ୍ ବୋମା ଓ ପାଖାପାଖି ୨୦୦ ମିସାଇଲ୍ ୟୁକ୍ରେନ୍ ଉପରେ ମାଡ଼ କରିଛି। ରୁଷୀୟ ଗ୍ଲାଇଡ୍ ବୋମା, ସାଧାରଣତଃ ଜେଟ୍ ବିମାନ ଗୁଡ଼ିକ ଦ୍ୱାରା ଖୁବ୍ ଉଚ୍ଚତାରେ ଏବଂ ଫ୍ରଣ୍ଟଲାଇନ୍‌ର ପଛରେ ଖସା ଯାଉଛି। ଅନ୍ୟପଟେ ଡ୍ରୋନ୍ ସ୍ୱାର୍ମ ୟୁକ୍ରେନୀ ସେନା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଏମିତି ତ ଗ୍ଲାଇଡ୍ ବୋମା ଖୁବ୍ ସଠିକ୍ ହୋଇ ନଥାଏ , କିନ୍ତୁ ଏହା ଖୁବ୍ ବଡ଼ ଆକାରର ଗର୍ତ୍ତ କରିଥାଏ। ୟୁକ୍ରେନ, ବର୍ତ୍ତମାନ ଏହାର ଜବାବ ଦେବାରେ ନିଜକୁ ଅସହାୟ ମନେକରୁଛି।

ନିକଟରେ ରୁଷ୍‌ର ଡ୍ରୋନ୍ ପୋଲାଣ୍ଡର ଭୂପୃଷ୍ଠ ଯାଏ ପହଞ୍ଚି ଥିଲା। ଏହା ନାଟୋ ଦେଶକୁ ୟୁରୋପିଅନ ଏୟାର ଡିଫେନ୍ସ ସିଷ୍ଟମ ତିଆରି କରିବା ଦିଗରେ ଭାବିବା ପାଇଁ ବାଧ୍ୟ କରିଛି। ଜେଲେନସ୍କି ଟେଲିଗ୍ରାମ୍‌ରେ କହିଛନ୍ତି , ଏବେ ଆମର ୟୁରୋପୀୟ ଆକାଶର ମିଳିତ ସୁରକ୍ଷାକୁ ଏକ ମଲ୍ଟିଲେୟାରର ଏୟାର ଡିଫେନ୍ସ ସିଷ୍ଟମର ଆବଶ୍ୟକ ରହିଛି। ଏଥିପାଇଁ ସବୁ ଟେକ୍ନୋଲଜି ଉପଲବ୍ଧ ଅଛି। ୟୁକ୍ରେନୀ ରାଷ୍ଟ୍ରପତି ଟେଲିଗ୍ରାମ୍‌ରେ କହିଛନ୍ତି ଯେ, ଆମକୁ ନିବେଶ ଓ ଇଚ୍ଛାର ଆବଶ୍ୟକ ଅଛି। ଆମକୁ ସବୁ ଭାଗିଦାରୀଙ୍କ ଠାରୁ ଆକ୍ସନ ଓ ଡିସିସନର ଆବଶ୍ୟକ ରହିଛି।

ବିଜେପିର ମାନସିକତା ଖରାପ

## ରାହୁଲ ଗାନ୍ଧୀଙ୍କୁ ଶାହିଦ୍ ଆଫ୍ରିଦିଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୧୬।୯:** ବିଜେପିର ମାନସିକତା ଖରାପ, ରାହୁଲ ଗାନ୍ଧୀ ସେଭଳି ନୁହନ୍ତି। ପୂର୍ବତନ ପାକିସ୍ତାନ କ୍ରିକେଟର ଶାହିଦ ଆଫ୍ରିଦି ବିଜେପିକୁ ଟାର୍ଗେଟ କରି ଏଭଳି କହିଛନ୍ତି। ସେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରିବା ସହିତ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଧର୍ମକୁ ନେଇ ରାଜନୀତି କରୁଥିବା କହି ସମାଲୋଚନା କରିଛନ୍ତି। "ଭାରତରେ ଥିବା ଏହି ସରକାର କ୍ଷମତାରେ ରହିବା ପାଇଁ ସର୍ବଦା ଧର୍ମ ଏବଂ ମୁସଲିମ-ହିନ୍ଦୁ କାର୍ଡ ଖେଳେ। ଏହା ଏକ ବହୁତ ଖରାପ ମାନସିକତା। ରାହୁଲ ଗାନ୍ଧୀଙ୍କର ବହୁତ ସକାରାତ୍ମକ ମାନସିକତା ଅଛି। କ'ଣ ଗୋଟିଏ ଇସ୍ରାଏଲ ଯଥେଷ୍ଟ ନୁହେଁ ଯେ, ଆପଣ ଆଉ ଏକ ଇସ୍ରାଏଲ ହେବାକୁ ଚେଷ୍ଟା କରୁଛନ୍ତି?" ଭାରତ-ପାକିସ୍ତାନ ମ୍ୟାଚ୍ ଉପରେ ଏକ ପ୍ୟାନେଲ ଆଲୋଚନା ସମୟରେ ଆଫ୍ରିଦି ଏଭଳି କହିଛନ୍ତି। ବିଜେପିର ଜାତୀୟ ମୁଖପାତ୍ର ଶେହଜାଦ ପୁନାୱାଲା, ଆଫ୍ରିଦିଙ୍କ ମନ୍ତବ୍ୟ ଉପରେ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଯେଉଁମାନେ ଭାରତକୁ ଘୃଣା କରନ୍ତି ସେମାନେ ରାହୁଲ ଗାନ୍ଧୀ ଏବଂ କଂଗ୍ରେସକୁ ବହୁତ ଭଲପାଆନ୍ତି। ଏକ୍ସରେ ପୋଷ୍ଟ କରି ସେ ଲେଖିଛନ୍ତି, "ହାଫିଜ୍ ସଇଦଙ୍କ ପରେ, ଏବେ ଶାହିଦ ଆଫ୍ରିଦି, ରାହୁଲ ଗାନ୍ଧୀଙ୍କ ପ୍ରଶଂସା କରୁଛନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

## ୫ ବର୍ଷ ମଧ୍ୟରେ ଜାରି ଇ-ଚାଲାଣ ଅକାମୀ

**ନୂଆଦିଲ୍ଲୀ, ୧୬।୯:** ଉତ୍ତର ପ୍ରଦେଶ ପରିବହନ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଗାଡ଼ି ଚାଳକଙ୍କୁ ଆଶ୍ୱସ୍ତି ଦେଇଛି । ରାଜ୍ୟରେ ୨୦୧୭ରୁ ୨୦୨୧ ମଧ୍ୟରେ ଜାରି କରାଯାଇଥିବା ଇ-ଚାଲାଣ ଏବେ ଆଇନ ଅନୁସାରେ ସ୍ୱତଃ ଶେଷ ହୋଇଯିବ । ଅର୍ଥାତ୍, ଯେଉଁ ଚାଲାଣଗୁଡ଼ିକ ଉପରେ କୋର୍ଟ କାର୍ଯ୍ୟାନୁଷ୍ଠାନ ବିଚାରାଧୀନ ଥିଲା କିମ୍ବା ଯାହାର ସମୟସୀମା ଶେଷ ହୋଇସାରିଛି, ସେଗୁଡ଼ିକ ଆଉ ବୈଧ ହେବ ନାହିଁ। ଏହି ପଦକ୍ଷେପ ରାଜ୍ୟର ଗାଡ଼ିମାଲିକମାନଙ୍କୁ ବଡ଼ ଆଶ୍ୱସ୍ତି ପ୍ରଦାନ କରିବ। ଏହି ନିଷ୍ପତ୍ତି ସହିତ, ଫିଟନେସ୍, ପରମିଟ୍, ଗାଡ଼ି ଟ୍ରାନ୍ସଫର ଏବଂ ଉଚ୍ଚ ସୁରକ୍ଷା ନମ୍ବର ପ୍ଲେଟ୍ ଭଳି ସେବାରେ ଥିବା ବାଧା ଦୂର ହୋଇଯିବ । ଏବେ ଗାଡ଼ି ମାଲିକମାନେ ପୁରୁଣା ଇ-ଚାଲାଣ ଯୋଗୁ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବେ ନାହିଁ। ପରିବହନ କମିଶନର ବ୍ରଜେଶ ନାରାୟଣ ସିଂହ ଆଦେଶରେ କହିଛନ୍ତି ଯେ ଜନସ୍ୱାର୍ଥ, ସ୍ୱଚ୍ଛତା ଏବଂ ଆଇନ ପାଳନକୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି । ଦୀର୍ଘ ସମୟ ଧରି କୋର୍ଟରେ ପଡ଼ି ରହିଥିବା ଛୋଟ ଚାଲାଣଗୁଡ଼ିକ ନ୍ୟାୟପାଳିକା ଉପରେ ଅନାବଶ୍ୟକ ବୋଝ ବଢାଉଥିଲା । ହାଇକୋର୍ଟ ଅନେକ ନିର୍ଦ୍ଦେଶରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ "ଆଇନ ଦ୍ୱାରା କାର୍ଯ୍ୟ କରି" ଏପରି ଇ-ଚାଲାଣଗୁଡ଼ିକୁ ବାତିଲ ବୋଲି ବିବେଚନା କରାଯିବ ଦରକାର। ନୂତନ ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ଏହାକୁ ପୋର୍ଟାଲ ସ୍ତରରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗାଡ଼ି ମାଲିକମାନେ ଏହା ଦ୍ୱାରା ସିଧାସଳଖ ଲାଭ ପାଇବେ । ଏବେ ଫିଟନେସ୍, ପରମିଟ୍, ଟ୍ରାନ୍ସଫର କିମ୍ବା ଏଚ୍‌ଏସ୍‌ଆରପି ପାଇଁ ଆବେଦନ କରିବା ସମୟରେ ପୁରୁଣା ଇ-ଚାଲାଣ ଯୋଗୁଁ କୌଣସି ବାଧା ଉପୁଜିବ ନାହିଁ। ଏହା ବ୍ୟତୀତ, ଲକ୍ଷ ଲକ୍ଷ ଯାନବାହନ ମାଲିକଙ୍କଠାରୁ ପୁରୁଣା ମାମଲା ହଟାଇ ଦିଆଯିବ ଏବଂ ସେମାନଙ୍କୁ ଆଇନଗତ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ ନାହିଁ।

ଜିଏସ୍‌ଟି ସଂସ୍କାର ଘୋଷଣା ପରେ

## ମଦର ଡାଏରୀ କ୍ଷୀରର ମୂଲ୍ୟ କମିଲା



**ନୂଆଦିଲ୍ଲୀ, ୧୬।୯:** ସରକାରଙ୍କ ଦ୍ୱାରା ଜିଏସ୍‌ଟି ସଂସ୍କାର ଘୋଷଣା ପରେ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ମଦର ଡାଏରୀ କ୍ଷୀରର ମୂଲ୍ୟ ହ୍ରାସ ହୋଇଛି। ଯାହା ଗ୍ରାହକମାନଙ୍କୁ ବଡ଼ ଆଶ୍ୱସ୍ତି ଦେଇଛି। ୨୨ ସପ୍ଟେମ୍ବରରୁ ନୂତନ ଜିଏସ୍‌ଟି ହାର ଲାଗୁ ହେବାକୁ ଯାଉଛି। କିନ୍ତୁ ଏହା ପୂର୍ବରୁ ମଧ୍ୟ କମ୍ପାନୀ ଏହାର ପ୍ୟାକେଜ୍ କ୍ଷୀରର ମୂଲ୍ୟ ଲିଟର ପିଛା ୨ ଟଙ୍କା ହ୍ରାସ କରିଛି। ମଦର ଡାଏରୀ ୧ ଲିଟର ପ୍ୟାକ୍ କ୍ଷୀରର ମୂଲ୍ୟ ୭୭ ଟଙ୍କାରୁ ୭୫ ଟଙ୍କାକୁ ହ୍ରାସ କରିଛି। ଏହା ବ୍ୟତୀତ ଘିଅ ଏବଂ ପନିର ସମେତ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ମଧ୍ୟ ହ୍ରାସ ପାଇଛି। ସରକାର ସେପ୍ଟେମ୍ବର ୩ ରେ ଜିଏସ୍‌ଟି ସଂସ୍କାର ଘୋଷଣା କରିଥିଲେ ଏବଂ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଟିକସ ହ୍ରାସ ସମ୍ପର୍କରେ ସୂଚନା ଦେଇଥିଲେ। ଅର୍ଥମନ୍ତ୍ରୀ କହିଥିଲେ ଯେ ନୂତନ ଜିଏସ୍‌ଟି ହାର ୨୨ ସେପ୍ଟେମ୍ବରରୁ ଲାଗୁ ହେବ। କ୍ଷୀର, ପନିର ଠାରୁ ଆରମ୍ଭ କରି ଏସି-ଟିଭି ପର୍ଯ୍ୟନ୍ତ ସବୁକିଛି ଶସ୍ତା ହୋଇଯିବ। ଏହା କାର୍ଯ୍ୟକାରୀ ହେବା ପୂର୍ବରୁ ମଦର ଡାଏରୀ କ୍ଷୀର ଉତ୍ପାଦର ମୂଲ୍ୟ ହ୍ରାସ କରିଛି। ପନିରର ମୂଲ୍ୟ ବିଷୟରେ କହିବାକୁ ଗଲେ, ୨୦୦ ଗ୍ରାମ ପନିର ପ୍ୟାକେଟର ମୂଲ୍ୟ ଏବେ ୯୫ ଟଙ୍କା ବଦଳରେ ୯୨ ଟଙ୍କା ହେବ। ଏହା ବ୍ୟତୀତ ୪୦୦ ଗ୍ରାମ ପନିର ପ୍ୟାକେଟର ମୂଲ୍ୟ ଏବେ ୧୮୦ ଟଙ୍କା ବଦଳରେ ୧୭୪ ଟଙ୍କା ହେବ। ମଲାଇ ପନିରର ମୂଲ୍ୟ ମଧ୍ଯ ହ୍ରାସ ପାଇଛି ଏବଂ ୨୦୦ଗ୍ରାମ ପ୍ୟାକେଟ ୧୦୦ ଟଙ୍କାରୁ ହ୍ରାସ ପାଇ ୯୭ ଟଙ୍କା ହୋଇଛି। ୫୦୦ ଗ୍ରାମ ବଟର ୩୦୫ ଟଙ୍କା ବଦଳରେ ୨୮୫ଟଙ୍କାରେ ଉପଲବ୍ଧ ହେବ। ଯେତେବେଳେ ୧୦୦ ଗ୍ରାମ ବଟର ଟିକ୍କି ୬୨ ଟଙ୍କା ବଦଳରେ ୫୮ ଟଙ୍କାରେ ଉପଲବ୍ଧ ହେବ। ଯଦି ଆମେ ଘିଅର ମୂଲ୍ୟ ହ୍ରାସ ଉପରେ ନଜର ପକାଇବା, ତେବେ ୧ ଲିଟର କାର୍ଟୁନ ପ୍ୟାକର ମୂଲ୍ୟ ୬୭୫ ଟଙ୍କାରୁ ୬୪୫ ଟଙ୍କାକୁ ହ୍ରାସ କରାଯାଇଛି। ଯେତେବେଳେ ୫୦୦ ମିଲି ପ୍ୟାକ ୩୪୫ ଟଙ୍କାରୁ ୩୩୦ ଟଙ୍କାକୁ ହ୍ରାସ ପାଇଛି। ୧ ଲିଟର ଟିନ୍ ପ୍ୟାକ ଘିଅର ମୂଲ୍ୟ ୩୦ ଟଙ୍କା ପ୍ରତି ଲିଟର ହ୍ରାସ ପାଇଛି ଏବଂ ଏହା ୭୫୦ଟଙ୍କାରୁ ୭୨୦ ଟଙ୍କାକୁ ହ୍ରାସ ପାଇଛି।

ନାବାଳକକୁ ଦୁଷ୍କର୍ମ

## ନେତାଙ୍କ ସମେତ ୯ ଗିରଫ

**ତିରୁଅନନ୍ତପୁରମ, ୧୬।୯:** କେରଳରେ ଜଣେ ୧୬ ବର୍ଷୀୟ ନାବାଳକଙ୍କୁ ଦୁଷ୍କର୍ମ ଅଭିଯୋଗରେ ଜଣେ ରାଜନେତା, ଦୁଇ ସରକାରୀ କର୍ମଚାରୀ ଓ ଜଣେ ଫୁଟବଲ କୋଚ ସମେତ ୯ ଜଣଙ୍କୁ କେରଳ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଗେ ଡେଟିଂ ଆପ୍ ମାଧ୍ୟମରେ ନାବାଳକଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। କାସାରଗୋଡ ପୋଲିସ ମୁଖ୍ୟ ବିଜୟ ଭାରତ ରେଡ୍ଡୀ କହିଛନ୍ତି, ଦଶମ ଶ୍ରେଣୀର ଏହି ବାଳକ ଦୁଇ ବର୍ଷ ପୂର୍ବେ ଆପ୍ ଡାଉନଲୋଡ କରିଥିଲେ ଓ କାସାରଗୋଡ, କନ୍ନୁର, କୋଝିକୋଡ ଓ ଏର୍ଣ୍ଣାକୁଲମରେ ୧୪ ଜଣଙ୍କ ଦ୍ୱାରା ଦୁଇବର୍ଷ ଧରି ବଳାତ୍କାରର ଶିକାର ହୋଇଥିଲେ। ନାବାଳକଙ୍କ ମାଆଙ୍କ ସନ୍ଦେହ ପରେ ଏହି ଘଟଣା ପ୍ରକାଶ ପାଇଥିଲା। ପୋଲିସ ୧୪ ଜଣଙ୍କ ବିରୋଧରେ ପୋକ୍ସୋ ଆଇନ ଅନୁଯାୟୀ ୧୪ଟି ମାମଲା ରୁଜୁ କରିଛି। କାସାରଗୋଡରେ ହୋଇଥିବା ୮ଟି ମାମଲା ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ ହୋଇଛି, ବାକି ୬ଟି ମାମଲା କୋଝିକୋଡ ଓ କନ୍ନୁରକୁ ହସ୍ତାନ୍ତର ହୋଇଛି। ପ୍ରାୟ ସମସ୍ତ ଅଭିଯୁକ୍ତଙ୍କ ବୟସ ୨୫ରୁ ୫୧ ବର୍ଷ ମଧ୍ୟରେ ଅଟେ।

## ଟ୍ରମ୍ପଙ୍କୁ ଭେଟିବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ



**ୱାଶିଂଟନ, ୧୬।୯ :** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଏପରି କିଛି କରିଛନ୍ତି ଯାହା ଭାରତକୁ ବିରକ୍ତ କରିପାରେ। ସୂଚନା ଅନୁସାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି। ପାକିସ୍ତାନୀ ସେନା ମୁଖ୍ୟ ଏବଂ ଫିଲ୍ଡ ମାର୍ଶାଲ ଅସୀମ ମୁନିର ମଧ୍ୟ ଏହି ବୈଠକରେ ଯୋଗ ଦେବେ। ଏହି ମାସ ଶେଷରେ ନ୍ୟୁୟର୍କରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ସମୟରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର ସମ୍ଭାବନା ରହିଛି। ଏହି ଖବର ଏପରି ସମୟରେ ଆସିଛି ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ଜୁଲାଇରେ ପ୍ରକାଶିତ ବକ୍ତାଙ୍କ ତାଲିକାରେ ସାମିଲ ହୋଇଥିଲା, କିନ୍ତୁ ବର୍ତ୍ତମାନ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କୁ ଭାରତ ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନ ଏପରି ସମୟରେ ହୋଇଛି ଯେତେବେଳେ ବିଶ୍ୱ ସ୍ତରରେ ଭାରତର ଭୂମିକାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଥିଲା। ଜାତିସଂଘ ସାଧାରଣ ପରିଷଦର ୮୦ତମ ଅଧିବେଶନ ସେପ୍ଟେମ୍ବର ୨୩ ରୁ ୨୯ ପର୍ଯ୍ୟନ୍ତ ଚାଲିବ। ବ୍ରାଜିଲ ନେତା ପ୍ରଥମ ବକ୍ତା ଭାବରେ ଭାଷଣ ଦେବେ। ଏହା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେପ୍ଟେମ୍ବର ୨୩ ତାରିଖରେ ବିଶ୍ୱ ନେତାମାନଙ୍କୁ ସମ୍ବୋଧିତ କରିବେ। ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରୀ ଜୟଶଙ୍କର ସେପ୍ଟେମ୍ବର ୨୭ ତାରିଖରେ ଅଧିବେଶନକୁ ସମ୍ବୋଧିତ କରିବେ।

## ଅଡୁଆରେ ଛଗନ ଭୁଜବଳ



**ମୁମ୍ବାଇ, ୧୬।୯ :** ମହାରାଷ୍ଟ୍ରର ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଘନିଷ୍ଠ ସହଯୋଗୀ ଛଗନ ଭୁଜବଳଙ୍କ ସମସ୍ୟା ବଢ଼ିପାରେ। କାରଣ ଏକ ବେନାମୀ ସମ୍ପତ୍ତି ମାମଲାକୁ ପୁଣି ଆରମ୍ଭ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁମ୍ବାଇ ସ୍ୱତନ୍ତ୍ର କୋର୍ଟ ଛଗନ ଭୁଜବଳ ଏବଂ ଅନ୍ୟମାନଙ୍କ ବିରୋଧରେ ୨୦୨୧ର ବେନାମୀ ସମ୍ପତ୍ତି ମାମଲା ପୁନଃ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁମ୍ବାଇ ସ୍ୱତନ୍ତ୍ର କୋର୍ଟ ମଙ୍ଗଳବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ବମ୍ବେ ହାଇକୋର୍ଟ ବୈଷୟିକ ଆଧାରରେ ଏହି ମାମଲାର କାର୍ଯ୍ୟଧାରା ବାତିଲ କରିଦେଇଥିଲେ। ବର୍ତ୍ତମାନ ମାମଲାକୁ ମୂଳ ପର୍ଯ୍ୟାୟକୁ ଫେରାଇ ଅଣାଯାଇଛି ଏବଂ ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୬ ରେ ସ୍ୱତନ୍ତ୍ର ସାଂସଦ / ବିଧାୟକ କୋର୍ଟରେ ଅନୁଷ୍ଠିତ ହେବ।

ଆୟକର ବିଭାଗ ୨୦୨୧ ମସିହାରେ ଛଗନ ଭୁଜବଳ, ତାଙ୍କ ପରିବାର ସଦସ୍ୟ ଏବଂ ତାଙ୍କ ଫାର୍ମ ଆର୍ମଷ୍ଟ୍ରଙ୍ଗ ଇନଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍, ପରଭେସ୍ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଦେବୀଶା କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ବିରୁଦ୍ଧରେ ବେନାମୀ ସମ୍ପତ୍ତି ମାମଲା ଆରମ୍ଭ କରିଥିଲା।

ପ୍ରଥମ ଥର ପାଇଁ ଜାତିସଂଘ କମିସନଙ୍କ ରିପୋର୍ଟ ଦାଖଲ

# ଗାଜାରେ ନରସଂହାର ଚଳାଇଛି ଇସ୍ରାଏଲ



**ନ୍ୟୁୟର୍କ, ୧୬।୯:** ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ଗାଜା ଷ୍ଟ୍ରିପରେ ଇସ୍ରାଏଲର ଆକ୍ରମଣ ଉପରେ ମିଳିତ ଜାତିସଂଘ କମିସନ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ନରସଂହାର। ଦୁଇ ବର୍ଷର ତଦନ୍ତ ପରେ, କମିସନ କହିଛନ୍ତି, ସେଠାରେ ଅନ୍ତର୍ଜାତୀୟ ଆଇନଗୁଡ଼ିକୁ ଖୋଲାଖୋଲି ଭାବରେ ଅବମାନନା କରାଯାଉଛି ଏବଂ ଯୁଦ୍ଧ ଚାଲିଥିବା ଦିନଠାରୁ ନରସଂହାର ଅଭିଯାନ ଚାଲିଛି। ଜାତିସଂଘର ଏକ ସ୍ୱାଧୀନ କମିସନ ଦ୍ୱାରା ତଦନ୍ତ କରାଯାଉଥିଲା। ପ୍ରଥମ ଥର ପାଇଁ କମିସନ ଏହି ଯୁଦ୍ଧରେ ନରସଂହାର ଶବ୍ଦ ବ୍ୟବହାର କରିଛି। କମିସନର ୭୨ ପୃଷ୍ଠାର ରିପୋର୍ଟରେ କୁହାଯାଇଛି, ଅକ୍ଟୋବର ୨୦୨୩ ପରଠାରୁ ଇସ୍ରାଏଲ ତିନି କିମ୍ବା ଚାରି ଥର ଏପରି କିଛି କରିଛି, ଯାହାକୁ ୧୯୪୮ର ନରସଂହାର ଚୁକ୍ତିନାମା ଅଧୀନରେ ରଖାଯାଇପାରିବ। ଏହି ରିପୋର୍ଟ ପ୍ରସ୍ତୁତ କରିଥିବା ଲୋକମାନେ କହିଛନ୍ତି, ତଦନ୍ତର ଏହି ଫଳାଫଳ ଏପର୍ଯ୍ୟନ୍ତ ଜାତିସଂଘର ତଦନ୍ତରେ ସବୁଠାରୁ ଶକ୍ତିଶାଳୀ ବୋଲି କୁହାଯାଉଛି।

ତଦନ୍ତକାରୀମାନେ କହିଛନ୍ତି, ଏହି ରିପୋର୍ଟ ଇସ୍ରାଏଲୀ ଲୋକ ଏବଂ ସାମରିକ ଅଧିକାରୀଙ୍କ ବୟାନ ଆଧାରରେ ପ୍ରସ୍ତୁତ କରାଯାଇଛି। ଏହା ଅନୁଯାୟୀ, ଇସ୍ରାଏଲୀ ସେନା ଗାଜା ଷ୍ଟ୍ରିପରୁ ପାଲେଷ୍ଟାଇନ ଲୋକଙ୍କୁ ନିପାତ କରିବା ପାଇଁ ଏହି ନରସଂହାର ଘଟଣା ଘଟାଇଛି।

ଜାତିସଂଘ କମିସନଙ୍କ ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ, ଇସ୍ରାଏଲର ରାଷ୍ଟ୍ରପତି ଆଇଜାକ୍ ହର୍ଜୋଗ, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟ ନରସଂହାରକୁ ପ୍ରୋତ୍ସାହିତ କରିଛନ୍ତି। ଇସ୍ରାଏଲୀ ଅଧିକାରୀମାନେ ଏହି ପ୍ରରୋଚନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି, ଏହି ଜଘନ୍ୟ ଅପରାଧର ଦାୟିତ୍ୱ ଇସ୍ରାଏଲର ଉଚ୍ଚ ଅଧିକାରୀଙ୍କ ଉପରେ ନ୍ୟସ୍ତ ରହିଛି। ଏହି ବିବୃତି ଦକ୍ଷିଣ ଆଫ୍ରିକାର ପୂର୍ବତନ ବିଚାରପତି ଏବଂ ରୱାଣ୍ଡା ପାଇଁ ଅନ୍ତର୍ଜାତୀୟ ଟ୍ରିବ୍ୟୁନାଲର ପୂର୍ବତନ ମୁଖ୍ୟ ନାଭି ପିଲେ ଦେଇଛନ୍ତି। ଏହି ରିପୋର୍ଟ କମିସନରଙ୍କର ତେବେ ଜାତିସଂଘ ଏପର୍ଯ୍ୟନ୍ତ ଗାଜାର ପରିସ୍ଥିତିକୁ ନରସଂହାର ବୋଲି କହିନାହିଁ। ତଥାପି, ମେ' ମାସରେ, ଏହାର ସହାୟତା ମୁଖ୍ୟ ବିଶ୍ୱ ନେତାମାନଙ୍କୁ ନରସଂହାର ବନ୍ଦ କରିବା ପାଇଁ ନିର୍ଣ୍ଣାୟକ ପଦକ୍ଷେପ ନେବାକୁ ନିବେଦନ କରିଥିଲେ। ଏହା ବ୍ୟତୀତ, ସମ୍ପ୍ରତି ଜାତିସଂଘର ମାନବାଧିକାର ମୁଖ୍ୟ ଇସ୍ରାଏଲର ନରସଂହାର ଭଳି ଭାଷାକୁ ନିନ୍ଦା କରିଛନ୍ତି। ଅନ୍ୟପକ୍ଷରେ, ଇସ୍ରାଏଲ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛି। ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, ଏହି ରିପୋର୍ଟ ମିଥ୍ୟା ଏବଂ ବିକୃତ ଏବଂ ଏହି ତଦନ୍ତ କମିସନଙ୍କୁ ତୁରନ୍ତ ସମାପ୍ତ କରିବାକୁ ଦାବି କରିଛି।

# ପାକିସ୍ତାନ କଥା ଶୁଣିଲାନି ଆଇସିସି

## ଏସିଆ କପରୁ ଓହରିଯିବ କି ଦଳ ?

**ଦୁବାଇ, ୧୬।୯:** ପାକିସ୍ତାନ କ୍ରିକେଟ ଟିମ ଓ ପାକିସ୍ତାନ କ୍ରିକେଟ ବୋର୍ଡକୁ ବଡ଼ ଝଟକା ଦେଇଛି ଆଇସିସି। ଏସିଆ କପରୁ ମ୍ୟାଚ୍ ରେଫରୀ ଆଣ୍ଡୀ ପାଇକ୍ରଫ୍ଟଙ୍କୁ ହଟାଇବା ପାଇଁ ପାକିସ୍ତାନ କରିଥିବା ଦାବିକୁ ଆଇସିସି ଅଗ୍ରାହ୍ୟ କରି ଦେଇଛି। ଏସିଆ କପରେ ଭାରତ-ପାକିସ୍ତାନ ମ୍ୟାଚ୍ ପରେ ଆରମ୍ଭ ହୋଇଥିବା ହାତ ମିଳାଇବା ବିବାଦ ତୀବ୍ର ହେଉଥିବା ବେଳେ ପାକିସ୍ତାନର କୌଣସି ଦାବିରେ ଆଇସିସି ହସ୍ତକ୍ଷେପ କରିବ ନାହିଁ ବୋଲି ସ୍ପଷ୍ଟ କରିଛି। ମ୍ୟାଚ୍ ରେଫରୀ ଆଣ୍ଡୀ ପାଇକ୍ରଫ୍ଟଙ୍କୁ ଏସିଆ କପରୁ ହଟାଇବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଆଇସିସି ନିକଟରେ ଦାବି ଉପସ୍ଥାପନ କରିଥିଲା। ପାକିସ୍ତାନର ଆବେଦନ ପରେ ଆଇସିସି ତଦନ୍ତ କରିଥିଲା। ତଦନ୍ତ ପରେ ଆଣ୍ଡୀଙ୍କୁ ଏସିଆ କପର ଅବଶିଷ୍ଟ ମ୍ୟାଚ୍‌ରୁ ହଟାଇବାର ଆବଶ୍ୟକତା ନାହିଁ ନାହିଁ ବୋଲି ଆଇସିସି ହୃଦୟଙ୍ଗମ କରିଛି। ନିଜର ନିଷ୍ପତ୍ତିକୁ ମଧ ଆଇସିସି ପକ୍ଷରୁ ପିସିବି ପକ୍ଷରୁ ଅବଗତ କରି ଦିଆଯାଇଛି। ସେହିପରି ଅଧିକାଂଶ ଏସିଆନ କ୍ରିକେଟ କାଉନସିଲ ଅଫିସିଆଲ ଏପରି କି ପିସିବି ନିର୍ଦ୍ଦେଶକ ମଧ ମ୍ୟାଚ୍ ପରେ ଭାରତ ଓ ପାକିସ୍ତାନ ଖେଳାଳି ପରସ୍ପର ସହ ହାତମିଳାଇବେ ନାହିଁ ବୋଲି ବହୁ ପୂର୍ବରୁ ଜାଣି ସାରିଥିଲେ। ସେହି ଅନୁସାରେ ଭାରତୀୟ ଖେଳାଳି ପାକିସ୍ତାନ ସହ ହାତ ମିଳାଇ ନଥିଲେ। ଏଥିରେ ମ୍ୟାଚ୍ ରେଫରୀ ଆଣ୍ଡୀ ପାଇକ୍ରଫ୍ଟଙ୍କ କୌଣସି ଭୂମିକା ନଥିବା ଆଇସିସି ଜାଣିବାକୁ ପାଇଛି। ଏକଥା ଜଣାପଡ଼ିବା ପରେ ଆଇସିସି ପକ୍ଷରୁ ପିସିବିକୁ ନିଜର ନିଷ୍ପତ୍ତି ସମ୍ପର୍କରେ ଅବଗତ କରି ଦିଆଯାଇଛି। ହେଲେ ପାକିସ୍ତାନ ଆଇସିସିର ଏଭଳି ନିଷ୍ପତ୍ତିକୁ ଗ୍ରହଣ କରିବା ଏସିଆ କପର ପରବର୍ତ୍ତୀ ମ୍ୟାଚ ଖେଳିବ ନା ଓହରିଯିବ, ସେନେଇ କିଛି ସ୍ପଷ୍ଟ କରିନାହିଁ।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ




**ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦୃଶ୍ୟକଳା ବିଭାଗ ଆନୁକୂଲ୍ୟରେ ଏକ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । 'ଗ୍ରାମୀଣ ପ୍ରତିଧ୍ୱନି: କଳା, ପରିଚୟ ଓ ପରିବର୍ତ୍ତିତ ବିଶ୍ୱ' ବିଷୟ ଉପରେ ଆଧାରିତ ଏହି ସମ୍ମିଳନୀକୁ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଗ୍ରାମୀଣ ସଂସ୍କୃତି, କଳା ଓ ପରିଚୟ ସହିତ ବିଶ୍ୱସ୍ତରରେ ଦେଖାଯାଉଥିବା ସାଂସ୍କୃତିକ ଆଦାନ-ପ୍ରଦାନ ଉପରେ ଶୈକ୍ଷିକ ଚର୍ଚ୍ଚା କରିବା ଏହି ଆନ୍ତର୍ଜାତିକ ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁମ୍ବାଇ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ରାଜେଶ କରନାଲକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମୀଣ ଜୀବନ ଓ କଳା ମାନବ ସଂସ୍କୃତିକର ମୂଳ ଅଂଶ ବୋଲି କହିଥିଲେ । ଗ୍ରାମ୍ୟ କଳାରେ ଅନ୍ତର୍ନିହିତ ସୃଜନଶୀଳତା, ପରିଚୟ ଓ ବିଶ୍ୱଦରବାରରେ ଏହାର ପ୍ରସାର ନିମନ୍ତେ ସାଂପ୍ରତିକ କଳାକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ବିଶ୍ୱଭାରତୀ ଶାନ୍ତି ନିକେତନର ପ୍ରଫେସର ସଂଜୟ କୁମାର ମଲ୍ଲିକ ଓ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଦୋଷ ମିଶ୍ର ପ୍ରମୁଖ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ସମସାମୟିକ ଗ୍ରାମୀଣ କଳାର ତତ୍ତ୍ୱ, ବିକାଶ, ପରିଚୟ ଓ ପ୍ରସାର ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ସମ୍ମିଳନୀର ଆବାହକ ତଥା ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଶ୍ରୁତି ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ୪ ଜଣଙ୍କ ଆରସି ଏବଂ ଡିଏଲ୍ ବାତିଲ

**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ):** ଭିନ୍ନ ଭିନ୍ନ ସ୍ଥାନରେ ରିଲ୍ସ କରି ତଣ୍ଡ ଗଣିଲେ ୪ ଜଣ। ଖୋର୍ଦ୍ଧାରେ ଏଆରଟିଓ ଦ୍ୱାରା ଗାଡ଼ି ଜବତ୍ ହୋଇଥିବା ବେଳେ ଅଭିଯୁକ୍ତଙ୍କୁ ୧୫୦୦୦ ଫାଇନ କରାଯାଇଛି। ଏହାସହ ତାଙ୍କର ଆରସି ଏବଂ ଡିଏଲକୁ ବାତିଲ କରାଯାଇଛି। ସେହିପରି ପୁରୀ ଫେଣ୍ଟକଟାରେ ବାଇକ୍ ରେ ରିଲସ କରି ଆରଟିଓଙ୍କ ହାବୁଡ଼ରେ ପଡି ୭,୦୦୦ ଟଙ୍କା ଫାଇନ ଗଣିଛନ୍ତି ଯୁବକ। ଏଥିସହ ତାଙ୍କର ବାଇକ ଜବତ୍ କରାଯାଇଥିବା ବେଳେ ଡିଏଲ୍ ବାତିଲ କରାଯାଇଛି। ସମ୍ବଲପୁର ଜଣେ ବ୍ଲଗର ରିଲସ କରୁଥିବା ବେଳେ ତାଙ୍କଠାରୁ ୧୧,୦୦୦ ହଜାର ଟଙ୍କା ଫାଇନ ନେବା ସହ ଚାରିଚକିଆ ଗାଡିକୁ ଜବତ୍ କରିଛି ପୋଲିସ। ସେପରି ଭୁବନେଶ୍ୱର କିଟ ଂଇନଫୋସିସ ଥାନା ଅଂଚଳରେ ବାଇକ୍ ରେ ଗାର୍ଲଫ୍ରେଣ୍ଡ ସହ ରିଲସ କରି ୨୬,୦୦୦ ହଜାର ଟଙ୍କା ଫାଇନ ଗଣିଛନ୍ତି ଗାଡ଼ି ଚାଳକ। ପୋଲିସ ଗାଡ଼ି ଜବତ କରିବା ସହ ଡିଏଲ ବାତିଲ କରିଛି। ଏବେ ରିଲସ କରିବା ସହ ବିପଦ ଜନକ ଭାବେ ଗାଡ଼ି ଚଳାଇବା କିମ୍ବା ରାସ୍ତାରେ ରେଶିଂ କରିବା ଉପରେ କଡା ଆଭିମୁଖ୍ୟ ନେବ ପରିବହନ ବିଭାଗ। ଗାଡ଼ି ଚାଳନା ବେଳେ ରିଲ୍ କିମ୍ବା ଭିଡିଓ ପ୍ରସ୍ତୁତକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ପରେ ଏହା ଜାରି ହୋଇଛି।

# ଆପୋଲୋ ଟାୟର୍ସ ଟିମ୍ ଇଣ୍ଡିଆ ଜର୍ସି ସ୍ପନ୍ସର୍

## ମ୍ୟାଚ୍ ପିଛା ଦେବ ସାଢ଼େ ୪ କୋଟି

## ନୂଆ ଆଇନ ଯୋଗୁଁ ହଟିଲା ଡ୍ରିମ୍୧୧




**ମୁମ୍ବାଇ,୧୬।୯:** ଭାରତୀୟ କ୍ରିକେଟ ଦଳର ଜର୍ସି ସ୍ପନସର ଭାବେ ଆପୋଲୋ ଟାୟର୍ସକୁ ୨୦୨୭ ପର୍ଯ୍ୟନ୍ତ ନିଯୁକ୍ତ କରାଯାଇଛି। ଡ୍ରିମ୍୧୧କୁ ବାଦ ଦେବା ପରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏହି ନିଷ୍ପତ୍ତି ନେଇଛି। ଆଜି ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଅନୁସାରେ, ଆପୋଲୋ ଟାୟର୍ସ ୩ ବର୍ଷ ପାଇଁ ବିସିସିଆଇକୁ ୫୭୯ କୋଟି ଟଙ୍କା ଦେବ, ଯାହାକି ଡ୍ରିମ୍୧୧ ଦେଉଥିବା ମୂଲ୍ୟଠାରୁ ୨୧ କୋଟି ଅଧିକ। କାରଣ ପୂର୍ବରୁ ଡ୍ରିମ୍୧୧ ଏଥିସକାଶେ ୩ ବର୍ଷରେ ୩୫୮ କୋଟି ଟଙ୍କା ଦେଇଥିଲା। ଏହି ଚୁକ୍ତି ଭାରତୀୟ ଦଳର ୧୨୧ଟି ଦ୍ୱିପାକ୍ଷିକ ଓ ୨୧ଟି ଆଇସିସି ମ୍ୟାଚ୍ ସାମିଲ୍ ରହିଛି। ଅର୍ଥାତ୍ ପ୍ରତି ମ୍ୟାଚ ପାଇଁ ଆପୋଲୋ ଟାୟର୍ସ ୪.୫ କୋଟି ଟଙ୍କା ଦେବ, ଯାହା ଡ୍ରିମ୍୧୧ର ୪ କୋଟି ଟଙ୍କାଠାରୁ ଅଧିକ। ସ୍ପନ୍‌ସର୍‌ସିପ୍ ହାସଲ କରିବା ସକାଶେ ଆପୋଲୋ ଟାୟର୍ସ କାନ୍‌ଭା ଓ ଜେକେ ସିମେଣ୍ଟ୍‌ସକୁ ପଛରେ ପକାଇଦେଇଛି। ଏହି ଚୁକ୍ତି ହାତେଇବା ପାଇଁ କାନ୍‌ଭା ୫୪୪ କୋଟି ଓ ଜେକେ ସିମେଣ୍ଟ୍‌ସ ୪୭୭ କୋଟି ଟଙ୍କାର ବିଡ୍ ଦାଖଲ କରିଥିଲା।

ଏହି ଚୁକ୍ତି ସ୍ୱାକ୍ଷର କରିବା ପରେ ଆପୋଲୋ ଟାୟର୍ସ ବିଶ୍ୱବ୍ୟାପୀ ଲୋକପ୍ରିୟତା ହାସଲ କରିବ। ଅନ୍ୟପକ୍ଷରେ ଏହାକୁ ଭାରତୀୟ କ୍ରିକେଟ ଜଗତରେ ଏକ ବଡ଼ ସ୍ପନସରଶିପ ଚୁକ୍ତି ଭାବେ ଗଣା ହେଉଛି। ଚଳିତ ଏସିଆ କପରେ ପୁରୁଷ ଦଳ ଓ ଅଷ୍ଟ୍ରେଲିଆ ବିପକ୍ଷ ମହିଳା ଦଳର ତିନି ମ୍ୟାଚ ଦିନିକିଆ ସିରିଜରେ ଭାରତୀୟ ଦଳର କୌଣସି ସ୍ପନସର ନାହାନ୍ତି। ଆସନ୍ତା ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ବିଶ୍ୱକପରେ ମହିଳା ଦଳର ଜର୍ସିରେ ନୂଆ ସ୍ପନସର୍‌ର ଲୋଗୋ ସ୍ଥାନ ପାଇବ କି ନାହିଁ, ସେନେଇ ବିସିସିଆଇ ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ବି ଦିଆଯାଇନାହିଁ। ଅନଲାଇନ ଗେମିଂ ନିୟନ୍ତ୍ରଣ ଆଇନ ଅନୁସାରେ ରିଅଲ ମନି ଗେମିଂ ଉପରେ ନିଷେଧାଜ୍ଞା ଜାରି ହେବା ହେତୁ ଡ୍ରିମ୍୧୧ ଏସିଆ କପରୁ ସ୍ପନସରଶିପ ଛାଡ଼ିଦେଇଛି।

ଡ୍ରିମ୍୧୧ ଓ ମାଇଁ୧୧ସର୍କଲ ମିଳିତ ଭାବେ ଭାରତୀୟ ଦଳ ଓ ଆଇପିଏଲ ପାଇଁ ବିସିସିଆଇକୁ ପ୍ରାୟ ୧ ହଜାର କୋଟି ଟଙ୍କା ଦେଇଥିଲେ। ପୁରୁଷ ଦଳ ଚଳିତ ଏସିଆ କପରେ ୟୁଏଇ ଓ ପାକିସ୍ତାନକୁ ହରାଇ ଦମଦାର ଆରମ୍ଭ କରିଛି ଓ ଦଳ ଆସନ୍ତା ୧୯ ତାରିଖରେ ଓମାନ ବିପକ୍ଷରେ ଖେଳିବ। ସେହିପରି ମହିଳା ଦଳ ମୁଲ୍ଲାନପୁରରେ ଅଷ୍ଟ୍ରେଲିଆଠାରୁ ପ୍ରଥମ ମ୍ୟାଚ ହାରିଛି ଓ ଆସନ୍ତାକାଲି ୧୭ରେ ଦ୍ୱିତୀୟ ମ୍ୟାଚରେ ଫେରିବାକୁ ଉଦ୍ୟମ କରିବ।

# ୟୁସୁଫ୍ ପଠାନଙ୍କୁ ଜବରଦଖଲକାରୀ ଘୋଷଣା କଲେ ହାଇକୋର୍ଟ

## ପ୍ଲଟ ଖାଲି କରିବାକୁ ନିର୍ଦ୍ଦେଶ

**ଗାନ୍ଧୀନଗର, ୧୬।୯:** ପୂର୍ବତନ କ୍ରିକେଟର ତଥା ପଶ୍ଚିମବଙ୍ଗର କ୍ଷମତାସୀନ ଟିଏମସିର ଲୋକସଭା ସାଂସଦ ୟୁସୁଫ ପଠାନଙ୍କୁ ଲାଗିଛି ବଡ଼ ଝଟକା। ଗୁଜରାଟ ହାଇକୋର୍ଟ ୟୁସୁଫ ପଠାନଙ୍କୁ ଜବରଦଖଲକାରୀ ଘୋଷଣା କରିଛନ୍ତି। ବଦୋଦରାରେ ସେ ସରକାରୀ ଜମିକୁ ଜବରଦଖଲ କରିଥିବା ହାଇକୋର୍ଟ କହିଛନ୍ତି। ସରକାରୀ ଜମିକୁ ତୁରନ୍ତ ଖାଲି କରିବାକୁ ୟୁସୁଫ ପଠାନଙ୍କୁ ନିର୍ଦ୍ଦେଶ ଦେଇ ସେଲେବ୍ରିଟିମାନେ ଆଇନର ଉପରେ ନୁହନ୍ତି ବୋଲି କୋର୍ଟ ମତ ରଖିଛନ୍ତି।



ହାଇକୋର୍ଟର ଏକକ ବେଞ୍ଚ ବିଚାରପତି ଜଷ୍ଟିସ ମୋନା ଭଟ୍ଟ ଗତ ମାସରେ ଏପରି ରୁଲିଂ ଦେବା ସହ ୟୁସୁଫ ପଠାନଙ୍କ ଆବେଦନକୁ ଖାରଜ କରିଛନ୍ତି। ଭଦୋଦରାର ଟାଣ୍ଡଲଜା ଅଞ୍ଚଳରେ ୟୁସୁଫ ପଠାନଙ୍କ ବଙ୍ଗଳା ରହିଛି। ଏହାକୁ ଲାଗି ରହିଥିବା ଜମିକୁ ମଧ ସେ ନିଜ ନିୟନ୍ତ୍ରଣରେ ରଖିଥିଲେ। ଏହାକୁ ନେଇ ବିବାଦ ହେବାରୁ ୟୁସୁଫ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ଉକ୍ତ ପ୍ଲଟକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ହେଁ କୋର୍ଟ ତାଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ରାୟ ଦେବା ବେଳେ ହାଇକୋର୍ଟ ସୁପ୍ରିମକୋର୍ଟ ଧାର୍ଯ୍ୟ କରିଥିବା ନୀତିର ଉଦାହରଣ ଦେଇଛନ୍ତି। ଆଇନଗତ ମାମଲାରେ ସେଲେବ୍ରିଟିମାନଙ୍କୁ ଅନୁକମ୍ପା ଦେଖାଇବା ସାମାଜ ପ୍ରତି ଭୁଲ ବାର୍ତ୍ତା ଓ ଏହା ପ୍ରଚଳିତ ଆଇନର ଉଲ୍ଲଙ୍ଘନ ସହ ସମାନ ବୋଲି କୋର୍ଟ କହିଛନ୍ତି।

କୋର୍ଟ କହିଛନ୍ତି, "ଜଣେ ଜାତୀୟ ପ୍ରତିନିଧି ଓ ସେଲେବ୍ରିଟି ଭାବେ ପଠାନଙ୍କ ଦାୟିତ୍ୱ ହେଲା ସେ ଆଇନକୁ ଅନୁସରଣ କରିବା। ଲୋକପ୍ରିୟତା ଯୋଗୁ ସେଲେବ୍ରିଟିଙ୍କ ବ୍ୟବହାର ସାଧାଣ ଲୋକ ଓ ସମାଜର ମୂଲ୍ୟବୋଧ ଉପରେ ପ୍ରଭାବ ପକାଇ ଥାଏ। ଆଇନର ଉଲ୍ଲଙ୍ଘନ ସତ୍ତ୍ୱେ ସେଭଳି ବ୍ୟକ୍ତିବିଶେଷଙ୍କୁ ଅନୁକମ୍ପା ପ୍ରଦର୍ଶନ କରିବା ଗୋଟିଏ ଭୁଲ ବାର୍ତ୍ତା ଦେବ। ସାଧାରଣ ଲୋକଙ୍କ ବିଶ୍ୱାସ ଓ ନ୍ୟାୟିକ ବ୍ୟବସ୍ଥାକୁ ମଧ ଏହା ପ୍ରଭାବିତ କରିବ।"

ପୂରା ବିବାଦ ୨୦୧୨ରେ ଆରମ୍ଭ ହୋଇଥିଲା। ବଦୋଦରା ପୌର ପାଳିକା ୟୁସୁଫ ପଠାନଙ୍କୁ ନୋଟିସ କରି ସେ ଜବରଦଖଲ କରିଥିବା ସରକାରୀ ଜମିକୁ ଖାଲି କରିବାକୁ କହିଥିଲା। ପଠାନ ଏହି ନୋଟିସକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ପଠାନ ବେଆଇନ ଭାବେ ସରକାରୀ ପ୍ଲଟକୁ ନିଜ ଦଖଲରେ ରଖିଥିବା କୋର୍ଟ ହୃଦୟଙ୍ଗମ କରିଛନ୍ତି। ୟୁସୁଫ ପଠାନ ତାଙ୍କ ଆବେଦନରେ କହିଥିଲେ ଯେ, ପରିବାର ଲୋକଙ୍କ ସୁରକ୍ଷା ପାଇଁ ଉକ୍ତ ଜମିକୁ କିଣିବା ପାଇଁ ସରକାର ତାଙ୍କ ଭାଇ ତଥା ପୂର୍ବତନ କ୍ରିକେଟର ଇରଫାନ ପଠାନଙ୍କୁ ଅନୁମତି ଦିଅନ୍ତୁ। ଏଥିସହ ସେ ଗୁଜରାଟର ମୁଖ୍ୟମନ୍ତ୍ରୀଙ୍କୁ ଜମି କିଣିବାର ଅନୁମତି ଦେବାକୁ ଗୋଟିଏ ଅନୁରୋଧ ପତ୍ର ପଠାଇଥିଲେ। ଏହାକୁ ଭିଏମସି ପାଇବା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପଠାଇ ଦେଇଥିଲା। ହେଲେ ପଠାନଙ୍କ ଆବେଦନକୁ ୨୦୧୪ରେ ଅଗ୍ରାହ୍ୟ ହୋଇଯାଇଥିଲା। ସରକାର ଆବେଦନକୁ ଅଗ୍ରାହ୍ୟ କରିଥିଲେ ହେଁ ୟୁସୁଫ ପଠାନ ସରକାର ଜମିକୁ ଜବରଦଖଲ କରି ରଖିଥିଲେ। ଏବେ କିନ୍ତୁ ହାଇକୋର୍ଟ ଏହାକୁ ଖାଲି କରିବାକୁ କହିଛନ୍ତି।



# ଯୁବରାଜ, ଉଥାପ୍ପା ଓ ଅଭିନେତା ସୋନୁ ସୁଦ୍‌ଙ୍କୁ ଇଡିର ସମନ ଜାରି

## ବେଟିଂ ଆପ୍‌ର ପ୍ରଚାର ମାମଲା

**ନୂଆଦିଲ୍ଲୀ, ୧୬।୯:** ବେଆଇନ ବେଟିଂ ଆପ୍‌ର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଆଜି ପୂର୍ବତନ କ୍ରିକେଟର ଯୁବରାଜ ସିଂହ ଓ ରବିନ ଉଥାପ୍ପାଙ୍କୁ ହାଜର ପାଇଁ ସମନ ଜାରି କରିଛି। ଏହି ଦୁଇ କ୍ରିକେଟରଙ୍କ ବ୍ୟତୀତ ଅଭିନେତା ସୋନୁ ସୁଦଙ୍କୁ ମଧ ଇଡି ପକ୍ଷରୁ ସମନ କରାଯାଇଛି।

ଉଥାପ୍ପାଙ୍କୁ ଦିଲ୍ଲୀରେ ଥିବା ଇଡି ମୁଖ୍ୟାଳୟରେ ଆସନ୍ତା ୨୨ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ମିଳିଛି। ସେହିପରି ଯୁବରାଜଙ୍କୁ ସେପ୍ଟେମ୍ବର ୨୩ ଓ ସୋନୁ ସୁଦଙ୍କୁ ୨୪ ତାରିଖରେ ହାଜର ହେବାକୁ କୁହାଯାଇଛି। ବେଆଇନ ବେଟିଂ ଆପ୍‌ର ପ୍ରଚାର ପ୍ରସାର ଏହି ସେଲିବ୍ରେଟିମାନେ କରିଥିଲେ। ଏହାଦ୍ୱାରା ସେମାଦେ କୌଣସି ଫାଇଦା ହାସଲ କରିଛନ୍ତି କି ନାହିଁ, ସେ ସମ୍ପର୍କରେ ଇଡି ଜାଣିବାକୁ ଚାହୁଁଛି।

ଇଡି ମନି ଲଣ୍ଡରିଂ ଓ ବିଦେଶ ଏକ୍ସଚେଞ୍ଜ ଉଲ୍ଲଙ୍ଘନର ଦିଗକୁ ଯାଞ୍ଚ କରୁଥିବା ବେଳେ ସେଲିବ୍ରେଟିମାନଙ୍କ ବୟାନ ରେକର୍ଡ କରାଯିବ। ଇଡି ମନି ଲଣ୍ଡରିଂ ଆକ୍ଟ ଅଧୀନରେ ଏମାଙ୍କ ବୟାନ ରେକର୍ଡ କରିବ। ୧x ବେଟ୍‌ରେ ଏମାନଙ୍କ ଭୂମିକା କ'ଣ ଥିଲା ? ସେମାନେ କେତେ ଟଙ୍କା ପାଇଥିଲେ ? ସେସବୁ ବିଷୟରେ ଇଡି ଜାଣିବାକୁ ଚାହୁଁଛି। ୧x ବେଟ୍ ସାଧାରଣ ଲୋକଙ୍କୁ ବେଟିଂ ପାଇଁ ପ୍ରୋତ୍ସାହିତ କରିବା ସହ କୋଟି କୋଟି ଟଙ୍କା ହେରଫେର କରିଥିବା ଜଣାପଡ଼ିଛି। ଭାରତରେ ୧xବେଟ୍ ବେଆଇନ ବେଟିଂ କାର୍ଯ୍ୟକଳାପରେ ଲିପ୍ତ ଥିଲା। ମନି ଲଣ୍ଡରିଂ, ଟିକସ ଫାଙ୍କିବା ଓ ଆଲୋଗରଦିମରେ ହେରଫେର କରିବା ଭଳି କାମରେ ୧x ବେଟ୍ ସାମିଲ ଥିବା ଇଡି ଜାଣିବାକୁ ପାଇଛି। ଏହାପର୍ବୂରୁ ଦୁଇ ପୂର୍ବତନ କ୍ରିକେଟର ସୁରେଶ ରାଇନା ଓ ଶିଖର ଧୱନଙ୍କୁ ଇଡି ଜେରା କରିଥିଲା। ଏହାପରେ ୧x ବେଟ୍ ସହ ଜଡ଼ିତ ମାମଲାରେ ଋର୍ବଶୀ ରୌତେଲା ଓ ମିମି ଚକ୍ରବର୍ତ୍ତୀ ମଧ ଇଡି ଜେରାର ସମ୍ମୁଖୀନ ହୋଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଙ୍ଗନବାଡ଼ି...

ଅଙ୍ଗନବାଡି' ଅଭିଯାନରେ ୨ ଲକ୍ଷ ୯୯ ହଜାରରୁ ଅଧିକ ଜନସାଧାରଣ ସାମିଲ ହୋଇ ଏହି ଅଭିଯାନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ସମ୍ବଲପୁରରୁ ଆଭାସୀ ମାଧ୍ୟମରେ ଯୋଗଦେଇ ରାଜ୍ୟର ସମସ୍ତ ଅଙ୍ଗନବାଡିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। ଅଙ୍ଗନବାଡି କେନ୍ଦ୍ରରେ ସ୍ୱଚ୍ଛତା ଓ ପାନୀୟ ଜଳ ସୁବିଧା ଉପରେ ସେ ବିଶେଷ ଗୁରୁତ୍ୱ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ର, ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳଦୁଆ ବୋଲି ମନ୍ତ୍ରୀ ଶ୍ରୀ ନାୟକ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ଜିଲ୍ଲାର ଅଙ୍ଗନବାଡି କର୍ମୀ ଓ ସହାୟିକାମାନେ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଧନ୍ୟବାଦ ଦେବା ସହ ନିଜର ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ଅରୂପ କୁମାର ସାହୁ, ଆଭାସୀ ମାଧ୍ୟମରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଏକ...

ଉତ୍‌ଥାପନ କରିବ, ସେଥିରୁ ଅଧିକାଂଶ ତା' ବିରୋଧରେ ଯିବ। ଯଦି ଗୃହରେ ବିଜେଡି ସଦସ୍ୟମାନେ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ସହଯୋଗ ନ କରିବେ, ତେବେ ଗତ ବିଧାନସଭା ଭଳି କଂଗ୍ରେସ ସଦସ୍ୟମାନେ ଗୃହକୁ ଚଳାଇ ନ ଦେବାର ବି ସମ୍ଭାବନା ରହିଛି।

ଇତି ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ ଆହୂତ କରି ବିଧାନସଭା ଅଧିବେଶନ ଯେଭଳି ସୁରୁଖୁରୁରେ ଚାଲିବ, ସେଥିପାଇଁ ଆଲୋଚନା କରିଛନ୍ତି। ତେବେ ଏହି ଆଲୋଚନା ଚିରାଚରିତ ଥିବାବେଳେ ବିରୋଧୀ ଦଳଗୁଡିକ କିନ୍ତୁ ସେମାନଙ୍କ ଏଜେଣ୍ଡା ଅନୁଯାୟୀ ପ୍ରଦର୍ଶନ କରିବେ। ହେଲେ ଏଥର ଦୁଇ ବିରୋଧୀ ଯେଭଳି ଅଧିକାଂଶ ସମାନ ଏଜେଣ୍ଡାକୁ ଧରିଛନ୍ତି, ତାହା ଶାସକ ଦଳକୁ ବେଶ୍ ସୁହାଇବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

## ସ୍ମରଣୀୟ...

ସଂସ୍ଥାରେ ଆୟୋଜିତ ହେବ ଆବାସ ମେଳା। ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଠାରୁ ଆରମ୍ଭ ହୋଇ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ ଏହି ମେଳା। ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ୫୦ ହଜାର

ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଦିଆଯିବ।

ସେହିପରି ଆସନ୍ତାକାଲି ସାରା ଦେଶରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ମୋଦି। ଏହି ଅଭିଯାନ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ରାଜ୍ୟରେ ମହିଳାଙ୍କ ପାଇଁ ରୋଗ ଆଉ ନିରାକରଣର ଡିଜିଟାଲ ଡାଟାବେସ ତିଆରି କରିବେ ସରକାର। ସାରା ରାଜ୍ୟରେ ୨୯ହଜାର ସ୍କ୍ରିନିଙ୍ଗ କ୍ୟାମ୍ପ ସହ ୩ହଜାରରୁ ଅଧିକ ହେଲଥ୍ କ୍ୟାମ୍ପର ଆୟୋଜନ ହେବ। ରାଜ୍ୟରେ ଥିବା ୨କୋଟିରୁ ଅଧିକ ମହିଳାଙ୍କ ୬ ପ୍ରକାର ସ୍କ୍ରିନିଙ୍ଗ କରାଯିବ। ବ୍ରେଷ୍ଟ କ୍ୟାନସର, ସର୍ଭିକାଲ କ୍ୟାନସର, ଓରାଲ କ୍ୟାନ୍ସର, ଋତୁସ୍ରାବ ସମସ୍ୟା ଏବଂ ଅପପୁଷ୍ଟି ସ୍ଥିତି ନେଇ ହେବ ଯାଞ୍ଚ। ସ୍କ୍ରିନିଙ୍ଗ ତଥ୍ୟକୁ ନେଇ ଡିଜିଟାଲ ଡାଟା ବେସ ତିଆରି କରିବେ ସରକାର। ଏହା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ଟ୍ରାକିଂ ଓ ଫଲୋଅପ ମଧ୍ୟ କରାଯିବ।

ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନକୁ ମଧ୍ୟପ୍ରଦେଶରୁ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ। ସେହିଭଳି ଓଡ଼ିଶାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ରାଜ୍ୟର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସହ ସରକାରୀ ଏବଂ ଘରୋଇ ମେଡିକାଲ କଲେଜରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ସରକାର ଏବଂ ବିଜେପି ପାର୍ଟି ପକ୍ଷରୁ ସେବା ପକ୍ଷ ପାଳନ କରାଯାଉଛି। ଦଳ ତରଫରୁ ଏହି ଅବସରରେ ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଦିଆଯିବ। ମଣ୍ଡଳ ଓ ଜିଲ୍ଲାସ୍ତରରେ ବ୍ୟାପକ ବୃକ୍ଷ ରୋପଣ, ରକ୍ତ ଦାନ, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଶିବିର ଆୟୋଜନ କରାଯିବ। ବୁଧବାର ୭୫ ବର୍ଷ ପୂରଣ କରିବେ ପ୍ରଧାନମନ୍ତ୍ରୀ। ଏଥିପାଇଁ ବିଜେପି ଶିବିରରେ ଉତ୍ସାହ କାହିଁରେ କ'ଣ। ମୋଦିଙ୍କ ଜନ୍ମଦିନଠାରୁ ଆରମ୍ଭ କରି ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସେବାପକ୍ଷ ପାଳନ କରାଯିବ। ୨୭ ତାରିଖରେ ଗଞ୍ଜାମ ଯୁବସମାବେଶରେ ସାମିଲ ହେବେ ମୋଦି।

## ସର୍ବଦଳୀୟ...

ପ୍ରତିନିଧିଙ୍କ କ୍ଷମତା ହ୍ରାସ କରିବା, ମହିଳାବିରୋଧୀ ହିଂସା ବୃଦ୍ଧି ଆଦି ପ୍ରସଙ୍ଗ ଉପରେ ବିଧାନସଭାରେ ଆଲୋଚନା ପାଇଁ ଦାବି କରାଯିବ। ଅଧିବେଶନର ପ୍ରଥମ ଦିନରେ ଦିବଂଗତ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯିବ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡାମ କହିଛନ୍ତି ଯେ ଗୃହ କାର୍ଯ୍ୟ କିପରି ସ୍ୱାଭାବିକ ଭାବେ ଚାଲିପାରିବ, ସେନେଇ ବାଚସ୍ପତିଙ୍କ ସହ ଆଲୋଚନା ହୋଇଛି। ଆଗାମୀ ଅଧିବେଶନରେ ସରକାରଙ୍କୁ ଘେରିବା ସକାଶେ ଅନେକ ପ୍ରସଙ୍ଗ ରହିଛି। କିନ୍ତୁ ଆସନ୍ତାକାଲି କଂଗ୍ରେସ ପକ୍ଷରୁ ହେବାକୁ ଥିବା ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯିବ ଯେ କେଉଁ କେଉଁ ପ୍ରସଙ୍ଗକୁ ଉପସ୍ଥାପନ କରାଯିବ। ଅନ୍ୟପକ୍ଷରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଆଜିର ସର୍ବଦଳୀୟ ବୈଠକରେ ସବୁ ଦଳର ସହଯୋଗ ଲୋଡ଼ାଯାଇଛି। ତେଣୁ ମୌସୁମୀ ଅଧିବେଶନ ସୁରୁଖୁରୁରେ ଚାଲିବ ବୋଲି ଆଶା କରାଯାଉଛି।

ସୂଚନାଯୋଗ୍ୟ ଯେ ଆସନ୍ତା ୧୮ରୁ ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ବିଧାନସଭାର ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି। ତେବେ ଏହି ସ୍ୱଳ୍ପକାଳୀନ ଅଧିବେଶନକୁ ସରଗରମ କରିବା ସକାଶେ ବିରୋଧୀ ଦଳ ପ୍ରସଙ୍ଗର ଲମ୍ବା ତାଲିକା ଧରି ଅପେକ୍ଷା କରିଛନ୍ତି। ଦେଢ଼ ବର୍ଷର ରାଜ୍ୟ ସରକାରଙ୍କ ବିଫଳତାକୁ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବେ ବିରୋଧୀ। ମଣ୍ଡିରୁ ଧାନ ନ ଉଠିବାଠାରୁ ଆରମ୍ଭ କରି ସାର କଳାବଜାରୀ, ନାରୀ ନିର୍ଯାତନା, ରାଜ୍ୟ ସ୍ୱାର୍ଥକୁ ଅଣଦେଖା ପରି ଅନିୟମିତତାକୁ ମୁଖ୍ୟ ପ୍ରସଙ୍ଗ କରିବେ ବିରୋଧୀ। ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ବି ରଣହୁଙ୍କାର ଦେଇଛି କଂଗ୍ରେସ। ସେପଟେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ ବିରୋଧୀ ଯେଉଁ ପ୍ରସଙ୍ଗ ଉଠାଇବାକୁ ଚାହୁଁଛନ୍ତି, ତାହାକୁ ଆଲୋଚନା କରିବାକୁ ଆମେ ପ୍ରସ୍ତୁତ। ତେବେ ମୌସୁମୀ ଅଧିବେଶନ ପାଇଁ ଆସନ୍ତାକାଲି ବିଜେଡି ଓ କଂଗ୍ରେସର ବିଧାୟକ ଦଳ ବୈଠକରେ ପ୍ରସ୍ତୁତ ହେବ ରଣନୀତି। ଏପରି ସ୍ଥିତିରେ ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ବେଶ୍ ଉଷ୍ମ ହେବାର ସମ୍ଭାବନା ରହିଛି।

## ବଢ଼ିଲା...

ଆସନ୍ତା ମାସ ୭ ତାରିଖରେ ସମସ୍ତ ଆପତ୍ତି ଅଭିଯୋଗର ସମାଧାନ କରାଯିବ। ଏହାପରେ ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା। ଆଗାମୀ ଉପନିର୍ବାଚନ ପାଇଁ ନୂଆପଡ଼ାରେ ମୋଟ ୩୫୮ଟି ପୋଲିଂ ଷ୍ଟେସନ ରହିଛି ବୋଲି ସିଇଓ ଶ୍ରୀ ଗୋପାଳନ୍ ସୂଚନା ଦେଇଛନ୍ତି।

ତାଙ୍କ ସୂଚନାନୁସାରେ, ଉକ୍ତ ନିର୍ବାଚନମଣ୍ଡଳୀରେ ରହିଥିବା ପୋଲିଂ ଷ୍ଟେସନ୍ ମଧ୍ୟରୁ ୩୬ଟି ସହରାଞ୍ଚଳରେ ରହିଥିବା ବେଳେ ୩୨୨ଟି ଗ୍ରାମାଞ୍ଚଳରେ ରହିଛି। ସେହିପରି ମୋଟ ଭୋଟର ସଂଖ୍ୟା ୨ ୪୮ ହଜାର ୨୫୬ ରହିଛି। ସେମାନଙ୍କ ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ଜଣ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ଜଣ ମହିଳା ଓ ୨୧ ଜଣ ତୃତୀୟ ଲିଙ୍ଗୀ ଭୋଟର ଅଛନ୍ତି। ସେହିପରି ବରିଷ୍ଠ ନାଗରିକ ଭୋଟର ସଂଖ୍ୟା ୨୦୦୭ ଓ ୬୦୦୩ ଜଣ ଯୁବ ଭୋଟର ବି ଉକ୍ତ ନିର୍ବାଚନମଣ୍ଡଳୀରେ ରହିଛନ୍ତି। ଆହୁରି ୪୦୦୦ ଭିନ୍ନକ୍ଷମ ଭୋଟର୍ ମଧ୍ୟ ଆଗାମୀ ଉପନିର୍ବାଚନରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ତେବେ ଦୁଇଟି ସ୍ଥାନରେ ଭୋଟ ପରିଚୟ ଥିଲେ, ତା'ର କ୍ରସ ଭେରିଫିକେସନ କରାଯିବ। ଫର୍ମ ୭ ପୂରଣ କରି କିମ୍ବା ଘୋଷଣାନାମା ଦେବାକୁ ପଡ଼ିବ ବୋଲି ସିଇଓ କହିଛନ୍ତି। ସେହିପରି ଏସଏସଆର ଦ୍ୱାରା ଉପନିର୍ବାଚନ ପୂର୍ବରୁ ସମରି ରିଭିଜନ କରାଯିବ। ଘର ଘର ବୁଲି ଭେରିଫାଏ କରାଯିବ। ସାରା ଭାରତରେ ନିର୍ବାଚନ ତଥ୍ୟ ରହିଥିବା ବେଳେ କେହି ଚାହିଁଲେ, ଉକ୍ତ ଭୋଟର୍ ତାଲିକାରୁ ନିଜର ନାମ ବାଦ୍ ମଧ୍ୟ ଦେବା ସକାଶେ ନିବେଦନ କରିପାରିବେ ବୋଲି ସିଇଓ ଶ୍ରୀ ଗୋପାଳନ୍ କହିଛନ୍ତି।

## ସମଲେଇ...

ପ୍ରଡ୍ୟୁସର୍ ଅର୍ଗାନାଇଜେସନ୍ ଓ ପଦମପୁର ଦହିତାର ଗନ୍ଧମାର୍ଦ୍ଦନ ଫାର୍ମର୍ସ ପ୍ରଡ୍ୟୁସର୍ ଅର୍ଗାନାଇଜେସନ୍‌ର କୃଷକ ପ୍ରତିନିଧିମାନେ ଗତ ସୋମବାର ମନ୍ଦିର ଦର୍ଶନ ପାଇଁ ଆସିଥିବା ଅବସରରେ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁଙ୍କ ସହ ଆଲୋଚନା କରିଛନ୍ତି। ମା' ସମଲେଶ୍ୱରୀଙ୍କ ନିତ୍ୟ ଭୋଗ ଓ ମନ୍ଦିରର ଭୋଗ ମଣ୍ଡପକୁ ଜୈବିକ ପ୍ରଣାଳୀରେ ଚାଷ କରାଯାଇଥିବା ଧାନରୁ ପ୍ରସ୍ତୁତ ଚାଉଳ ଯୋଗାଇ ଦିଆଯିବ। ଚାଷୀଙ୍କ ଏହି ପଦକ୍ଷେପ ଭୋଗର ପବିତ୍ରତାକୁ ସୁରକ୍ଷିତ କରିବାରେ ସହାୟକ ହେବ। ଏଥିସହ ଏହା ଜୈବିକ ଉତ୍ପାଦନକୁ ବଜାରରେ ସ୍ଥାନ ଦେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିବ। ଏହାଦ୍ୱାରା ମଧ୍ୟ ପଶ୍ଚିମ ଓଡ଼ିଶାରେ କୃଷିର ଅଗ୍ରଗତି ସମ୍ଭବପର ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି। ଅଧିକନ୍ତୁ ଭକ୍ତମାନେ ମଧ୍ୟ ସମାନ ଭାବେ ପ୍ରସାଦ ସେବନରେ ଦିବ୍ୟ ଅନୁଭୂତି ଲାଭ କରିବେ। ଏ ସଂକ୍ରାନ୍ତରେ ଟ୍ରଷ୍ଟ ବୋର୍ଡ ସଭାପତି ଶ୍ରୀ ବାବୁ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ ଭୋଗରେ ବ୍ୟବହାର ହେବାକୁ ଥିବା ଚାଉଳ ଜୈବିକ ପ୍ରଣାଳୀରେ ଉତ୍ପାଦିତ ହୋଇ ମନ୍ଦିରକୁ ଯୋଗାଇଦେବା ଏକ ପବିତ୍ର ଉଦ୍ୟମ। ଏହି କାମ ପାଇଁ ପୂର୍ବରୁ ଚାଷୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏବେ ସେମାନେ ଏହି ମହତ୍ କାର୍ଯ୍ୟରେ ନିଜକୁ ସାମିଲ କରିଥିବାରୁ ଏହା ଏକ ଉତ୍ସାହଜନକ ପଦକ୍ଷେପ ବୋଲି ଶ୍ରୀ ବାବୁ କହିଛନ୍ତି। ଚାଷୀ ନେତା ସରୋଜ ମହାନ୍ତି, ଅଶୋକ ସାହୁ, ହୃଦାନନ୍ଦ ନାୟକ, ସୁରେଶ ଚାନ୍ଦ, ମଳୟ ଭୋଇ, କୁଳମଣି ବାରିକ, ସମାଜସେବୀ ପ୍ରୀତମ ମେହେର, ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ବୀରେନ୍ଦ୍ର ରାୟ ପ୍ରମୁଖ ଏହି ଆଲୋଚନାରେ ଭାଗ ନେଇଥିଲେ।

## ପିଲା...

ମାଡ଼ରେ ଗୁରୁତର ଭାବେ ଆହତ ହୋଇଥିବା କୋମଳମତି ଛାତ୍ରୀଙ୍କୁ ପରିବାର ଲୋକେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅଭୟପୁର ଗ୍ରାମର ନାଲୁ ବେହେରାଙ୍କ ଝିଅ ତଥା ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ପ୍ରିୟଦର୍ଶିନୀ ଓ ଅନ୍ୟ ଜଣେ ସାଙ୍ଗ ଚପଲ ଫିଙ୍ଗାଫିଙ୍ଗି ହୋଇଥିଲେ। ଏହି ଘଟଣାକୁ ନେଇ ଅନ୍ୟ ସାଙ୍ଗ ଜଣଙ୍କ ଶିକ୍ଷକ ଅନ୍ତର୍ଯ୍ୟାମୀ ଦାଶଙ୍କ ନିକଟରେ ଅଭିଯୋଗ କରିଥିଲା। ଏଥିରେ ଶ୍ରୀ ଦାଶ ଉତକ୍ଷିପ୍ତ ହୋଇ ପ୍ରିୟଦର୍ଶିନୀଙ୍କୁ ପ୍ରବଳ ମାଡ଼ ମାରିଥିଲେ। ପରିବାର ଲୋକେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇବା ପରେ ଏନେଇ ଦଶପଲ୍ଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଉକ୍ତ ଜଣଙ୍କ ରକ୍ତଶିକୁଳି ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ନିୟମିତ ବ୍ୟବଧାନରେ ରକ୍ତ ଦିଆଯାଉଛି। ଏନେଇ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଚିତ୍ତରଞ୍ଜନ ପାଣ୍ଡେ ତଦନ୍ତ ଦାୟିତ୍ୱ ପାଇଥିବା ଜଣାପଡ଼ିଛି।

## ଲୋକଙ୍କ...

ଲୋକଙ୍କ ସବିଶେଷ ତଥ୍ୟକୁ ବିସ୍ତୃତ ଭାବେ ଜାଣିବା ପାଇଁ ଆରପିଡିଏସି ପକ୍ଷରୁ ଅନେକ ପଲିସି ଧାର୍ଯ୍ୟ ହୋଇଛି। ଏଥିପାଇଁ ଏକ ବିଶେଷ କମିଟିର ପରିକଳ୍ପନା ମଧ୍ୟ ହୋଇଛି। ଲୋକଙ୍କ ସୁବିଧା ଅନୁସାରେ ଜମି ଅଧିଗ୍ରହଣ ବ୍ୟବସ୍ଥା ଉପରେ ବି ନୀତି ପ୍ରସ୍ତୁତ ହୋଇଛି। ଭାରତ ଓ ରାଜ୍ୟ ସରକାରଙ୍କ ଆଇନ ଏବଂ ନୀତି ଅନୁସାରେ ଜନସାଧାରଣ କିମ୍ବା ବିସ୍ଥାପିତ ଅଧିକ ଉପକୃତ ହେବା ସହ ଅଧିକ କ୍ଷତିପୂରଣ ପାଇବା ଦିଗରେ ପଦକ୍ଷେପ ନିଆଯିବ। ସମ୍ଭାବ୍ୟ ସହାୟତା ପାଇଁ କୋଲ୍ ଇଣ୍ଡିଆ ପକ୍ଷରୁ ବି ବ୍ୟବସ୍ଥା ହୋଇଛି। ବୈଠକରେ ପ୍ରଦୂଷଣ ରୋକିବା ସହ କୃତ୍ରିମ ଜଙ୍ଗଲ ସୃଷ୍ଟି ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଆଦି ଉପରେ ଆଲୋଚନା ହୋଇଛି।

ସେହିପରି ପ୍ରଧାନମନ୍ତ୍ରୀଙ୍କ କଳ୍ପନାକୁ ସାକାର କରିବା ଲକ୍ଷ୍ୟରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିବାରୁ କେନ୍ଦ୍ର ମନ୍ତ୍ରୀ କୋଲ ଇଣ୍ଡିଆକୁ ଧନ୍ୟବାଦ ଜଣାଇଛନ୍ତି। ବୈଠକରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୁଳ, ଛେଣ୍ଡିପଦା ଓ ତାଳଚେର ବିଧାୟକ ଏବଂ ଅନୁଗୋଳ ଜିଲ୍ଲାପାଳ ଓ ଅନ୍ୟାନ୍ୟ ପ୍ରଶାସନିକ ଓ ଏମସିଏଲ ଅଧିକାରୀ ଉପସ୍ଥିତ ଥିଲେ।



## ଶରତର ଆଗମନରେ ମନ ମୋହୁଛି କାଶତଣ୍ଡୀ

**ହିଞ୍ଜିଳିକାଟୁ,୧୬।୯ (ସଂଚାର ବ୍ୟୁରୋ):** ନା ସେ ବଗିଚାରେ ଫୁଟେ, ନା ସେ ଘର ଅଗଣାରେ ଫୁଟେ, ବିଲ, ମାଳ, ନଈକୂଳ ଅପନ୍ତରା ଇଲାକାରେ ଫୁଟେ ଆଉ ଆକର୍ଷଣର ପେଣ୍ଠସ୍ଥଳ ପାଲଟେ। ସୁଲୁସୁଲିଆ ପବନରେ ଦୋଳି ଖେଳିଖେଳି ବାଟୋଇଙ୍କୁ ଆନମନା କରେ କାଶତଣ୍ଡୀ। ଏମିତି କିଛି ସୁନ୍ଦର ଦୃଶ୍ୟପଟ୍ଟ ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ-ସାରୁ ରାସ୍ତାର ଦୁଇ ପାର୍ଶ୍ୱରେ। ଧରାକୁ ଛୁଇଁଛି ପାର୍ବଣ। ସଜେଇ ହୋଇଛି ପ୍ରକୃତି ରାଣୀ । ମାଆ ଦୁର୍ଗାଙ୍କ ଆଗମନର ବାର୍ତ୍ତା ଦେଉଛି କାଶତଣ୍ଡୀ । ସତେ ଯେମିତି ମାଆଙ୍କ ସ୍ୱାଗତ ପାଇଁ ବାହୁମେଲାଇ ବସିଛି କାଶତଣ୍ଡୀ ଫୁଲ । ଏହି ଅପୂର୍ବ ଦୃଶ୍ୟ ବାଟୋଇଙ୍କୁ ଅଟକାଇ ଘଡିଏ ଚାହିଁ ରହିବାକୁ ବାଧ୍ୟ କରୁଛି। କାଶତଣ୍ଡୀ ମାଆ ଦୁର୍ଗାଙ୍କ ଆବାହନର ସଂକେତ ଦିଏ। ପାର୍ବଣ ଋତୁର ବନ୍ଦନା ଗାଇବା ପାଇଁ ସତେ ଯେମିତି ଆନମନା ହୋଇଉଠିଛି ପ୍ରକୃତିରାଣୀ ।

## ୧୭ରୁ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

● ସମସ୍ତ ବର୍ଗର ମହିଳାଙ୍କ ହେବ ସ୍ୱାସ୍ଥ୍ୟ ପରୀକ୍ଷା



**କାକଟପୁର/ଅସ୍ତରଙ୍ଗ,୧୬।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନଙ୍କ ଅଧକ୍ଷତାରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ଲକ୍ଷ୍ୟ ସମସ୍ତ ମହିଳା ଏବଂ ୧୮ବର୍ଷ ପର୍ଯ୍ୟନ୍ତ କନ୍ୟା, ଶିଶୁମାନଙ୍କୁ ବିଭିନ୍ନ ବୟସ ଭିତ୍ତିରେ ଟୀକା ପ୍ରଦାନ କରାଯିବ। ୩୦ବର୍ଷ ଓ ତଦୁର୍ଦ୍ଧ ବୟସର ମହିଳାଙ୍କ ଉଚ୍ଚ ରକ୍ତଚାପ, ମଧୁମେହ ରୋଗ, ମୁଖ ଗହ୍ୱରର କର୍କଟ, ସ୍ତନ କର୍କଟ, ରକ୍ତହୀନତା, ସିକିଲ ସେଲ, ଆନିମିଆ ଏବଂ ଥାଲାସେମିଆ ଚିହ୍ନଟ ଓ ସେବା ଯୋଗାଇବା। ଏହି ଅଭିଯାନରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଗଣ ସହାୟକ ବିଭାଗ ଯଥା -ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବେସରକାରୀ ଚିକିତ୍ସାଳୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଦି ସାମିଲ ହେବେ। ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଯେତେ ମହିଳା ଅଛନ୍ତି ସମସ୍ତଙ୍କୁ ଏହି ଅଭିଯାନରେ ସାମିଲ କରାଯାଇ ଚିକିତ୍ସା ପ୍ରଦାନ କରାଯିବ। ଏହି ସେବା ସମ୍ପର୍କରେ ଜନ ସଚେତନତା ନିମନ୍ତେ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ପ୍ରାଚୀର ପତ୍ର ବାଣ୍ଟିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଅସ୍ତରଙ୍ଗ ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ସିଡିପିଓ ଲୋଚନ ସେଠୀ ସମେତ ବିଭିନ୍ନ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୀର ଜାହାନିଆ ବେଳାଭୂମି ଅସୁରକ୍ଷିତ

ବୃଦ୍ଧି ପାଉଛି ମଦ୍ୟପଙ୍କ ଦୌରାତ୍ମ୍ୟ, ଚିନ୍ତାରେ ପର୍ଯ୍ୟଟକ

ଆଲୋକ ବ୍ୟବସ୍ଥା ନାହିଁ, ପାଟ୍ରୋଲିଂ ଢିଲା

ପୁଲିସ ଫାଣ୍ଡି ପ୍ରତିଷ୍ଠା ଦାବି



**କାକଟପୁର/ଅସ୍ତରଙ୍ଗ,୧୬।୯ (ସଂଚାର ବ୍ୟୁରୋ):** ଗୋପାଳପୁର ବେଳାଭୂମିର ବଳାତ୍କାର ଘଟଣା ହେଉ ଅବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବଳାତ୍କାର ଘଟଣା ଏବେ ବି ମନରୁ ଲିଭି ନ ଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ପୀରଜାହାନିଆ ବେଳାଭୂମିକୁ ନେଇ ଚିନ୍ତାରେ ପର୍ଯ୍ୟଟକ। କାରଣ ଏବେ ପୀରଜାହାନିଆ ବେଳାଭୂମି ଅସୁରକ୍ଷିତ ହୋଇପଡିଛି। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହୁଛି। ବିଶେଷ କରି ଅପରାହ୍ନ ଠାରୁ ରାତି ପର୍ଯ୍ୟନ୍ତ ଅନେକ ସମୟରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି।

ଭୁବନେଶ୍ୱର, କଟକ ସମେତ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସହ ପ୍ରେମୀ ଯୁଗଳଙ୍କ ପାଇଁ ପୀରଜାହାନିଆ ବେଳା ଭୂମି ଅମରାବତି ପାଲଟିଛି। ପୀର ଜାହାନିଆ ବେଳାଭୂମି ନିକଟରେ ଥିବା ଝାଉଁବଣରେ ବହୁ ଆପତ୍ତିଜନକ ସାମଗ୍ରୀ ଦେଖିବାକୁ ମିଳୁଛି। ଅନେକ ସମୟରେ ଅସ୍ତରଙ୍ଗ ପୀରଜାହାନିଆ ସମୁଦ୍ରକୂଳ ହେଉ ଅବା ଝାଉଁ ଜଙ୍ଗଲ ମଧରେ ପ୍ରେମୀ ଯୁଗଳ ବୁଲୁଥିବା ବେଳେ କିଛି ଅସାମାଜିକ ବ୍ୟକ୍ତି ବିଶେଷ ସେମାନଙ୍କୁ ହଇରାଣ କରିବା ସହ ଜୋରଜବରଦସ୍ତ ଟଙ୍କା ମଧ ଆଦାୟ କରିବାର ନଜିର ରହିଛି।

ପୀରଜାହାନିଆ ବେଳାଭୂମିଟି ଅସ୍ତରଙ୍ଗ ଥାନା ଅଧୀନରେ ଯାଉଥିବାରୁ ଅସ୍ତରଙ୍ଗ ଥାନାରେ କର୍ମଚାରୀ ଅଭାବରୁ ପାଟ୍ରୋଲିଂ ଧିମେଇ ଯାଉଛି। ଯାହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତି ବିଶେଷ ଲୋକଙ୍କୁ ହଇରାଣ କରିଥାନ୍ତି। ଏଠାରେ ଅଧିକାଂଶ ସମୟରେ ଅସାମାଜିକ ଦୌରାତ୍ମ୍ୟ ଯୋଗୁଁ ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅତୀତରେ ସେଠାରେ ଯୁବତୀ ହଇରାଣ କରିବା ସହ ପ୍ରେମୀ ଯୁଗଳଙ୍କ ଭିଡିଓ ଉତ୍ତୋଳନ ଭଳି ଜଘନ୍ୟ ଘଟଣାମାନ ଘଟି ଯାଇଛି।

ଏଥିପ୍ରତି ଦୃଷ୍ଟି ଦେବାକୁ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ଓ କିଛି ବୁଦ୍ଧିଜୀବୀ ପ୍ରଶାସନକୁ ଅନୁରୋଧ କରିଛନ୍ତି। ଏହା ସହ ବେଳାଭୂମିରେ ଉଜ୍ୱଳ ଆଲୋକ ଲଗେଇବା, ପୁଲିସ ତରଫରୁ ଏକ ଫାଣ୍ଡି ସ୍ଥାପନା ସହ କଡାକଡି ପାଟ୍ରୋଲିଂ କରିବାକୁ ଦାବୀ କରିଛନ୍ତି।

## ‘ଏକ୍ ପେଡ୍ ମା କେ ନାମ’ ଯୋଜନାରେ ଲାଗିବ ୨.୬୩ ଲକ୍ଷ ଚାରା

**ନବରଙ୍ଗପୁର,୧୬।୯ (ସଂଚାର ବ୍ୟୁରୋ):** ପରିବେଶର ସୁରକ୍ଷା ପାଇଁ କେନ୍ଦ୍ର ସରକାର ଦ୍ୱାରା ଗତ ବର୍ଷ ଠୁ ଆରମ୍ଭ ହୋଇଥିବା ‘ଏକ ପେଡ ମା କେ ନାମ’ ଅଭିଯାନର ଦ୍ୱିତୀୟ ସଂସ୍କରଣରେ ରାଜ୍ୟରେ ଗୋଟିଏ ଦିନରେ ୭୫ ଲକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଦ୍ୱାରା ବିହୀତ ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଆସନ୍ତାକାଲି ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଗ୍ରାମ ପଂଚାୟତ, ବ୍ଲକ, ସରକାରୀ/ବେସରକାରୀ କାର୍ଯ୍ୟାଳୟରେ କରାଯିବ। ଏଥିରେ ଶିକ୍ଷକ, ଶିକ୍ଷୟତ୍ରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ,




ସ୍ୱୟଂ ସହାୟକ ଗୋଷ୍ଠୀ, ବନ ସଂରକ୍ଷଣ ସମିତି ସଭ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜନସାଧାରଣ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ।

ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ରାଜ ବିଭାଗ ଦ୍ୱାରା ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ପାଇଁ ୫୦୦ ଚାରା ହିସାବରେ ୯୪,୫୦୦ ବୃକ୍ଷ ଚାରା, ବନ ଓ ପରିବେଶ ବିଭାଗ ଦ୍ୱାରା ୮୦,୦୦୦ ଚାରା, ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ବିଦ୍ୟାଳୟ ମାନଙ୍କ ପାଇଁ ୪୫,୬୮୫ ଚାରା, ଆଇଟିଡିଏ ଦ୍ୱାରା ୬୪୪୦ ଚାରା, ମେଗା ଉଠା ଜଳସେଚନ ଦ୍ୱାରା ୧୦,୦୦୦ ଚାରା, ସିଆରପିଏଫ୍ ୧୨ ବାଟାଲିୟନ ଦ୍ୱାରା ୫୦୦୦ ଚାରା, ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ବିଦ୍ୟାଳୟ ମାନଂକ ପାଇଁ ୨୦୦୦ ଚାରା, ଅଗ୍ରଗାମୀ ଏନ୍‌ଜିଓ ଦ୍ୱାରା ୪୫୮୫ ଚାରା, ଉଦ୍ୟାନ ବିଭାଗ ଦ୍ୱାରା ୧୦୦୦୦ ଚାରା, ମୃତ୍ତିକା ସଂରକ୍ଷଣ ଦ୍ୱାରା ୫୦୦୦ ଚାରା ଏଭଳି ମୋଟ ୨,୬୩,୨୧୦ ଚାରା ରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ସମସ୍ତ ବୃକ୍ଷ ଚାରା ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଉଦ୍ୟାନ ବିଭାଗ ଦ୍ୱାରା ବଣ୍ଟନ କରାଯାଇଛି।

## ନାଁକୁ ମାତ୍ର ଜନଔଷଧି କେନ୍ଦ୍ର, ମିଳୁନି ଔଷଧ

**ଯାଜପୁର,୧୬।୯ (ସଂଚାର ବ୍ୟୁରୋ):** ଯାଜପୁରରେ ସୀମିତ ହୋଇ ପଡ଼ିଛି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ଯୋଜନା। ଲୋକଙ୍କୁ ଶସ୍ତା ଦରରେ ଔଷଧ ଯୋଗାଇବା ପାଇଁ ଖୋଲା ହୋଇଥିବା ଏହି କେନ୍ଦ୍ରଗୁଡ଼ିକରେ ପ୍ରୟୋଜନୀୟ ଔଷଧ ସବୁବେଳେ “ଷ୍ଟକ୍‌ରେ ନାହିଁ” ବୋଲି ପ୍ରଚାର ହେଉଛି।

ଯାଜପୁରରେ ନାମକୁ ମାତ୍ର ଖୋଲାହୋଇଛି ଜନଔଷଧି କେନ୍ଦ୍ର କିନ୍ତୁ ଔଷଧ ମିଳୁନି। ଫଳରେ ଲୋକମାନେ ବେସରକାରୀ ଦୋକାନରୁ ଉଚ୍ଚ ଦରରେ କିଣିବାକୁ ବାଧ ହେଉଛୁ। ସରକାରୀ ପ୍ରଚାରରେ ବଡ଼ ବଡ଼ କଥା କୁହାଯାଉଥିବା




ସତ୍ତ୍ୱେ ଜନସାଧାରଣଙ୍କୁ କାଗଜରେ ମାତ୍ର ସୁବିଧା ମିଳୁଛି। ବ୍ୟବହାରିକ ଜୀବନରେ, ରୋଗୀଙ୍କୁ ଭୁଲାଇବା ଓ ଭୋଟ ବ୍ୟାଙ୍କ ପାଇଁ ମାତ୍ର ଏହି ଯୋଜନା ଚାଲିଛି ବୋଲି ଅଭିଯୋଗ।

ଏ ନେଇ ଆଦିଲ ହୋସେନ୍ କହିଛନ୍ତି ‘ଯଦି ଔଷଧ ନାହିଁ, ତେବେ କେନ୍ଦ୍ର ଖୋଲିବାର ଅର୍ଥ କ’ଣ?’ ଜନସାଧାରଣଙ୍କ ଆଶାକୁ ଦଳିବାକୁ କାହିଁକି ଏଭଳି “ନାଟକୀୟ” ଯୋଜନା ?

ଏ ନେଇ ଅଭିଯୋଗ ଆସୁଛି ସେଲ୍ସ ଜୋନାଲ ମ୍ୟାନେଜର ବଡ଼ ବଡ଼ କମ୍ପାନୀ ଠାରୁ ଟଙ୍କାନେଇ ଓ୍ୟାର ହାଉସକୁ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ, ସମସ୍ତ କେନ୍ଦ୍ରରେ ନିୟମିତ ଔଷଧ ମହଜୁଦ କରିବା ଦରକାର।

## ହଟିବ ଦରଖାପାଟଣା ରେଳ ଫାଟକ

● ଅଣ୍ଡର ପାସ୍ ନିର୍ମାଣ ପାଇଁ ସାଂସଦଙ୍କ ପ୍ରତିଶ୍ରୁତି



**କଟକ,୧୬।୯ (ସଂଚାର ବ୍ୟୁରୋ):** ବହୁ ପୁରାତନ ଦରଖାପାଟଣା ରେଳ ଫାଟକ ହଟିବା ସହିତ ଏଠାରେ ଅଣ୍ଡର ପାସ ନିର୍ମାଣ କରାଯିବ ବୋଲି କଟକ ଲୋକସଭା ସାଂସଦ ଶ୍ରୀ ଭର୍ତୃହରି ମହତାବ ସ୍ଥାନୀୟ ଅଧିବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଦରଖାପାଟଣା ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ସାଂସଦ ଶ୍ରୀ ମହତାବ ଆଜି ସଂନ୍ଧ୍ୟାରେ ସ୍ଥାନୀୟ ମଦନମୋହନ ଠାକୁରଙ୍କ ସଭାଗୃହରେ ଅନୁଷ୍ଠିତ ଏକ ସଭାରେ ଯୋଗଦେଇ ଅଧିବାସୀମାନଙ୍କୁ ଏହି ପ୍ରତିଶ୍ରୁତି ଦେଇଛନ୍ତି । ଗ୍ରାମ ମହନ୍ତ ତଥା ୨୨ଦିଗଭାଗ ସଂକୀର୍ତନ ମଣ୍ଡଳୀ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ ଓ ଗ୍ରାମ ଅଧିକାରୀ ନାରାୟଣ ଚନ୍ଦ୍ର ପରିଡ଼ା ଏ ସମ୍ପର୍କୀତ ଦାବିପତ୍ର ସାଂସଦଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ଏହି ଗ୍ରାମରେ ଅବସ୍ଥିତ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ମହାଦେବଙ୍କ ମନ୍ଦିର ଉନ୍ନତିକରଣ ପାଇଁ ସାଂସଦ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବା ପାଇଁ ସାଂସଦ ଶ୍ରୀ ମହତାବ ଗ୍ରାମବାସୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମହତାବ କହିଥିଲେ ଯେ, ୧୦ ବର୍ଷ ତଳୁ ଯଦି ଏ ସମ୍ପର୍କୀତ ଦାବି ପତ୍ର ମୋତେ ମିଳିଥାନ୍ତା ତେବେ ହୁଏତ ରେଳ ଅଣ୍ଡରପାସ ନିର୍ମାଣ ହୋଇସାରନ୍ତାଣି। ତେବେ ଏହି ଅଣ୍ଡରପାସ ନିର୍ମାଣ ପାଇଁ ରେଳ ବିଭାଗ ସହିତ ଖୁବ ଶୀଘ୍ର ଆଲୋଚନା କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

ସୂଚନାଯୋଗ୍ୟ ଯେ, ଏହି ରେଳ ଫାଟକ ଗୋଟିଏ ପଟେ କଲ୍ୟାଣୀନଗର ଓ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବେଳେ ଅନ୍ୟ ପଟେ ପ୍ରେସ୍‌ଛକକୁ ଜାତୀୟ ରାଜପଥ ସହିତ ସଂଯୋଗ କରୁଛି । ଦରଖାପାଟଣାରେ କୁସୁମଦେବୀ ମହିଳା କଲେଜ ଓ ସତ୍‌ସଂଗ ହାଇସ୍କୁଲ ରହିଥିବାରୁ ଦୈନନ୍ଦିନ ଛାତ୍ରଛାତ୍ରୀମାନେ ରେଳ ଫାଟକ ଦେଇ ଅତିକ୍ରମ କରିବାରେ ସେମାନଙ୍କର ବହୁ ସମୟ ନଷ୍ଟ ହେଉଛି । ଏହା ଛଡ଼ା ୪୨ ମୌଜା ଓ ଆଖପାଖ ଅଂଚଳର ଚାଷୀମାନେ ବହୁ ସଂଖ୍ୟାରେ ପ୍ରତିଦିନ ରେଳ ଫାଟକ ପାରି ହୋଇ ବ୍ୟବସାୟ ନିମନ୍ତେ ଛତ୍ରବଜାର ଜିବା ଆସିବା କରୁଥିବା ବେଳେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ବୋଲି ସର୍ବାଧିକାରୀ ଶ୍ରୀ ସାହୁ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ବାଣ ଜବତ, ଦୁଇ ଗିରଫ

**ହିଞ୍ଜିଳିକାଟୁ,୧୬।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଅଞ୍ଚଳରେ ବେଆଇନ ଭାବେ ବାଣ ବିକ୍ରି କରୁଥିବା ନେଇ ପୋଲିସ ଦୁଇ ଜଣକୁ ଗିରଫ କରିଛି। କିଛି ଦିନ ହେଲା ବେଆଇନ ଭାବେ ବାଣ ବିକ୍ରି କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ପ୍ରାୟ ୫୦ହଜାର ଟଙ୍କାର ବାଣ ଜବତ ହୋଇଛି । ଏନେଇ ଥାନାରେ କେସ ନଂ ୭୫୨ ଓ ୭୫୩ ଦୁଇଟି ମାମଲା ରୁଜୁ ହୋଇଛି।

## ନିଖୋଜ ମହିଳା କନଷ୍ଟେବଲଙ୍କ ପାଇଁ ରାସ୍ତାକୁ ଓହ୍ଲାଇଲେ କଲେଜ ଛାତ୍ରଛାତ୍ରୀ




**ପାରାଦ୍ୱୀପ,୧୬।୯ (ସଂଚାର ବ୍ୟୁରୋ):** ନିଖୋଜ ମହିଳା ପୁଲିସ କନଷ୍ଟେବଲ ଶୁଭମିତ୍ରା ସାହୁଙ୍କ ପାଇଁ ରାସ୍ତାକୁ ବାହାରିଲେ ପାରାଦୀପ କଲେଜର ପୁରାତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀ। ଭୁବନେଶ୍ୱର ଟ୍ରାଫିକ କନଷ୍ଟେବଲ ଭାବେ ଶୁଭମିତ୍ରା କାର୍ଯ୍ୟ କରୁଥିବା ବେଳେ ଗତ ୬ ତାରିଖରୁ ସେ କେଉଁଆଡ଼େ ନିଖୋଜ ହୋଇଥିବା ତାଙ୍କ ବାପା କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ୧୦ ଦିନ ବିତିଯାଇଥିଲେ ମଧ ଜଣେ ମହିଳା ପୁଲିସକୁ ଠାବ କରି ପାରିନାହିଁ ପୁଲିସ। ନିଖୋଜ ଶୁଭମିତ୍ରା ପାରାଦୀପ କଲେଜର ଛାତ୍ରୀ ଓ ସେ ଜଣେ ଦକ୍ଷ କ୍ରୀଡାବିତ ହୋଇଥିବା ବେଳେ ତାଙ୍କ ନିଖୋଜ କଲେଜର ଛାତ୍ରଛାତ୍ରୀ ମାନଙ୍କ ମଧରେ ଉଦବେଗ ସୃଷ୍ଟି କରିଛି। ତୁରନ୍ତ ପୁଲିସ ତାଙ୍କୁ ଠାବ କରିବା ସହ ତାଙ୍କ ଜୀବନ ରକ୍ଷା କରିବା ପାଇଁ ଛାତଛାତ୍ରୀମାନେ କଲେଜ ପାଖରୁ ଏକ ରାଲି କରି ପାରାଦୀପ ଅତିରିକ୍ତ ଅଧୀକ୍ଷକ ସ୍ମୃତି ରଞ୍ଜନ କରଙ୍କୁ ଦାବିପତ୍ର ଦେଇଛନ୍ତି।

# ମାଟ୍ରୋନ ସଂଘର କଳାବ୍ୟାଜ ପରିଧାନ



**ନବରଙ୍ଗପୁର/ରାଇଘର,୧୬।୯ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମହିଳା ମାଟ୍ରୋନ ସଂଘ ସୋମବାର ଠାରୁ କଳା ବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ମାଟ୍ରୋନମାନଙ୍କୁ ୨୪ ଘଣ୍ଟିଆ କାର୍ଯ୍ୟଦେବା, ଉଚିତ ପାରିଶ୍ରମିକ ଦେବା, କଣ୍ଟ୍ରାକ୍‌ଚୁଆଲ ନିୟମ ଉଠାଇ ରେଗୁଲାର କରାଯାଉ ଆଦି ଦାବି ରହିଛି। ମହିଳା ମାଟ୍ରୋନମାନଙ୍କୁ ରେଗୁଲାର କରିବା ନିମନ୍ତେ ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଜିଲ୍ଲା ମାଟ୍ରୋନ ସଂଘ ସଭାପତି ସଂଘମିତ୍ରା ପାଢ଼ୀଙ୍କ ନିର୍ଦ୍ଦେଶରେ ରାଇଘର ବ୍ଲକରେ ଜିଲ୍ଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକ, ବ୍ଲକସଭାପତି ନର୍ମଦା ପରିଡ଼ା, ସମ୍ପାଦକ ରଞ୍ଜନା ବିଶ୍ୱାସ, କୋଷାଧକ୍ଷ ଶୁଭଶ୍ରୀ ସ୍ୱାଇଁ, ବନଜିନୀ ମହାରଥୀ, ପ୍ରଜ୍ଞା ପରିମିତା ସାହୁ, ବନ୍ଦିତା ସାହୁ, ଝୁନି କର୍କରା, ସୁନନ୍ଦା ଦାସ, ଜୟନ୍ତୀ ବିଶ୍ୱାସ, ଅର୍ଜନା ପାଲ, ସୌଭାଗ୍ୟବତୀ ନାୟକ, ନନ୍ଦିନୀ ସାହୁ, ରାଧାରାଣୀ ସାହୁ, ବାସନ୍ତୀ ସାହୁ, ସୋନାଲି ବିଶ୍ୱାସ, ଆରତୀ ସିକଦାର, ମମତା ଦାସ, ନିବେଦିତା ମହାନ୍ତି, ପାର୍ବତୀ ବିଶ୍ୱାଳ, ମିନତୀ ଜେନା, ପୁଷ୍ପଲତା ରାଉତ ପ୍ରମୁଖ ମାଟ୍ରୋନ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। କଳାବ୍ୟାଜ ପିନ୍ଧି ଏକ ସପ୍ତାହ ଧରି କାର୍ଯ୍ୟ କରିବେ ବୋଲି ସୂଚନା ମିଳିଛି । ଓଡ଼ିଶା ଲେଡି ମାଟ୍ରୋନ ମହାସଂଘ ନିର୍ଦ୍ଦେଶକ୍ରମେ ସୋମବାର ଠାରୁ ରାଜ୍ୟରେ ୩ ହଜାରରୁ ଉର୍ଦ୍ଧ୍ୱ ମାଟ୍ରୋନ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି।

## ସୋଆ ଆଇଡିଏସ୍ ପକ୍ଷରୁ ଆତ୍ମହତ୍ୟା ନିବାରଣ ସପ୍ତାହ ପାଳିତ



**ଭୁବନେଶ୍ୱର,୧୬।୯ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍) ପକ୍ଷରୁ ଚଳିତ ମାସ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ‘ଆତ୍ମହତ୍ୟା ନିବାରଣ ଦିବସ’ ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ “ ଚେଞ୍ଜିଙ୍ଗ୍ ଦ ନାରେଟିଭ୍ ଅନ୍ ସୁଇସାଇଡ” ବିଷୟ ବସ୍ତୁ ସହିତ ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣତାକୁ ନେଇ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ସହିତ ସୋମବାର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ମଧ ପାଳନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଏମ୍ସର ଡିନ୍ (ଏକାଡେମିକ୍ସ) ଡାକ୍ତର ପ୍ରଶାନ୍ତ ରାଘବ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏହିଭଳି କର୍ମଶାଳା ମାଧମରେ ଛାତ୍ରଛାତ୍ରୀମାନଙ୍କ ସହିତ ଫ୍ୟାକଲ୍ଟି, ଡାକ୍ତର ଓ ପିତାମାତାମାନେ ସଚେତନ ହେବା ଜରୁରୀ। ବର୍ତ୍ତମାନ ସମୟରେ ଆତ୍ମହତ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପାଲଟିଲାଣି। ଏହା ଯୁବପିଢ଼ିମାନଙ୍କ ଉପରେ ବେଶ୍ ପ୍ରଭାବ ପକାଉଛି। ଏହାକୁ ରୋକିବାକୁ ହେଲେ ବ୍ୟକ୍ତି ଅବା ଯୁବପିଢ଼ି କିପରି ନିଜ ସମସ୍ୟା ବିଷୟରେ ଅନ୍ୟ କାହା ସହିତ କଥାବାର୍ତ୍ତା ତଥା ଯୋଗାଯୋଗ ମାଧମରେ ସମାଧାନ କରିବାର ସୂତ୍ର ଖୋଜି ପାଇପାରିବେ ସେ ବିଷୟରେ ଡାକ୍ତର ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

ସେହିପରି ମନମ୍ ଫାଉଣ୍ଡେସନ୍‌ର ଚିଫ୍ କାଉନସେଲିଂ ଟ୍ରଷ୍ଟି ମେମ୍ବର ଶ୍ରୀମତି ସୋମ୍ୟା ସୁଚରିତା ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଖୋଲା ଆଲୋଚନାକୁ ଉତ୍ସାହିତ କରିବା ତଥା ଅନ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଅବସରରେ ଆଇଡିଏସ୍‌ର ଡିନ୍ ପ୍ରଫେସର (ଡାକ୍ତର) ରୁଚି ଭୂୟାଁ ସ୍ୱାଗତ ଭାଷଣ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଅବଗତ କରିଥିଲେ। ଚଳିତ ବର୍ଷର ଥିମକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିବାବେଳେ ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଜନଅଭିଯୋଗ ଶୁଣାଣି — ୧୬୦ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ

**ବାଲିଅନ୍ତା,୧୬।୯ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ବେଣୁପୁର ଗ୍ରାମ ପଞ୍ଚାୟତ ସରକାରୀ କଲ୍ୟାଣମଣ୍ଡପ ସଭାକକ୍ଷରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଡିଏମ ରୁଦ୍ର ନାରାୟଣ ମହାନ୍ତି ମୋଟ ୧୬୦ଟି ଜନ ଅଭିଯୋଗର ଶୁଣାଣି କରିଥିଲେ। ଭୁବନେଶ୍ୱର ଉପ ଜିଲ୍ଲାପାଳ ଡ, ମନୋରଞ୍ଜନ ସାହୁ ଏପିଡି କସ୍ତୁରୀବାଳା ଜେନା, ବିଡିଓ ରଶ୍ମିତା ନାଥ, ତହସିଲଦାର ଲିଲନ ପ୍ରସାଦ ସାହୁ, ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ ପ୍ରମୁଖଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ ଉନ୍ନୟନ, ପୂର୍ତ୍ତ, ଗ୍ରାମ ଜଳଯୋଗାଣ ଓ ପରିମଳ ବିଭାଗର ପଦସ୍ଥ ଅଧିକାରୀ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସେଥିମଧରେ ୬୫ ଗୋଟି ପକ୍କାଘର, ୨୭ ଗୋଟି ଭତ୍ତା, ୯ ଗୋଟି ଯୋଗାଣ ସମ୍ବନ୍ଧୀୟ ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ, ଆର୍ଥିକ ସହାୟତା ପ୍ରଦାନ, ଛାତ୍ରଛାତ୍ରୀଙ୍କ ଲାଗି ବିଭିନ୍ନ ପ୍ରମାଣପତ୍ର ସମେତ ଅନ୍ୟାନ୍ୟ ବ୍ୟକ୍ତିଗତ ଅଭିଯୋଗ ୧୪୭ ଥିଲା। ବାକି ରାସ୍ତାଘାଟ, ବିଭିନ୍ନ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭରେ ବିଳମ୍ବ ଓ ଅନିୟମିତତା, ପାନୀୟ ଜଳ ଯୋଗାଣ, ମେଗା ପ୍ରକଳ୍ପ ଢଳେଇ ରାସ୍ତା ମରାମତିରେ ଠିକାଦାରଙ୍କ ଅବହେଳା, କମ୍ୟୁନିଟି ଘର, ପାଠାଗାର, ଷ୍ଟ୍ରିଟ ଲାଇଟ ମରାମତି ଭଳି ଗ୍ରାମର ୧୩ଟି ସାମୂହିକ ଅଭିଯୋଗ ଥିଲା। ୫ଟି ଅଭିଯୋଗର ଶୁଣାଣି କରି ଫଇସଲା କରାଯାଇଥିଲା।




ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁଇଜଣ ହିତାଧିକାରୀଙ୍କୁ ଶ୍ରମିକ କାର୍ଡ଼ ବଣ୍ଟନ କରିଥିଲେ। ଏନେଇ ବିଭିନ୍ନ ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଜୋନ ଜିଲ୍ଲା ପରିଷଦ ଉପସ୍ଥିତ ଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୮୮ ଜଣ ଚିହ୍ନଟ



**କାକଟପୁର/ଅସ୍ତରଙ୍ଗ,୧୬।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବ୍ଲକ କାକଟପୁର ବାଳିକା ଉଚ୍ଚ ବିଦ୍ୟାଳୟ, କନ୍ଦଳପୁର ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ମୋଟ ୫୮୮ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଛି। କାକଟପୁର ବିଡ଼ିଓ ନାରାୟଣ ଦୀକ୍ଷିତିଙ୍କ ତତ୍ତ୍ୱାବଧାନରେ ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ମୁଖ୍ୟ ଅତିଥି, ଅନ୍ୟତମ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଧର୍ମାନନ୍ଦ ବେହେରା, ଦକ୍ଷତା ବିକାଶ ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତି, ୟଙ୍ଗ ପ୍ରଫେସନାଲ ନିରାକାର ପ୍ରଧାନ, ଡିଏସଏସଓ ଅନୀତା ପଟ୍ଟନାୟକ, ବିଏସଏସଓ ରୋଜାଲିନ ବେହେରା ପ୍ରମୁଖ ଯୋଗଦେଇ ଥିଲେ।

ଶିବିରରେ ୫୮୮ଜଣ ବିଭିନ୍ନ ପ୍ରକାର ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ଅସ୍ଥି ଶଲ୍ୟ ବିଭାଗ ବିଶେଷଜ୍ଞ ଡ଼ଃ ସୁଶୀଲ କୁମାର ନାୟକ, ଡ଼ଃ ଚନ୍ଦ୍ରଶେଖର ମହାପାତ୍ର, ଆଖି ବିଶେଷଜ୍ଞ ଡ଼ଃ ଜୋସ୍ନା ରାଣୀ ତ୍ରିପାଠୀ, ଇଏନଟି ବିଶେଷଜ୍ଞ ରବୀନ୍ଦ୍ର ଗଡ଼ାଇ, ମେଡ଼ିସିନ ବିଶେଷଜ୍ଞ ଡ଼ଃ ଗିରିଶ ଚନ୍ଦ୍ର ବେହେରା, ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡ଼ଃ ସମ୍ବିତ ପାତ୍ର, ଡ଼ଃ ସୁବ୍ରତ କୁମାର ମହାପାତ୍ର ସମେତ ଅନ୍ୟ ବିଶେଷଜ୍ଞ ମାନେ ଭିନ୍ନକ୍ଷମଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ଶିବିରରେ ଅସ୍ଥି ଶଲ୍ୟ ରେ ୨୫୪ଜଣ, ଦୃଷ୍ଟି ବାଧିତରେ ୬୦ଜଣ, ମାନସିକ ଅନଗ୍ରସର ୧୦୯ଜଣ, ଇଏନଟିରେ ୧୧୪ଜଣ ଓ ଅନ୍ୟାନ୍ୟ ୫୧ଜଣ ଚିହ୍ନଟ କରାଯାଇଥିଲା। ଉକ୍ତ ଶିବିର ପରିଚାଳନାରେ ବ୍ଲକ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ ଉପରେ ଆଲୋଚନା

**ବ୍ରହ୍ମପୁର,୧୬।୯ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗରେ ନିଯୁକ୍ତି ଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମାଜର ଗତି, ଭିତ୍ତି ଓ ସ୍ଥିତିକୁ ନେଇ ତର୍ଜମା କରୁଥିବା ବୃତ୍ତି ହେଉଛି ସାମ୍ବାଦିକତା। ଏହିଭଳି ଏକ ଉନ୍ନତମାନର ଚିନ୍ତାଧାରା ନେଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ବିଭାଗ ହେଉଛି ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ।

ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଲେଖକ ଚନ୍ଦ୍ରକାନ୍ତ ପଣ୍ଡା “ଗଣମାଧ୍ୟମର ଭାଷା ଓ ଲିଖନ ଶୈଳୀ” ଉପରେ ବିଶଦ ଆଲୋଚନା କରିଥିଲେ। ଏହି କର୍ମଶାଳା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ସ୍ନାନକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ତଥା ବିଭାଗୀୟ ମୁଖ୍ୟା ଡ.ବନ୍ଦିତା କୁମାରୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। କର୍ମଶାଳାକୁ ବିଭାଗୀୟ ସହ ଅଧାପିକା ଡ.ଚିନୁ ବହିଦାର ପରିଚାଳନା କରିବା ସହିତ ବିଭାଗୀୟ ପ୍ରାଧାପକ ପ୍ରଫେସର ଗଣେଶ ସେଠୀ, ସହଯୋଗୀ ଅଧାପକ ଡ.ଜୟନ୍ତ କୁମାର ପଣ୍ଡା,ସହ ଅଧାପିକା ଡ. ନେହା ପାଣ୍ଡେ, ସହ ଅଧାପକ ଅଗ୍ନି କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। କର୍ମଶାଳାରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ପ୍ରଥମ ଓ ଦ୍ୱିତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



କେନ୍ଦ୍ରମନ୍ତ୍ରୀଙ୍କ ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ପରିଦର୍ଶନ

# ପ୍ରଧାନମନ୍ତ୍ରୀଙ୍କ ପାଇଁ ସ୍ୱପ୍ନ ପୂରଣ ହୋଇଛି

- କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ତାଳଚେରବାସୀ
- ୧୬୦୦ କୋଟିରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି କେନ୍ଦ୍ର ସରକାର
- ତାଳଚେର ସହ ଅନୁଗୁଳର ଲୋକ ଉପକୃତ ହେବେ



**ତାଳଚେର, ୧୬।୯(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲ୍ଲା ତାଳଚେର ପବିତ୍ର ମୋହନ ସରକାରୀ ମେଡିକାଲ କଲେଜ ଚଳିତ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ନାମ ଲେଖାଇବା ପାଇଁ 'ଜାତୀୟ ମେଡିକାଲ କମିଶନ' ମଞ୍ଜୁରୀ ଦେବା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହି ହସ୍ପିଟାଲ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ପ୍ରଧାନ କହିଥିଲେ ଯେ ଅନୁଗୋଳ ଜିଲ୍ଲାରେ ବହୁ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟିଛି । ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଜିଲ୍ଲାରେ ମେଡିକାଲର ସ୍ୱପ୍ନ ପୂରଣ ହୋଇପାରିଛି। ନିକଟରେ ରାଜ୍ୟ ସରକାରଙ୍କ ଆବେଦନ କ୍ରମେ ଏହି ମେଡିକାଲ କଲେଜରେ ୨୦୨୫-୨୬ ଶିକ୍ଷାବର୍ଷରୁ ୧୦୦ଟି ଏମବିବିଏସ ସିଟ୍ ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବାକୁ ଜାତୀୟ ମେଡିକାଲ କମିଶନ ମଞ୍ଜୁରୀ ଦେଇଛନ୍ତି, ଯାହା ଖୁସିର ବିଷୟ ।

ଭାରତ ସରକାରଙ୍କ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏମସିଏଲ ତାଳଚେରେ ପବିତ୍ର ମୋହନ ମେଡିକାଲ କଲେଜ ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଛି । ପୁରୁଣା ତାଳଚେର ନେହେରୁ ଶତାବ୍ଦୀ ହସ୍ପିଟାଲକୁ ପବିତ୍ର ମୋହନ ପ୍ରଧାନଙ୍କ ନାମରେ ନାମକରଣ କରାଯାଇ ଏହି ମେଡିକାଲକୁ ବିକଶିତ କରାଯାଇଛି। ଏହା ଜିଲ୍ଲା ଓ ରାଜ୍ୟ ପାଇଁ ଡବଲ ଇଞ୍ଜିନ ସରକାର ବହୁତ ବଡ଼ ଉପଲବ୍ଧି। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ଦ୍ୱାରା ତାଳଚେର ସମେତ ଅନୁଗୋଳ ଓ ଆଖପାଖ ଜିଲ୍ଲାର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ । ଏହି ନିର୍ଣ୍ଣୟ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନଙ୍କୁ ତାଳଚେର ମେଡିକାଲ କଲେଜର ସ୍ୱପ୍ନ ପୂରଣ କରିବା ପାଇଁ ପ୍ରଚେଷ୍ଟା କରିଥିବାରୁ ସ୍ଥାନୀୟ ଜନସାଧାରଣ ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଭୁବନେଶ୍ୱର ସାଂସଦ



**ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ବିଷୟରେ ଆଲୋଚନା**

**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି।

ଏହି ଅବସରରେ ଶ୍ରୀମତୀ ଷଡ଼ଙ୍ଗୀ, ଟାଙ୍ଗି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଘୋଷଣା କରିବା, ଭୁବନେଶ୍ୱର ଠାରେ ନ୍ୟାସନାଲ ଗ୍ୟାଲେକ୍ସି ଅଫ ମଡେର୍ଣ୍ଣ ଆର୍ଟ ର ନିର୍ମାଣ ଆରମ୍ଭ ହେବା ସୂଚନା ଓ ସହର ଉପକଣ୍ଠରେ ମଡେର୍ଣ୍ଣ ଫିସ ମାର୍କେଟଣ ପାଇଁ ନିଷ୍ପତ୍ତି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ବୈଠକରେ, ନୟାପଲ୍ଲୀ ଅଞ୍ଚଳରେ ଏକ କମ୍ୟୁନିଟି ପାର୍କ ନିର୍ମାଣ, ବେଗୁନିଆ-ବୋଲଗଡ ଅଞ୍ଚଳକୁ ଏନଏସି ଘୋଷଣା, କଳିଙ୍ଗ ଷ୍ଟାଡିଅମ ନିକଟରେ ଥିବା ବିଶ୍ୱକର୍ମା ସମିତିର ଜମି ଅଧିଗ୍ରହଣ ଦାବି, ଖୋର୍ଦ୍ଧା ବସଷ୍ଟାଣ୍ଡର ଉନ୍ନତିକରଣ, ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ କଲେଜଠାରେ ନୂତନ ହଲ ନିର୍ମାଣ ତଥା ଶୁଭଉଦ୍‌ଘାଟନ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରୁ ଜଣାଯାଇଛି ଯେ, ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ। ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ, ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା ଭୁବନେଶ୍ୱର ଏବଂ ଏହାର ସୀମାନ୍ତରେ ଥିବା ଅଞ୍ଚଳଗୁଡିକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ରରେ ପରିଣତ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨ୟ ନ୍ୟାସନାଲ ମେଡିଏସନ୍ କର୍ମଶାଳା ପ୍ରସ୍ତୁତିର ସମୀକ୍ଷା



**ଭୁବନେଶ୍ୱର ୧୬।୯(ସଂଚାର ବ୍ୟୁରୋ):** ଆସନ୍ତା ୨୮ ତାରିଖରେ ଏଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ନ୍ୟାସନାଲ ଡେିଏସନ୍ କର୍ମଶାଳାର ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅତିଥିମାନଙ୍କ ଆଗମନ ସମୟ, ସେମାନଙ୍କ ରହଣି ଓ କର୍ମଶାଳା ପ୍ରସ୍ତୁତି ବିଷୟରେ ଆଲୋଚନା କରିଥିଲେ। ଏଥି ସହିତ ବିଭିନ୍ନ ରାଜ୍ୟରୁ ଆସୁଥିବା ମନ୍ତ୍ରୀଗଣ, ବିଚାରପତି, ଆଇନ ସଚିବ, ଆଡ୍‌ଭୋକେଟ୍ ଜେନେରାଲ, ଆଇନ ବିଶେଷଜ୍ଞ ଏବଂ ଅତିଥିଗଣଙ୍କୁ ଏକ ସୁଖଦ ଅନୁଭୂତି ପ୍ରଦାନ କରିବା ଏବଂ ଓଡ଼ିଶାର କଳା, ସଂସ୍କୃତି, ପର୍ଯ୍ୟଟନ ସହିତ ଅବଗତ କରାଇବା ନେଇ ଆଲୋଚନା ହୋଇଥିଲା। ଏଥି ସହ ରହଣି ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହ ଓଡ଼ିଶାର ପାଟବସ୍ତ୍ର, ହସ୍ତତନ୍ତ ଏବଂ କଳାକୃତିର ପ୍ରଚାରପ୍ରସାର ପାଇଁ ଏଠାରେ ହସ୍ତତନ୍ତ ପ୍ରଦର୍ଶନୀ ଖୋଲାଯିବା ନେଇ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକ, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ।ଣିଜ୍ୟ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରଞ୍ଜିତା ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶ୍ରୀ ଶିବପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ବିମାନ ବନ୍ଦର ପ୍ରାଧିକରଣର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ପଡ଼ିଗଲା ସ୍କୁଲ ଅଟୋ



**ସାଲେପୁର, ୧୬।୯(ସଂଚାର ବ୍ୟୁରୋ):** ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ଯାଉଥିବା ଅଟୋ ହୋଇଛି ଦୁର୍ଘଟଣାଗ୍ରସ୍ତ। ଭାରସାମ୍ୟ ହରାଇ କେନାଲରେ ପଡ଼ିଯାଇଛି। ତେବେ କେନାଲରେ ଅଳ୍ପ ପାଣିଥିବାରୁ ଟଳିଗଲା ଏକ ବଡ଼ ଅଘଟଣ। ଘଟଣାଟି ଘଟିଛି କଟକ ଜିଲ୍ଲା ସାଲେପୁର ବ୍ଲକର ବାଲିସାହି ନିକଟରେ। ଅଟୋଟିରେ ୧୦ ଜଣ ଛାତ୍ରଛାତ୍ରୀ ଥିଲେ। ସେମାନେ ହରିଚନ୍ଦନପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଯାଉଥିଲେ। ବାଲିସାହି ନିକଟରେ ଏକ କୁକୁର ହଠାତ୍ ଦୌଡ଼ି ଆସିବାରୁ ଅଟୋଟି ଭାରସାମ୍ୟ ହରାଇ କେନାଲ ମଧ୍ୟକୁ ଖସି ଯାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ସମସ୍ତ ପିଲାଙ୍କୁ କେନାଲରୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ସୁସ୍ଥ ଅଛନ୍ତି।

# ମାଓ ନେତ୍ରୀଙ୍କ ଆତ୍ମସମର୍ପଣ

- ମୁଣ୍ଡରେ ଥିଲା ୮ ଲକ୍ଷର ପୁରସ୍କାର ରାଶି



**ମାଲକାନଗିରି, ୧୬।୯ (ସଂଚାର ବ୍ୟୁରୋ) :** ମାଓ ନେତ୍ରୀଙ୍କ ଆତ୍ମସମର୍ପଣ। ମାଲକାନଗିରି ସୀମାନ୍ତ ଛତିଶଗଡ ଗରିଆବନ୍ଧ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଜଣେ ମାଓ ନେତ୍ରୀ। ତାଙ୍କ ମୁଣ୍ଡରେ ଥିଲା ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି। ଆତ୍ମସମର୍ପଣ କରିଥିବା ମାଓ ନେତ୍ରୀଙ୍କ ନାଁ ଜାନସୀ ଓରଫ ଭାଚେଲା ମାଡାମି। ସେ ମୃତ ମାଓନେତା ସତ୍ୟମ ଗାଓ୍ୱାଡେଙ୍କ ପତ୍ନୀ। ଜାନସୀ ମହାରାଷ୍ଟ୍ର ବାସିନ୍ଦା। ୨୦୦୫ ମସିହାରୁ ନକ୍ସଲ ସଂଗଠନ ସହିତ ଜଡିତ ରହି ବିଭିନ୍ନ ସ୍ତରରେ ଦାୟିତ୍ୱ ତୁଲାଇଛନ୍ତି। ୨୦୧୧ ମସିହାରେ ଜାନସୀ ମାଓ ନେତା ସତ୍ୟମ ଗାଓ୍ୱାଡେଙ୍କୁ ବିବାହ କରିବା ପରେ ଦୁହେଁ ଦୀର୍ଘ ସମୟ ଧରି ମୈନପୁର ନକ୍ସଲ ଡିଭିଜନରେ କାମକରୁଥିଲେ। ୨୦୧୪ ମସିହା ଏନକାଉଣ୍ଟରରେ ସତ୍ୟମ ପ୍ରାଣ ହରାଇବା ପରେ ମଧ୍ୟ ଜାନସି ମାଓ ସଂଗଠନରେ ରହିଥିଲେ। ୨୦୨୨ ମସିହାରୁ ସଚିବ ଭାବେ କାର୍ଯ୍ୟ କରିବା ସହ ଅନେକ ହିଂସା କାଣ୍ଡର ନେତୃତ୍ୱ ନେଇଥିଲେ। ହେଲେ ଗୋଟିଏ ପଟେ ମାଓ ସଙ୍ଗଠନ ନୀତି ଆଦର୍ଶ ହରାଇଥିବା ବେଳେ ସୁରକ୍ଷା କର୍ମୀଙ୍କ ଘନ ଘନ ଅପରେସନ ଯୋଗୁଁ ସେ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ଲାଗି ନିଷ୍ପତ୍ତି ନେଇଛନ୍ତି।

# ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ଅସୁସ୍ଥ



**କଟକ,୧୬।୯(ସଂଚାର ବ୍ୟୁରୋ) :** ବଲିଉଡ୍ ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ହସପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ବୁଦ୍ଧାଦିତ୍ୟଙ୍କ ଚିକିତ୍ସା ଚାଲିଛି। ତାଙ୍କୁ କିଛିଦିନ ହେବ ଜ୍ୱର ଏକ କଫ ଜନିତ ସମସ୍ୟା ରହିଥିଲା। ତେବେ ଲଙ୍ଗସରେ ସଂକ୍ରମଣ ଯୋଗୁଁ ଦେହ ଅଧିକ ଖରାପ ହେବା ପରେ ତାଙ୍କୁ ଗତକାଲି ଡାକ୍ତଖାନାରେ ଭର୍ତ୍ତି କରାଯାଇଛି। ବୁଦ୍ଧାଦିତ୍ୟଙ୍କର ବିଭିନ୍ନ ପ୍ରକାର ପରୀକ୍ଷା କରାଯାଉଥିବା ଜଣାପଡ଼ିଛି। ଏହା ସହିତ ତାଙ୍କ ଲାଗି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବାକୁ ଅନୁରୋଧ କରିଛନ୍ତି।

- ବାଲିହରଚଣ୍ଡି ପୀଠରେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲା

# ମୁଖ୍ୟ ଅଭିଯୁକ୍ତ ଆନ୍ଧ୍ରରୁ ଗିରଫ



**ପୁରୀ,୧୬।୯(ସଂଚାର ବ୍ୟୁରୋ) :** ପୁରୀ ବାଲିହରଚଣ୍ଡି ପୀଠରେ ଯୁବତୀଙ୍କୁ ଗଣଦୁର୍ଷମ ଅଭିଯୋଗ ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି। ଆନ୍ଧ୍ରପ୍ରଦେଶରୁ ଅଭିଯୁକ୍ତ ମନୋଜ ବେହେରାକୁ ଗିରଫ କଲା ପୁରୀ ପୋଲିସ। ମୋଟ୍ ୪ ଅଭିଯୁକ୍ତ ଗିରଫ ହୋଇଛନ୍ତି। ଆଜି ସମସ୍ତଙ୍କର ଡାକ୍ତରୀ ମାଇନା କରାଯାଇଛି। ବ୍ରହ୍ମଗିରି ବାଲିହରଚଣ୍ଡୀ ଜଙ୍ଗଲରେ ଗଣଦୁଷ୍କର୍ମର ଶିକାର ହୋଇଥିଲେ ଯୁବତୀ।ସୂଚନା ଅନୁଯାୟୀ, ଶୁକ୍ରବାର ଜଣେ ଯୁବକ ଓ ଯୁବତୀ ବାଲିହରଚଣ୍ଡି ବୁଲିବାକୁ ଆସି ଥିବାବେଳେ ସ୍ଥାନୀୟ ଚଣ୍ଡୀପୁଟ ଗ୍ରାମର ଚାରିଜଣ ଯୁବକ ସେମାନଙ୍କର ଫଟୋ ଚିତ୍ର ଉତ୍ତୋଳନ କରିବା ସହିତ ବ୍ଲାକ୍ ମେଲିଂ ମଧ୍ୟ କରିଥିଲେ। ପରେ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲେ ବୋଲି ଅଭିଯୋଗ ହୋଇଛି। ତେବେ ଘଟଣାକୁ ନେଇ ପୀଡ଼ିତା ଯୁବତୀଙ୍କ ଅଭିଯୋଗ ପରେ ପୋଲିସ ତିନି ଜଣଙ୍କୁ ଉଠାଇ ନେଇଥିବା ବେଳେ ମାଷ୍ଟର ମାଇଣ୍ଡକୁ ଖୋଜୁଥିଲା। ତେବେ ଆଜି ଯୁବତୀଙ୍କୁ ଗଣଦୁର୍ଷମ ଅଭିଯୋଗ ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି।

# ମୌସୁମୀ ବାୟୁ ସକ୍ରିୟ; ୨୦ ଯାଏ ବର୍ଷା



**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ) :** ୨୦ ଯାଏ ଚାଲିବ ବର୍ଷା। ଓଡ଼ିଶା ଉପରେ ସକ୍ରିୟ ରହୁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ପ୍ରଭାବରେ ଓଡ଼ିଶାରେ ଲାଗି ରହିଛି ବର୍ଷା। ରାଜ୍ୟରେ ଆହୁରି ୪ ଦିନ ବର୍ଷା ସମ୍ଭାବନା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ବିଭିନ୍ନ ସ୍ଥାନରେ କାଁ ଭାଁ ବର୍ଷା ହେଉଥିବା ବେଳେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷ ସମ୍ଭାବନା ରହିଛି। ଆଜି ପୂରା ରାଜ୍ୟକୁ ଆଲର୍ଟ ଜାରି କରାଯାଇଛି। ପ୍ରବଳ ବର୍ଷା ପାଇଁ ୬ ଜିଲ୍ଲାକୁ ଆଲର୍ଟ ଜାରି ହୋଇଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜରେ ପ୍ରବଳ ବର୍ଷା ନେଇ ସତର୍କ କରାଯାଇଛି। ବାକି ୨୪ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ୩୦ରୁ ୪୦ ବେଗରେ ପବନ ବହିବାପାରେ। ସେହିପରି ଆସନ୍ତାକାଲି ବିଜୁଳି ଘଡ଼ଘଡ଼ି ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ପାଇଁ ୨୦ ଜିଲ୍ଲାକୁ ଆଲର୍ଟ ଜାରି ହୋଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି।

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ନେଇ ଦ୍ୱନ୍ଦ୍ୱରେ ଶିକ୍ଷକ

**ଭୁବନେଶ୍ୱର,୧୬।୯(ସଂଚାର ବ୍ୟୁରୋ) :** ଦ୍ୱନ୍ଦ୍ୱରେ ଶିକ୍ଷକ। ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦିନ ଶିକ୍ଷକମାନେ ସ୍କୁଲରେ ରହିବେ ନାଁ ପରୀକ୍ଷା ଦେବାକୁ ଯିବେ। ସେପ୍ଟେମ୍ବର ୨୭ରେ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ହେବ। ପ୍ରଶ୍ନପତ୍ର ଲିକ୍ ଓ ବୋର୍ଡରେ ଅଧିକାରୀ ନଥିବାରୁ ବାରମ୍ବାର ପରୀକ୍ଷା ତାରିଖରେ ପରିବର୍ତ୍ତନ ହୋଇଛି। ଏଥର ୨୭କୁ ପରୀକ୍ଷା ତାରିଖ ଭାବେ ନିର୍ଧାରଣ କରାଯାଇଛି। ତାହା ଶନିବାର ଓ କାର୍ଯ୍ୟ ଦିବସ।ସେ ଦିନ ଶିକ୍ଷକ ସ୍କୁଲ ଯାଇ ପାଠ ପଢ଼ାଇବେ ନା ପରୀକ୍ଷା ଦେବାକୁ ଯିବେ, ସେ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି। ୭୫ ହଜାର ପ୍ରାଥମିକ ଶିକ୍ଷକ ଏହି ପରୀକ୍ଷା ଦେବେ। ଯେଉଁ ସ୍କୁଲରେ ସବୁ ଶିକ୍ଷକ ପରୀକ୍ଷା ଦେବେ, ସେଦିନ ସ୍କୁଲ ଖାଲି ହୋଇଯିବ। କେଉଁ ପରିସ୍ଥିତିରେ ସରକାର କାର୍ଯ୍ୟ ଦିବସରେ ପରୀକ୍ଷା କରିବାକୁ ନିଷ୍ପତ୍ତି ନେଇଛନ୍ତି, ତାକୁ ନେଇ ଶିକ୍ଷକ ପ୍ରଶ୍ନ କରିଛନ୍ତି। ସେପ୍ଟେମ୍ବର ୨୭ ବଦଳରେ ୨୮ ତାରିଖ ରବିବାର ପରୀକ୍ଷା କରିବାକୁ ପ୍ରାଥମିକ ଶିକ୍ଷକ ସଙ୍ଘ ଦାବି କରିଛି।

# ବାମରା ତହସିଲଦାର ଅଶ୍ୱିନୀ ପଣ୍ଡା ସସ୍‌ପେଣ୍ଡ



**କୁଚିଣ୍ଡା,୧୬।୯(ସଂଚାର ବ୍ୟୁରୋ):** ବାମରା ତହସିଲଦାର ଅଶ୍ୱିନୀ ପଣ୍ଡାଙ୍କୁ ରାଜ୍ୟ ସରକାର ସସ୍‌ପେଣ୍ଡ କରିଛନ୍ତି। ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରିଥିଲା ଭିଜିଲାନ୍ସ ଟିମ। ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା-୨୦୧୯ରେ ଟପ୍ପର ହୋଇଥିବା ଅଶ୍ୱିନୀ କୁମାର ପଣ୍ଡା ଗତ ଶୁକ୍ରବାର ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡିଥିଲେ। ଚାଷଜମିର କିସମ ପରିବର୍ତ୍ତନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଅଭିଯୋଗକାରୀଙ୍କଠାରୁ ଅଶ୍ୱିନୀଙ୍କ ପାଇଁ ଲାଞ୍ଚ ନେଉଥିବା ବେଳେ ତାଙ୍କ ଅଫିସ ଡ୍ରାଇଭର ପି. ପ୍ରବୀନ କୁମାରଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ବେଳେ ଏବେ ତହସିଲଦାର ଅଶ୍ୱିନୀ ପଣ୍ଡାଙ୍କୁ ସସପେଣ୍ଡ କରାଯାଇଛି।

ସଡ଼କ ନିର୍ମାଣରେ ଟେରାଜାଇମ୍ ବ୍ୟବହାର ନେଇ ଆଲୋଚନା

# ପରିବେଶ ଅନୁକୂଳ ଭିତ୍ତିଭୂମିକୁ ମିଳିବ ବାସ୍ତବ ରୂପ: ମନ୍ତ୍ରୀ



**ଭୁବନେଶ୍ୱର, ୧୬।୯(ସଞ୍ଚାର ବ୍ୟୁରୋ):** ବିଭିନ୍ନ ପ୍ରକାର ବିକାଶମୂଳକ ନିର୍ମାଣ କାର୍ଯ୍ୟ ସମୟରେ ପରିବେଶ ଉପରେ ଏହାର କ'ଣ କୁପ୍ରଭାବ ପଡୁଛି ସେ ବିଷୟରେ ଅନେକ ସମୟରେ ଚିନ୍ତା କରାଯାଉ ନାହଁ । ଯାହା ଫଳରେ ପରବର୍ତ୍ତୀ ସମୟରେ ଏହାର କୁପରିଣାମ ସମଗ୍ର ଜୀବଜଗତକୁ ଭୋଗିବାକୁ ପଡୁଛି। ତେଣୁ ପରିବେଶ ଅନୁକୂଳ ନିର୍ମାଣ ଉପରେ ଗୁରୁତ୍ୱ ଦେବାକୁ ପଡିବ । ଏହି କ୍ରମରେ ଅଭିନବ ଜୈବ-ଏନଜାଇମାଟିକ୍ ମାଟି ସ୍ଥିରକାରୀ ଟେରାଜାଇମ୍‌କୁ ବ୍ୟବହାର କରି କିଭଳି ଦୀର୍ଘସ୍ଥାୟୀ ତଥା ପରିବେଶ ଅନୁକୂଳ ସଡ଼କ ନିର୍ମାଣ କରାଯାଇ ପାରିବ ସେଥି ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ସଡ଼କ ନିର୍ମାଣରେ ଟେରାଜାଇମ୍ ବ୍ୟବହାର, ଏହାର ନିର୍ମାଣ ଖର୍ଚ୍ଚ, ସ୍ଥାୟିତ୍ୱ, ଏବଂ ପରିବେଶ ବାତାନୁକୂଳତା ବିଷୟରେ ଆଲୋଚନା ହୋଇଥିଲା। ଟେରାଜାଇମ୍ ହେଉଛି ଉଦ୍ଭିଦ ନିଷ୍କାସନରୁ ତିଆରି ଏକ ପ୍ରାକୃତିକ, ଅଣ-ବିଷାକ୍ତ ଏବଂ ଜୈବିକ ତରଳ ପଦାର୍ଥ। ପ୍ରାକୃତିକ ଉପାୟରେ ପ୍ରସ୍ତୁତ ଏହି ବାୟୋ- ଏନ୍ଜାଇମାଟିକ୍ ସଏଲ୍ ଷ୍ଟାବିଲାଇଜର୍ ଦ୍ୱାରା ସଡ଼କ ନିର୍ମାଣକୁ ଅଧିକ ମଜଭୁତ, ଓ ଦୀର୍ଘସ୍ଥାୟୀ କରାଯାଇ ପାରିବ । ଏଥିସହିତ ଟେରାଜାଇମ୍ ବ୍ୟବହାର କରି ସ୍ଥାନୀୟ ମାଟିର ଗୁଣମାନ ବୃଦ୍ଧି କରାଯାଇପାରିବ। ଫଳରେ ପଥର, ଗୋଡି, ସିମେଣ୍ଟ ଏବଂ ପିଚୁ ଆଦିରୁ ନିର୍ମାଣ ହେଉଥିବା ରାସ୍ତା ତୁଳନାରେ ଏହାର ନିର୍ମାଣ ଖର୍ଚ୍ଚ ଯଥେଷ୍ଟ କମ ହୋଇପାରିବ । ଏହା ପରିବେଶ ଅନୁକୂଳ ହୋଇଥିବାରୁ ଅତ୍ୟଧିକ ତାପ ଓ ଅଙ୍ଗାରକାମ୍ଳ ନିଗମନକୁ କମ କରିବା ସହିତ ଅତ୍ୟଧିକ ଧୂଳିକୁ ପ୍ରତିହତ କରିପାରିବ । ଏହି ରାସ୍ତା ବିଶେଷ କରି ଜଙ୍ଗଲ ତଥା ଜୈବ ବିବିଧତା ଅଞ୍ଚଳ ଲାଗି ବେଶ ଉପଯୋଗୀ ହେବା ସହିତ ଅନ୍ୟ ଅଞ୍ଚଳରେ ମଧ୍ୟ ବେଶ ଗ୍ରହଣୀୟ ହୋଇପାରିବ ବୋଲି ବୈଠକରେ ଉପସ୍ଥାପନ ହୋଇଥିଲା । ଜଙ୍ଗଲ ତଥା ଜୈବ ବିବିଧତା ଅଞ୍ଚଳରେ ଏହି ଟେରାଜାଇମ ବ୍ୟବହାର ଓ ରାସ୍ତା ନିର୍ମାଣ ନେଇ କ'ଣ କରାଯାଇ ପାରିବ ସେଥିନେଇ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ନିକଟରେ ଦାଖଲ କରିବାକୁ ମନ୍ତ୍ରୀ ହରିଚନ୍ଦନ ପୂର୍ତ୍ତ ବିଭାଗ ତଥା ଓବିସିସିର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଓବିସିସିର ଉପଦେଷ୍ଟା ଜୟକୃଷ୍ଣ ଦାସ ଏବଂ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡି ମହିଳା ପ୍ରତିନିଧିମଣ୍ଡଳୀ




**ପୁରୀ,୧୬।୯(ସଂଚାର ବ୍ୟୁରୋ):** ବ୍ରହ୍ମଗିରି ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମା' ବାଲିହରଚଣ୍ଡୀଙ୍କ ପୀଠାରେ ଘଟିଥିବା ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ପୁରୀଠାରେ ଆଜି ବିଜେଡିର ଏକ ମହିଳା ପ୍ରତିନିଧିମଣ୍ଡଳୀ ତଥା ବିରୋଧୀଦଳ ଉପନେତ୍ରୀ ପ୍ରମିଳା ମଲ୍ଲିକ, ପୂର୍ବତନ ବିଧାୟିକା ରାଜଶ୍ରୀ ମଲ୍ଲିକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଭେଟି ଘଟଣାକୁ ତୀବ୍ର ନିନ୍ଦା କରିବା ସହ ପୀଡ଼ିତାକୁ ସମବେଦନା ଜଣାଇଛନ୍ତି। ବ୍ରହ୍ମପୁର ଗୋପାଳପୁର ଘଟଣା, ବାଲେଶ୍ୱର ସୌମ୍ୟାଶ୍ରୀ, ପୁରୀ ବଳଙ୍ଗା ପୀଡ଼ିତଙ୍କ ନିଆଁ ନ ଲିଭୁଣୁ ଏବେ ପୁଣି ବ୍ରହ୍ମଗିରିର ଏହି ଘଟଣା ସାଧାରଣରେ ଆଲୋଡ଼ନା ସୃଷ୍ଟି କରିଛି। ପୁରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ପ୍ରତିନିଧିମଣ୍ଡଳୀର ସଦସ୍ୟାମାନେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପର୍ଯ୍ୟଟନ ସ୍ଥଳୀମାନଙ୍କରେ ପର୍ଯ୍ୟଟକଙ୍କ ସୁରକ୍ଷା ସକାଶେ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି।

ଅଙ୍ଗିକାର ଅଭିଯାନ ଅନ୍ତର୍ଗତ ଆଙ୍କର କାର୍ଯ୍ୟକ୍ରମ ଆୟୋଜନ

# ଜିଲ୍ଲାପାଳମାନଙ୍କୁ ବିଭାଗୀୟ ସଚିବଙ୍କ ଚିଠି

**ଭୁବନେଶ୍ୱର, ୧୬।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ସହରାଞ୍ଚଳ ଅନ୍ତର୍ଗତ ଅଙ୍ଗିକାର-୨୦୨୫ ଅଭିଯାନକୁ ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରିବା ପାଇଁ ପଦକ୍ଷେପ ଆରମ୍ଭ କରାଯାଇଥିବା ପରିପ୍ରେକ୍ଷୀରେ ରାଜ୍ୟ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ତରଫରୁ ସମସ୍ତ ସହରାଞ୍ଚଳରେ ପାଳନ କରିବା ନିମନ୍ତେ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖିଛନ୍ତି।

ଶ୍ରୀମତୀ ପାଢ଼ୀ, ଅଭିଯାନର ସଫଳତା ସୁନିଶ୍ଚିତ କରିବା ପାଇଁ ଜିଲ୍ଲାସ୍ତରୀୟ ଆଙ୍କର କାର୍ଯ୍ୟକ୍ରମ ଏବଂ ଓ୍ୱାର୍ଡସ୍ତରୀୟ ପ୍ରସାରଣ କାର୍ଯ୍ୟକଳାପ ଆୟୋଜନ କରିବାକୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ପିଏମଏଓ୍ୱାଇ ୟୁ ଆବାସ ଦିବସ ୧୭ ସେପ୍ଟେମ୍ବର ୨୦୨୫ ରେ ପାଳନ କରାଯିବ। ଏହି ଅବସରରେ, ପିଏମଏଓ୍ୱାଇ ୟୁ ୨.୦ ଆରମ୍ଭର ଏକ ବର୍ଷ ପୂରଣ କରିବା ପାଇଁ ଜିଲ୍ଲା ସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ମେଳା - ସହରୀ (ପ୍ରଥମ ପର୍ଯ୍ୟାୟ) ଆୟୋଜନ କରାଯିବ। ୧୭ ସେପ୍ଟେମ୍ବରରୁ ୧୬ ଅକ୍ଟୋବର ୨୦୨୫ ମଧ୍ୟରେ, ସମସ୍ତ ୟୁଏଲବିରେ ହିତାଧିକାରୀଙ୍କ ସଚେତନତା ଏବଂ ପଞ୍ଜୀକରଣକୁ ସହଜ କରିବା ପାଇଁ ଏକାଧିକ ଓ୍ୱାର୍ଡସ୍ତରୀୟ ଶିବିର ଆୟୋଜନ କରାଯିବ। ଦ୍ୱିତୀୟ ଆଙ୍କର ଇଭେଣ୍ଟ - ପ୍ରଧାନମନ୍ତ୍ରୀ ଆବାସ ମେଳା - ସହରୀ (ପର୍ଯ୍ୟାୟ-୨) - ୧୬ ରୁ ୩୧ ଅକ୍ଟୋବର ୨୦୨୫ ମଧ୍ୟରେ ଜିଲ୍ଲା ସ୍ତରରେ ଏକ ଉପଯୁକ୍ତ ତାରିଖରେ ଅନୁଷ୍ଠିତ ହେବ।

ଶ୍ରୀମତୀ ପାଢ଼ୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଅଙ୍ଗିକାର-୨୦୨୫ ଅଭିଯାନର ଉଦ୍ଦେଶ୍ୟ ହେଉଛି ପିଏମଏଓ୍ୱାଇ ୟୁ ଅଧୀନରେ ଅଧାରୁ ଚାଲୁଥିବା ଘରଗୁଡ଼ିକର ତ୍ୱରାନ୍ୱିତ ସମାପ୍ତି, ହିତାଧିକାରୀଙ୍କ ପାଇଁ ବ୍ୟାଙ୍କ ମାଧ୍ୟମରେ ଗୃହ ଋଣ ପ୍ରଦାନ କରିବା, ସୁଧ ସବସିଡି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର, ପ୍ରଧାନମନ୍ତ୍ରୀ ସ୍ୱାନିଧି, ଆୟୁଷ୍ମାନ ଭାରତ, ଇତ୍ୟାଦି ଅନ୍ୟାନ୍ୟ ସରକାରୀ ଯୋଜନାକୁ ଏକତ୍ରିତ କରିବା। ଅଭିଯାନ ତଦାରଖ କରିବା ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟି ଗଠନ କରିବାକୁ ସଂଗ୍ରହକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ଅନ୍ୟାନ୍ୟ ସମ୍ବନ୍ଧିତ ଯୋଜନାରୁ ସଚେତନତା ପାଣ୍ଠିର ବିନିଯୋଗ କରିବାକୁ କୁହାଯାଇଛି। ଏହା ସହିତ ବିଭାଗ ସର୍ବୋତ୍ତମ ପ୍ରଭାବ ପାଇଁ ସହଯୋଗ (ସହରୀ ଗରିବଙ୍କ ଦ୍ୱାରରେ ସରକାରୀ ଯୋଜନାଗୁଡ଼ିକୁ ସଂତୃପ୍ତି ଆଭିମୁଖ୍ୟ) ଏବଂ ପିଏମ ସ୍ୱନିଧି (ପଥର ବିକ୍ରେତାଙ୍କୁ କଲ୍ୟାଣ ଏବଂ କ୍ଷୁଦ୍ର-ଆର୍ଥିକ ସହାୟତା) ଭଳି ଚାଲୁଥିବା ଅଭିଯାନ ସହିତ ଅଙ୍ଗିକାର-୨୦୨୫କୁ ସମନ୍ୱୟ ଉପରେ ଗୁରୁତ୍ୱ ଦେଇଛି, ଯାହା ଫଳରେ ସର୍ବୋତ୍ତମ ପ୍ରଭାବ ପଡ଼ିବ ବୋଲି ଓ୍ୟୁଏଚଏମ ମିଶନ ନିର୍ଦ୍ଦେଶକ ଶୁଭାନନ୍ଦ ମହାପାତ୍ର କହିଛନ୍ତି।

# ଏନକାଉଣ୍ଟରରେ ଦୀପକ ଆହତ

- ଦେଶୀ ପିସ୍ତଲ ଜବତ

**ସମ୍ବଲପୁର, ୧୬।୯ (ସଂଚାର ବ୍ୟୁରୋ):** ସମ୍ବଲପୁରରେ ଏନକାଣ୍ଟର। କୁଖ୍ୟାତ ଅପରାଧି ଦୀପକ ମଣ୍ଡଳକୁ ଏନକାଉଣ୍ଟର। ଏନକାଉଣ୍ଟର କରିଛି ରେଙ୍ଗାଲି ପୋଲିସ । ରେଙ୍ଗାଲି ଥାନା ରମ୍ଭେଲା ନିକଟରେ ଥିବା ଏକ ଜଙ୍ଗଲରେ ଏନକାଉଣ୍ଟର ହୋଇଛି। ପୋଲିସ ଉପରକୁ ୩ ରାଉଣ୍ଡ ଗୁଳି ଚାଳନା କରି ଖସି ପଳାଇବାକୁ ଉଦ୍ୟମ କରିଥିଲା ଦୀପକ । ପୋଲିସର ପାଲଟା ଗୁଳିରେ ସେ ଆହତ ହୋଇଛି। ତା ବାମ ଗୋଡକୁ ଗୁଳି ମାରିଛି ପୋଲିସ । ତାକୁ ଭୀମସାରରେ ଭର୍ତ୍ତି କରିଛି ପୋଲିସ । ପୋଲିସ ଦୀପକଠାରୁ ଗୋଟିଏ ଦେଶୀ ପିସ୍ତଲ, ୫ଟି ଖୋକା, ୨ଟି ଗୁଳି, ନମ୍ବର ପ୍ଲେଟ ନଥିବା ଗୋଟିଏ ସ୍କୁଟି ଜବତ କରିଛି । ଦୀପକ ନାଁରେ ପୂର୍ବରୁ ବିଭିନ୍ନ ଥାନାରେ ଲୁଟ, ଡକାୟତି ଭଳି ୨୧ ଟି ମାମଲା ରହିଛି ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




ଭାରତରେ ଆମେରିକୀୟ ପ୍ରତିନିଧି

# ବାଣିଜ୍ୟ ଆଲୋଚନା ଆଗେଇବ

ନୂଆଦିଲ୍ଲୀ, ୧୬ା୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦ ପ୍ରତିଶତ ଶୁଳ୍କ ଲଗାଇ ଭାରତକୁ ଡରାଇବାରେ ବିଫଳ ହେବା ପରେ ବାଣିଜ୍ୟ ଆଲୋଚନା ଆଗକୁ ବଢ଼ାଇବା ଲାଗି ନିଜ ପ୍ରତିନିଧିଙ୍କୁ ଭାରତ ପଠାଇଛନ୍ତି। କୌଣସି ପ୍ରକାର ଚାପ ଆଗରେ ଭାରତ ମୁଣ୍ଡ ନୁଆଁଇ ନଥିଲା। ସେଥିପାଇଁ ବାଧ୍ୟ ହୋଇ ଟ୍ରମ୍ପ କିଛି ଦିନ ଚୁପ୍ ରହିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବନ୍ଧୁତାର

## ଟାରିଫ୍ ଯୁଦ୍ଧ ପରେ ବନ୍ଦ ଥିଲା

ହାତ ବଢ଼ାଇଥିଲେ ଏବଂ ଖୁବ୍‌ଶୀଘ୍ର ତାଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ତାଙ୍କ କହିବାନୁସାରେ ଆମେରିକାର ପ୍ରତିନିଧି ଭାରତ ଆସୁଛନ୍ତି।

କିଛି ଦିନ ବନ୍ଦ ରହିଥିବା ବାଣିଜ୍ୟ ରାଜିନାମା ସମ୍ପର୍କିତ ଆଲୋଚନାକୁ ଆଗକୁ ବଢ଼ାଇବା ଲାଗି ଆସନ୍ତାକାଲିଠାରୁ ବୈଠକ ଆରମ୍ଭ ହେବ। ଆମେରିକା ପକ୍ଷରୁ ମୁଲଚାଲର ନେତୃତ୍ୱ ନେଉଥିବା ଆମେରିକାର ବାଣିଜ୍ୟ ପ୍ରତିନିଧି (ଦକ୍ଷିଣ ଓ କେନ୍ଦ୍ରୀୟ ଏସିଆ) ଭାରତ ଆସିଛନ୍ତି। ଭାରତ ପକ୍ଷରୁ ଆଲୋଚନାର ନେତୃତ୍ୱ ନେଉଛନ୍ତି ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲ୍। ଚଳିତ ବର୍ଷ ଏପ୍ରିଲ୍‌ରେ ଟ୍ରମ୍ପ ବିଭିନ୍ନ ଦେଶ ଉପରେ



ପାଲଟା ଟିକସ ଘୋଷଣା କରିବା ପରେ ଯେଉଁ କିଛି ଦେଶ ଆମେରିକା ସହ ବାଣିଜ୍ୟ ଆଲୋଚନା ଆରମ୍ଭ କରିଥିଲେ ସେଥିରୁ ଭାରତ ଅନ୍ୟତମ ଥିଲା। କିଛି ମାସ ପର୍ଯ୍ୟନ୍ତ ଉଭୟ ପକ୍ଷ ବ୍ୟାପକ ଆଲୋଚନା କରିଥିଲେ। କିନ୍ତୁ ଭାରତର କୃଷି ଓ ଦୁଗ୍ଧଜାତ ବଜାରକୁ ଖୋଲିବା ପାଇଁ ଆମେରିକା ଜିଦ୍ ଧରିବା ପରେ ଭାରତ ନିଜ ଆଭିମୁଖ୍ୟ କଠୋର କରିଥିଲା। ଚାଷୀଙ୍କ ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ। ଏହାପରେ ଭାରତକୁ ଟ୍ରମ୍ପ ବିଭିନ୍ନ ଅବସରରେ ତାଚ୍ଛଲ୍ୟ କରି ଡରାଇବାକୁ ଉଦ୍ୟମ କରିଥିଲେ। ଏଥି ସହିତ ଦୁଇ ଦେଶ ଭିତରେ ଆଲୋଚନା ବନ୍ଦ ହୋଇଯାଇଥିଲା।

ଚଳିତ ବର୍ଷ ମାର୍ଚ୍ଚରୁ ଆରମ୍ଭ ହୋଇଥିବା ବାଣିଜ୍ୟ ଆଲୋଚନାର ପ୍ରଥମ ପର୍ଯ୍ୟାୟକୁ ଅକ୍ଟୋବର-ନଭେମ୍ବର ସୁଦ୍ଧା ଶେଷ କରିବାକୁ ଦୁଇ ଦେଶ ଲକ୍ଷ୍ୟ ରଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଥିଲେ ଏବଂ ରୁଷ୍‌ଠାରୁ ତେଲ କିଣା ଜାରି ରଖିଥିବାରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ସେହି ଚଢ଼ା ଶୁଳ୍କ ଗତ ଅଗଷ୍ଟ ୨୭ରୁ ଲାଗୁ ହୋଇଥିଲା। ବର୍ଦ୍ଧିତ ଶୁଳ୍କ ଏଡ଼ାଇବା ଲାଗି ବାଣିଜ୍ୟ ଆଲୋଚନା ଶୀଘ୍ର ଶେଷ କରିବାକୁ ହୋଇଥିବା ଉଦ୍ୟମ ସଫଳ ହୋଇନଥିଲା।

ଦୁଇ ଦେଶ ଭିତରେ ସମ୍ପର୍କ ଖରାପ ହେବାର କିଛି ଦିନ ପରେ ଟ୍ରମ୍ପ ନିଜ ଆଡୁ ଭାରତ ସହ ବନ୍ଧୁତା ପାଇଁ ହାତ ବଢ଼ାଇ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିଜର ଜଣେ ଭଲ ବନ୍ଧୁ ବୋଲି କହିଥିଲେ। ଖୁବ୍‌ଶୀଘ୍ର ତାଙ୍କ ସହ କଥା ହେବି ବୋଲି ଇସାରା ଦେଇଥିଲେ। ତାଙ୍କ ମନ୍ତବ୍ୟ ଉପରେ ମୋଦୀ ମଧ୍ୟ ମତ ରଖି ଭାରତ ଓ ଆମେରିକା ପ୍ରାକୃତିକ ବନ୍ଧୁ ବୋଲି କହିଥିଲେ। ଟ୍ରମ୍ପଙ୍କ ସହ କଥା ହେବାକୁ ଚାହିଁରହିଛି ବୋଲି ଜଣାଇଥିଲେ। ଏହା ପୂର୍ବରୁ ଟ୍ରମ୍ପ କରିଥିବା ଏକାଧିକ ଫୋନ୍ କଲ୍ ମୋଦୀ ଉଠାଇ ନଥିଲେ ବୋଲି ଗଣମାଧ୍ୟମରେ ଦାବି କରାଯାଇଥିଲା।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୯୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୨,୬୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୯୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୨,୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୨,୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୨,୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୨,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୨,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୯୩୦ ଓ ୧,୦୨,୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୪,୦୦୦ ଟଙ୍କା ହୋଇଛି।

# ବେକାରୀ ହାର ୫.୧%କୁ ଖସିଲା

ନୂଆଦିଲ୍ଲୀ, ୧୬ା୯: ଚଳିତ ବର୍ଷ ଅଗଷ୍ଟରେ ଦେଶର ବେକାରି ହାର ୫.୧ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁନ ଓ ଜୁଲାଇରେ ତାହା ଯଥାକ୍ରମେ ୫.୨ ପ୍ରତିଶତ ଓ ୫.୬ ପ୍ରତିଶତ ଥିଲା। ଲଗାତାର ଦ୍ୱିତୀୟ ମାସରେ ବେକାରି ହାର ହ୍ରାସ ପାଇ ପାଞ୍ଚ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ପୁରୁଷ ବର୍ଗରେ ବେକାରି ହାର ୫ ପ୍ରତିଶତକୁ ହ୍ରାସ ପାଇଛି। ଶେଷ ଥର ପାଇଁ ଗତ ଏପ୍ରିଲ୍‌ରେ ଏହା ଏଭଳି ସ୍ତରରେ ଥିଲା। ସହରାଞ୍ଚଳରେ ପୁରୁଷ ବେକାରି ହାର ୫.୯ ପ୍ରତିଶତକୁ ଖସିଆସିଛି ଯାହା ଗତ ଜୁଲାଇରେ ୬.୬ ପ୍ରତିଶତ ଥିଲା। ଗ୍ରାମାଞ୍ଚଳରେ ପୁରୁଷ ବେକାରି ହାର




୪.୫ ପ୍ରତିଶତକୁ ହ୍ରାସ ପାଇଛି। ଗତ ଜୁଲାଇରେ ତାହା ୪.୬ ପ୍ରତିଶତ ଥିଲା। ଶ୍ରମ ଜନସଂଖ୍ୟା ଅନୁପାତ ଅଗଷ୍ଟରେ ୫୨.୨ ପ୍ରତିଶତରେ ପହଞ୍ଚିଛି ଯାହା ଗତ ଜୁନ୍ ଓ ଜୁଲାଇର ଯଥାକ୍ରମେ ୫୧.୨ ପ୍ରତିଶତ ଓ ୫୨ ପ୍ରତିଶତଠାରୁ ଉନ୍ନତ। ଶ୍ରମ ଶକ୍ତିରେ ଅଂଶଗ୍ରହଣ ହାର (ଏଲ୍‌ଏଫ୍‌ପିଆର୍) ଅଗଷ୍ଟରେ ୫୫ ପ୍ରତିଶତ ହୋଇଛି ଯାହା ଗତ ଜୁନ୍‌ରେ ୫୪.୨ ପ୍ରତିଶତ ଥିଲା। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ମହିଳା ଶ୍ରମ ଶକ୍ତି ହାର ବଢ଼ିଛି। ମହିଳାଙ୍କ ଶ୍ରମ ଶକ୍ତି ଅନୁପାତ ୩୨ ପ୍ରତିଶତକୁ ବୃଦ୍ଧି ପାଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୦.୨ ପ୍ରତିଶତ ଓ ୩୧.୬ ପ୍ରତିଶତ ଥିଲା। ଶ୍ରମଶକ୍ତିରେ ମହିଳାମାନଙ୍କ ଅଂଶଗ୍ରହଣ ହାର ୩୩.୭ ପ୍ରତିଶତ ହୋଇଛି। ଗତ ଜୁନ୍ ଓ ଜୁଲାଇରେ ତାହା ଯଥାକ୍ରମେ ୩୨ ପ୍ରତିଶତ ଓ ୩୩.୩ ପ୍ରତିଶତ ଥିଲା।

ଭଲ ମୌସୁମୀ ବର୍ଷା, ସରକାରୀ ସ୍କିମ୍‌ର ଲାଭ ଏବଂ ଅର୍ଥନୈତିକ କାର୍ଯ୍ୟକଳାପରେ ସୁଧାର ପ୍ରଭାବରେ ନିଯୁକ୍ତି ହାର ବଢ଼ିବା ସହ ବେକାରି କମ୍ ହେଉଛି। ମୌସୁମୀ ବର୍ଷ ଓ ଚାଷ କାମ ପ୍ରଭାବରେ ଗ୍ରାମାଞ୍ଚଳରେ ଲଗାତାର ତୃତୀୟ ମାସ ପାଇଁ ବେକାରି ହାର କମ୍ ରହିଛି। ସରକାରୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ପ୍ରଭାବ ମଧ ରହିଛି।

# ଉର୍ମୀ ଫୁଡ୍ ପ୍ରଡକ୍ଟସର ସଫଳ ଡିଲର୍ ମିଟ୍ ଆୟୋଜିତ




ଭୁବନେଶ୍ୱର,୧୬ା୯(ସଂଚାର ବ୍ୟୁରୋ): ଉର୍ମୀ ଫୁଡ୍ ପ୍ରଡକ୍ଟସ ଏକ ଭବ୍ୟ ଡିଲର୍ ସମ୍ମିଳନୀର ଆୟୋଜନା କରିଥିଲା, ଯାହାକି ଅଞ୍ଚଳର ୧୦୦ରୁ ଅଧିକ ଉତ୍ସାହିତ ଡିଲରଙ୍କୁ ଏକତ୍ରିତ କରିଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଉତ୍ସାହଜନକ ନୂତନ ଉତ୍ପାଦ ଯେପରିକି ପାସ୍ତା, ସିମାଇ ଓ ସସ୍ ଆରମ୍ଭ କରାଯାଇଥିଲା, ଯାହାକି ବଜାରରେ ଏକ ବିପ୍ଳବ ଆଣିବାର କଥା ବୋଲି କୁହାଯାଉଛି। ଏହି ଉତ୍ପାଦ ଉନ୍ମୋଚନକୁ ଜଣାଶୁଣା ଓଡ଼ିଆ ଅଭିନେତ୍ରୀ ପ୍ରିୟା ଚୌଧୁରୀ ଉପସ୍ଥିତିରେ ଶୋଭା ପାଇଥିଲା, ଯାହାକି ଏହି ଅବସରକୁ ଆହୁରି ଆକର୍ଷଣୀୟ ଓ ଉତ୍ସାହପୂର୍ଣ୍ଣ କରିଥିଲା। ତତ୍ତ୍ୱାବଧାରକ ମାଲିକ ପ୍ରତିଶ୍ରୁତି ଜେନା, ସନ୍ତୋଷ ନାୟକ ଓ ପୁନନ୍ ମିଶ୍ର ଏବଂ ଜଣେ ଜଣାଶୁଣା ଅଭିନେତ୍ରୀଙ୍କ ସହ ମଞ୍ଚରେ ନୂତନ ଉତ୍ପାଦଗୁଡ଼ିକୁ ଉନ୍ମୋଚନ କରିଥିଲେ। ଏହା ଗୁଣବତ୍ତା ଓ ନବୀନତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଉଜ୍ଜ୍ୱଳ କରିଥିଲା। କାର୍ଯ୍ୟକ୍ରମ ମନୋରଞ୍ଜନମୟ କାର୍ଯ୍ୟସୂଚୀରେ ପରିପୂର୍ଣ୍ଣ ଥିଲା, ଯାହାକି ସମସ୍ତ ଉପସ୍ଥିତଙ୍କ ପାଇଁ ଏକ ଜୀବନ୍ତ ଓ ସ୍ମରଣୀୟ ଅନୁଭୂତି ନିଶ୍ଚିତ କରିଥିଲା। ଖାଦ୍ୟ ଶିଳ୍ପରେ ନିଜର ଉପସ୍ଥିତି ବିସ୍ତାର କରିବା ଲକ୍ଷ୍ୟରେ ଉର୍ମୀ ଫୁଡ୍ ପ୍ରଡକ୍ଟସ ଡିଲର ଓ ଅଂଶୀଦାରଙ୍କ ସହ ନିଜର ବନ୍ଧନ ଦୃଢ଼ କରିବା ଜାରି ରଖିଛି।

## ୭ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ ଦାଖଲ

ନୂଆଦିଲ୍ଲୀ, ୧୬ା୯: ଆୟକର ବିଭାଗ ସୂଚନା ଅନୁସାରେ ୭ କୋଟିରୁ ଅଧିକ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରାଯାଇଛି। କିନ୍ତୁ କିଛି ଟିକସଦାତା ଆୟକର ପୋର୍ଟାଲ୍‌ରେ ସମସ୍ୟା ଦେଖାଦେଇଥିବା ଦାବି କରି ରିଟର୍ଣ୍ଣ ଦାଖଲ କରିବା ଅବଧି ବଢ଼ାଇବାକୁ ଦାବି କରିଛନ୍ତି। ଆଜି ଆଇଟିଆର୍ ଦାଖଲର ଶେଷ ଦିବସ ହୋଇଥିବାରୁ ଇ-ଫାଇଲିଂ ପୋର୍ଟାଲ୍‌ରେ ପ୍ରବଳ ଭିଡ଼ ଥିଲା। ଏଭଳି ଦାବି ସତ୍ତ୍ୱେ ସମୟ ସୀମା ବଢ଼ାଇବା ନେଇ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। କିଛି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଓ ଟିକସଦାତା ଇ-ଫାଇଲିଂ ପୋର୍ଟାଲ୍‌ରେ ସମସ୍ୟା ଥିବା ଅଭିଯୋଗ କରିଥିଲେ। ସେମାନଙ୍କୁ ଉତ୍ତର ଦେଇ ଆୟକର ବିଭାଗ ଜଣାଇଥିଲା ଯେ ପୋର୍ଟାଲ୍ ଠିକ୍ ଭାବେ କାମ କରୁଛି। ଭିନ୍ନ ଏକ ବ୍ରାଉଜର୍ ଜରିଆରେ ପୋର୍ଟାଲ୍ ଖୋଲିବାକୁ ପରାମର୍ଶ ଦିଆଯାଇଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ରୟାଲ୍ ଏନ୍‌ଫିଲ୍‌ଡର ନୂଆ 'ମିଟିଅର୍ ୩୫୦'

ଭୁବନେଶ୍ୱର,୧୬ା୯ (ସଂଚାର ବ୍ୟୁରୋ): ରୟାଲ୍ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ତଥା ଉନ୍ନତ ମିଟିଅର୍ ୩୫୦ ଉନ୍ମୋଚନ କରାଯାଇଛି। ଏହା ମଧମ ଆକାରର କ୍ରୁଜ୍ ବର୍ଗରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିଛି। ୨୦୨୦ରେ ବଜାରକୁ ଆସିବା ପରଠାରୁ ମିଟିଅର୍ ୩୫୦ ଗ୍ରାହକଙ୍କ ମଧରେ ବେଶ୍ ଲୋକପ୍ରିୟ ହେବା ସହ ବିଶ୍ୱବ୍ୟାପୀ ୫ ଲକ୍ଷରୁ ଅଧିକ ଗ୍ରାହକଙ୍କ ହୃଦୟ ଜିତିପାରିଛି। ନୂଆ ମିଟିଅର୍ ୩୫୦ ଫାୟାରବଲ୍, ଷ୍ଟେଲାର୍, ଅରୋରା ଓ ସୁପର୍‌ନୋଭା ଭଳି ଚାରିଟି ଭାରିଆଣ୍ଟ ଓ ସାତଟି ରଙ୍ଗରେ ଆସିଛି। ଏଥିରେ ୩୪୯ ଏୟାର୍ କୁଲ୍‌ଡ ଜେ-ସିରିଜ୍ ଇଞ୍ଜିନ ରହିଛି, ଯାହା ୬୧୦୦ ଆର୍‌ପିଏମ୍‌ରେ ୨୦.୨ ବିଏଚ୍‌ପିର ସର୍ବାଧିକ ଶକ୍ତି ଓ ୪୦୦୦ ଆର୍‌ପିଏମ୍‌ରେ ୨୭ ଏନ୍‌ଏମ୍ ଟର୍କ ଉତ୍ପନ୍ନ କରୁଛି। ଏଥିରେ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ଟ୍ରାଇପର୍ ପଡ୍, ଏଲ୍‌ଇଡି ଟର୍ଣ୍ଣ ଇଣ୍ଡିକେଟର୍, ୟୁଏସ୍‌ବି ଟାଇପ୍-ସି ଫାଷ୍ଟ ଚାର୍ଜିଂ ପୋର୍ଟ, ଆସିଷ୍ଟ ଓ ସ୍ଲିପ୍ କ୍ଲଚ୍ ରହିଛି। ଏହା ସହର ଭିତରେ ଯାତାୟାତ ଏବଂ ଦୂରଗାମୀ ତଥା ଆରାମଦାୟକ ଭ୍ରମଣ ପାଇଁ ମିଟିଅର୍ ୩୫୦ ଏକ ଉପଯୁକ୍ତ ଯାହା ଆରାମଦାୟକ, ସଂଯୁକ୍ତ ଓ ସୁବିଧାଜନକ ମୋଟରସାଇକଲ୍ ଚଲାଇବା ଅନୁଭୂତି ସୁନିଶ୍ଚିତ କରିବ।



ବଦଳିଲା ୟୁପିଆଇ ନିୟମ

## ଏବେ ୧୦ଲକ୍ଷ ପର୍ଯ୍ୟନ୍ତ ହୋଇପାରିବ ପେମେଣ୍ଟ




ନୂଆଦିଲ୍ଲୀ ୧୬ା୯: ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ଉପଯୋଗ କରୁଥିବା ଗ୍ରାହକଙ୍କ ଲାଗି ବଡ଼ ଖବର। ଯଦି ଆପଣ ବି ଫୋନ ପେ, ପେଟିଏମ ଅଥବା ଜି ପେ ଭଳି ଆପସ୍ ଉପଯୋଗ କରୁଥାନ୍ତି ତେବେ ଏହି ଖବର ଆପଣଙ୍କ ଲାଗି। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ୟୁପିଆଇ ଟ୍ରାଞ୍ଜାକ୍ସନ ନିୟମରେ କେତେକ ଜରୁରି ଓ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛନ୍ତି। ଅର୍ଥାତ ଏନପିସିଆଇ ବଡ଼ ନେଣଦେଣର ସୀମା ବଢେଇ ଦେଇଛନ୍ତି। ଏହି ନିୟମ ୧୫ ସେପ୍ଟେମ୍ବର ୨୦୨୫ ଅର୍ଥାତ ସୋମବାରଠାରୁ ଦେଶରେ ଲାଗୁ ହୋଇଛି। ଏବେ ଇନସ୍ୟୁରାନ୍ସ, କ୍ୟାପିଟାଲ ମାର୍କେଟ, ଲୋନ ଇଏମଆଇ ଓ ଟ୍ରାଭେଲ ଭଳି କ୍ୟାଟଗରୀ ପାଇଁ ଗୋଟିଏ ଦିନରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରାଯାଇ ପାରିବ। ତେବେ ଧ୍ୟାନଦେବା ଯୋଗ୍ୟ ଯେଉଁ କଥାଟି ତାହା ହେଉଛି ଏହି ନିୟମ ପର୍ସନ-ଟୁ-ମର୍ଚାଣ୍ଟ (ପିଟୁଏମ)ରେ ଲାଗୁ ହେବ। ଅର୍ଥାତ ବ୍ୟାପାରୀ କିମ୍ବା ସଂସ୍ଥାନଙ୍କୁ ପେମେଣ୍ଟ କରିବାରେ ନୂଆ ଲିମିଟ୍ ଲାଗୁ ହେବ, ହେଲେ ପର୍ସନ-ଟୁ-ପର୍ସନ (ପି ଟୁ ପି) ଅର୍ଥାତ ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଇସା ପଠାଇବାର ସୀମା ପୂର୍ବ ଭଳି ଦୈନିକ ୧ଲକ୍ଷ ଟଙ୍କା ରହିବ। ଏନପିସିଆଇ କହିଛନ୍ତି ଯେ ନୂଆ ଲିମିଟ୍ କେବଳ ପି ଟୁ ଏମ ପେମେଣ୍ଟସ ପାଇଁ ଲାଗୁ ହେବ। ତେବେ ବ୍ୟାଙ୍କ ତାଙ୍କ ରିସ୍କ ପଲିସି ଆଧାରରେ ଲିମିଟ୍ କମ୍ ମଧ କରିପାରନ୍ତି। ଇନସ୍ୟୁରାନ୍ସ ପ୍ରିମିୟମ ଓ କ୍ୟାପିଟାଲ ମାର୍କେଟ ନିବେଶ ସୀମା ୨ଲକ୍ଷରୁ ବଢାଇ ୫ଲକ୍ଷ ଟଙ୍କା କରାଯାଇଛି। ଏହା ଛଡା ୨୪ ଘଣ୍ଟାରେ ଅଧିକତମ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ରାଞ୍ଜାକ୍ସନ କରାଯାଇ ପାରିବ। ସେହିପରି ଯାତ୍ରା କ୍ଷେତ୍ରରେ ଏକା ଥରକେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମେଣ୍ଟ କରିହେବ। ପୂର୍ବରୁ ଏହି ଲମିଟ୍ ୧ଲକ୍ଷ ଟଙ୍କା ଥିଲା। ସେହିପରି ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ ପ୍ଲେସ୍ ରେ ଟ୍ୟାକ୍ସ ଓ ଇଏମଡି ପେମେଣ୍ଟସ୍ ମଧ ପ୍ରତି ପେମେଣ୍ଟ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇ ପାରିବ ଓ ଦୈନିକ ୧୦ଲକ୍ଷ ଟଙ୍କା ପୈଠ କରିହେବ। ଲୋନ ଓ ଇଏମଆଇ କଲେକ୍ସନ ନିମନ୍ତେ ଟ୍ରାଞ୍ଜାକ୍ସନ ଲିମିଟ୍ ୫ଲକ୍ଷ ଟଙ୍କା କରାଯାଇଛି। ସେହିପରି ଦୈନିକ ସୀମା ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିବ। କ୍ରେଡିଟ କାର୍ଡ ବିଲପେମେଣ୍ଟସ୍ ଏବେ ଥରକେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରିପାରିବେ। ସେହିପରି ଦୈନିକ ସୀମା ୬ଲକ୍ଷ ଟଙ୍କା ରଖାଯାଇଛି। ଜ୍ୱେଲରୀ କ୍ରୟ ସୀମାକୁ ୧ ଲକ୍ଷରୁ ବଢାଇ ୨ଲକ୍ଷ ଟଙ୍କା କରାଯାଇଛି। ଏ ବାବଦେ ଦୈନିକ ସୀମା ୬ଲକ୍ଷ ଟଙ୍କା ରଖା ଯାଇଛି। ବ୍ୟାଙ୍କିଙ୍ଗ ସର୍ଭିସେସରେ ଟର୍ମ ଡିପୋଜିଟ୍ ନିମନ୍ତେ ଡିଜିଟାଲ ଅନବୋର୍ଡିଂରେ ଏବେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ରାଞ୍ଜାକ୍ସନ କରିପାରିବେ। ତେବେ ବିଦେଶୀ ମୁଦ୍ରା ପୈଠ (ବିବିପିଏସ) ମାଧ୍ୟମରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟ୍ରାଞ୍ଜାକ୍ସନ କରିହେବ।

୧୫ ସେପ୍ଟେମ୍ବର ଅର୍ଥାତ ସୋମବାରଠାରୁ ହୋଇଥିବା ଏହି ପରିବର୍ତ୍ତନ ନେଇ ଏନପିସିଆଇ କହିଛନ୍ତି ଯେ ୟୁପିଆଇ ଏବେ ଲୋକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଦୈନିକ ଛୋଟ ପେମେଣ୍ଟସରୁ ନେଇ ବଡ଼ ନିବେଶ ଓ ବିଲ ପେମେଣ୍ଟ ପର୍ଯ୍ୟନ୍ତ ସବୁ ସ୍ଥାନରେ ୟୁପିଆଇ ଉପଯୋଗ ହେଉଛି। ଏଣୁ ବଜାରର ଚାହିଦାକୁ ନଜରରେ ରଖି ବଡ଼ ଲିମିଟ୍ ନିର୍ଦ୍ଧାରଣ କରାଯାଇଛି,ଯାହା ଦ୍ୱାରା ହାଇ ଭାଲ୍ୟୁ ଟ୍ରାଞ୍ଜାକ୍ସନ ବିନା ସମସ୍ୟାରେ ପୁରା ହୋଇ ପାରିବ।

## ୬ରୁ ଇୟୁ ସହ ଭାରତର ଆଲୋଚନା

ନୂଆଦିଲ୍ଲୀ, ୧୬ା୯: ଭାରତ ଓ ୟୁରୋପୀୟ ସଂଘ (ଇୟୁ) ମଧରେ ଚାଲିଥିବା ବାଣିଜ୍ୟ ଆଲୋଚନାର ଚତୁର୍ଦ୍ଦଶ ପର୍ଯ୍ୟାୟ ଆସନ୍ତା ଅକ୍ଟୋବର ୬ରୁ ୧୦ ପର୍ଯ୍ୟନ୍ତ ବ୍ରସେଲ୍‌ସରେ ଅନୁଷ୍ଠିତ ହେବ। ଉଭୟ ପକ୍ଷ ଏକ ସନ୍ତୁଳିତ ଓ ଲାଭଦାୟକ ବାଣିଜ୍ୟ ରାଜିନାମା ପାଇଁ ପ୍ରତିବଦ୍ଧ ଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। ଯଦିଓ ଉଭୟ ପକ୍ଷ ସବୁ ବିଷୟରେ ସହମତ ହୋଇନାହାନ୍ତି, କିନ୍ତୁ ଶୀଘ୍ର ଏକ ଭଲ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବାର ସମ୍ଭାବନା ରହିଥିବା ସେ କହିଛନ୍ତି। ଏହା ପୂର୍ବରୁ ଉଭୟ ପକ୍ଷ ମଧରେ ତ୍ରୟୋଦଶ ପର୍ଯ୍ୟାୟ ଆଲୋଚନା ଭାରତରେ ହୋଇଥିଲା। ଇୟୁ ଅଟୋମୋବାଇଲ୍ କ୍ଷେତ୍ର ଉପରେ ଟିକସ ହ୍ରାସ ପାଇଁ ଦାବି କରୁଛି। ବର୍ତ୍ତମାନ ଏହି କ୍ଷେତ୍ର ଉପରେ ଭାରତ ୧୦୦ ପ୍ରତିଶତ ଶୁଳ୍କ ଲଗାଇଛି। ଭାରତ ସହ ବାଣିଜ୍ୟ ଓ ନିବେଶ ବଢ଼ାଇବାକୁ ଇୟୁ ଚାହୁଁଛି।

## କ୍ରାପ୍ଟସ ଫାଉଣ୍ଡେସନ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳିତ



ଭୁବନେଶ୍ୱର,୧୬ା୯(ସଂଚାର ବ୍ୟୁରୋ): କ୍ରାପ୍ଟସ ଫାଉଣ୍ଡେସନ ପକ୍ଷରୁ ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ଉତ୍ତର ଏବଂ ଦିବ୍ୟ ଦିଗନ୍ତର ସହଯୋଗରେ ବୁଦ୍ଧ ମନ୍ଦିରରେ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ଇଞ୍ଜିନିୟରଙ୍କୁ ସମ୍ମାନିତ କରାଯାଇଥିଲା। ନିଜ ନିଜ କ୍ଷେତ୍ରରେ ବୈଷୟିକ ଉତ୍କର୍ଷ ଏବଂ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଇଂ. କବୀନ୍ଦ୍ର ପ୍ରସାଦ ମହାନ୍ତି, ଇଂ. ମହେଶ କୁମାର ବେହେରା, ଇଂ. ବୀରେନ୍ଦ୍ର ସିଂ, ଇଂ. ଦେବବ୍ରତ ମହାନ୍ତି ଓ ଇଂ. ହେମନ୍ତ କୁମାର ପାଣ୍ଡବ ସମ୍ମାନିତ ହୋଇଥିଲେ। ଇଂ. ଦ୍ୱୀପାୟନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମାରୋହରେ କ୍ରାପ୍ଟସ ପରିଚାଳନା ନିର୍ଦ୍ଦେଶକ ଡ. ଉମାକାନ୍ତ ପାଣି, ଆରସିବି ଉତ୍ତର ସଭାପତି ଇଂ. ସୁରେଶ ମହାପାତ୍ର, ଦିବ୍ୟ ଦିଗନ୍ତର ଜୟପ୍ରକାଶ ମିଶ୍ର, ମ୍ୟାନେଜିଂ ଟ୍ରଷ୍ଟି ଶରତ କୁମାର ପାତ୍ରଙ୍କ ସମେତ ବହୁ ଯନ୍ତ୍ରୀ ଏବଂ ବୃତ୍ତିଧାରୀ ଉପସ୍ଥିତ ଥିଲେ।

ସଂଚାର THE SANCHAR

## ମରଣଯନ୍ତା ପାଲଟିଛି ପାଦେରିପଡ଼ା ଘାଟି ରାସ୍ତା

● ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି



**ଫିରିଙ୍ଗିଆ,୧୬।୯(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଗମନାଗମନ ବ୍ୟବସ୍ଥା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସ୍ଥାନୀୟ ପ୍ରତିନିଧି ପ୍ରଶାସନ ଇଚ୍ଛାଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି ଘାଟିରେ ପକ୍କା ରାସ୍ତା ହୋଇ ପାରୁନାହିଁ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମ ଠାରୁ ପାଦେରିପଡ଼ା ଯିବା ରାସ୍ତାରେ ଘାଟିରେ ପକ୍କା ରାସ୍ତା ନ ହେବାରୁ ବର୍ଷା ଦିନ ମାଟି ଧୋଇ ହୋଇ ଖାଲଖମା ହେଇ ଯାଉଛି। ଯାହା ଫଳରେ ଉକ୍ତ ସାହିର ଜନ ସାଧାରଣ ବହୁତ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପାଦେରିପଡ଼ା, ସରୁପଡ଼ା, ଓ ଝିଡ଼ିଙ୍ଗିପଡ଼ା ଯିବାକୁ ହେଲେ ଏହି ଘାଟି ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରନ୍ତି। ରାସ୍ତା ଖାଲଖମା ହେଇ ଥିବାରୁ ଦୁର୍ଘଟଣା ହେବାର ମଧ୍ୟ ଆଶଙ୍କା ରହିଛି ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେଇ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ରାଇଗୁଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଖବର ପ୍ରସାରଣ ପରେ ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା

## ଉପାନ୍ତ ଅଞ୍ଚଳରେ ବଢୁଛି ଡ୍ରପ୍‌ଆଉଟ ସମସ୍ୟା

● ଶିକ୍ଷାରୁ ବଞ୍ଚିତ ଛାତ୍ରଛାତ୍ରୀ

● ବିଇଓ କହିଲେ ଚେଷ୍ଟା ଜାରି ରହିଛି




**ଭବାନୀପାଟଣା,୧୬।୯(ସଂଚାର ବ୍ୟୁରୋ):** ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦ ରୁ କମ ଉପସ୍ଥାନ ଥିବା ପ୍ରାଥମିକ ବିଦ୍ୟାଳୟ କୁ ବନ୍ଦ କରାଯିବା ସହ ନିକଟସ୍ଥ ଗ୍ରାମ ରେ ଥିବା ବିଦ୍ୟାଳୟ ରେ ସେହି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ମର୍ଜ କରାଯାଇଛି। କୋକସରା ବ୍ଲକ ର ୨୨ ପଞ୍ଚାୟତ ରେ ଥିବା ଅନେକ ସ୍କୁଲ ଗୁଡିକ ବନ୍ଦ ହେବାପରେ ସେହି ଗ୍ରାମ ର ଛାତ୍ରଛାତ୍ରୀ ପାଠ ପଢିବାରୁ ବଞ୍ଚିତ ହୋଇଛନ୍ତି। ବ୍ଲକ ର ଉପାନ୍ତ ଅଞ୍ଚଳ ରେ ଥିବା ଆମପାଣି, ବରାଡୋଙ୍ଗା, ଡୁଡୁକାଠେଙ୍ଗା, ଖୁଣ୍ଟିଆ, ମାଝୀଗୁଡା, କାଉଡୋଲା, କାଶିବାହଲ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତ ରେ ଥିବା ଅନେକ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାପରେ ସେଠାରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ମାନେ ଆଉ ସ୍କୁଲ ନଯାଇ ଘରେ ଡ୍ରପ ଆଉଟ ହୋଇ ରହିଛନ୍ତି। ବାପା ମାଆ ପିଲାଙ୍କୁ ପାଠ ପଢ଼ାଇବାକୁ ଚାହୁଁଛନ୍ତି ହେଲେ ମର୍ଜ ହୋଇଥିବା ବିଦ୍ୟାଳୟ ଗ୍ରାମ ଠାରୁ ଦୁରବାଟ ହୋଇଥିବା କାରଣରୁ ଅଭିଭାବକ ମାନେ ପିଲାଙ୍କୁ ବିଦ୍ୟାଳୟ ପଠାଇବା କୁ ସୁରକ୍ଷିତ ମଣୁ ନାହାଁନ୍ତି। ସ୍କୁଲ ବନ୍ଦ ହେବାପରେ ସେହି ଗାଁ ର ପିଲା ଘରେ ରହୁଛନ୍ତି ଓ ଉପାନ୍ତ ଅଞ୍ଚଳ ର ପିଲାମାନେ ଗାଈଗୋରୁ ଚରାଇବା ସହ ଶିଶୁ ଶ୍ରମିକ ଭାବେ ନିଜ ଚାଷଜମି ରେ ବାପା ମାଆ ଙ୍କୁ କାର୍ଯ୍ୟ ରେ ସହଯୋଗ କରିବା ଓ ନିଜର ସାନ ଭାଇ ଭଉଣୀ ଙ୍କୁ ସମ୍ଭାଳିବା କାର୍ଯ୍ୟ ରେ ଥିବା ଦେଖିବାକୁ ମିଳୁଛି। ଉଦାହରଣ ଭାବେ ବରାଡୋଙ୍ଗା ପଞ୍ଚାୟତ ର ଉପାନ୍ତ ଗାଇବନ୍ଧା ଗାଁ କୁ ନିଆ ଯାଇପାରେ।ଏହି ଗାଁ ରେ ଥିବା ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାପରେ ନିକଟସ୍ଥ ଟିର୍ଲିଆମ ପ୍ରାଥମିକ ବିଦ୍ୟାଳୟରେ ମର୍ଜ କରାଯାଇଛି। ତେବେ ଜଙ୍ଗଲ ଦେଇ ୨/୩ କିମି ରାସ୍ତା ରହିଥିବାରୁ ଗାଁ ର ୨୫/୩୦ ପିଲାମାନେ ଗାଁ ରେ ରହି ଘର କାମ, ଗାଈଗୋରୁ ଚରାଇବା, ଚାଷ କାର୍ଯ୍ୟ ରେ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଡ୍ରପ ଆଉଟ ଛାତ୍ରଛାତ୍ରୀ ଙ୍କୁ ପୁଣିଥରେ ସ୍କୁଲ ମୁହାଁ କରିବାକୁ ଚେଷ୍ଟା କରା ଯାଉଛି। ଘର ଘର ବୁଲି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଡ୍ରପ ଆଉଟ ପିଲାଙ୍କୁ ଚିହ୍ନଟ କରା ଯାଉଛି। ତେବେ ଛାତ୍ରଛାତ୍ରୀ ସ୍କୁଲ କାହିଁକି ଯାଉ ନାହାଁନ୍ତି କାରଣ ଖୋଜିବାକୁ ଗତ ମେ ମାସ ୧ ରୁ ୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ଏନେଇ କୋକସରା ଗୋଷ୍ଠି ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ଙ୍କ ପ୍ରତିକ୍ରିୟା ନେବାରୁ କୋକସରା ଗୋଷ୍ଠି ଶିକ୍ଷା ବିଭାଗ ରେ ଗତ ଜୁନ ମାସ ରେ କରାଯାଇଥିବା ସର୍ଭେ ଅନୁସାରେ ବ୍ଲକ ରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୨୫ ଛାତ୍ରଛାତ୍ରୀ ଡ୍ରପ ଆଉଟ ରହିଛନ୍ତି। ତେବେ ଶିକ୍ଷା ବିଭାଗ ର ଚେଷ୍ଟା ଫଳରେ ପଢୁଥିବା ୮୮ ଜଣ ଛାତ୍ରଛାତ୍ରୀ ଙ୍କୁ ପୁଣି ଥରେ ସ୍କୁଲ କୁ ଫେରାଇ ଆଣିବା ରେ ବିଭାଗ ସଫଳ ହୋଇଛି ଓ ଏହିମାସ ଶେଷ ସୁଦ୍ଧା ପ୍ରାଥମିକ ବିଦ୍ୟାଳୟ ରୁ ପାଠ ଛାଡିଥିବା ୩୨୫ ଜଣ ଛାତ୍ରଛାତ୍ରୀ ସମେତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ୟ ଛାତ୍ରଛାତ୍ରୀ ଙ୍କୁ ବିଦ୍ୟାଳୟ କୁ ଫେରାଇ ଆଣିବାକୁ ଚେଷ୍ଟା ଜାରି ରହିଛି ବୋଲି କହିଛନ୍ତି।

## ସାର ପାଇଁ ଠେଲାପେଲା



**ବଲାଙ୍ଗୀର,୧୬।୯(ସଂଚାର ବ୍ୟୁରୋ):** ସାର ରାଜ୍ୟରେ ୟୁରିଆ ସାରର ଅଭାବ ଦେଖାଦେଇଥିବା ବେଳେ ବଲାଙ୍ଗୀର ଜିଲ୍ଲା ପାଟଣାଗଡରେ ମଧ୍ୟ ସାର ସଙ୍କଟ ଦେଖାଦେଇଛି । ଆବଶ୍ୟକ ମୁତାବକ ସାର ନମିଳିବାରୁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ଲରମ୍ଭା ପେକ୍ସ ସମେତ ଅନେକ ସ୍ଥାନରେ ସାର ପାଇଁ ଅପ୍ରିତୀକର ପରିସ୍ଥିତି ଦେଖିବାକୁ ମିଳିଛି । ସାର ପାଇଁ ଠେଲାପେଲା ସ୍ଥିତି ସୃଷ୍ଟି ହୋଇଛି । ହୋଲସେଲର ଡିଲରଙ୍କୁ ହଜାର ହଜାର ବସ୍ତା ସାର ଯୋଗାଇଥିବା ବେଳେ ଡିଲର ମାନେ ଚଢ଼ା ଦରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି ।

## ବିକଟାଳ ଶବ୍ଦ କରୁଥିବା ୨୮ ବୁଲେଟ ଜବତ, ସାଇଲେନ୍ସର ଉପରେ ଚଢ଼ିଲା ରୋଲର



**ଜୟପୁର,୧୬।୯(ସଂଚାର ବ୍ୟୁରୋ):** ଜୟପୁର ସହରରେ ବିଭିନ୍ନ ସ୍ଥାନରେ ଚଢାଉ କରିଛି ଟାଉନ ପୋଲିସ। ଚଢାଉ କରି ବିକଟାଳ ଶବ୍ଦ କରୁଥିବା ୨୮ଟି ବୁଲେଟ ଜବତ କରିଛି। ଜୟପୁର ସହର ମୁଖ୍ୟ ରାସ୍ତା, ଟ୍ରାଫିକ ଛକ, ଏମଜି ରୋଡ ଆଦି ପୋଲିସ ଚଢାଉ କରିଥିଲା। ଯେଉଁ ବୁଲେଟ ମାଲିକ ମାନେ ବିକଟାଳ ଶବ୍ଦ କରି ଲୋକଙ୍କୁ ହଇରାଣ କରୁଥିବା ୨୮ଟି ବୁଲେଟକୁ ଜବତ କରିଛି। କମ୍ପାନି ଦେଇଥିବା ସାଇଲେନ୍ସର ବୁଲେଟ ମାଲିକ ମାନେ ଲଗାଇବା ପରେ ଜୋରି ମାନା ଆଦାୟ କରିଛି ପୋଲିସ ପରେ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର କୁ ରୋଲେର ଦ୍ୱାରା ନଷ୍ଟ କରିଛି ଏପରି ଚଢାଉ ଆଗାମି ଦିନରେ ମଧ୍ୟ ଜୋରସୋରରେ କରାଯିବ ବୋଲି ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ ସୁଚନା ଦେଇଛନ୍ତି। କୋରାପୁଟ ଏସପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ପାର୍ଥ୍ୟ କଶ୍ୟପଙ୍କ ତତ୍ୱାବଧାନରେ ଏହି ଚଢାଉ କରାଯାଇଛି।

## ରାଇକମା ଆଶ୍ରମ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ



**ବୈଶିଙ୍ଗା,୧୬।୯(ସଂଚାର ବ୍ୟୁରୋ):** ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ଇକୋ କ୍ଲବ ଆନୁକୁଲ୍ୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଓଜୋନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହକାରୀ ଶିକ୍ଷିକା ପ୍ରତିମା ପରିଡା ପିଲାମାନଙ୍କୁ ଓଜୋନ ଗ୍ୟାସର କାର୍ଯ୍ୟକାରିତା, ସୂର୍ଯ୍ୟଙ୍କର ଅତିବାଇଗଣି ରଶ୍ମି ଦାଉରୁ ଜୀବଜଗତକୁ କିପରି ରକ୍ଷା କରୁଛି, ସେ ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷିକା ସରସ୍ୱତୀ ଜେନା, ସୁବାସିନୀ ପରିଡା, ସୁକାନ୍ତି ବିଶ୍ୱାଳ କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷକ ଓଜୋନ ଗ୍ୟାସର ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ଜଣାଇବା ସହିତ ଶପଥ ପାଠ କରାଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ମଣ୍ଟୁ ମାର୍ଣ୍ଡି, ସୀତା ଟୁଡୁ, ଜୁଲି ହେମ୍ବ୍ରମ ସହଯୋଗ କରିଥିଲେ।

## ସୁସ୍ଥ ଜୀବନ ପାଇଁ ଓଜୋନ ସ୍ତରର ସୁରକ୍ଷା ଜରୁରୀ

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ



**ବୈଶିଙ୍ଗା,୧୬।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଯୋଗଦେଇ ଓଜୋନ ସ୍ତରର ଉପକାରିତା ସଂପର୍କରେ ଆଲୋଚନା କରିବା ସହିତ ଏହାର ସୁରକ୍ଷା କିପରି କରାଯାଇ ପାରିବ ସେ ସମ୍ପର୍କରେ ସାର ଗର୍ଭକ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ବିଦ୍ୟାଳୟ ର ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନେ ଓ ଜୋ ନ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଏକ ରାଲିରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଚଳିତ ବର୍ଷ ର ବିଷୟ ବସ୍ତୁ 'ଫ୍ରମ୍ ସାଇନ୍ସ ଟୁ ଗ୍ଲୋବାଲ ଆକ୍ସନ' ଉପରେ ଆୟୋଜିତ ଆଲୋଚନା ଚକ୍ର ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ତଥ୍ୟ ଉପସ୍ଥାପନ କରିଥିଲେ। 'ଓଜୋନ ସୁରକ୍ଷା ଜୀବନ ରକ୍ଷା' ବିଷୟ ବସ୍ତୁ ଉପରେ ଆୟୋଜିତ ଏକ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ବରିଷ୍ଠ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଦଶମ ଶ୍ରେଣୀ ଛାତ୍ର ଶ୍ରୀମାନ ସୌମ୍ୟ ରଞ୍ଜନ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସୁଇପର ସାହିରୁ ଧଳା ଜହର ଜବତ, ଜଣେ ଗିରଫ



**ଯାଜପୁର ରୋଡ଼, ୧୬।୯(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ଯୁବ ସମାଜକୁ ପଥ ଭ୍ରଷ୍ଟ କରିବା ପାଇଁ ପ୍ରୟାସ ଚଳାଉଥୁବା ଧଳା ଜହର ତଥା ବ୍ରାଉନ ସୁଗାର ବିକୁଥିବା ଅସାମାଜିକ ବ୍ୟକ୍ତି ମାନେ ଏବେ ଯାଜପୁର ରୋଡ଼ ଆଦର୍ଶ ଥାନା ଅଧିକାରୀ ଆଶିଷ ସାହୁ'ଙ୍କ ନଜରରୁ ବଂଚି ପାରୁନାହାନ୍ତି। ଏହି ସହରରେ ଥିବା ରେଲୱେ ସାଇ ମନ୍ଦିର ନିକଟ ସୁଇପର ସାହିରେ କିଛି ଦିନ ପୂର୍ବେ ବ୍ୟାପକ ବ୍ରାଉନସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। ତେବେ ଏହି ସାହିରେ ବ୍ରାଉନ ସୁଗାର କାରବାର ହେଉଥିବା ସମ୍ପର୍କରେ ଗତ କାଲି ଖବର ପାଇ ସାଙ୍ଗେ ସାଙ୍ଗେ ଥାନା ଅଧିକାରୀ ଆଶିଷ ସାହୁ ଦଳବଳେ ଚଢାଉ କରି ଅଭିଯୁକ୍ତ ମୁଣ୍ଡମାଳ, ଡାହିସାହିର ଚନ୍ଦ୍ରଭାନୁ ମହାକୁଡ଼'ଙ୍କ ପୁଅ ଦୈତ୍ୟାରି ମହାକୁଡ଼ (୩୮)ଙ୍କ ଠାରୁ ୯.୨୮୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ଯାହାର ମୁଲ୍ୟ ପାଖାପାଖି ୫୦ ହଜାର ଟଙ୍କା ଅନୁମାନ କରାଯାଉଥୁବା ବେଳେ ଏକ ଓଡି-୩୪-ଭି-୩୬୬୨ ସ୍କୁଟି, ଏକ ଭିଭୋ ମୋବାଇଲ ଓ ୯୦୦ଟଙ୍କା ଜବତ୍ କରିଅଛି। ପୋଲିସ୍ କେଶ ନଂ ୫୪୫/୨୦୨୫ ୟୁ/ଏସ୍.୨୧(ବି)ଏନ୍.ଡି.ପି.ଏସ୍ ମାମଲାରେ ଏକ ମକଦ୍ଦମା ରୁଜୁ କରି ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି।

## ପାରିଶ୍ରମିକ ବୃଦ୍ଧି ଦାବିରେ ଏମ୍‌ବିକେ ଓ ସିଆରପି ପକ୍ଷରୁ ବିଡିଓଙ୍କୁ ଦାବିପତ୍ର



**ନାଉଗାଁ,୧୬।୯(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ମିଶନ ଶକ୍ତି ଯୋଜନାରେ କାର୍ଯ୍ୟରତ ଏମ୍‌ବିକେ ଓ ସିଆରପିମାନଙ୍କ ପକ୍ଷରୁ ଆର୍ଥିକ ପାରିଶ୍ରମିକ ବୃଦ୍ଧି ପାଇଁ ମଙ୍ଗଳବାର ବିଡିଓ ନିରଞ୍ଜନ ପରିଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଅନୁସାରେ ମହିଳା ସ୍ୱୟଂ ସହାୟୀକା ଦଳର ବୈଠକ ମାସକୁ ଏକାଧିକ ବାର ହେଉଥିବା ବେଳେ ଏମ୍‌ବିକେ ମାନଙ୍କୁ ଆର୍ଥିକ ପାରିଶ୍ରମିକ ମାତ୍ର ୧ହଜାର ଟଙ୍କା ପ୍ରଦାନ କରାଯାଉଛି। ଏହି ପାରିଶ୍ରମିକକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା। କାର୍ଯ୍ୟରତ ସିଆରପିମାନେ ସ୍ୱୟଂ ସହାୟୀକା ଦଳର ବ୍ୟାଙ୍କ ତଥ୍ୟ ଅପଲୋଡ କରିବା ପାଇଁ ୫ ଶହ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଉଛି। ଏହି ପାରିଶ୍ରମିକ ରାଶି ୧ହଜାର ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବିପତ୍ରରେ ଦର୍ଶାଇଛନ୍ତି। ଉକ୍ତ ଦାବିପତ୍ରକୁ ବିଡିଓଙ୍କ ସମେତ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଗତସିଂହପୁର, ଡିପିଏମ, ଓଏଲଏମ, ଜଗତସିଂହପୁର, ବିପିଏମ ନାଉଗାଁ ଆଦିଙ୍କୁ ଅବଗତ କରାଯାଇଛି। ଏହି ଦାବିପତ୍ରକୁ ଏମ୍‌ବିକେ ବିଜୟଲକ୍ଷ୍ମୀ ସ୍ୱାଇଁ, ବିଜୟଲକ୍ଷ୍ମୀ ମହାନ୍ତି, ସୁଚିତ୍ରା ସ୍ୱାଇଁ, ସଂଧ୍ୟାରାଣୀ ପରିଡ଼ା, ପ୍ରତିମା ପରିଡ଼ା, ସିଆରପି ସସ୍ମିତା ସ୍ୱାଇଁ ଆଦି ପ୍ରଦାନ କରିଛନ୍ତି।

## ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ




**ନାଉଗାଁ,୧୬।୯(ସଂଚାର ବ୍ୟୁରୋ):** ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ ଦାବିରେ ଭୂମିହୀନ ସ୍ୱାର୍ଥ ସୁରକ୍ଷା ସଂଗ୍ରାମ କମିଟି ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ାଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ବ୍ଲକର ୧୬ଟି ପଞ୍ଚାୟତରେ ୫୬ଜଣ ଭୂମିହୀନ ବ୍ୟକ୍ତି ରହିଥିବା ବେଳେ ଏପର୍ଯ୍ୟନ୍ତ ଜମି ପଟ୍ଟା ପାଇ ପାରି ନାହାନ୍ତି। ଯାହାଫଳରେ ବିଭିନ୍ନ ପ୍ରମାଣପତ୍ର ବାହାର କରିବାରେ ବାଧକ ଉପୁଜୁଛି। ଯଥା ଶୀଘ୍ର ଭୂମିହୀନ ବ୍ୟକ୍ତିଙ୍କୁ ଜମିପଟ୍ଟା ଯୋଗାଇ ଦେବା ପାଇଁ କମିଟି ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବିପତ୍ରକୁ କମିଟିର ସଦସ୍ୟ ସୁବାସ ସ୍ୱାଇଁ, କାହ୍ନୁଚରଣ ଭୋଇ, ବାବାଜୀ ଚରଣ କାଣ୍ଡୀ, ବସନ୍ତ ଦାସ, ବାଦଲ ସାମଲ, ଛବି ଦାସ, କପିଳ କାଣ୍ଡୀ, ଲକ୍ଷ୍ମୀପ୍ରିୟା ନାୟକ, ଚଗଲୀ ମଲ୍ଲିକ, ବବୁଲ ଦାସ ଆଦି ପ୍ରଦାନ କରିଛନ୍ତି। ଯଥା ଶୀଘ୍ର ଉକ୍ତ ପ୍ରସଙ୍ଗରେ ଆଲୋଚନା କରାଯାଇ ପଟ୍ଟା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ପରିଡ଼ା ସୂଚନା ପ୍ରଦାନ କରିଛନ୍ତି।

## ଖଣି ଓ ପୁଲିସ ବିଭାଗର ବଡ଼ ଧରଣର ଚଢ଼ାଉ

● ମଝି ନଦୀରୁ ୫ ଭେଳା ଜବତ



ସୋନ ନଦୀର ସିର୍ଙ୍ଗିରୀ ଘାଟରୁ ବେଆଇନ ଭାବେ ନଦୀ ରୁ ୫ ଟି ଭେଳାରେ ବାଲି ଉଠା ଯାଉଥିବା ଖବର ମିଳିବା ପରେ ଘଟଣା

**ନୀଳଗିରି,୧୬।୯(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧୀନ ସୋନ ନଦୀର ବିଭିନ୍ନ ଘାଟରୁ ଚୋରାରେ ବାଲି ପରିବହନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ବାଲିଚୋରି କୁ ରୋକିବା ପାଇଁ ସ୍ଥାନୀୟ ଜନସାଧାରଣ ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ଘାଟରେ ଚଢ଼ାଉ କରାଯାଇଥିଲେ ମଧ୍ୟ ବାଲି ମାଫିଆମାନେ ଆଗୁଆ ସୁରାକ ପାଇଁ ଘାଟରୁ ଗାଡ଼ି ଉଠାଇ ଫେରାର ହେଉଯାଉଥିବାରୁ ଖାଲି ହାତରେ ଫେରିବା ସାର ହେଉଥିଲା। ତେବେ ସୋମବାର ସକାଳ ୧୦ ଘଟିକା ସମୟରେ ସ୍ଥଳରେ ନୀଳଗିରି ଥାନା ଅଧିକାରି ଗୋବର୍ଦ୍ଧନ ନାୟକଙ୍କ ସହଯୋଗ ସହିତ ଅଜୋଦ୍ଧା ଫାଣ୍ଡି ଅଧିକାରି ସରୋଜ କୁମାର ଦାସ ଓ ୬ ଜଣ ଏ.ପି.ଆର ଫୋର୍ସ ନୀଳଗିରି କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଦାସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ାଉ କରିଥିଲେ। ଘଟଣା ସ୍ଥଳରୁ ହାଫ୍ ପ୍ୟାଣ୍ଟ, ଗାମୁଛା ପିନ୍ଧି ନଈ ମଝିକୁ ଡେଇଁ ପହଁରି ପହଁରି ମଝି ନଦୀରୁ ୫ ଟି ଭେଳା ଜବତ କଲେ ନୀଳଗିରି ପୋଲିସ କର୍ମଚାରୀ ଓ ଖଣି ଅଧିକାରୀ। ବାଲି ମାଫିଆ ମାନେ ଆଗୁଆ ସୁରାକ ପାଇ ନଦୀରୁ ୫ ଟି ଭେଳା ଛାଡି ଫେରାର ହେଇଯାଇଥିଲେ। ପରେ ୫ ଟି ଭେଳାକୁ ଜବତ କରି ସିଜ କରିବା ପରେ ନୀଳଗିରି ଥାନାକୁ ଆଣାଜାଇଥିଲା।

## ପୁଅର ଟାଙ୍ଗିଆ ଚୋଟରେ ମା' ମୃତ

**ଭବାନୀପାଟଣା,୧୬।୯(ସଂଚାର ବ୍ୟୁରୋ):** ନର୍ଲା ଥାନା ବଡଧାରପୁର ଗ୍ରାମ ପଞ୍ଚାୟତର ସାନଧାରପୁର ଗ୍ରାମରେ ହୃଦୟ ବିଦାରକ ଲୋମହର୍ଷଣକାରୀ ଘଟଣା ଘଟିଛି, ପୁଅ ମା'କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି। ଘଟଣା ଟି ଘଟିଛି ମଙ୍ଗଳବାର ଅପରାହ୍ନ ୨ ଟା ସମୟରେ । ସାନଧାରପୁର ଗ୍ରାମର ଭୁବନ ବିଶ୍ୱାଳ(୩୦) କୌଣସି କାରଣକୁ ନେଇ ତାଙ୍କ ଘରେ କୋଠରୀ ବନ୍ଦ କରି ନିଜ ମା କଳ୍ପନା ବିଶ୍ୱାଳ (୫୬) ଙ୍କୁ ଟାଙ୍ଗିଆରେ ବାରମ୍ବାର ହାଣି ହତ୍ୟା କରିଛି ଜହ୍ଲାଦ ପୁଅ। ଗ୍ରାମବାସୀଙ୍କ ଠାରୁ ଖବର ପାଇ ନର୍ଲା ଓ କେସିଙ୍ଗା ପୋଲିସ ଅପରାହ୍ନ ୪ ଟା ବେଳେ ଘଟଣା ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୁଅକୁ ଧରିବାରେ ସକ୍ଷମ ହୋଇପାରି ନଥିଲେ।କବାଟ ବନ୍ଦ କରି ଘର ଭିତରେ ରହିଥିଲା। ଭବାନୀପାଟଣାରୁ ରିଜର୍ଭ ପୋଲିସ ଆସିବା ପରେ ମୃତ୍ୟୁ ହୋଇଥିବା କୋଠରୀର କବାଟ ଭାଙ୍ଗି ଭିତରେ ପଶି ହତ୍ୟାକାରୀକୁ ଗିରଫ କରିଥିଲେ। ନିଜ ଜନ୍ମ କଲା ମା'ର ମୁଣ୍ଡକୁ ଟାଙ୍ଗିଆ ବାରମ୍ବାର ହାଣିବା ସହ ବିଭିନ୍ନ ସ୍ଥାନ ରେ ସ୍ଥାନରେ ଟାଙ୍ଗିଆ ଚୋଟ ମାରିଥିଲା।

## ବିଜେପିରେ ଯୋଗଦେଲେ ତରଭା ବ୍ଲକର ବହୁ ସମିତି ସଭ୍ୟ ଓ ସରପଞ୍ଚ

● ସୁବର୍ଣ୍ଣପୁର ଜିଲ୍ଲାରେ ଭୁଶୁଡୁଛି ବିଜେଡିର ଗଡ଼



**ସୁବର୍ଣ୍ଣପୁର,୧୬।୯(ସଂଚାର ବ୍ୟୁରୋ):** ଓଡ଼ିଶାରେ ବଦଳିଛି ସରକାର ଆସ୍ତେ ଆସ୍ତେ ବଦଳୁଛି ରାଜନୈତିକ ସମୀକରଣ। ବିଜେଡି ର ହେଭି ୱେଟ୍ ନେତାଙ୍କ ଗଡ଼ କୁହାଯାଉଥିବା ବବି ଦାସ ଙ୍କ ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଠୁ ଧରି ନିରଞ୍ଜନ ପୂଜାରୀଙ୍କ ସୁବର୍ଣ୍ଣପୁର ନିର୍ବାଚନ ମଣ୍ଡଳୀ ତଥା ତରଭା ବ୍ଲକରେ ଭୁଶୁଡୁଛି ବିଜେଡିର ଗଡ଼। ଜିଲ୍ଲାରେ ବିଜେଡି ତଥା ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀଙ୍କ ଗଡ଼ କୁହାଯାଉଥିବା ତରଭା ବ୍ଲକରେ ବିଜେଡିରୁ ସାମୂହିକ ଭାବେ ଇସ୍ତଫା ଦେଇଛନ୍ତି ୨୦ ରୁ ଉର୍ଦ୍ଧ୍ୱ ସମିତି ସଭ୍ୟ, ସରପଞ୍ଚ ଓ ପ୍ୟାକସ୍ ସଭାପତି। ଏହି ଅଞ୍ଚଳରୁ ଶ୍ରୀ ପୂଜାରୀ ସର୍ବାଧିକ ଭୋଟ ପାଇ ଲଗାତର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ଙ୍କ ଅନୁଗତ ସରୋଜ କମ୍ପ ତରଭା ପଞ୍ଚାୟତ ସମିତି ଅଧକ୍ଷ ଥିବାବେଳେ ସାମୂହିକ ଦଳ ଛାଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲୋକ ପ୍ରତିନିଧି ମାନେ ସାମୂହିକ ଇସ୍ତଫା ଦେବା ସହ ସାଂସଦ ଙ୍କ ବ୍ଲକ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର ଓ ପ୍ରତିନିଧି ସାନନ୍ଦ ମେହେରଙ୍କ ସଂଯୋଜନାରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଙ୍କୁ ତାଙ୍କ ବଲାଙ୍ଗୀର ସ୍ଥିତ ବାସଭବନ ରେ ସାକ୍ଷାତ କରି ବିଜେପିରେ ସାମିଲ ହୋଇଛନ୍ତି ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ।

## ଚୋରା କାଠ ସହ ଗାଡ଼ି ଜବତ



**ବୈଶିଙ୍ଗା,୧୬।୯(ସଂଚାର ବ୍ୟୁରୋ):** ରବିବାର ରାତିରେ ରହସ୍ୟ ଜନକ ଭାବେ ଏକ ମିନିଟ୍ରକ୍ ରେ ଆକାଶିଆ କାଠ ନେଇ ଯାଉଥିବା ବେଳେ ବୈଶିଙ୍ଗା -ରୁପସା ରାସ୍ତାର ମହୁରୀ ନିକଟରେ କାଠ ଗୁଡ଼ିକୁ ଢ଼ାଳି ଦେଇ ପଳାଇ ଯାଉଥିବା ବେଳେ ବୈଶିଙ୍ଗା ପୋଲିସ ଦ୍ୱାରା ଧରା ପଡ଼ିଛି। ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ ନିଳମ୍ବିତ ରାତିରେ ଓଆର ୦୧ ଇ ୦୧୩୭ ନମ୍ବର ବିଶିଷ୍ଟ ଏହି ଏକ ମିନି ଟ୍ରକ୍ ରେ ୮୦ ଖଣ୍ଡ ଆକାଶିଆ କାଠ ଗଣ୍ଡି ନେଇ ଯାଉଥିବା ବେଳେ ବୈଶିଙ୍ଗା ପୋଲିସ ପିଛା କରୁଥିବା ଜାଣି ଟ୍ରକ୍ ର ଡ୍ରାଇଭର କାଠ ଗଣ୍ଡି ଗୁଡିକୁ ଢାଳି ଦେଇ ପଳାଇବାକୁ ଉଦ୍ୟତ ହେଉଥିବା ବେଳେ ପୋଲିସ ଟ୍ରକ କୁ ଅଟକାଇ ଥାନା କୁ ନେଇ ଆସିଥିଲା। ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ କାଠ ଗଣ୍ଡି କୁ ପୋଲିସ ଜଗି ରହିଥିଲା। ପରେ ବେତନଟୀ ବନ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ରେଞ୍ଜର ମନୱର ଖାଁଙ୍କ ନିର୍ଦ୍ଦେଶରେ ବୈଶିଙ୍ଗା ବନ କର୍ମଚାରୀ କାଠ ଗଣ୍ଡି ଗୁଡିକୁ ଜବତ କରି ବନ କାର୍ଯ୍ୟାଳୟ ରେ ଆଣି ରଖିଛନ୍ତି।ଏହି ମିନି ଟ୍ରକ ଟି ବାଲେଶ୍ୱର ଆର.ଟି.ଓ.କାର୍ଯ୍ୟାଳୟ ରେ ପଞ୍ଜିକୃତ ହୋଇଥିବା ବେଳେ ସଞ୍ଜୟ କୁମାର ସାହୁ ଙ୍କ ନାମରେ ଥିବା ଜଣାଯାଇଛି।ରେଞ୍ଜର ଙ୍କୁ ଯୋଗାଯୋଗ କରାଯିବାରେ ଏହି କାଠ ଗୁଡିକ ଜମି ମାଲିକ ଙ୍କ ଠାରୁ ଆସିଥିବା କାଠ ମାଲିକ କହିଛନ୍ତି ବୋଲି ପ୍ରକାଶ କରିଥିଲେ। ତେବେ ତଦନ୍ତ ଜାରି ରହିଛି ବୋଲି କହିଥିଲେ।

### ଗୁହାଳ ନିର୍ମାଣରେ କେଳେଙ୍କାରୀ

## ହିତାଧିକାରୀଙ୍କ ଟଙ୍କା ହଡ଼ପ




**ଧରାକୋଟ,୧୬।୯(ସଂଚାର ବ୍ୟୁରୋ):** ଗୋ-ମାହିଷାଦି ପଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଆଦର୍ଶ ଗାଇ ଗୁହାଳରେ କେଳେଙ୍କାରି ହୋଇଥିବା ଅଭିଯୋଗ । ହିତାଧିକାରିଙ୍କ ଟଙ୍କା ସେମାନଙ୍କ ଅଗୋଚରରେ ହଡ଼ପ। ଅଭିଯୋଗ ପରେ ତଦନ୍ତକୁ ବାଟବଣା କରିବା ପାଇଁ ଅଭିଯୋଗକାରୀରିଙ୍କୁ ଟଙ୍କା ଫେରାଯାଇଛି । ଧରାକୋଟ ବ୍ଲକର ସରଧାପୁର ପଞ୍ଚାୟତରେ ଆଦର୍ଶ ଗାଈ ଗୁହାଳରେ ଟଙ୍କା ହରିଲୁଟ୍ ଅଭିଯୋଗ ଆସିଛି । ସରଧାପୁର ଗାଁର ଜଟିଆ ପ୍ରଧାନ, ୨୦୨୧-୨୦୨୨ରେ ନିଜ ଖର୍ଚ୍ଚରେ କରିଥିଲେ ଗୁହାଳ । ଏଥିପାଇଁ ଟଙ୍କାଟିଏ ମିଳିନି। ହେଲେ ଗୁହାଳ ସମ୍ପୂର୍ଣ୍ଣ ହୋଇଛି ଦର୍ଶାଇ ତାଙ୍କ ନାଁରେ ପୂରା ଟଙ୍କା ଉଠିସାରିଛି ।୬୯ ହଜାର ୭୮୫ ଟଙ୍କା ସନ୍ତୋଷ ପାଣିଗ୍ରାହୀ ନାମକ ବ୍ୟକ୍ତିଙ୍କ ପାଖକୁ ଯାଇଥିବା ଅନ୍‌ଲାଇନ୍‌ରେ ଦର୍ଶାଇଛି । ଏନେଇ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ ପରେ ତାଙ୍କୁ ଟଙ୍କା ଫେରାଯାଇଛି । ସେହିପରି, ୨୦୨୩-୨୪ ଆର୍ଥିକ ବର୍ଷରେ କୁଶରାବ ଗାଁର ସାରସ ପ୍ରଧାନ ଗୁହାଳ ଯୋଜନା ପାଇଥିଲେ। ତାଙ୍କ ଅଗୋଚରରେ ୧୬ ହଜାର ୫୯୦ ଟଙ୍କା ଅନ୍ୟ ଆକାଉଣ୍ଟକୁ ଛଡ଼ାଯାଇଛି । ସେହି ଗାଁର ଶ୍ରୀନିବାସ ଗୌଡ଼ଙ୍କର ୬୭ ହଜାର ଟଙ୍କା ଚଳୁ କରିଦେଇଥିବା ଅଭିଯୋଗ ଆସିଛି। ଉପଜିଲ୍ଲାପାଳ ଧରାକୋଟ ବିଡିଓଙ୍କୁ ଏହା ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

ସଂଚାର SANCHAR
ବୁଧବାର ୧୭ ସେପ୍ଟେମ୍ବର ୨୦୨୫

# ସ୍ୱାସ୍ଥ୍ୟ




# ଲିଭରରେ କେମିତି ଜମେ ଫ୍ୟାଟ୍

**ଲିଭର ବା ଯକୃତ ଆମ ଶରୀରର ପରିଚାଳନା ବିଭାଗକୁ ସମ୍ଭାଳିଥାଏ। ଶରୀର ନାମକ ମେଶିନକୁ ସଠିକ୍ ଭାବରେ ଚାଲୁ ରଖିବା ପାଇଁ ଲିଭରକୁ ସୁସ୍ଥ ରଖିବା ଗୁରୁତ୍ୱପୂର୍ଣ୍ଣ। ଲିଭରରେ ସମସ୍ୟା ସମଗ୍ର ଶରୀରକୁ ପ୍ରଭାବିତ କରିଥାଏ। ଜୀବନଶୈଳୀ ପରିବର୍ତ୍ତନ ହେଉଥିବା ଏବଂ ଖାଦ୍ୟର ଗୁଣବତ୍ତା ହ୍ରାସ ପାଇବା ସହିତ ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବାର ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ଜାଣନ୍ତୁ କେମିତି ଆଉ କେବେ ଲିଭରରେ ଜମା ହୁଏ ଚର୍ବି...**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଲିଭରରେ ଫ୍ୟାଟ୍ ବା ଚର୍ବି ଜମା ହେବା ଆରମ୍ଭ ହେବା ମାତ୍ରେ ସତର୍କ ରହିବା ଉଚିତ୍। ବିଶେଷକରି ଯଦି ନିୟମିତ ଭାବରେ ମଦ୍ୟପାନ କରନ୍ତି ଏବଂ ଅଧିକ ଚର୍ବି ଜାତୀୟ ଆମିଷ ଖାଦ୍ୟ ଖାଆନ୍ତି, ତେବେ ଲିଭରରେ ଫ୍ୟାଟ୍ ଜମା ହେବାର ଆଶଙ୍କା ଥାଏ। ଏପରି ପରିସ୍ଥିତିରେ ଆପଣଙ୍କୁ ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାଇବା ଉଚିତ। ଯଦି ଲିଭରରେ ଚର୍ବି ଜମା ହେବା ବିଷୟରେ ସୂଚନା ଥାଏ, ତେବେ ଏହାକୁ ତୁରନ୍ତ ନିୟନ୍ତ୍ରଣ କରିବା ଉଚିତ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପରେ ଚିକିତ୍ସା ଆରମ୍ଭ କରିବା ଉଚିତ। ଲିଭରରେ ପୂର୍ବରୁ ଅଳ୍ପ ପରିମାଣରେ ଫ୍ୟାଟ୍ ଅଂଶ ଚର୍ବି ଥାଏ, କିନ୍ତୁ ଯେତେବେଳେ ଏହା ୫ରୁ ୧୦ ପ୍ରତିଶତ ବୃଦ୍ଧି ପାଏ, ଏହାକୁ ଫ୍ୟାଟି ଲିଭର କୁହାଯାଏ। ଏହା ଅନେକ କାରଣ ଯୋଗୁ ବୃଦ୍ଧି ପାଏ ଯେପରିକି- ତେଲିଆ ଖାଦ୍ୟ, ମିଠା ଏବଂ ଫାଷ୍ଟଫୁଡ୍ ଖାଇବା, ଅତ୍ୟଧିକ ମଦ୍ୟପାନ ଲିଭରକୁ କ୍ଷତି ପହଞ୍ଚାଏ। ଏହା ବ୍ୟତୀତ ମେଦବହୁଳତା ଏବଂ ଡାଇବେଟିସ୍ ବୃଦ୍ଧି ହେତୁ, ଶରୀରରେ ଚର୍ବି ଜମା ହେବାକୁ ଲାଗେ, ଯାହା ଫ୍ୟାଟି ଲିଭରର କାରଣ ହୁଏ। ସବୁଠାରୁ ବଡ଼ କାରଣ ହେଉଛି ବ୍ୟାୟାମ ନ କରି ବସିବାର ଅଭ୍ୟାସ। ଯଦି ଶରୀର ସକ୍ରିୟ ନ ଥାଏ, ତେବେ ଏହା ଲିଭରକୁ ମଧ୍ୟ ପ୍ରଭାବିତ କରେ, କାରଣ ବସିବା ଦ୍ୱାରା ଚର୍ବି କମ୍ ହୁଏ ନାହିଁ ବରଂ ଜମା ହୋଇ ରହିଥାଏ। ଯାହା ଫ୍ୟାଟି ଲିଭରର ମୁଖ୍ୟ କାରଣ ହୁଏ।

ପ୍ରାରମ୍ଭରେ ଲିଭରରେ ଚର୍ବି ଜମା ହେଉଥିବାର ଜଣାପଡ଼େ ନାହିଁ, କିନ୍ତୁ ପରେ ଏହା ଗମ୍ଭୀର ରୂପ ନେଇପାରେ। ଏହା ଯୋଗୁ ଅନେକ ପ୍ରକାରର ରୋଗ ମଧ୍ୟ ହୋଇପାରେ। ଲିଭର ସିରୋସିସ୍, ଲିଭରରେ ଫୁଲା ଏବଂ ଚିହ୍ନ ଦେଖାଯାଏ, ଯାହା ଯୋଗୁ ଲିଭର ଟିସୁ ଧିରେ ଧିରେ ନଷ୍ଟ ହେବାକୁ ଲାଗେ। ଏହା ଲିଭର ଫେଲ୍ୟୁଅର ହେବାର ଆଶଙ୍କା ମଧ୍ୟ ବଢ଼ାଇଥାଏ। ଏହା ବ୍ୟତୀତ, ଫ୍ୟାଟି ଲିଭର କ୍ୟାନସର ରୋଗ ମଧ୍ୟ ସୃଷ୍ଟି କରିପାରେ। ଫ୍ୟାଟି ଲିଭର ଯୋଗୁ ହାର୍ଟରୋଗ ମଧ୍ୟ ହୋଇପାରେ। ଲିଭରକୁ ସୁସ୍ଥ ରଖିବା ପାଇଁ ତେଲ ଏବଂ ମିଠା ଜିନିଷଠାରୁ ଦୂରେଇ ରୁହନ୍ତୁ କିମ୍ବା ପରିମାଣ ସୀମିତ କରନ୍ତୁ। ସବୁଜ ପନିପରିବା ଖାଆନ୍ତୁ। ଖାଦ୍ୟରେ ଫାଇବର ସାମିଲ କରନ୍ତୁ। ଫାଇବର ଖାଦ୍ୟ ଶୀଘ୍ର ହଜମ କରେ ଏବଂ ପାଚନ ଭଲ ହୁଏ। ଏହା ସହିତ ବ୍ୟାୟାମ କରନ୍ତୁ। ଯୋଗ ମଧ୍ୟ ଲାଭଦାୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଲିଭରକୁ ସୁସ୍ଥ ରଖିବା ପାଇଁ ମଦ୍ୟପାନରୁ ଦୂରେଇ ରୁହନ୍ତୁ। ନିୟମିତ ଭାବରେ ଆପଣଙ୍କ ଲିଭର ଯାଞ୍ଚ କରାନ୍ତୁ।

# ପାଚନ ଶକ୍ତିକୁ ବୃଦ୍ଧିକରେ ଆଲୋବେରା ଜୁସ୍



**ଆଲୋବେରା ହେଉଛି ଏକ ଔଷଧୀୟ ଗଛ ଯାହା ପ୍ରାଚୀନ କାଳରୁ ଘିଁ କୁଆରୀ ନାଁରେ ଜଣାଶୁଣା। ଏହା କଣ୍ଟାର ପତ୍ର ହୋଇଥାଏ ଯାହା ପାଖରେ ଅନେକ ରୋଗର ନିରାକରଣ ଗୁଣ ରହିଛି।**

**ଶକ୍ତି ବଢ଼ାଇଥାଏ:** ନିୟମିତ ଭାବେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରରେ ଶକ୍ତ ସଂଚାର ହୋଇଥାଏ। ଏହି ଜୁସରେ ଅନେକ ପ୍ରକାରର ପୋଷକ ତତ୍ୱ , ଭିଟାମିନସ୍ ଏବଂ ମିନେରାଲ ରହିଛି ଯାହା ଦ୍ୱାରା ଶରୀରର ଉତ୍ତମ ପରିବର୍ତ୍ତନ ଆସିଥାଏ ଏବଂ ସୁସ୍ଥ ରଖିଥାଏ। ଏହି ଜୁସ୍ ପାଇଁ ପ୍ରତିରକ୍ଷା କ୍ଷମତା ମଧ ବଢ଼ିଥାଏ। ୩ରୁ ୪ ଚାମଚ ଆଲୋବେରା ପାଣି ଖାଲି ପେଟରେ ସକାଳୁ ନିୟମିତ ପିଇଲେ ଫୁର୍ତ୍ତି ଲାଗିଥାଏ।

**କେଶ ଏବଂ ତ୍ୱଚାର ସୁନ୍ଦରତା ବଢ଼ାଇଥାଏ:** ଆଲୋବେରା ଜୁସ୍ ପିଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ। ଏହାକୁ ନିୟମିତ ପିଇବା ଦ୍ୱାରା ଲମ୍ବା ସମୟ ଯାଏ ଗ୍ଲେଜ୍ କମି ନଥାଏ। ଆଖି ତଳର କଳା ଦାଗ, ରୁକ୍ଷ୍ୟ ତ୍ୱଚା, ବ୍ରଣ, ଖରାରେ ଝାଉଁଳି ପଡିଥିବା ତ୍ୱଚା ସବୁକିଛି ସମସ୍ୟାରୁ ରକ୍ଷା ମିଳିଥାଏ। ଏହି ଜୁସକୁ ପିଇବା ଦ୍ୱାରା ମଧ କେଶରେ ଚମକ ଆସିଥାଏ ଏହା ସହ ରୁପି ସମସ୍ୟାରୁ ଉପସମ ମିଳିଥାଏ। ଆଲୋବେରାର ରସକୁ ମେହେନ୍ଦୀରେ ମିଶାଇ କେଶରେ ଲଗାଇବା ଦ୍ୱାରା କେଶର ରଙ୍ଗ ଚମକିବା ସହ ମଜଭୁତ୍ ରହିଥାଏ।

**ଭଲ ପାଚନ:** ଆଲୋବେରା ଜୁସରେ ପ୍ରଚୁର ମାତ୍ରାରେ ପାଚକ ତତ୍ୱ ରହିଥାଏ। ଏହି କାରଣ ପାଇଁ ପେଟ ଜନିତ ସମସ୍ୟା ଦେଖା ଯାଇ ନଥାଏ।

**ଓଜନ କମାଇଥାଏ:** ନିୟମିତ ରୂପେ ଆଲୋବେରା ଜୁସ୍ ପିଇବା ଦ୍ୱାରା ଶରୀରର ଓଜନ କମିବାକୁ ଲାଗିଥାଏ ଏବଂ ଏହାକୁ ଖାଇବା ଦ୍ୱାରା ବାରମ୍ବାର ଭୋକ ହୋଇ ନଥାଏ। ଏହି ଜୁସ୍ ଶରୀରକୁ ଦୁର୍ବଳ କରି ନଥାଏ।

ଦାନ୍ତ ପାଇଁ ଉପକାରୀ : ଆଲୋବେରା ଜୁସ୍ ଦାନ୍ତ ପାଇଁ ଖୁବ୍ ଲାଭକାରୀ ହୋଇଥାଏ। ଏହା ଆମ ଦାନ୍ତକୁ ପରିଷ୍କାର ରଖିବା ସହ ଜିବାଣୁ ମୁକ୍ତ ମଧ କରିଥାଏ।

# ଗୁପଚୁପ୍ ଖାଇଲେ ଓଜନ କମେ



ଗୁପଚୁପ୍ କାହାକୁ ବା ପସନ୍ଦ ନୁହେଁ। ଖାସ୍ କରି ଝିଅମାନଙ୍କୁ ଏହା ବେଶୀ ଭଲ ଲାଗିଥାଏ। ଗୁପଚୁପ୍ ନାଁ ଆସିବା ମାତ୍ରେ ସମସ୍ତଙ୍କ ପାଟିରେ ପାଣି ଆସିଯାଏ। ବର୍ଷା ହଉ ଅବା ଗରମ ସବୁବେଳେ ଗୁପଚୁପ୍ ଖାଇବାର ମଜା ନିଆରା ଥାଏ। ଗୁପଚୁପ୍କୁ ବଡ଼ଠୁ ଆରମ୍ଭ କରି ଛୋଟ ପିଲା ପର୍ଯ୍ୟନ୍ତ ସମସ୍ତେ ଖାଇବାକୁ ଭଲ ପାଆନ୍ତି। ଗୁପଚୁପ୍କୁ କେହି ଗୋଲଗପ୍ପା କୁହନ୍ତି ତ ଆଉ ପୁଣି କିଏ ପାନୀପୁରୀ, ପୁଚକା ବୋଲି ମଧ୍ୟ କୁହନ୍ତି। ଏହା ସମସ୍ତଙ୍କ ରୋଡ୍ ସାଇଡର ପ୍ରିୟ ଖାଦ୍ୟ କହିଲେ କିଛି ଭୁଲ ହେବ ନାହିଁ। ଏହା ପାଟିକୁ ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ଲାଭକାରୀ ହୋଇଥାଏ। କେବଳ ପାଟିର ସ୍ୱାଦକୁ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ଜନିତ ଫାଇଦା ମଧ୍ୟ ଦେଇଥାଏ। ଏ କଥା ଶୁଣିବା ମାତ୍ରେ ହୁଏ ତ ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ସତ କିନ୍ତୁ ଏହା ସତ। କିନ୍ତୁ ଯଦି ଆପଣ ମଇଳା ସ୍ଥାନରୁ କିମ୍ବା ଅପରିଷ୍କାର ଭାବରେ ତିଆରି ଗୋଲଗପ୍ପା ଖାଆନ୍ତି, ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ। ଖୁବ୍ କମ୍ ଲୋକ ଗୁପ୍ଚୁପ୍ ଖାଇବାର ଫାଇଦା ସମ୍ପର୍କରେ ଜାଣନ୍ତି। କିନ୍ତୁ ଆମେ ଆଜି ଆପଣଙ୍କୁ ଏହାର ଲାଭ ସମ୍ପର୍କରେ ଜଣାଇବୁ। ବିଶେଷଜ୍ଞଙ୍କ ମତରେ ଗୁପଁଚୁପରେ ପର୍ଯ୍ୟାପ୍ତ ପରିମାଣର ପୁଷ୍ଟିସାର ରହିଛି। ଏଥିରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଏବଂ ଭିଟାମିନ୍ ସି ରହିଛି। ଏହି ସମସ୍ତ ଉପାଦାନ ଶରୀରର ଗଠନରେ ସାହାଯ୍ୟ କରେ। ଏହା ସତ୍ତ୍ୱେ ବିଶେଷଜ୍ଞମାନେ ସୀମିତ ପରିମାଣରେ ଗୁପଚୁପ୍ ଖାଇବାକୁ ପରାମର୍ଶ ଦେଉଛନ୍ତି। ଏହାକୁ ଅଧିକ ପରିମାଣରେ ଖାଇବାର କ୍ଷତି ମଧ୍ୟ ହୋଇଥାଏ। ତେବେ ଆସନ୍ତୁ ଏହାର ଗୁଣକାରୀ ଫାଇଦା ସମ୍ପର୍କରେ ଜାଣିବା। ଯଦି ଓଜନକୁ କମାଇବାକୁ ଚାହୁଁଛନ୍ତି ତେବେ ଏହି ସମସ୍ୟା ପାଇଁ ଗୁପଚୁପ୍ ବେଷ୍ଟ ହୋଇଥାଏ। ପାଟିକୁ ଟେଷ୍ଟି ଲାଗିବା ସହ ଓଜନ ଯାତ୍ରାକୁ ମଧ୍ୟ ସରଳ କରିଦେଇଥାଏ। ଏଥିରେ ପୋଦିନା, ହେଙ୍ଗୁ, ଲେମ୍ବୁ ଏବଂ ଆମ୍ବକସିଆ ଅଦା ରହିଥାଏ। ଯାହା ଓଜନ କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ସମସ୍ୟା ଦୂର କରିବା ପାଇଁ ଗୁପଚୁପକୁ ଭଲ ବୋଲି ବିବେଚନା କରାଯାଏ। ଯାହା ଓଜନ କମ୍ କରିବାରେ ଚମତ୍କାର ଫାଇଦା ଦେଇଥାଏ। ଏଥିରେ ତେନ୍ତୁଳି, କଳା ଲୁଣ, ଜିରା, ଜଳଜିରା ଏବଂ ଅନ୍ୟାନ୍ୟ ମସଲା ଥାଏ। ତେଣୁ ଏହାକୁ ପାଚନ ସମସ୍ୟା ପାଇଁ ମଧ୍ୟ ଭଲ ବୋଲି ବିବେଚନା କରାଯାଏ। ଯାହା ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେଇଥାଏ। ଏତିକି ନୁହେଁ ବରଂ ଏଥିରେ ସୁଜି, ଚଣା ଏବଂ ସିଝା ଆଳୁ ଥାଏ। ଯାହାକୁ ଖାଇବା ଦ୍ୱାରା ଆପଣ କୋଷ୍ଠକାଠିନ୍ୟ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ପାଇପାରିବେ। ଗୁପଚୁପ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରଭାବଶାଳୀ ହୋଇଥାଏ। କାରଣ ଏଥିରେ ଥିବା କଳା ଗୋଲମରିଚ, ଜିରା ଇତ୍ୟାଦି ମସଲା ଡାଇବେଟିସ୍ ନିୟନ୍ତ୍ରଣ କରିବାରେ ବଡ଼ ଭୂମିକା ନିର୍ବାହ କରିଥାଏ। କଳାଚଣାରୁ ଭରପୁର ମାତ୍ରାର ପ୍ରୋଟିନ୍ ମିଳିଥାଏ। ଯାହା କୋଲେଷ୍ଟ୍ରୋଲ ସମସ୍ୟା ପାଇଁ ଭଲ ବିକଳ୍ପ। ଏହି ସବୁ ସମସ୍ୟା ଥିଲେ ଗୁପଚୁପ୍ ଖାଇବା ଆବଶ୍ୟକ। କିନ୍ତୁ ଅଧିକ ଖାଇବା ଦ୍ୱାରା କ୍ଷତିରେ ପକାଇଥାଏ।

# ଭିଟାମିନ୍ ଅଭାବରୁ ମାଇଗ୍ରେନ୍ ସମସ୍ୟା




ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ବେଳେ ବେଳେ ଭିଟାମିନ୍ ଅଭାବ ସହିତ ମଧ ଜଡିତ ହୋଇପାରେ। ବିଶେଷକରି, ଭିଟାମିନ୍ ଡି ଅଭାବ ଏହି ସମସ୍ୟାର ଏକ ପ୍ରମୁଖ କାରଣ ହୋଇପାରେ। ଏହି ଭିଟାମିନ୍ ଆମ ମସ୍ତିଷ୍କର କାର୍ଯ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ନ୍ୟୁରୋଟ୍ରାନ୍ସମିଟର ମେଟାବୋଲିଜିମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଯେତେବେଳେ ଏହାର ସ୍ତର କମ୍ ଥାଏ, ଏହା ଅନେକ ପ୍ରକାରେ ମୁଣ୍ଡବିନ୍ଧା ସୃଷ୍ଟି କରିପାରେ।

**ଭିଟାମିନ୍ ଡି ଅଭାବ ଏବଂ ମୁଣ୍ଡବିନ୍ଧା ମଧ୍ୟରେ ସମ୍ପର୍କ:** ଭିଟାମିନ୍ ଡି ରେ ପ୍ରଦାହ-ବିରୋଧୀ ଗୁଣ ଅଛି। ଏହାର ଅଭାବ ମସ୍ତିଷ୍କରେ ପ୍ରଦାହ ବୃଦ୍ଧି କରିପାରେ, ଯାହା ମାଇଗ୍ରେନ୍ ଯନ୍ତ୍ରଣାକୁ ବୃଦ୍ଧି କରେ। ମସ୍ତିଷ୍କରେ ଅନେକ ଭିଟାମିନ୍ ଡି ରିସେପ୍ଟର ଅଛି। ଭିଟାମିନ୍ ଡି ଅଭାବ ନ୍ୟୁରୋଟ୍ରାନ୍ସମିଟରର ସନ୍ତୁଳନକୁ ବିଚଳିତ କରିପାରେ, ଯାହା ମୁଣ୍ଡବିନ୍ଧାର ସମ୍ଭାବନାକୁ ବୃଦ୍ଧି କରିଦେଇଥାଏ। ଶରୀରକୁ ମ୍ୟାଗ୍ନେସିୟମ୍ ଶୋଷଣ କରିବା ପାଇଁ ଭିଟାମିନ୍ ଡି ଆବଶ୍ୟକ ହୋଇଥାଏ। ମ୍ୟାଗ୍ନେସିୟମ୍ ଅଭାବ ମଧ ମାଇଗ୍ରେନ୍ ସହିତ ଜଡିତ। ତେଣୁ, ଭିଟାମିନ୍ ଡି ଅଭାବ ପରୋକ୍ଷ ଭାବରେ ମ୍ୟାଗ୍ନେସିୟମ୍ ଶୋଷଣରେ ବାଧା ସୃଷ୍ଟି କରି ମୁଣ୍ଡବିନ୍ଧାର ଆଶଙ୍କାକୁ ଆହୁରି ବୃଦ୍ଧି କରିପାରେ। ଯଦି ଆପଣଙ୍କର ବାରମ୍ବାର ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ହେଉଛି, ତେବେ ଏହା ଭିଟାମିନ୍ ଡି ଅଭାବର ଲକ୍ଷଣ ହୋଇପାରେ। ଏପରି ପରିସ୍ଥିତିରେ, ଆପଣ ଆପଣଙ୍କ ଡାକ୍ତରଙ୍କୁ ଭେଟି ଆପଣଙ୍କର ଭିଟାମିନ୍ ଡି ପରୀକ୍ଷା କରାଇବା ଉଚିତ। ଡାକ୍ତରଙ୍କ ପରାମର୍ଶରେ ଆପଣ ସପ୍ଲିମେଣ୍ଟ ମଧ ନେଇପାରିବେ। ଭିଟାମିନ୍ ଡିର ସର୍ବୋତ୍ତମ ଏବଂ ପ୍ରାକୃତିକ ଉତ୍ସ ହେଉଛି ସୂର୍ଯ୍ୟକିରଣ। ସକାଳେ ହାଲୁକା ସୂର୍ଯ୍ୟକିରଣରେ କିଛି ସମୟ ବସିବା ଆପଣଙ୍କ ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ୍ ସମସ୍ୟା ପାଇଁ ବହୁତ ଲାଭଦାୟକ ହୋଇପାରେ। ଆପଣଙ୍କ ଖାଦ୍ୟରେ ଭିଟାମିନ୍ ଡି ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଯେପରିକି ଚୁନା ମାଛ, କ୍ଷୀର ଏବଂ ପନିର, ଅଣ୍ଡା, ଛତୁ, ସୋୟାବିନ ଏବଂ କମଳା ରସ। ଏହି ଉପାୟଗୁଡ଼ିକ ଗ୍ରହଣ କରି ଆପଣ ଭିଟାମିନ୍ ଡି' ର ଅଭାବକୁ ଦୂର କରିପାରିବେ ଏବଂ ମୁଣ୍ଡବିନ୍ଧା ଏବଂ ମାଇଗ୍ରେନ୍ ସମସ୍ୟାରୁ ମୁକ୍ତି ପାଇପାରିବେ।

# ପେଟ ଗ୍ୟାସ୍ କିମ୍ବା ଫୁଲା ସମସ୍ୟା ଦେଖାଦେଉଛି କି?

ସକାଳୁ ଉଠିବା ମାତ୍ରେ ଆପଣ ପେଟରେ ଭାରୀ ଅନୁଭବ କରୁଛନ୍ତି କି? ଯଦି ହଁ, ତେବେ ଏହି ନ୍ୟୁଜଟି ଆପଣଙ୍କ ପାଇଁ ବେଷ୍ଟ ହେବ। ଆଜିକାଲି ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟା ସାଧାରଣ ହୋଇଗଲାଣି। ଭୁଲ ଖାଦ୍ୟପେୟ ଏବଂ ଜୀବନଶୈଳୀରେ କିଛି ଭୁଲ ଏହାର ମୁଖ୍ୟ କାରଣ ହୋଇପାରେ। ଯେପରିକି କିଛି ଲୋକ ରାତିରେ ଅତ୍ୟଧିକ ଖାଦ୍ୟ ଖାଇଥାନ୍ତି, ଯାହା ଫଳରେ ଗ୍ୟାସ୍ ସମସ୍ୟା ସୃଷ୍ଟି ହୁଏ ଏବଂ ପେଟ ଫୁଲିବା ଭଳି ସମସ୍ୟା ଦେଖାଦିଏ। ସେହି ସମୟରେ କିଛି ଭୁଲ ଖାଇବା ଯୋଗୁଁ ମଧ ଏହି ସମସ୍ୟା ହୋଇପାରେ। ଏଥିପାଇଁ କିଛି ଲୋକ ଔଷଧ ଉପରେ ନିର୍ଭର କରନ୍ତି, ଯାହା ଭବିଷ୍ୟତରେ ସେମାନଙ୍କ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇପାରେ। ଏପରି ପରିସ୍ଥିତିରେ ଆପଣ କିଛି ପ୍ରାକୃତିକ ପଦ୍ଧତି ଗ୍ରହଣ କରିପାରିବେ। ଏହା ସହିତ ଜୀବନଶୈଳୀରେ କିଛି ପରିବର୍ତ୍ତନ କରି ଆପଣ ଏହି ସମସ୍ୟାରୁ ମଧ ମୁକ୍ତି ପାଇପାରିବେ। ତେବେ ଅପଣଙ୍କୁ ଏପରି କିଛି ପ୍ରାକୃତିକ ଜିନିଷ ଏବଂ ଅଭ୍ୟାସ ବିଷୟରେ କହିବୁ ଯାହାକୁ ଆପଣାଇବା ଉଚିତ। ଏହା ଆପଣଙ୍କୁ ଶୀଘ୍ର ଫଳାଫଳ ମଧ ଦେବ।

**ଗ୍ୟାସ ସମସ୍ୟା:** ପେଟରେ ଗ୍ୟାସ୍ ଯୋଗୁଁ ଅନେକ ସମସ୍ୟା ହୋଇପାରେ। କେତେବେଳେ ଖାଦ୍ୟ ଯୋଗୁଁ ଗ୍ୟାସ୍ ହୁଏ ତ କେତେବେଳେ ଏହାର ଗମ୍ଭୀର କାରଣ ମଧ ହୋଇପାରେ। ଆମେ ଖାଉଥିବା ଖାଦ୍ୟର କିଛି ଅଂଶ ସହଜରେ ହଜମ ହୁଏ, କିନ୍ତୁ କାର୍ବୋହାଇଡ୍ରେଟ୍, ଚିନି, ଫାଇବର ଏବଂ କିଛି ଷ୍ଟାର୍ଚ ଭଳି କିଛି ଜିନିଷ ଶୀଘ୍ର ହଜମ ହୁଏ ନାହିଁ। ଗ୍ୟାସ୍ କେବଳ ଭୁଲ ଖାଦ୍ୟ ଅଭ୍ୟାସ ଉପରେ ନୁହେଁ ବରଂ ପାଚନ ପ୍ରକ୍ରିୟା ଉପରେ ମଧ ନିର୍ଭର କରେ। କିଛି ଲୋକ ଏହି ସମସ୍ୟାକୁ ହାଲୁକା ଭାବରେ ନିଅନ୍ତି। କିନ୍ତୁ ଗ୍ୟାସ୍ ଗଠନ ଅନେକ ଅନ୍ୟାନ୍ୟ ରୋଗର କାରଣ ମଧ ହୋଇପାରେ। ତେଣୁ ଏଥିରୁ ମୁକ୍ତି ପାଇବା ନିହାତି ଜରୁରୀ। ଆପଣ ସକାଳ ଉଷୁମ ପାଣି ସହିତ ଦିନଟି ଆରମ୍ଭ କରନ୍ତୁ: ଯଦି ଆପଣଙ୍କର ବହୁତ ଗ୍ୟାସ୍ ସମସ୍ୟା ଅଛି, ତେବେ ଆପଣ ସକାଳେ ଉଠିବା ପରେ ଖାଲି ପେଟରେ ଉଷୁମ ପାଣି ପିଇ ଦିନଟିକୁ ଆରମ୍ଭ କରିବା ଉଚିତ। ଏହା ଆପଣଙ୍କ ପେଟକୁ ହାଲୁକା କରିବାରେ ସାହାଯ୍ୟ କରେ। ଯଦି ଆପଣ ଚାହାଁନ୍ତି ତେବେ ଆପଣ ଏଥିରେ ଲେମ୍ବୁ ମିଶାଇ ଉଷୁମ ପାଣି ମଧ ପିଇପାରିବେ। ଏହା ଶରୀରରୁ ସୋଡିୟମ୍ ବାହାର କରିଦିଏ ଏବଂ ପେଟ ଫୁଲିବା କମ କରିବାରେ ସାହାଯ୍ୟ ମଧ କରେ। ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରୁହନ୍ତୁ: କିଛି ଲୋକ ରାତିରେ ଅତ୍ୟଧିକ କିମ୍ବା ଭାରୀ ଖାଦ୍ୟ ଖାଆନ୍ତି, ଯାହା ଗ୍ୟାସ ଏବଂ ପେଟ ଫୁଲିବାର ସବୁଠାରୁ ବଡ଼ ଏବଂ ସାଧାରଣ କାରଣ। ଏପରି ପରିସ୍ଥିତିରେ ରାତିରେ ଭାରୀ ଖାଦ୍ୟ ଖାଇବାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। ଏହା ବଦଳରେ ରାତ୍ରୀ ଭୋଜନରେ ଏପରି ଜିନିଷ ଖାଆନ୍ତୁ ଯାହା ସହଜରେ ହଜମ ହେବ। ଏହା ଦ୍ୱାରା ସକାଳେ ଆପଣଙ୍କ ପେଟ ହାଲୁକା ଅନୁଭବ ହେବ ଏବଂ ଗ୍ୟାସର ସମସ୍ୟା ହେବ ନାହିଁ।

**ହର୍ବାଲ୍ ଚା:** ପୁଦିନା, ଅଦା ଏବଂ ମେଥି ଦାନା ଭଳି ଜିନିଷ ପେଟ ଫୁଲିବା ଦୂର କରିବାରେ ସହାୟକ ହୋଇଥାଏ। ଏଥିରୁ ତିଆରି ଚା ପିଇବା ଦ୍ୱାରା ଗ୍ୟାସରୁ ମୁକ୍ତି ମିଳିଥାଏ। ଏହି ଜିନିଷଗୁଡ଼ିକ ପାଚନ ତନ୍ତ୍ରରେ ମାଂସପେଶୀ ସଙ୍କୋଚନକୁ ହ୍ରାସ କରିଥାଏ, ଯାହା ଫଳରେ ଗ୍ୟାସ ସହଜରେ ବାହାରକୁ ଆସିଥାଏ ଏବଂ ପେଟ ହାଲୁକା ଅନୁଭବ ହୁଏ। ଏଥିସହ ଯଦି ଆପଣଙ୍କର ଏହିଭଳି ସମସ୍ୟା ଦେଖାଦେଉଛି, ତେବେ ଏହି ଟିପ୍ସକୁ ନିଶ୍ଚିତ ଭାବରେ ଫଲୋ କରନ୍ତୁ।



## ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ବୈଠକ




**ସୁନ୍ଦରଗଡ,୧୬।୯ (ସଂଚାର ବ୍ୟୁରୋ):** ମଙ୍ଗଳବାର ସ୍ଥାନୀୟ ବିକାଶ ଭବନଠାରେ ଷଷ୍ଠ ଜିଲ୍ଲା ପରିଷଦର ସପ୍ତମ ତମ ବୈଠକ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ , ଓଡିଶା ବିଧାନସଭାର ଉପ ବାଚସ୍ପତି ତଥା ବିଧାୟକ ତଳସରା ଭବାନୀ ଶଙ୍କର ଭୋଇ, ସଦର ବିଧାୟକ ଯୋଗେଶ କୁମାର ସିଂ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ୍ ସାହୁ ଯୋଗ ଦେଇଥିଲେ । ବୈଠକରେ ଜିଲ୍ଲାରେ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ତଥା ପ୍ରକଳ୍ପ ଗୁଡ଼ିକ ଉପରେ ଆଲୋଚନା କରାଯିବା ସହିତ ଜିଲ୍ଲାର ପ୍ରତ୍ୟେକ କ୍ଷେତ୍ରରେ ବିକାଶ ଉପରେ ଗୁରୁତ୍ୱବାରୋପ କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ବୈଠକର ଆଭିମୁଖ୍ୟ ଉପରେ କହିବା ସହିତ ବିଭିନ୍ନ ସମସ୍ୟା ଗୁଡ଼ିକ ପ୍ରତି ଆଲୋକପାତ କରିଥିଲେ। କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଶ୍ରୀ ଓରାମ ସରକାରଙ୍କ ସବୁ ଜନ କଲ୍ୟାଣକାରୀ ଯୋଜନା ଗୁଡିକ ସମସ୍ତ ଲୋକମାନଙ୍କ ପାଖରେ ସୁବିଧାରେ ପହଞ୍ଚି ପାରିବ ଏବଂ ସବୁ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।

# ପିଏମଏୱାଇ 'ଏ' କ୍ୟାଟିଗୋରି ପାଇଁ ଅଣ୍ଟା ଭିଡ଼ିଲେ ବିଡିଓ

## ଘର ଘର ବୁଲି ସଚେତନ କରୁଛି ବ୍ଲକ ପ୍ରଶାସନ

**ରାୟଗଡ଼ା,୧୬।୯ (ସଂଚାର ବ୍ୟୁରୋ):** ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାୟୀ) ମାଧ୍ୟମରେ ଘର ମିଳିବା ସାଧାରଣ ଲୋକଙ୍କ ପ୍ରଧାନ ସ୍ୱପ୍ନ। କିନ୍ତୁ ବାସ୍ତବରେ ଯୋଜନା ରେ ସାମିଲ ହେବା ପରେ ଅନେକ ହିତାଧିକାରୀ ଘର କାମ ମଧ୍ୟରେ ବିଳମ୍ବ କରୁଥିବାରୁ ପ୍ରଶାସନ ପାଇଁ ଏହା ମୁଣ୍ଡବ୍ୟଥାର କାରଣ ହୋଇଛି। ୱାର୍କ ଅର୍ଡର ଓ ପ୍ରଥମ କିସ୍ତିର ଟଙ୍କା ଡିବିଟି ମାଧ୍ୟମରେ ପାଇବା ପରେ ବହୁତେ ହିତାଧିକାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନଥିବା ଦୃଶ୍ୟ ପ୍ରାୟ ସମସ୍ତ ବ୍ଲକ ରେ ଦେଖାଯାଉଛି। ରାଜ୍ୟବ୍ୟାପୀ ଏହି ସମସ୍ୟାକୁ ଦୂର କରିବା ନିମନ୍ତେ ସରକାର ପକ୍ଷରୁ ପ୍ରୋତ୍ସାହନା ମୂଳକ ରାଶି ଘୋଷଣା ହୋଇଥିଲେ ମଧ୍ୟ, ହିତାଧିକାରୀଙ୍କ ଉଦାସୀନତା ପ୍ରଶାସନ



ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ବିଷମକଟକ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପଟ୍ଟନାୟକ ସ୍ୱୟଂ ଅଣ୍ଟା ଭିଡିଛନ୍ତି। ସେ ବ୍ଲକ ଅଧୀନସ୍ଥ କର୍ମଚାରୀଙ୍କୁ ଘରେ ଘରେ ଯାଇ ହିତାଧିକାରୀଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏମଏୱାୟୀ ଯୋଜନାରେ ହିତାଧିକାରୀଙ୍କୁ 'ଏ, ବି ଓ ସି' ୩ଟି ବର୍ଗରେ ବିଭକ୍ତ କରାଯାଇଥାଏ। 'ଏ' ବର୍ଗରେ ସେମାନେ ଥାନ୍ତି ଯେଉଁମାନେ ଘର କାମ ସମ୍ପୂର୍ଣ୍ଣ କରିବାରେ ଇଚ୍ଛୁକ। 'ବି' ବର୍ଗରେ ସେମାନେ ଯେଉଁମାନେ କାମ କରିନଥିବାରୁ ଟଙ୍କା ଫେରେଇବାକୁ ସମ୍ମତ, ଯେବେକି 'ସି' ବର୍ଗରେ ସେମାନେ ରହନ୍ତି, ଯେମାନେ ନ କାମ ସମ୍ପୂର୍ଣ୍ଣ କରୁଛନ୍ତି, ନ ଟଙ୍କା ଫେରେଇବାକୁ ପ୍ରସ୍ତୁତ। ବିଷମକଟକ ବ୍ଲକରେ ୨୦୧୬-୧୭ ଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ସରକାର ମୋଟ ୭୧୪୬ ଘର ବଣ୍ଟନ କରିଥିଲେ। ସେଥିରୁ ୬୨୨୦ ଘର ସମ୍ପୂର୍ଣ୍ଣ ହୋଇଥିବାବେଳେ, ୮୯୪ ଘର ଅସମ୍ପୂର୍ଣ୍ଣ ରହିଛି। ସେମାନଙ୍କ ମଧ୍ୟରୁ ୫୪୨ ଜଣ 'ଏ' ବର୍ଗ ଓ ୩୫୨ ଜଣ 'ସି' ବର୍ଗରେ ଚିହ୍ନଟ ହୋଇଛନ୍ତି। ବିଶେଷକରି ବେଥିଆପଡା ପଞ୍ଚାୟତରେ ୫୧୬ ଘର ବଣ୍ଟନ ହୋଇଥିବା ସତ୍ତ୍ୱେ କେବଳ ୭୦ ଘର ଅସମ୍ପୂର୍ଣ୍ଣ ରହିଛି। ସେଥିରୁ ୨୨ ଜଣ 'ଏ' ବର୍ଗ ଓ ୪୮ ଜଣ 'ବି' ବର୍ଗରେ ରହିଛନ୍ତି। ଏହି ପରିସ୍ଥିତିରେ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀଙ୍କୁ ପିଏମଏୱାୟୀ ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ସେ, ସହକାରୀ ଯନ୍ତ୍ରୀ ବିବି ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୋଦ ଜିଲାକାରା, ସରପଞ୍ଚ ବନିତା ବିଡିକା, ସମିତି ସଭ୍ୟ ନାଗେଶ୍ୱର ହୁଇକା ଆଦିଙ୍କ ସହିତ ହିତାଧିକାରୀଙ୍କୁ ଘରେ ଘରେ ଯାଇ ସଚେତନ କରୁଛନ୍ତି। ପ୍ରଶାସନ ସ୍ପଷ୍ଟ କରିଛି ଯେ, ଅଧିକରୁ ଅଧିକ ହିତାଧିକାରୀଙ୍କୁ 'ଏ' ବର୍ଗ ରେ ନେଇ ଘର କାମ ସମ୍ପୂର୍ଣ୍ଣ କରିବାକୁ ଜୋର ଦିଆଯିବ।

## 'ଏକ୍ ପେଡ ମାଁ କେ ନାମ'ରେ କଳାହାଣ୍ଡିରେ ଲାଗିବ ୬ ଲକ୍ଷ ଗଛ

**ଭବାନିପାଟଣା,୧୬।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ଜନ୍ମ ଦିନ କୁ ସାରା ଦେଶ ରେ ସେବା ସପ୍ତାହ ପାଳନ କରୁଥିବାବେଳେ ପ୍ରତି ଜିଲ୍ଲା ରେ ପ୍ରତି ଗାଁକୁ ୧୫୦ ଗଛ ଲଗାଇବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତି ଗାଁ ରେ ୩୦୦ ଗଛ ଲଗାଇବା ସହ ଆସନ୍ତାକାଲି ୧୭ ସେପ୍ଟେମ୍ବର କଳାହାଣ୍ଡି ଜିଲ୍ଲାରେ ୬ଲକ୍ଷ ରୁ ଅଧିକ ବୃକ୍ଷରୋପଣ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇଛନ୍ତି କଳାହାଣ୍ଡି ଜିଲ୍ଲାପାଳ ସଚିନ୍ ପାଓ୍ୱାର ପ୍ରକାଶ। ଏହି କାର୍ଯ୍ୟକ୍ରମରେ ଆଶା, ଅଙ୍ଗନବାଡ଼ି କର୍ମୀ, ବିବିନ୍ନ ସ୍ୱଚ୍ଛା ସେବି ସଂଗଠନ କୁ ସହଯୋଗ କରିବାପାଇଁ ଆହ୍ୱାନ କରାଯାଇଛି ଏବଂ କଳାହାଣ୍ଡି ଜିଲ୍ଲାପ୍ରଶାସନ ଦ୍ୱାରା ସଚେତନ ରଥ ପ୍ରତି ପଞ୍ଚାୟତ ସହ ପ୍ରତି ଗାଁକୁ ଯାଇ ସଚେତନ କରିବ।

## ସ୍ୱଚ୍ଛତା ପକ୍ଷ ଶପଥ ପାଠ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ



**ସୁବର୍ଣ୍ଣପୁର,୧୬।୯(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା, ଡୁଙ୍ଗୁରିପାଲି ବ୍ଲକ, ଅନ୍ତର୍ଗତ ବନ୍ଧପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବନ୍ଧପାଲି ଠାରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥବିର ବୁଡେକ ଙ୍କ ସଭାପତିତ୍ୱରେ ଏକ ଶପଥ ପାଠ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ର ଛାତ୍ରୀମାନଙ୍କୁ ସ୍ୱଚ୍ଛତା ଉପରେ ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଏବଂ ପରେ ବିଦ୍ୟାଳୟର ଆଖ ପାଖ ପରିବେଶ କୁ ସଫା ସୁତୁରା କରାଯାଇଥିଲା। ଏଥିରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶ୍ୱିନୀ କୁମାର ବେହେରା, ପ୍ରସନ୍ନ କୁମାର ତାଣ୍ଡି, ହେମକାନ୍ତ ମେହେର ଏବଂ ଶିକ୍ଷୟିତ୍ରୀ ଦୀପ୍ତିମୟୀ ପଧାନ, ସାଗରିକା ଘିବେଲା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପହିଲ ବୁଡେକ, ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# କବିତା ମଞ୍ଜରୀ ପରିଡା 'କ୍ରିବ୍‌କୋ' ନିର୍ଦ୍ଦେଶିକା

**ବାଲିପାଟଣା, ୧୬।୯(ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ସମବାୟ ସଂଗଠନ କୃଷକ ଭାରତୀ କୋପରିଟିଭ ଲିମିଟେଡ଼(କ୍ରିବକୋ)ର ନିର୍ଦ୍ଦେଶିକା ଭାବେ ନିର୍ବିଚିତ ହୋଇଛନ୍ତି ମାର୍କଫେଡ଼ ଓଡିଶାର ସଭାପତି ସୁଶ୍ରୀ କବିତା ମଞ୍ଜରୀ ପରିଡା।ସମଗ୍ର ଦେଶକୁ ୧୧ ଟି ଜୋନରେ ବିଭକ୍ତ କରି ଗଠିତ ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଓଡିଶା, ପଶ୍ଚିମ ବଙ୍ଗ, ବିହାର ଓ ଛତିଶଗଡ଼କୁ ନେଇ ଗଠିତ ଜୋନସ୍ତରୀୟ ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହୋଇଛନ୍ତି। କ୍ରିବକୋ ପରିଚାଳନା ମଣ୍ଡଳୀକୁ ନିର୍ବାଚିତ ହେବାରେ ସୁଶ୍ରୀ ପରିଡା ହେଲେ ପ୍ରଥମ ଓଡ଼ିଆ। ଆଜି ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ଆଜି ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କ୍ରିବକୋ ଅଡିଟୋରିୟମ ନୋଏଡା, ସେକ୍ଟର ନୂଆଦିଲ୍ଲୀରେ ସୁଶ୍ରୀ ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବୋର୍ଡର ଅଧ୍ୟକ୍ଷ ଭି. ସୁଧାକର ଚୌଧୁରୀ, ଉପାଧ୍ୟକ୍ଷ ଚାନ୍ଦ୍ରପାଲ ସିଂ ଯାଦବ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।ଲ ୧୯୮୦ ମସିହାରେ ଗଠିତ 'କ୍ରିବକୋ' ରାସାୟନିକ ସାର, ଜୈବିକ ସାର ଓ ବିହନ ଉତ୍ପାଦନ କ୍ଷେତ୍ରରେ କାମ କରୁଥିବା ଏକ ଅଗ୍ରଣୀ ସମବାୟ ଅନୁଷ୍ଠାନ। ଏହାର ନିଜସ୍ୱ ୟୁରିଆ ଉତ୍ପାଦନ କାରଖାନା ଗୁଜୁରାଟର



ସୁରଟ ଠାରେ ଅନୁଷ୍ଠିତ। ବିଭିନ୍ନ ପ୍ରଦେଶରୁ ୯୬୫୦ ସଦସ୍ୟଙ୍କୁ ନେଇ ଗଠିତ ଏହି ସମବାୟ ଅନୁଷ୍ଠାନ ବାର୍ଷିକ ୨୫ ଲକ୍ଷ୍ୟ ମ୍ୟାଟ୍ରିକ ଟନ ୟୁରିଆ, ୧୪ ଲକ୍ଷ୍ୟ ମ୍ୟାଟ୍ରିକ ଟନ ଆମୋନିଆ, ୯ ଲକ୍ଷ୍ୟ ଲିଟର ବାୟୋଫର୍ଟିଲାଇଜର ଓ ପ୍ରାୟ ଦେଢ଼ ଲକ୍ଷ୍ୟ କ୍ୟୁଣ୍ଟାଲ ବିହନ ଉତ୍ପାଦନ କରିଆସୁଛି।ସୁଶ୍ରୀ ପରିଡାଙ୍କ ଘର ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତ ନୂଆସାହିରେ ହୋଇଥିବା ବେଳେ ସେ ୨୦୧୨ ରୁ ୨୦୧୭ ପର୍ଯ୍ୟନ୍ତ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ଭାବେ ସୁଚାରୁରୂପେ କାର୍ଯ୍ୟନିର୍ବାହ କରିଥିଲେ। ପରେ ୨୦୨୩ ରେ ସେ ଓଡିଶା ରାଜ୍ୟ ବାଣିଜ୍ୟ ସମବାୟ ମହାସଂଘ(ମାର୍କଫେଡ଼)ର ଅଧ୍ୟକ୍ଷା ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି।

## ସାର ଅଭାବ ଦୁଃଖ ନସରୁଣୁ ଚିନ୍ତା ବଢାଇଲା ଚିନାବାଦାମ; ମଣ୍ଡିରେ ବିକ୍ରି ପରେ ବି ଟଙ୍କା ପାଉନାହାନ୍ତି ଚାଷୀ



**କୋରାପୁଟ,୧୬।୯(ସଂଚାର ବ୍ୟୁରୋ):** ସାର ଅଭାବ ଦୁଃଖ ନସରୁଣୁ ଚାଷୀଙ୍କ ମୁଣ୍ଡ ଉପରେ ଚିନାବାଦାମ ବିକ୍ରି ଦୁଃଖ । ମଣ୍ଡିରେ ବିକ୍ରି କରାଯାଇଥିବା ଚିନାବାଦାମ ବିକ୍ରି ଟଙ୍କା ମିଳୁନଥିବାରୁ ଲ୍ୟାମ୍ପସରେ ତାଲା ପକାଇଛନ୍ତି ଚାଷୀ । କୋରାପୁଟ ବୈପାରିଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବର୍ଷ ଅନେକ ଚାଷୀ ଚିନାବାଦାମ ଚାଷ କରିଥିଲେ । ଅମଳ ପରେ ମଣ୍ଡିରେ ବିକ୍ରି ବି ହୋଇଥିଲା । ୩ ମାସ ବିତିଗଲାଣି, ହେଲେ ୩୦୦ରୁ ଅଧିକ ଚାଷୀ ସେମାନଙ୍କ ଚିନାବାଦାମ ଟଙ୍କା ପାଇନାହାନ୍ତି । ଯାହାକୁ ନେଇ ଆଜି ବୈପାରିଗୁଡା ଲ୍ୟାମ୍ପସରେ ତାଲା ପକାଇଛନ୍ତି । ଏ ବାବଦରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଚାଷୀମାନେ ଅଭିଯୋଗ କରିଥିଲେ । ତଥାପି ଟଙ୍କା ମିଳିନଥିଲା। ଶେଷରେ ଲ୍ୟାମ୍ପସରେ ତାଲା ପକାଇଛନ୍ତି ।

## ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ୟାଟ୍‌ସର ସଂସ୍କରଣ

**କଳିଙ୍ଗନଗର,୧୬।୯(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଡୁବୁରି ସ୍ଥିତ କପିଳେଶ୍ୱର ଉଚ୍ଚବିଦ୍ୟାଳୟରେ ଆୟୋଜିତ ଜିଲ୍ଲା ସ୍ତରୀୟ ଯୁବ ଜ୍ୟୋତିର୍ବିଜ୍ଞାନ ଅନ୍ୱେଷଣ କାର୍ଯ୍ୟକ୍ରମ (ୟାଟ୍‌ସ)ର ୧୯ତମ ସଂସ୍କରଣରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ପକ୍ଷରୁ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଅଧୀନସ୍ଥ ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍, ଭୁବନେଶ୍ୱର ସହଯୋଗରେ ୟାଟ୍‌ସ ଅନୁଷ୍ଠିତ ହୋଇଯାଇଛି। ଶାଳିଜଙ୍ଗା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପକ୍ଷରୁ ୟାଟ୍‌ସ ଆୟୋଜନ କରାଯାଇଥିଲା ଯେଉଁଥିରେ ପ୍ରଧାନଶିକ୍ଷକ ବଳଭଦ୍ର ସ୍ୱାଇଁଙ୍କ ମାର୍ଗଦର୍ଶନରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ନେଇ ସ୍କୁଲରେ ଏମ୍‌ସିକ୍ୟୁ ଅନୁଶୀଳନ ଓ ମୁକ୍ତ କୁଇଜ୍ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ କଳିଙ୍ଗନଗର ଅଂଚଳର ବରିଷ୍ଠ ସାମ୍ବାଦିକ ଅବିନାଶ ମିଶ୍ର, ପଦ୍ମନାଭ ପହି, ତୁଷାର



ସାହୁ ଓ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବାରିକ ଏବଂ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୟାଟ୍‌ସ ୨୦୨୫ ସଂସ୍କରଣର ବିଷୟବସ୍ତୁ ରହିଛି "ଆଜିର ନକ୍ଷତ୍ରଦର୍ଶୀ କାଲିର ମହାକାଶଚାରୀ" ଏବଂ ଏଥିରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ପାଇଁ ମୁକ୍ତ କୁଇଜ୍ ଏବଂ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କ ପାଇଁ ବହୁବିଧ ପସନ୍ଦ ପ୍ରଶ୍ନ (ଏମ୍‌ସିକ୍ୟୁ) ପରୀକ୍ଷାକୁ ସ୍କୁଲରେ ଓ ଅନଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଛି।

## ଅର୍ଦ୍ଧନିର୍ମିତ ସରକାରୀ କ୍ୱାଟରରୁ ବିପୁଳ କାଠ ପଟା ଜବତ



**ନୟାଗଡ଼,୧୬।୯(ସଂଚାର ବ୍ୟୁରୋ):** ଗଣିଆ ବନବିଭାଗକୁ ମିଳିଛି ବଡ ସଫଳତା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଉଥିବା ଏକ ଅର୍ଦ୍ଧନିର୍ମିତ ସରକାରୀ ବାସଗୃହରୁ ମିଳିଛି ଟ୍ରିପ ଟ୍ରିପ ଶାଗୁଆନ ଏବଂ ଶାଳକାଠର ପଟା ଓ ଚଉକାଠ। ଯାହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନବିଭାଗ ତରଫରୁ ଜଣାପଡ଼ିଛି। ସୂଚନାନୁସାରେ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏକ ଅର୍ଦ୍ଧନିର୍ମିତ ସରକାରୀ କ୍ୱାଟରରୁ ବିପୁଳ ପରିମାଣର କାଠ ପଟା, ଚଉକାଠ ଗଚ୍ଛିତ ଥିବା କୌଣସି ସୂତ୍ରରୁ ବନବିଭାଗକୁ ସୂଚନା ମିଳିଥିଲା। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଗଣିଆ ଫରେଷ୍ଟର ମନୋଜ ପ୍ରଭାକର ସାହୁ, ଫରେଷ୍ଟର ସନ୍ତୋଷ କୁମାର ପ୍ରଧାନ, ନୟାଗଡ଼ ମୋବାଇଲ ସ୍କ୍ୱାର୍ଡ ଫରେଷ୍ଟର ପ୍ରଭାସ ଚନ୍ଦ୍ର ମଲ୍ଲିକ, ସୁରେଶ କୁମାର ସାହୁ, ବବୁଲ ସାହୁ, ସନ୍ତୋଷ କୁମାର ଦୋରା, ଫରେଷ୍ଟ ଗାର୍ଡ ଧରଣୀଧର ନାୟକ, କୁନି ଓଝା ପ୍ରମୁଖ ଉକ୍ତ ସ୍ଥାନରେ ଚଢାଉ କରିଥିଲେ। ଏତେ ସଂଖ୍ୟକ କାଠ ଦେଖି ବନବିଭାଗ କର୍ମଚାରୀ ଆଶ୍ଚର୍ଯ୍ୟ ଓ ଚକିତ ହୋଇଯାଇଥିଲେ। ଉକ୍ତ କ୍ୱାଟରରୁ କାଠ ଗୁଡ଼ିକୁ ବୋହି ଆଣିବାକୁ ପ୍ରାୟ ଦୁଇଘଣ୍ଟାରୁ ଅଧିକ ସମୟ ଲାଗିଥିଲା। କ୍ୱାଟର ନିର୍ମାଣ କରୁଥିବା ଠିକାଦାର ଘଟଣାସ୍ଥଳରେ ପହଞ୍ଚି କାଠ ଆଣିଥିବା ରସିଦ ଦେଖାଇଥିଲେ ମଧ୍ୟ ସେଥିରେ ବିଭାଗୀୟ ଅଧିକାରୀ ସନ୍ତୁଷ୍ଟ ହୋଇନଥିଲେ। ଏପରିକି ବାହାରୁ ଚୋରାରେ କାଠଗଣ୍ଡି ଆଣି ସେଠାରେ କାଠ କଟାଯାଇଥିବା ଏବଂ କାଠର ଛେଲା ଏବଂ ପାଖିପଟା ପଡ଼ିଥିବା ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ। ପରେ ଜବତ କାଠ ପଟା ଗୁଡିକୁ ଗଣିଆ ବନବିଭାଗ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା। ତେବେ ଜବତ କାଠ ମଧ୍ୟରେ ପଟ୍ଟା ୨୮୦ ଖଣ୍ଡ ଏବଂ ଦୁଆରବନ୍ଧ ସାଇଜ୍ ୯୦ ଖଣ୍ଡ ବୋଲି ଫରେଷ୍ଟର ମନୋଜ ପ୍ରଭାକର ସାହୁ ପ୍ରକାଶ କରିଛନ୍ତି। ଯଦି କାଠଗୁଡିକ ଚୋରା କାଠ ତେବେ ଏତେ ପରିମାଣରେ ସେଠାରେ ଥିବା ବେଳେ କିଭଳି ବନ ବିଭାଗୀୟ ଅଧିକାରୀ ଜାଣିପାରିଲେନି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବନ ବିଭାଗ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତଦନ୍ତ ରିପୋର୍ଟ ସାର୍ବଜନୀନ କରିବ ନା ବନ ବିଭାଗ ଚାପି ଦେବ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ପାର୍ବଣରେ ବିଭିନ୍ନ ଖାଦ୍ୟ, ପାନୀୟ ଓ ମିଠା, ଫଳ 'ଭେଜାଲ୍' ଭୟ

# ନକଲି ପ୍ରତି ସାବଧାନ ହେବା ସହ ଗୁଣବତ୍ତାକୁ ନେଇ ପ୍ରଶ୍ନ

**କଳାହାଣ୍ଡି,୧୬।୯(ସଂଚାର ବ୍ୟୁରୋ):** କିଛି ଦିନ ଦିନ ପରେ ମା' ଦୁର୍ଗାଙ୍କ ପୂଜା। ତା' ପରେ ଆଲୋକର ପର୍ବ ଦୀପାବଳି। ଏହି ସମୟକୁ ଲୋକେ ପରିବାର ଓ ଆତ୍ମୀୟଙ୍କ ସହିତ ଧୁମଧାମରେ ପାଳନ କରିଥାନ୍ତି। ବଜାରରେ ମିଠା, ପନିର, ଘିଅ, ଛେନା, ମୃଦୁ ପାନୀୟ ପାଣି ପାଉଚ ଆଦିର ଚାହିଦା ଖୁବ ବୃଦ୍ଧି ପାଇଥାଏ। ଚାହିଦା ବୃଦ୍ଧି ପାଉଥିବାର ଫାଇଦା ଉଠାଇଥାନ୍ତି ମୁନାଫାଖୋର ବେପାରୀ। ଅଧିକ ଫାଇଦା ଆଳରେ ବଜାରରେ ଭେଜାଲ ଖାଦ୍ୟର ଜାଲ ବିଛାଇଥାନ୍ତି। ଘରେ ଘରେ ନକଲି ମିଠା, ପନିର, ଛେନା, ଖୁଆ ପହଞ୍ଚାଇବା ପାଇଁ ଅସାଧୁ ବେପାରୀ ଚେଷ୍ଟା କରିଥାନ୍ତି। ପାର୍ବଣ ସମୟରେ ବଜାରରେ ମିଳୁଥିବା ଖାଦ୍ୟର ଗୁଣବତ୍ତା ନେଇ ପ୍ରଶ୍ନବାଚୀ ସୃଷ୍ଟି



ହୋଇଛି।ସାରା ଦେଶରେ ଅପମିଶ୍ରଣର ଧନ୍ଦା କାୟା ବିସ୍ତାର କରିଛି। ବିଗତ ଦିନରେ ରାଜ୍ୟ ତଥା ଜିଲ୍ଲା ର ବିଭିନ୍ନ ସ୍ଥାନରେ ଚଢ଼ଉ କରି ନକଲି ଖାଦ୍ୟ ଜବତ ହୋଇଥିଲା। ବହୁ ଫ୍ୟାକ୍ଟିରେ ଚଢ଼ଉ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ସତ୍ତ୍ୱେ ବେଆଇନ କାରବାର ଉପରେ ସମ୍ପୂର୍ଣ୍ଣ ଲଗାମ ଲଗା ଯାଇ ପାରିନାହିଁ।ମୁନାଫାଖୋର, ଅସାଧୁ ବେପାରୀ ବେଆଇନ ଧନ୍ଦାକୁ ବେଧଡ଼କ ଚଳାଇ ଆସୁଛନ୍ତି। ଅପମିଶ୍ରିତ ନକଲି ପନିରକୁ ନରମ କରିବା ଲାଗି ରାସାୟନିକ ପଦାର୍ଥ, ମଇଦା, ସତେଜ ରହିବା ଲାଗି ଫର୍ମାଲିନ୍, ଆକର୍ଷଣୀୟ ଦେଖାଯିବା ଲାଗି ଗ୍ଲିସେରିନ ଏବଂ ୟୁରିଆ ସାର ଭଳି ଘାତକ ସାମଗ୍ରୀ ମିଶାଯାଉଥିବା ବିଗତ ଦିନରେ ହୋଇଥିବା ଚଢ଼ଉରୁ ଜଣା ପଡ଼ିଥିଲା। ନକଲି (ସିନ୍ଥେଟିକ) ପନିର କଟକ, ରାୟପୁର, କୋଲକାତାରୁ ବିପୁଳ ମାତ୍ରାରେ ସ୍ଥାନୀୟ ଅଞ୍ଚଳକୁ ଆସୁଥିବା ସୂଚନା ମିଳିଛି। ସେହିପରି ପାମୋଲିନ ତେଲ କିମ୍ବା ଅନ୍ୟ କେତେକ ତେଲରେ ରଙ୍ଗ ଓ କେମିକାଲ ମିଶାଇ ଭେଜାଲ ଘିଅ ପ୍ରସ୍ତୁତ କରାଯାଇଥାଏ।

## ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବା ପାଇଁ ସଚେତନତା ପଦଯାତ୍ରା

**କଣାସ,୧୬।୯(ସଂଚାର ବ୍ୟୁରୋ):** ଆଜି ସାରା ରାଜ୍ୟରେ ଅଧାରୁ ପାଠ ଛାଡି ଘରେ ରହିଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ପୁନଶ୍ଚ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ସାରା ରାଜ୍ୟରେ ପ୍ରତ୍ୟେକ ବିଦ୍ୟାଳୟ ପକ୍ଷରୁ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା କଣାସ ବ୍ଲକର ସମସ୍ତ ବିଦ୍ୟାଳୟରେ ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ




ହେଉଥିବା ଦେଖିବାକୁ ମିଳିଥିଲା। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଣାସ ବ୍ଲକରେ ପରିଚଳିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍, ଲୋକପ୍ରତିନିଧି ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରି ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟକୁ ଫେରା ଆଣିବା ପାଇଁ ତତ୍ ପରତା ପ୍ରକାଶ କରିଛନ୍ତି। ୧୮ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଯୋଗୁଁ ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀମାନଙ୍କ ଘରକୁ ଯାଇ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକମାନଙ୍କ ସହିତ ଆଲୋଚନା କରୁଥିବା ବେଳେ ଆଜି ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ଲାଏ କାର୍ଡ ଧରି ଆସ ସ୍କୁଲ ଯିବା ସମସ୍ତେ ପାଠ ପଢ଼ିବା ସ୍ଲୋଗାନ୍ ଦେଇ ଗ୍ରାମ୍ୟ ପରିକ୍ରମା କରିବା ସହିତ ସଚେତନତା କରିଥିଲେ।

## ବିଦ୍ୟାଳୟରେ ଅବହେଳା: ଛାତ୍ରୀଙ୍କ ହାତ ଭାଙ୍ଗିଲା

**ଖଜୁରୀପଡ଼ା,୧୬।୯(ସଂଚାର ବ୍ୟୁରୋ):** ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ପାଇଁ ଅଭିଭାବକ ସ୍କୁଲ ଛାଡନ୍ତି। ଶିକ୍ଷୟତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଦାୟିତ୍ୱ ନେଇ ପାଠ ପଢାଇଥାନ୍ତି। ମାତ୍ର ସେମାନଙ୍କ ଦାୟିତ୍ୱରେ କିଛିଟା ଅବହେଳା ପାଇଁ ଛାତ୍ରୀଛାତ୍ରମାନେ ବିପଦରେ ପଡିଥାନ୍ତି। ଏପରି ଏକ ଘଟଣା କନ୍ଧମାଳ ଜିଲା ଖଜୁରୀପଡା ବ୍ଲକରେ ଘଟିଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳାରୁ ଜଣେ ଛାତ୍ରୀଙ୍କ ହାତ ଭାଙ୍ଗିଛି। ଏହାର ପ୍ରତିବାଦରେ ମଙ୍ଗଳବାର ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଟିଟ୍ରାପଙ୍ଗା ପଞ୍ଚାୟତର କଲାଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ବାଲବାଟିକା ଛାତ୍ରୀ ଆଇସା ଦିଗାଲ ସୋମବାର ସ୍କୁଲ ପରିସରରେ ଖେଳୁଥିବା ବେଳେ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କ ହାତ ଭାଙ୍ଗିଯାଇ ଗଭୀର ଆଘାତ ଲାଗିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସୁଭାଷିନୀ ରଣଭୁଇଁସା ଘଟଣାକୁ ଗୁରୁତ୍ୱ ନ ଦେଇ ଆଇସାଙ୍କୁ ଘରକୁ ସେହି ବିଦ୍ୟାଳୟରେ ପଢୁଥିବା ତାଙ୍କ ଭାଇ ହାତରେ ପଠାଇ ଦେଇଥିଲେ ।

## ଭଦ୍ରକରେ ସରକାରୀ ଜାଗାରୁ ଦୋକାନ ଉଚ୍ଛେଦ ସମୟରେ ଉତ୍ତେଜନା

● ପ୍ଲାକାର୍ଡ ଧରି ଦୋକାନୀଙ୍କ ନାରାବାଜି



**ଭଦ୍ରକ,୧୬।୯(ସଂଚାର ବ୍ୟୁରୋ):** ସରକାରୀ ଜାଗାରୁ ଦୋକାନ ଉଚ୍ଛେଦ ବେଳେ ଉତ୍ତେଜନା। ଭଦ୍ରକ ବାଇପାସ ଠାରୁ ସରକାର ନଗର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଦୋକାନ ଉଚ୍ଛେଦ ପାଇଁ ନୋଟିସ ହୋଇଥିଲା । ଉଚ୍ଛେଦ ପାଇଁ ତହସିଲଦାର, ଉପ ଜିଲ୍ଲାପାଳ, ତହସିଲଙ୍କ ସହ ବ୍ୟାପକ ଫୋର୍ସ ପହଞ୍ଚିବା ପରେ ଦୋକାନୀ ମାନେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ । ଦୀର୍ଘ ସମୟ ଧରି ଉଚ୍ଛେଦ ହୋଇପାରୁନଥିବା ବେଳେ ସମସ୍ତ ଅଧିକାରୀ ଲୋକଙ୍କୁ ବୁଝାସୁଝା କରିଛନ୍ତି ।

### ଖୋର୍ଦ୍ଧା—ବଲାଙ୍ଗୀର ରେଳ ପ୍ରକଳ୍ପ

# ନିର୍ମାଣ ଚାଲିଛି ଦେଶର ଦ୍ୱିତୀୟ ବୃହତ ଭାୟାଡ଼କ୍ଟ ସେତୁ

**ନୟାଗଡ଼,୧୬।୯(ସଂଚାର ବ୍ୟୁରୋ):** ଖୋର୍ଦ୍ଧା-ବଲାଙ୍ଗୀର ସମ୍ପୂର୍ଣ୍ଣ ରେଳ ସଂଯୋଗୀକରଣକୁ ଆଉ କେତେ ବର୍ଷ ଲାଗିବ। ଚାତକ ପରି ଚାହିଁ ରହିଛନ୍ତି ଜନସାଧାରଣ। ନିର୍ବାଚନ ପରେ ନିର୍ବାଚନ ସରୁଛି କିନ୍ତୁ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ସଂଯୋଗୀକରଣ କାର୍ଯ୍ୟ ସରିବାର ନା ଗନ୍ଧ ନାହିଁ। ଆଜି କେଉଁଠି ଜମି ଅଧିଗ୍ରହଣ କାମ ବାକି ଅଛି ତ ଆଉ କେଉଁଠି ଜଙ୍ଗଲ ଜମି ପାଇଁ ମଞ୍ଜୁରୀ ମିଳୁନି, ତ ଆଉ କେଉଁଠି ଜମି ଅଧିଗ୍ରହଣ ସରିଛି କିନ୍ତୁ ହିତାଧିକାରୀଙ୍କୁ ସହାୟତା ମିଳିନଥିବାରୁ ଆଗେଇ ପାରୁନି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ। କେନ୍ଦ୍ରରେ ବିଜେପି ସରକାର ଆସିବାପରେ ପୂର୍ବତଟ ରେଳ ବିଭାଗ ପକ୍ଷରୁ ନିର୍ମାଣଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରିତ ଗତିରେ ଶେଷ କରିବା ସହ ଖୋର୍ଦ୍ଧା ଓ ବଲାଙ୍ଗୀର ମଧ୍ୟରେ ରେଳ ସଂଯୋଗ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅଣ୍ଟା ଭିଡ଼ିଛନ୍ତି। ୩୦୧ କିମି ଦୈର୍ଘ୍ୟ ଏହି ରେଳପଥ ମଧ୍ୟରେ ରହିଛି ଦେଶର ସେକେଣ୍ଡ ବୃହତ୍ ଦୀର୍ଘତମ ଭାୟାଡ଼କ୍ଟ ସେତୁ। ଆସାମର



ବୋଗିବିଲ୍ ସେତୁ ପରେ ଏହା ଦେଶର ସେକେଣ୍ଡ ଦୀର୍ଘତମ ସେତୁ। ଯାହାକି ଦଶପଲ୍ଲା ବ୍ଲକର ସୀମା ମଧ୍ୟରେ ରହିଛି ଓ ଏହି ସେତୁର ନିର୍ମାଣ ଚାଲିଛି। ଏହି ସେତୁର ଲମ୍ବ ୪.୭୭ କିମି ରହିଥିବା ବେଳେ ୧୮୨ଟି ସ୍ପାନ୍ ସହ ନିର୍ମାଣ ହେଉଥିବା ଏହି ସେତୁର ଖୁମ୍ବ ଗୁଡ଼ିକ ବେଶ୍ ସୁଦୃଢ଼ ରହିଛି। ଏହି ଖୁମ୍ବ ଗୁଡ଼ିକ ୮ ମିଟରରୁ ଆରମ୍ଭ କରି ସର୍ବାଧିକ ୨୬.୩ ମିଟର ପର୍ଯ୍ୟନ୍ତ ଉଚ୍ଚତା ରହୁଥିବା ବିଭାଗ ପକ୍ଷରୁ କୁହାଯାଇଛି। ଅତି ନିକଟରେ ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟ ଥିବାରୁ, ପରିବେଶ ସନ୍ତୁଳନକୁ ରକ୍ଷା କରି ଜାମୁସାହିର ପଥରଗଣ୍ଡ ଠାରୁ ଏହି ସେତୁ ନିର୍ମାଣ ଆରମ୍ଭ ହୋଇଥିବା ବେଳେ କୁଲୁରୁକୁମ୍ପା ପର୍ଯ୍ୟନ୍ତ ଲମ୍ବିଛି।